# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୦/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, July 10/2021 | ★★★★★★

୪୭ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**‘ପ୍ରେଗନାନ୍ସି ବାଇବେଲ’ ଉନ୍ମୋଚିତ**

ଅଭିନେତ୍ରୀ କରିନା କପୁର ଖାନ୍‌ଙ୍କ ପୁସ୍ତକ ‘ପ୍ରେଗନାନ୍ସି ବାଇବେଲ’ ଲଞ୍ଚ ହୋଇଛି। ପ୍ରଥମ ସନ୍ତାନ ତୈମୁର ଗର୍ଭରେ ଥିବା ଅନୁଭୂତି ନେଇ ସେ ଏହି ପୁସ୍ତକ ରଚନା କରିଛନ୍ତି।

୧୪

୧୬

**ଫାଇନାଲରେ ବେରେଟିନି**

ଇଟାଲୀର ମାଟେଓ ବେରେଟିନି ପ୍ରଥମଥର ପାଇଁ ୱିମ୍ବଲେଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।





ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଅବସରରେ ଶୁକ୍ରବାର ଶ୍ରୀମନ୍ଦିର ବାଇଶି ପାହାଚ ନିକଟ ପତିତପାବନଙ୍କୁ ପୂଜାପଣ୍ଡା ଆଳତି କରୁଛନ୍ତି । (ରିପୋର୍ଟ: ପୃଷ୍ଠା-୫)

# ଶୀତଳଭଣ୍ଡାର ବିକିବାକୁ ଗରାଖ ଖୋଜା

## ଆଳୁ ମିଶନ ବାଟବଣା

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ରାଜ୍ୟରେ ଆଳୁ ଚାଷ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଆଳୁ ରଖିବା ଏବଂ ଉପଯୁକ୍ତ ବଜାର ସୁବିଧା ମିଳୁ ନ ଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି । କେବଳ ଖାଇବା ଆଳୁ ନୁହେଁ, ମଞ୍ଜି ପାଇଁ ମଧ୍ୟ ଓଡ଼ିଶାକୁ ପଞ୍ଜାବ ଓ ହରିୟାଣା ଭଳି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର, ବଜାର ସୁବିଧା ଓ ଉପଯୁକ୍ତ ଦର ମିଳୁ ନ ଥିବାରୁ ଆଳୁ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏପରି କି ଏହାର ଉତ୍ପାଦନ ବଢ଼ାଇବାକୁ ସରକାର କରିଥିବା ରାଜ୍ୟ ଆଳୁ ମିଶନ ବାଟବଣା ହୋଇଛି । ସ୍ଥିତି ଏଭଳି ହେଲାଣି ଯେ ଆଳୁ ମିଶନ ହେବା ପରଠୁ କୃଷି ଉଦ୍ୟୋଗୀଙ୍କ ଦ୍ୱାରା ଯେଉଁ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଥିଲା ସେଗୁଡ଼ିକୁ ଏବେ ସେମାନେ ବିକିବା ଲାଗି ଗରାଖ ଖୋଜୁଛନ୍ତି। ଆଳୁ ଉତ୍ପାଦନ କମିବା, ସରକାରୀ ପ୍ରୋତ୍ସାହନ ଅଭାବ ଏବଂ ବ୍ୟାଙ୍କ ଋଣ ଶୁଝି ନ ପାରି ଏମାନେ ଦେବାଳିଆ ସ୍ତରକୁ ଚାଲିଗଲେଣି। ଏଭଳି ସ୍ଥଳେ ସେମାନଙ୍କ ପକ୍ଷେ ଶୀତଳଭଣ୍ଡାର ଚଳାଇବା ସମ୍ଭବ ହେଉ ନ ଥିବାରୁ ସେଗୁଡ଼ିକୁ ସରକାର ନିଅନ୍ତୁ ବୋଲି ନିବେଦନ କରିଛନ୍ତି।

ରାଜ୍ୟରେ ଦୈନିକ ୨୫୦୦ ଟନ୍‌ରୁ ୩ ହଜାର ଟନ୍ ଆଳୁର ଆବଶ୍ୟକତା ରହିଛି। ମାତ୍ର ୨ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହେଉଥିବା ବେଳେ ବାର୍ଷିକ ଚାହିଦା ରହିଛି ୧୨ ଲକ୍ଷ ମେଟ୍ରିକ ଟନ୍।



ରାଜ୍ୟର ଆଳୁ ଚାହିଦା ମେଣ୍ଟାଇବା ସହ ଉତ୍ପାଦନ ବଢ଼ାଇବା ପାଇଁ ରାଜ୍ୟ ସରକାର ୨୦୧୫ରେ ରାଜ୍ୟ ଆଳୁ ମିଶନ ଆରମ୍ଭ କରିଥିଲେ। ଏଥିରେ ଆଳୁ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ସହ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ବ୍ୟବସ୍ଥା ରହିଛି । ୨୦୧୬-୧୭ରେ ରାଜ୍ୟର ୬୦ ହଜାର ହେକ୍ଟରରେ ଆଳୁ ଚାଷ କରିବାକୁ ନିଷ୍ପତ୍ତି ହୋଇଥିଲା। ୧୧୨ଟି ଶୀତଳଭଣ୍ଡାର ସ୍ଥାପନ କରିବାକୁ ଏଥିରେ ବ୍ୟବସ୍ଥା ରହିଥିବା ବେଳେ ଆଳୁ ଉତ୍ପାଦନକୁ ୭ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ରାଜ୍ୟରେ ଆଳୁ ଉତ୍ପାଦନ ୨ ଲକ୍ଷ ମେଟ୍ରିକ ଟନ୍ ଉପରକୁ ଛୁଇଁପାରିଲା ନାହିଁ। ଏହି ଅତ୍ୟାବଶ୍ୟକ ସାମଗ୍ରୀ ରଖିବା ପାଇଁ ମିଶନ ଜରିଆରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ସରକାରୀ ପ୍ରୋତ୍ସାହନ ଆଶାରେ ଯୁବ କୃଷି ଉଦ୍ୟୋଗୀମାନେ ଆଗେଇ ଆସିଥିଲେ। ୨୦୧୫ରୁ ୨୦୧୯ ମଧ୍ୟରେ ୨୬ଟି ଶୀତଳଭଣ୍ଡାର ନିର୍ମାଣ ହେଲା । ଯେଉଁ ଉଦ୍ୟୋଗୀମାନେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ଶୀତଳଭଣ୍ଡାର ନିର୍ମାଣ କରିଥିଲେ, ସେମାନେ ଏବେ ନିଜ ସଂସ୍ଥାକୁ ବିକ୍ରି କରିବାକୁ ବସିଛନ୍ତି । ମିଶନ ଚାଷୀଙ୍କୁ ଆକୃଷ୍ଟ କରିପାରି ନ ଥିବା ବେଳେ ଶୀତଳଭଣ୍ଡାର କରିଥିବା କୃଷି ଉଦ୍ୟୋଗୀମାନଙ୍କୁ ମଧ୍ୟ ତଳିତଳାନ୍ତ କରିଛି। ଆଳୁ ରଖିବା ପାଇଁ ନିର୍ମାଣ ହୋଇଥିବା ଶୀତଳଭଣ୍ଡାର ଖର୍ଚ୍ଚ ବୋଝ ଏତେ ବଢ଼ିଗଲାଣି ଯେ ଉଦ୍ୟୋଗୀମାନେ ଏହାକୁ ବିକ୍ରି ☞ପୃଷ୍ଠା-୪

# ୬ ଜିଲାରେ ନୂଆ ଏସ୍‌ପି

**ଅଖିଳେଶ୍ୱର ସିଂଙ୍କୁ ଜଗତ୍‌ସିଂହପୁର, ପି.ଏସ୍. ମୀନାଙ୍କୁ ମାଲକାନଗିରି ଦାୟିତ୍ୱ**

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୮ ଜଣଙ୍କ ବଦଳି ଓ ନୂଆ ଦାୟିତ୍ୱ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏସ୍. ଦେବଦତ୍ତ ସିଂଙ୍କୁ ଓଡ଼ିଶା ଫେରାଇ ଅଣାଯାଇ ପୋଲିସ ମୁଖ୍ୟାଳୟରେ ଆଇଜି ଭାବେ ନିଯୁକ୍ତ କରାଯାଇଛି। ସେହିପରି ୬ଜିଲା ନୂଆ ଏସ୍‌ପି ପାଇଛି। ଜଗତ୍‌ସିଂହପୁର ଏସ୍‌ପି ଥିବା ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ପ୍ରକାଶ ଆର୍‌ଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି କରାଯାଇଥିବାବେଳେ ଏସ୍‌ଓଜି କମାଣ୍ଡାଣ୍ଟ୍ ଥିବା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂଙ୍କୁ ଜଗତ୍‌ସିଂହପୁର ଏସ୍‌ପି ଦାୟିତ୍ୱ ମିଳିଛି। ମୟୂରଭଞ୍ଜ ଏସ୍‌ପି ଥିବା ୨୦୧୩ ବ୍ୟାଚ୍‌ର ଆଇପିଏସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିର୍ବାଚନ ଚିନ୍ତା**

# ୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଚଳିତ ମାସ ୩୧ ତାରିଖ ଭିତରେ ପ୍ରକାଶ ପାଇବ। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, ପୂର୍ବରୁ ଆମେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଯୁକ୍ତ୨ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଥିଲୁ। କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜୁଲାଇ ୩୧ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁଛୁ। ଆଶା ବି ରହିଛି। ଯଦି କିଛି ସମସ୍ୟା ହେଲା, ତା’ହେଲେ ଦିନେ କିମ୍ବା ଦୁଇ ଦିନ ବିଳମ୍ବ ହୋଇପାରେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

କରୋନା ଯୋଗୁ ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ହୋଇନାହିଁ। ମାଟ୍ରିକ ଭଳି ବିକଳ୍ପ ମୂଲ୍ୟାୟନ ଦ୍ୱାରା ପରୀକ୍ଷାଫଳ ପ୍ରକାଶ କରାଯିବ। ଯେଉଁମାନେ ରେଜଲ୍ଟକୁ ନେଇ ଅସନ୍ତୁଷ୍ଟ ଥିବେ ସେମାନେ ପରବର୍ତ୍ତୀ ସମୟରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବା ପରେ ଅନେକ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ☞ପୃଷ୍ଠା-୪

# ଫାଇଜର ଆଣିବ ବୁଷ୍ଟର

**ୱାଶିଂଟନ, ୯।୭**

ଫାଇଜର କମ୍ପାନୀ ଏହାର କୋଭିଡ୍-୧୯ ଟିକାର ତୃତୀୟ ତଥା ବୁଷ୍ଟର ଡୋଜ୍ ଆଣିବା ପାଇଁ ଆମେରିକା କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ଲୋଡ଼ିଛି। ୧୨ ମାସ ମଧ୍ୟରେ ଅନ୍ୟ ଏକ ଡୋଜ୍ ରୋଗ ପ୍ରତିରୋଧ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ କରୋନା ଭୂତାଣରୁ ସମସ୍ତ ମ୍ୟୁଟାଣ୍ଟରୁ





ସୁରକ୍ଷା ଦେଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଫାଇଜର ଏବଂ ଅନ୍ୟ କୋଭିଡ୍ ଟିକା ଡେଲ୍ଟା ଭାରିଆଣ୍ଟ ବିରୋଧରେ ସୁରକ୍ଷା ଦେଉଥିବା ବିଭିନ୍ନ ଦେଶରେ ଦେଖିବାକୁ ମିଳିଛି। ଟିକାର ଦୁଇଟି ଡୋଜ୍ ଭୂତାଣୁର ସବୁ ଭାରିଆଣ୍ଟ ବିରୋଧରେ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏହା ଯଥେଷ୍ଟ ନୁହେଁ। ଟିକା ନେବା ପରେ ଶରୀରରେ ସୃଷ୍ଟି ହେଉଥିବା ଆଣ୍ଟିବଡ଼ି କିଛିଦିନ ପରେ ସ୍ୱାଭାବିକ ଭାବେ ଦୁର୍ବଳ ହୋଇଯାଇଥାଏ। ତେଣୁ ବୁଷ୍ଟରର ଆବଶ୍ୟକତା ସମ୍ପର୍କରେ ଅଧ୍ୟୟନ ଜାରି ରହିଛି। ବୁଷ୍ଟର ଡୋଜ୍ ନେଲେ ଆଣ୍ଟିବଡ଼ି ସ୍ତର ୫ରୁ ୧୦ ଗୁଣ ବୃଦ୍ଧି ପାଇବ ବୋଲି ଫାଇଜର ☞ପୃଷ୍ଠା-୪

# ପ୍ରିଭେସି ପଲିସି ସ୍ଥଗିତ

**ନୂଆଦିଲ୍ଲୀ,୯।୭**

କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଡାଟା ସୁରକ୍ଷା ବିଲ୍ ଆଣି ଏହାକୁ କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ହ୍ୱାଟ୍ସଆପ୍ ନିଜ ନୂଆ ପ୍ରିଭେସି ପଲିସିକୁ ସ୍ଥଗିତ ରଖିଛି। ୟୁଜର୍ସଙ୍କୁ ନୂଆ ପ୍ରିଭେସି ପଲିସି ଆପଣାଇବା ପାଇଁ ଉକ୍ତ ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ କମ୍ପାନୀ ବାଧ୍ୟ କରିବ ନାହିଁ। ପ୍ରିଭେସି ପଲିସି ଉପରେ ହ୍ୱାଟ୍ସଆପ୍ ନିଜେ ରୋକ ଲଗାଇଛି। ପାର୍ଲାମେଣ୍ଟ ଏହାକୁ ଅନୁମତି ଦେବା ପରେ ଲାଗୁ କରାଯିବ ବୋଲି ଶୁକ୍ରବାର ହ୍ୱାଟ୍ସଆପ୍ ଲିମିଟେଡ୍ ଲାୟାବିଲିଟି କମ୍ପାନୀ (ଏଲ୍‌ସିସି) ପକ୍ଷରୁ



**ହାଇକୋର୍ଟରେ ଯୁକ୍ତି**

- କେନ୍ଦ୍ର ପ୍ରଥମେ ଡାଟା ସୁରକ୍ଷା ବିଲ୍ ଆଣୁ
- ନିଜସ୍ୱ ନୀତି ସହ ଅନୁମତି ମିଳିଲେ କାମ କରିବ
- ନ ମିଳିଲେ ଭାରତରେ ଦୋକାନ ବନ୍ଦ କରିବ ହ୍ୱାଟ୍ସଆପ୍

ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏହାର ତାତ୍ପର୍ଯ୍ୟ ହେଉଛି ହ୍ୱାଟ୍ସଆପ୍‌କୁ ଏହାର ନିଜସ୍ୱ ନୀତି ସହ ଅନୁମତି ମିଳିଲେ ଭାରତରେ କାମ କରିବ। ନଚେତ୍ ଦେଶରେ ବ୍ୟବସାୟ ବନ୍ଦ କରିଦେବ।

କେନ୍ଦ୍ର ସରକାର ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କୁ କହିଥିଲେ, ଡାଟା ପ୍ରୋଟେକ୍ସନ ବିଲ୍ ନ ଆସିବା ପର୍ଯ୍ୟନ୍ତ ନୂଆ ପ୍ରିଭେସି ପଲିସି ଉପରେ ସମ୍ମତି ଦେବାକୁ ଏହି ସୋସିଆଲ ମେସେଜିଂ ପ୍ଲାଟ୍‌ଫର୍ମ ନିଜ ୟୁଜର୍ସମାନଙ୍କୁ ବାଧ୍ୟ କରୁଛି। କୌଶଳ କରି ସେମାନଙ୍କ କନ୍‌ସେଣ୍ଟ ନେଉଛି। ତେଣୁ ହ୍ୱାଟ୍ସଆପ୍‌କୁ ଏହାର ନୂଆ ପ୍ରିଭେସି ପଲିସି ଓ ସେବା ସର୍ତ୍ତ କାର୍ଯ୍ୟକାରୀ କରିବାରୁ ନିବୃତ୍ତ କରାଯାଉ। ଇତିମଧ୍ୟରେ ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ☞ପୃଷ୍ଠା-୪


HCL
HCL TECHNOLOGIES

ପ୍ରଶିକ୍ଷଣ?
ଇଣ୍ଟର୍ଣ୍ଣସିପ୍?
ଷ୍ଟାଇପେଣ୍ଡ୍?
ନିଯୁକ୍ତି?
ସ୍ନାତକ?



ଦ୍ୱାଦଶ ଶ୍ରେଣୀ ପରେ ତୁରନ୍ତ HCL Technologies ସହିତ ଏକ ଟେକ୍ନିକାଲ୍ କ୍ୟାରିୟର୍ ଆରମ୍ଭ କରନ୍ତୁ ଏହା ସହିତ ଅନ୍ୟାନ୍ୟ ସୁବିଧା ପାଆନ୍ତୁ।

**ଯୋଗ୍ୟତା**

ଜଣେ ଭାରତୀୟ ନାଗରିକ ଯେ କି ସଫଳତା ସହ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ମ୍ୟାଥମେଟିକ୍ସ/ବିଜନେସ୍ ମ୍ୟାଥମେଟିକ୍ସ ସହିତ 2020/2021ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ଯେଉଁମାନେ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପାଇଁ ଅପେକ୍ଷା କରୁଛନ୍ତି ସେମାନେ ଆବେଦନ କରିପାରିବେ। କାର୍ଯ୍ୟଭୂମିକାଗୁଡ଼ିକ ଅନ୍ତର୍ଭୁକ୍ତ Software Developer, Analyst, Design Engineer, Data Engineer, Support & Process Associate

**ପ୍ରୋଗ୍ରାମର ବିଶେଷତ୍ୱଗୁଡ଼ିକ**

- TechBee program ରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ତାଲିମ୍ ପରେ HCLରେ ଫୁଲ୍ ଟାଇମ୍ ଜବ୍ ପୋଷ୍ଟରେ ନିଯୁକ୍ତି ଦିଆଯିବ।
- ଏହି ପ୍ରୋଗ୍ରାମ୍ ଶ୍ରେଣୀଗୃହ ତାଲିମ୍ ଏବଂ 10,000 ଟଙ୍କାର ଷ୍ଟାଇପେଣ୍ଡ ସହିତ ଇଣ୍ଟର୍ଣ୍ଣସିପ୍‌କୁ ନେଇ ଗଠିତ।
- ଏହା ପରେ ପରେ ପ୍ରାର୍ଥୀ ମଧ୍ୟ ଜବ୍ ରୋଲ୍ ଉପରେ ନିର୍ଭର କରି ବାର୍ଷିକ 1.7-2.2 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ଅର୍ଜନ କରିବା ଆରମ୍ଭ କରିବେ।
- ପ୍ରାର୍ଥୀମାନେ ମଧ୍ୟ HCL Technologiesରେ କାମ କରିବା ସମୟରେ BITS Pilani ଏବଂ SASTRA University ଦ୍ୱାରା ଅଫର୍ କରାଯାଉଥିବା ଗ୍ରାଜୁଏସନ୍* ପ୍ରୋଗ୍ରାମ୍ କରିପାରିବେ।

ଆଜିହିଁ ରେଜିଷ୍ଟର କରନ୍ତୁ ଏବଂ ଆପଣଙ୍କ ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ। ସୀମିତ ସିଟ୍ ଉପଲବ୍ଧ ରହିଛି।

TECH BEE™ EARLY CAREER PROGRAM

**How to Apply?**
Register at bit.ly/Techbee_2021
or give a missed call on 8448 386 395
or Email us support-techbee@hcl.com

ସ୍କାନ କରି ଆବେଦନ କରନ୍ତୁ

*Educational fee partially funded by HCL.

ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଆବେଦନ କରିବା ପୂର୍ବରୁ ୱେବସାଇଟରେ ପୁଙ୍ଖାନୁପୁଙ୍ଖ ଯୋଗ୍ୟତା ମାନଦଣ୍ଡ ଯେପରିକି ଉତ୍ତୀର୍ଣ୍ଣ ହେବାର ବର୍ଷ, % ନମ୍ବର ଇତ୍ୟାଦି ଭଲ ଭାବରେ ପଢ଼ନ୍ତୁ।

$10.17 BILLION REVENUE | 168,000+ EMPLOYEES | 50 COUNTRIES

Disclaimer: HCL Technologies does not have any partners/ vendors for training & recruitment. Candidates are advised to contact only the HCL Technologies office for any queries.

**ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ: ମିଜୋରାମରେ ୧୦ ହଜାର ଘୁଷୁରି ମୃତ**

ମିଜୋରାମର ସମସ୍ତ ୧୧ ଜିଲାରେ ଗତ ମାର୍ଚ୍ଚରୁ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ (ଏଏସ୍ଏଫ୍) ସଂକ୍ରମଣ ଜାରି ରହିଛି। ଏଥିରେ ୧୦,୬୦୦ ଘୁଷୁରି ମଲେଣି। ଫଳରେ ରାଜ୍ୟର ବ୍ୟବସାୟ ପ୍ରଭାବିତ ହେବା ସହ ୧୧୭ କୋଟି ଟଙ୍କାର କ୍ଷତି ହେଲାଣି ବୋଲି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ବେଳେ ଘୁଷୁରି ମୃତ୍ୟୁ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଶୁକ୍ରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଶରଯୁରେ ବୁଡ଼ି ପରିବାରର ୬ ମୃତ, ୩ ନିଖୋଜ



**ଅଯୋଧ୍ୟା, ୯।୭:** ଉତ୍ତରପ୍ରଦେଶର ଅଯୋଧ୍ୟା ଜିଲା ଅନ୍ତର୍ଗତ ଗୁପ୍ତାର ଘାଟଠାରେ ଶରଯୁ ନଦୀରେ ଗାଧୋଇବା ବେଳେ ଗୋଟିଏ ପରିବାରର ୧୨ ଜଣ ସଦସ୍ୟ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬ ଜଣଙ୍କ ମୃତଦେହ ମିଳିଛି। ଅନ୍ୟ ୩ ଜଣ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ ଏବଂ ସ୍ଥାନୀୟ ବୁଡ଼ାଳିମାନେ ଉଦ୍ୟମ ଚଳାଇଛନ୍ତି। ଖବର ଅନୁଯାୟୀ ଆଗ୍ରାର ଏକ ପରିବାରରୁ ୧୫ ଜଣ ସଦସ୍ୟ ଅଯୋଧ୍ୟା ଭ୍ରମଣରେ ଆସିଥିଲେ। ସେମାନେ ନିକଟସ୍ଥ ଶରଯୁ ନଦୀରେ ଗାଧୋଉଥିବାବେଳେ ପ୍ରବଳ ସ୍ରୋତ ଯୋଗୁ କେତେଜଣ ବୁଡ଼ିଯାଉଥିଲାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟମାନେ ମଧ୍ୟ ସ୍ରୋତରେ ପଡ଼ିଯାଇଥିଲେ।

### ଦେଶରେ ସ୍ଥାପନ ହେଉଛି ୧,୫୦୦ ଅକ୍ସିଜେନ ପ୍ଲାଣ୍ଟ

**ନୂଆଦିଲ୍ଲୀ, ୯।୭:** କୋଭିଡ୍ ଦ୍ୱିତୀୟ ଲହର ସଂକ୍ରମଣ ଶୀର୍ଷରେ ଥିଲାବେଳେ ଦେଶର ବିଭିନ୍ନ ହସ୍ପିଟାଲରେ ଅକ୍ସିଜେନ ଅଭାବ ଯୋଗୁ ଅନେକଙ୍କ ଜୀବନ ଯାଇଥିଲା। ତେଣୁ ମେଡିକାଲ ଅକ୍ସିଜେନ୍ ଆବଶ୍ୟକତା ପୂରଣ ଲାଗି ଦେଶରେ ୧,୫୦୦ରୁ ଊର୍ଦ୍ଧ୍ୱ ପିଏସ୍ଏ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରାଯାଉଛି। ଏହା ୪ ଲକ୍ଷରୁ ଊର୍ଦ୍ଧ୍ୱ ଅମ୍ଳଜାନ ଆବଶ୍ୟକ କରୁଥିବା ବେଡ୍‌କୁ ଅକ୍ସିଜେନ ଯୋଗାଇବାରେ ସକ୍ଷମ ହେବ ବୋଲି ଶୁକ୍ରବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇ ଦିଆଯାଇଛି। ଏହି ପ୍ଲାଣ୍ଟଗୁଡ଼ିକ ଯେତେଶୀଘ୍ର କାର୍ଯ୍ୟକ୍ଷମ ହେବା ଲାଗି ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗକୁ ତୃତୀୟ ଲହର ଆସିବାକୁ ଥିବାରୁ ଅକ୍ସିଜେନ୍ ଆବଶ୍ୟକତା ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କ୍ୟାବିନେଟ ସଚିବ, ସ୍ୱାସ୍ଥ୍ୟ ସଚିବ, ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ସିଜେନ୍ ପ୍ଲାଣ୍ଟଗୁଡ଼ିକୁ ଚଳାଇବା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ହସ୍ପିଟାଲ କର୍ମଚାରୀମାନଙ୍କୁ ଯଥେଷ୍ଟ ତାଲିମ ଦିଆଯିବା ଆବଶ୍ୟକ ବୋଲି ମୋଦି କହିଥିଲେ। ବିଶେଷଜ୍ଞମାନଙ୍କ ଦ୍ୱାରା ୮,୦୦୦ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବା ଅଧିକାରୀମାନେ ଜଣାଇଥିଲେ।

### ଡେଲ୍ଟା ପ୍ଲସ୍ ପରେ ଆସିଲା କାପ୍ପା ଭାରିଆଣ୍ଟ

**ନୂଆଦିଲ୍ଲୀ, ୯।୭:** କରୋନା ଭୂତାଣୁ ଦିନକୁ ଦିନ ରୂପ ବଦଳାଇ ଚାଲିଛି। ଡେଲ୍ଟା ଏବଂ ଡେଲ୍ଟା ପ୍ଲସ୍ ପରେ ଏବେ ଭୂତାଣୁର ଅନ୍ୟ ଏକ ଭାରିଆଣ୍ଟ କାପ୍ପା ଦେଖାଯାଇଛି, ଯାହା ଅଧିକ ସଂକ୍ରାମକ ବୋଲି କୁହାଯାଉଛି। ଲକ୍ଷ୍ନୌର କିଙ୍ଗ୍ ଜର୍ଜ ମେଡିକାଲ କଲେଜରୁ ସଂଗୃହୀତ ନମୁନାର ଜିନୋମ୍ ସିକ୍ୱେନ୍ସିଂରୁ ଉତ୍ତରପ୍ରଦେଶରେ ଏଭଳି ଦୁଇଟି ମାମଲା ଚିହ୍ନଟ ହୋଇଛି। ଉତ୍ତରପ୍ରଦେଶରେ କୋଭିଡ୍-୧୯ର ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ୧୦୭ଟି ନମୁନାରୁ ଚିହ୍ନଟ ହୋଇଥିଲା। ଉଭୟ ଡେଲ୍ଟା ପ୍ଲସ୍ ଏବଂ କାପ୍ପା ଉତ୍ତରପ୍ରଦେଶ ପାଇଁ ନୂଆ। ଏଭଳି ଭାରିଆଣ୍ଟ ଚିହ୍ନଟ ଲାଗି ଜିନୋମ ସିକ୍ୱେନ୍ସିଂ ବ୍ୟବସ୍ଥା ବଢ଼ାଯାଉଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୋଭିଡ୍ ସମୀକ୍ଷା ବୈଠକ ପରେ ଏକ ବିବୃତିରେ କୁହାଯାଇଛି।

### ଭାରତ ଆସିନାହିଁ ଲାମ୍ବଡା

**ନୂଆଦିଲ୍ଲୀ, ୯।୭:** କରୋନା ଭୂତାଣୁର ଆଉ ଏକ ନୂଆ ଭାରିଆଣ୍ଟ ଲାମ୍ବଡା ୨୫ଟି ଦେଶରେ ଚିହ୍ନଟ ହେଲାଣି। ତେବେ ଏହି ଭାରିଆଣ୍ଟ ଭାରତ ଆସି ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି। କରୋନା ଭୂତାଣୁର ସପ୍ତମ ଭାରିଆଣ୍ଟ ଭାବେ ଲାମ୍ବଡାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜୁନ୍ ୧୪ରେ ଚିହ୍ନଟ କରିଥିଲା। ଆମ ଦେଶରେ ସେଭଳି ମାମଲା ଦେଖାଦେଇ ନ ଥିବାବେଳେ ଏହା ଉପରେ ଦେଶର ସାର୍ସ କୋଭ-୨ ଜିନୋମିକ୍ସ କନ୍‌ସୋର୍ଟିୟମ ପୂରା ନଜର ରଖିଛି। ପେରୁରେ ମୋଟ ସଂକ୍ରମଣର ୮୦ ପ୍ରତିଶତ ଲାମ୍ବଡା ଭାରିଆଣ୍ଟ ହୋଇଥିବାବେଳେ ବ୍ରିଟେନ ଏବଂ ୟୁରୋପୀୟ ଦେଶରେ ଏହାର ସଂକ୍ରମଣ ଦେଖିବାକୁ ମିଳିଥିବା ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଜମ୍ମୁରେ ବଢ଼ିବ ୭ ଆସନ

## ୨୦୧୧ ଜନଗଣନା ଅନୁସାରେ ଜମ୍ମୁ-କଶ୍ମୀର ସୀମା ପୁନଃ ନିର୍ଦ୍ଧାରଣ

- ଭୌଗୋଳିକ ସ୍ଥିତିକୁ ଧ୍ୟାନରେ ରଖାଯିବ
- ୨୦୨୨ ମାର୍ଚ୍ଚ ସୁଦ୍ଧା ଶେଷ ହେବ ପ୍ରକ୍ରିୟା



ନୂଆଦିଲ୍ଲୀ/ଶ୍ରୀନଗର,୯।୭

୨୦୧୧ ଜନଗଣନା ଅନୁସାରେ ଜମ୍ମୁ-କଶ୍ମୀରର ସୀମା ପୁନଃ ନିର୍ଦ୍ଧାରଣ କରାଯିବ। ଏଥିରେ ସମଗ୍ର ଉପତ୍ୟକାର ୭ ବିଧାନସଭା ଆସନ ବୃଦ୍ଧି କରାଯିବ। ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ର ୨୪ ଆସନ ଖାଲି ରହିବ। ଏହି ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାରେ ଏହାକୁ ସାମିଲ କରାଯିବ ନାହିଁ। ୨୦୨୨ ମାର୍ଚ୍ଚ ସୁଦ୍ଧା ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବ ବୋଲି ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା ସୂଚନା ଦେଇଛନ୍ତି।

ଜମ୍ମୁ-କଶ୍ମୀର ସୀମା ପୁନଃ ନିର୍ଦ୍ଧାରଣ କମିଶନ ଗୁରୁବାର ଜମ୍ମୁ-କଶ୍ମୀରର ରାଜନୈତିକ ଦଳଗୁଡ଼ିକର ନେତା ଓ ସିଭିଲ ସୋସାଇଟି ଗ୍ରୁପ୍ ସଦସ୍ୟଙ୍କୁ ଭେଟିଥିଲେ। ଉପତ୍ୟକାର ନିର୍ବାଚନମଣ୍ଡଳୀଗୁଡ଼ିର ପୁନର୍ଗଠନ ନିମନ୍ତେ ଆୟୋଗ ସେମାନଙ୍କ ମତାମତ ଲୋଡ଼ିଥିଲେ। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି), ସିପିଆଇ, ସିପିଆଇଏମ୍, ପାନ୍ଥର୍ସ ପାର୍ଟି, କଂଗ୍ରେସ, ଭାଜପା, ଅପ୍‌ନି ପାର୍ଟି ଏବଂ ବହୁଜନ ସମାଜ ପାର୍ଟି ନେତାମାନେ କମିଶନଙ୍କ ଆଗରେ ନିଜ ଦାବି ଓ ମତ ଉପସ୍ଥାପନ କରିଥିଲେ। କମିଶନ ଅଧ୍ୟକ୍ଷା ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ, ସଦସ୍ୟ ସୁଶୀଲ ଚନ୍ଦ୍ରା ଏବଂ କେ.କେ. ଶର୍ମା ଶୁକ୍ରବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସୁଶୀଲ ଚନ୍ଦ୍ରା କହିଛନ୍ତି, ୧୯୮୧ରେ ପ୍ରଥମ ସମ୍ପୂର୍ଣ୍ଣ ସୀମା ପୁନଃ ନିର୍ଦ୍ଧାରଣ ଆୟୋଗ ଗଠନ କରାଯାଇଥିଲା। ୧୯୮୫ ଜନଗଣନା ଆଧାରରେ ଉକ୍ତ କମିଶନ ଏହାର ୧୪ ବର୍ଷ ପରେ ଅର୍ଥାତ୍ ୧୯୯୫ରେ ସୁପାରିସ କରିଥିବାରୁ ସୀମା ପୁନଃ ନିର୍ଦ୍ଧାରଣ ହୋଇପାରି ନ ଥିଲା। ସମସ୍ତ ଦାବି ଓ ସୁପାରିସକୁ ଧ୍ୟାନରେ ରଖି ଏକ ଚିଠା ପ୍ରସ୍ତୁତ କରାଯିବ। ଲୋକଙ୍କ ମତାମତ ପାଇଁ ଏହାକୁ ପବ୍ଲିକ୍ ଡୋମେନ୍‌ରେ ସାର୍ବଜନୀନ କରାଯିବ। ସମସ୍ତ ମନ୍ତବ୍ୟକୁ ଅନୁଧ୍ୟାନ କରିବା ପରେ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ନେଇ ଚୂଡ଼ାନ୍ତ ଚିଠା ପ୍ରସ୍ତୁତ କରାଯିବ। ୧୯୯୫ରେ ୧୨ ଜିଲା ଥିଲା। ଏହି ସଂଖ୍ୟା ଏବେ ୨୦ରେ ପହଞ୍ଚିଛି। ସେହିପରି ତହସିଲ ସଂଖ୍ୟା ୫୮ରୁ ୨୭୦କୁ ବୃଦ୍ଧି ପାଇଛି। ୧୨ ଜିଲାରେ ନିର୍ବାଚନମଣ୍ଡଳୀ ସୀମା ଜିଲାର ସୀମା ବାହାରକୁ ଯାଇଛି। ୨୦୧୧ ଜନଗଣନା ଅନୁସାରେ ଜମ୍ମୁର ଜନସଂଖ୍ୟା ୫୩,୭୮,୫୩୮ ଥିବାବେଳେ କଶ୍ମୀରର ଜନସଂଖ୍ୟା ହେଉଛି ୬୮,୮୮,୪୭୫।




### ନିର୍ବାଚନ ପାଇଁ ବାଟ ଫିଟିବ

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହାସହ ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା କରିଥିଲେ। ଏହି ପଦକ୍ଷେପ ସହ ଉପତ୍ୟକାର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ବାଟ ଫିଟିଥିଲା। କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚରେ ୩ ସଦସ୍ୟ ବିଶିଷ୍ଟ ସୀମା ପୁନଃ ନିର୍ଦ୍ଧାରଣ ଆୟୋଗ ଗଠନ କରିଥିଲେ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ୨୦୨୧ ମାର୍ଚ୍ଚରେ ଉକ୍ତ କମିଶନଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଯାଇଥିଲା। ଆୟୋଗ ୨୦୨୨ ମାର୍ଚ୍ଚ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିପାରନ୍ତି। ଏହା ପରେ ବିଧାନସଭା ନିର୍ବାଚନ ହେବ।

### ବଦଳିବ ରାଜନୈତିକ ସମୀକରଣ

ଜମ୍ମୁ-କଶ୍ମୀରର ବିଧାନସଭା ନିର୍ବାଚନମଣ୍ଡଳୀ ସଂଖ୍ୟା ୮୩ ରହିଛି। ୭ ଆସନ ବଢ଼ିବା ପରେ ଏହି ସଂଖ୍ୟା ୯୦ରେ ପହଞ୍ଚିବ। କିନ୍ତୁ ଏହି ୭ ଆସନ କେବଳ ଜମ୍ମୁରେ ବୃଦ୍ଧି କରାଯିବ। ଜମ୍ମୁରେ ଏବେ ଆସନ ସଂଖ୍ୟା ୩୭ ଥିବାବେଳେ ଏହା ୪୪ରେ ପହଞ୍ଚିବ। ଅଥଚ କଶ୍ମୀରରେ ଆସନ ସଂଖ୍ୟା ପୂର୍ବଭଳି ୪୬ରେ ସୀମିତ ରହିବ। ତେଣୁ ସୀମା ପୁନଃ ନିର୍ଦ୍ଧାରଣରୁ ଭାଜପା ଲାଭବାନ ହେବ ବୋଲି କୁହାଯାଉଛି। କାରଣ ଗତ କିଛି ବର୍ଷ ଧରି ଭାଜପା ଜମ୍ମୁରେ ନିଜ ସାଙ୍ଗଠନିକ ସ୍ଥିତି ମଜଭୁତ କରିବାରେ ଲାଗିଛି। ସୀମା ପୁନଃ ନିର୍ଦ୍ଧାରଣ ଆୟୋଗ ନିକଟରେ ଜମ୍ମୁ-କଶ୍ମୀର ଭାଜପା ସଭାପତି ରବୀନ୍ଦର ରୈନା ମଧ୍ୟ ଜମ୍ମୁକୁ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ସୁଯୋଗ ପ୍ରଦାନ ପାଇଁ ଦାବି କରିଥିଲେ। ଅପରପକ୍ଷେ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଏନ୍‌ସି ଏବଂ ମେହବୁବା ମୁଫ୍‌ତିଙ୍କ ପିଡିପି ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ତେଣୁ ଏନ୍‌ସି, ପିଡିପି ଏବଂ ଅନ୍ୟ ଛୋଟ ଦଳଗୁଡ଼ିକ ଏହାକୁ ଆରମ୍ଭରେ ବିରୋଧ କରିଥିଲେ। କମିଶନଙ୍କ ନୂଆ ପଦକ୍ଷେପ ଉପତ୍ୟକାରେ ରାଜନୈତିକ ସମୀକରଣକୁ ବଦଳାଇଦେବାର ଯଥେଷ୍ଟ ସମ୍ଭାବନା ବହନ କରୁଛି।

## ଏକକ ଦେୱାନୀ ସଂହିତା ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୯।୭

ୟୁନିଫର୍ମ ସିଭିଲ୍ କୋଡ୍ ବା ଏକକ ଦେୱାନୀ ସଂହିତାର ଆବଶ୍ୟକତାକୁ ଦିଲ୍ଲୀ ହାଇକୋର୍ଟ ସମର୍ଥନ ଜଣାଇଛନ୍ତି। ଦେଶରେ ସମସ୍ତଙ୍କ ପାଇଁ ସମାନ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ହେବା ଆବଶ୍ୟକ ଯେପରି ଆଧୁନିକ ଭାରତର ଯୁବ ସମାଜ, ସେ ଯେଉଁ ଧର୍ମ, ସମ୍ପ୍ରଦାୟ, ଜାତି ଓ ଜନଜାତି ବର୍ଗର ହୋଇଥାନ୍ତୁ ନା କାହିଁକି ବିଭିନ୍ନ ଧର୍ମର ବିବାହ ଆଇନକୁ ନେଇ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ତେଣୁ ସମ୍ବିଧାନର ଅନୁଚ୍ଛେଦ ୪୪ ଅନୁଯାୟୀ ରାଷ୍ଟ୍ର ଏହାର ନାଗରିକମାନଙ୍କ ପାଇଁ ସମାନ ନାଗରିକ ସଂହିତା କେବଳ ଆଶାରେ ନ ରଖି ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ଅଦାଲତ କହିଛନ୍ତି।

**ପଦକ୍ଷେପ ନେବା ଲାଗି କେନ୍ଦ୍ରକୁ ପରାମର୍ଶ**

ସମ୍ବିଧାନର ଅନୁଚ୍ଛେଦ ୪୪ରେ ପରିକଳ୍ପନା କରାଯାଇଥିବା ୟୁନିଫର୍ମ ସିଭିଲ୍ କୋଡ୍‌ର ଆବଶ୍ୟକତା ସମୟରେ ସୁପ୍ରିମକୋର୍ଟ ଅନେକ ଥର ଦୋହରାଇଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଜରୁରୀ, ଯାହା ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଆଦି ସବୁ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଜଷ୍ଟିସ୍ ପ୍ରଥିବା ଏମ୍. ସିଂଙ୍କ ଖଣ୍ଡପୀଠ କହିଛନ୍ତି। ୟୁସିସି କାର୍ଯ୍ୟକାରୀ ହେଲେ ବିଭିନ୍ନ ପର୍ସନାଲ ଲ'କୁ ନେଇ ଅଦାଲତ ଏବଂ ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଓ ଜାତିର ଲୋକେ ବାରମ୍ବାର ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱରୁ ମୁକ୍ତି ପାଇପାରିବେ। ୧୯୮୫ରେ ସୁପ୍ରିମକୋର୍ଟ ଏକ ରାୟରେ ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରାଯିବାକୁ ଆଶାବ୍ୟକ୍ତ କରିଥିଲେ। ତେବେ ପରିତାପର ବିଷୟ ଯେ ସମ୍ବିଧାନର ଅନୁଚ୍ଛେଦ ୪୪ ଏକ ମୃତ ଫର୍ଦ୍ଦ ହୋଇ ରହିଛି ବୋଲି ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି।

## ପର୍ଯ୍ୟଟନ ସ୍ଥଳୀରେ ଗହଳି ଭୂତାଣୁକୁ ଆମନ୍ତ୍ରଣ: କେନ୍ଦ୍ର

ନୂଆଦିଲ୍ଲୀ, ୯।୭



ଦେଶରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇବା ପରେ ସରକାର କଟକଣା କୋହଳ କରିଦେବାରୁ ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ନୈନିତାଲ, ମସୁରୀ, ମନାଲି ଆଦି ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳକୁ ଲକ୍ଷାଧିକ ଲୋକ ଆସୁଥିବାବେଳେ କୋଭିଡ୍ କଟକଣାକୁ ସମସ୍ତେ ଭୁଲିଯାଇଥିବା ଦେଖାଯାଇଛି। ଭୂତାଣୁ ପୁଣି ଥରେ ଆସି ସଂକ୍ରମଣ କରୁ ଏଥିପାଇଁ ଆମେ ଖୋଲା ଆମନ୍ତ୍ରଣ କରୁଛେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ୍ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଭଳି ଗହଳି ତୃତୀୟ ଲହର ଆଣିବାରେ ସହାୟକ ହେବ ବୋଲି କୁହାଯାଉଛି।

ଦେଶର ଅର୍ଦ୍ଧାଧିକ କରୋନା ସଂକ୍ରମିତ ଦୁଇଟି ରାଜ୍ୟ ମହାରାଷ୍ଟ୍ର ଓ କେରଳରେ ରହିଛି। ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବାରୁ କୋଭିଡ୍ ନିୟମ ଉଲ୍ଲଂଘନ ନ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ମହାରାଷ୍ଟ୍ରର ୧୫ ଏବଂ କେରଳର ୧୪ ଜିଲା ଚିନ୍ତାର କାରଣ ପାଲଟିଛି।

ଅଗ୍ରୱାଲ କହିଥିଲେ, ଦୈନିକ ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଉଛି। ତେବେ ନୂଆ ମାମଲାର ୮୦ ପ୍ରତିଶତ ଦେଶର ୯୦ଟି ଜିଲାରୁ ଆସୁଛି। ବ୍ରିଟେନରେ ୟୁରୋ କପ ୨୦୨୧ ସେମିଫାଇନାଲ ଆୟୋଜନ କାରଣରୁ ସେଠାରେ ସଂକ୍ରମଣ ପୁଣିଥରେ ବୃଦ୍ଧି ପାଇଛି। ସେହିପରି ରୁଷିଆ ଏବଂ ବାଂଲାଦେଶରେ ମଧ୍ୟ ସଂକ୍ରମଣ ବଢ଼ୁଛି। ତେଣୁ କୋଭିଡ୍ ସତର୍କତା ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୪୩,୩୯୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସକ୍ରିୟ ମାମଲା ସଂଖ୍ୟା ୪,୫୮,୭୨୭କୁ ହ୍ରାସ ପାଇଛି।

## କେନ୍ଦ୍ର ବିରୋଧରେ ଦିଲ୍ଲୀ ସରକାରଙ୍କ ପିଆଇଏଲ୍ ହାସ୍ୟାସ୍ପଦ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୭

ବିଦ୍ୟୁତ୍ ପ୍ଲାଣ୍ଟ ସମ୍ପର୍କରେ ପରିବେଶ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ବିରୋଧ କରି ଦିଲ୍ଲୀ ସରକାର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିବା ହାସ୍ୟାସ୍ପଦ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିବା ସହ ଏହାର ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଏଭଳି ମତାମତ ପରେ ଦିଲ୍ଲୀ ସରକାର ପିଟିଶନ ଫେରାଇ ନେଇଛନ୍ତି। ଜଣେ ବ୍ୟକ୍ତିଙ୍କ ମୌଳିକ ଅଧିକାର ଉଲ୍ଲଂଘନ ହେଲେ ଏହା ବିରୋଧରେ ଜନସ୍ୱାର୍ଥ ମାମଲା ଦାଏର କରାଯାଏ। କେନ୍ଦ୍ର ସରକାର ପ୍ରତିକୂଳ ପଦକ୍ଷେପ ନେଉଥିଲେ ଦିଲ୍ଲୀ ସରକାର କୋର୍ଟଙ୍କୁ ଜଣାଇପାରିବେ। ସରକାର ମାମଲା ଦାଏର କରିପାରିବେ ବୋଲି ଅଦାଲତ କହିଛନ୍ତି। ମନ୍ତ୍ରଣାଳୟ ଗତ ଏପ୍ରିଲ ୧ରେ ଏକ ବିଜ୍ଞପ୍ତି ଜରିଆରେ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଏବଂ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ତାପଜ ବିଦ୍ୟୁତ ପ୍ଲାଣ୍ଟ ପାଇଁ ଅନୁମତି ଦେବା ନିମନ୍ତେ ଥିବା ନିୟମାବଳୀରେ ସଂଶୋଧନ କରିଥିଲେ।

## ଫୁଡ୍ ଫ୍ୟାକ୍ଟ୍ରିରେ ନିଆଁ: ୫୨ ଦଗ୍ଧ

ଢାକା,୯।୭



ବାଂଲାଦେଶର ରାଜଧାନୀ ଢାକାସ୍ଥିତ ଏକ ବହୁତଳ ବିଶିଷ୍ଟ ଖାଦ୍ୟ ଓ ପାନୀୟ କାରଖାନାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନ୍ୟୂନ ୫୨ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅଗ୍ନିଶମ ଅଧିକାରୀ ଓ ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଢାକାରୁ ୨୫ କି.ମି. ଦୂର ନାରାୟଣଗଞ୍ଜର ରୂପଗଞ୍ଜ ଅଞ୍ଚଳରେ ଥିବା ଉକ୍ତ କାରଖାନାରେ ଗୁରୁବାର ସନ୍ଧ୍ୟାରେ ନିଆଁ ଲାଗିଥିଲା। ପ୍ରଥମେ ଚତୁର୍ଥ ମହଲାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ପରେ ଏହା ବିଲ୍ଡିଂର ପଞ୍ଚମ ଓ ଷଷ୍ଠ ମହଲାକୁ ବ୍ୟାପିଥିଲା। ସେଠାରୁ ବାହାରିବା ପାଇଁ ଥିବା ଦ୍ୱାରରେ ତାଲା ପଡ଼ିଥିବାରୁ ଭିତରେ ଅନେକ ଶ୍ରମିକ ଫସିଯାଇଥିଲେ। ନିଆଁ ଚାରିଆଡ଼େ ବ୍ୟାପିବା ପରେ ୪୯ ଜଣ ସମ୍ପୂର୍ଣ୍ଣ ଦଗ୍ଧ ହୋଇଯାଇଥିଲେ। ସେମାନଙ୍କ ମୃତଦେହ ଠାବ କରାଯାଇଛି। ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯିବାବେଳେ ସେମାନେ ବାଟରେ ଆଖି ବୁଜିଦେଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ କିଶୋର ବୋଲି ଜଣାପଡ଼ିଛି। ଅନ୍ୟ କେତେଜଣଙ୍କୁ ଗୁରୁତର ଅବସ୍ଥାରେ ନାରାୟଣଗଞ୍ଜ ଓ ଢାକାର କେତେକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତଲାସି ଅଭିଯାନ ଜାରି ରହିଛି। ଆହୁରି ଅନେକ ମୃତଦେହ ମିଳିବା ଆଶଙ୍କା କରାଯାଉଛି। ଏବେ ମଧ୍ୟ ଉକ୍ତ ୬ ମହଲା ବିଶିଷ୍ଟ କୋଠାରୁ କଳାଧୂଆଁ ବାହାରୁଛି। ଶ୍ରମିକମାନଙ୍କ ସମ୍ପର୍କୀୟମାନେ କାରଖାନା ବାହାରେ ଅପେକ୍ଷା କରିଛନ୍ତି। ନିଆଁକୁ ସମ୍ପୂର୍ଣ୍ଣ ଲିଭାଯିବା ପରେ ପ୍ରକୃତରେ କେତେଜଣଙ୍କ ଜୀବନ ଯାଇଛି ଜଣାପଡ଼ିବ। ଅଗ୍ନିକାଣ୍ଡର କାରଣ ଖୋଜିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ୫ ଜଣିଆ ଟିମ୍ ଗଠନ କରାଯାଇଛି। ଏହାକୁ ବାଂଲାଦେଶର ଶିଳ୍ପ ଇତିହାସରେ ଏକ ଦୁଃଖଦ ବିପର୍ଯ୍ୟୟ ବୋଲି କୁହାଯାଉଛି। ୨୦୧୯ ଫେବୃୟାରୀରେ ଢାକାରେ ବେଆଇନ ଭାବେ ଚାଲିଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। ଏଥିରେ ୭୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୦ରେ ମଧ୍ୟ ଓଲ୍ଡ ଢାକାର ଏକ କେମିକାଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ୧୨୩ ଜଣ ଦଗ୍ଧ ହୋଇଯାଇଥିଲେ। ୨୦୧୩ରେ ଢାକା ନିକଟସ୍ଥ ଏକ ଗାର୍ମେଣ୍ଟ ଫ୍ୟାକ୍ଟ୍ରି ଭୁଶୁଡ଼ିଯିବାରୁ ୧,୧୦୦ ଜଣ ପ୍ରାଣ ହରାଇଥିଲେ। ଏହାକୁ ବିଶ୍ୱର ସବୁଠୁ ଭୟଙ୍କର କାରଖାନା ବିପର୍ଯ୍ୟୟ ବିବେଚନା କରାଯାଏ। ଏହା ପରେ ବାଂଲାଦେଶରେ ଫ୍ୟାକ୍ଟ୍ରି ନିରାପତ୍ତା ସମ୍ପର୍କିତ ଅନେକ କଠୋର ନିୟମ ଲାଗୁ କରାଯାଇଥିଲା।

# ତାଲିବାନ କବ୍‌ଜାରେ ୮୫% ଆଫଗାନିସ୍ତାନ

## ଆତଙ୍କବାଦୀ ସଂଗଠନ ଦାବି କଲା

କାବୁଲ, ୯।୭



ଆଫ୍‌ଗାନ ତାଲିବାନ ମୁଭ୍‌ମେଣ୍ଟ ରାଜନୈତିକ ପ୍ରତିନିଧି ଦଳର ସଦସ୍ୟ ସୁହିଲ ଗହିନ, ମଲାଭି ଶାହାବୁଦ୍ଦିନ୍ ଦିଲାୱର ଓ ମହମ୍ମଦ ନଇମ ମସ୍କୋରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାକୁ ଯାଉଛନ୍ତି।

ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରୁଥିବାବେଳେ ସେଠାର ଉଗ୍ରପନ୍ଥୀ ସଂଗଠନ ତାଲିବାନ ପୁଣିଥରେ ସକ୍ରିୟ ହୋଇଉଠିଛି। ଏହାର ସଦସ୍ୟମାନେ ବିଭିନ୍ନ ଅଞ୍ଚଳ ଉପରେ ଆକ୍ରମଣ କରିବା ସହ ନିଜ ନିୟନ୍ତ୍ରଣକୁ ନେଉଛନ୍ତି। ତାଲିବାନ ଇରାନ ସୀମାନ୍ତବର୍ତ୍ତୀ ଅଞ୍ଚଳ ସମେତ ଆଫଗାନିସ୍ତାନର ୮୫ ପ୍ରତିଶତ ଅଞ୍ଚଳକୁ କବ୍‌ଜା କରିଥିବା ଶୁକ୍ରବାର ଦାବି କରିଛି। ସେନା ପ୍ରତ୍ୟାହାର ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କଡ଼ା ବାର୍ତ୍ତା ଜାରି କରିବାର କିଛି ଘଣ୍ଟା ପରେ ତାଲିବାନ କହିଛି, ଏହାର ଯୋଦ୍ଧାମାନେ ସୀମାନ୍ତ ସହର ଇସ୍‌ଲାମ କ୍ୱାଲା ଦଖଲ କରିବା ପରେ ଇରାନ ସୀମାବର୍ତ୍ତୀ ଅଞ୍ଚଳଠାରୁ ଚାଇନା ସୀମାନ୍ତ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ନିଜ କବ୍‌ଜାକୁ ନେଇଛନ୍ତି। ଆଫଗାନିସ୍ତାନର ୩୯୮ ଜିଲା ମଧ୍ୟରୁ ୨୫୦ ଜିଲାକୁ ତାଲିବାନ ନିୟନ୍ତ୍ରଣକୁ ନେଇଥିବା ମସ୍କୋଠାରେ ଏହାର ଏକ ପ୍ରତିନିଧି ଦଳ କହିଛି। ଇସ୍‌ଲାମ କ୍ୱାଲା ସୀମାନ୍ତ କ୍ରସିଂ ସମ୍ପୂର୍ଣ୍ଣ ତାଲିବାନ ନିୟନ୍ତ୍ରଣକୁ ଆସିଥିବା ଏହାର ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହାକୁ ଫେରାଇ ନେବା ପାଇଁ ସଂଘର୍ଷ ଜାରି ରହିଥିବା ସରକାରୀ ଅଧିକାରୀମାନେ କହିଛନ୍ତି। ଆଫଗାନ ସୁରକ୍ଷା ବଳର ସୀମାନ୍ତ ୟୁନିଟ ସମେତ ଅନ୍ୟମାନେ ଉକ୍ତ ଅଞ୍ଚଳରେ ମୁତୟନ ରହିଛନ୍ତି ଏବଂ ଏହାକୁ ପୁଣିଥରେ ଦଖଲକୁ ନେବା ଲାଗି ଉଦ୍ୟମ ଅବ୍ୟାହତ ରହିଛି ବୋଲି ଗୃହ ମନ୍ତ୍ରଣାଳୟ ମୁଖପାତ୍ର ତାରେକ୍ ଆରିଆନ୍ କହିଛନ୍ତି।

ସୂଚନାଯୋଗ୍ୟ ଆଫଗାନିସ୍ତାନରେ ଆମେରିକା ସୈନ୍ୟ ପ୍ରାୟ ୨୦ ବର୍ଷ ହେଲା ମୁତୟନ ରହିଥିଲେ। ମିଶନ ଏହାର ଲକ୍ଷ୍ୟ ହାସଲ କରିଛି ଏବଂ ଅଗଷ୍ଟ ୩୧ରେ ଏହା ଶେଷ ହେବାକୁ ଯାଉଥିବା ବାଇଡେନ୍ କିଛି ସମୟ ପୂର୍ବରୁ କହିଥିଲେ। ତେବେ ଆଫଗାନ ସରକାର ସମ୍ପୂର୍ଣ୍ଣ ଦେଶକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇ ନ ପାରେ ବୋଲି ସେ ସ୍ୱୀକାର କରିଥିଲେ।

> ଆଫଗାନିସ୍ଥାନରେ ସ୍ଥିତାବସ୍ଥା ଜାରି ରଖିବା ଏକ ବିକଳ୍ପ ନୁହେଁ। ସେଠାରେ ଯୁଦ୍ଧ ପାଇଁ ଆଉ ଏକ ପିଢ଼ିର ଆମେରିକୀୟଙ୍କୁ ପଠାଯିବ ନାହିଁ। କେବଳ ଆଫଗାନ ଜନସାଧାରଣ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବା ଉଚିତ୍।
>
> **-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**



## ଏସ୍‌ପି କର୍ମୀଙ୍କ ଶାଢ଼ି ଟାଣିବା ଘଟଣା: ୬ ପୋଲିସ ନିଲମ୍ବିତ

ଲକ୍ଷ୍ନୌ, ୯।୭

ୟୁପିର ଲକ୍ଷ୍ମୀପୁର ଖେରି ଜିଲାରେ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲବେଳେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ମହିଳା କର୍ମୀଙ୍କୁ ଗତ ଶନିବାର ଦୁଇଜଣ ଠେଲାପେଲା କରିବା ସହ ତାଙ୍କ ଶାଢ଼ି ଟାଣିବା ଭିଡିଓ ଭାଇରାଲ ହୋଇଥିଲା। ଏହି ମାମଲାରେ କର୍ତ୍ତବ୍ୟରେ ଅବହେଳା ପାଇଁ ୬ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ସର୍କଲ ଅଫିସର, ଦୁଇଜଣ ଇନ୍ସପେକ୍ଟର ଏବଂ ୩ ସବ୍‌ଇନ୍ସପେକ୍ଟର ଅଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା ଜଣେ ପ୍ରାର୍ଥୀଙ୍କ ପ୍ରସ୍ତାବକ ସମ୍ପୃକ୍ତ ମହିଳା ନାମାଙ୍କନପତ୍ର ଦାଖଲ କେନ୍ଦ୍ରରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲାବେଳେ ପ୍ରତିପକ୍ଷ ଦଳର ଦୁଇଜଣ ତାଙ୍କୁ ଆକ୍ରମଣ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୬୫,୯୫,୫୬୩ | ୪୦,୩୦,୯୫୮ | ୧୭,୦୬,୯୪,୪୪୬ |
| ଭାରତ | ୩,୦୭,୯୧,୨୬୨ | ୪,୦୭,୧୩୨ | ୨,୯୯,୨୨,୪୪୯ |
| ଓଡ଼ିଶା | ୯,୩୫,୧୩୬ | ୪୪୭୬(+୫୩) | ୯,୦୬,୫୧୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସଂକ୍ରମଣ ବଢ଼ାଉଛି ଉପକୂଳ ଜିଲା

**ଭୁବନେଶ୍ୱର,୯।୭(ବ୍ୟୁରୋ)**

## ୨,୮୦୬ ପଜିଟିଭ୍ ଚିହ୍ନଟ, ୬୧ ମୃତ



- ଟେଷ୍ଟ ବଢ଼ୁଥିବାରୁ ସଂଖ୍ୟା ବଢ଼ୁଛି: ଡିଏମ୍ଇଟି
- କେନ୍ଦ୍ରୀୟ ଟିମ୍‌ର ପରାମର୍ଶକୁ ପାଳନ କରିବୁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଜୁଲାଇରେ ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିବାବେଳେ ବିଶେଷକରି ଉପକୂଳବର୍ତ୍ତୀ ଜିଲାକୁ ନେଇ ଚିନ୍ତା ବଢ଼ିଛି। ଖୋର୍ଦ୍ଧା, କଟକ, ଯାଜପୁର ଓ ବାଲେଶ୍ୱର ଆଦି ଜିଲାରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି; ଯେଉଁଥିପାଇଁ ରାଜ୍ୟରେ ସଂକ୍ରମଣ ବଢୁଥିବା କୁହାଯାଉଛି। ତେଣୁ ଏସବୁ ଜିଲା ଉପରେ ସତର୍କ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟକୁ ପରାମର୍ଶ ଦେଇଛି। ଏପଟେ ୭ଦିନିଆ ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ରୀୟ ଟିମ୍ ରାଜ୍ୟରେ କୋଭିଡ୍ ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ସଂକ୍ରମଣ ଅଧିକ ରହୁଥିବା ଜିଲାକୁ ଗୁରୁତ୍ୱ ଦେଉଛନ୍ତି। ଡିଏମ୍ଇଟି ସିବିକେ ମହାନ୍ତି କହିଛନ୍ତି, ଏଥିରେ ଡରିବାର କିଛି ନାହିଁ। ଟେଷ୍ଟିଂ ଓ ସର୍ଭେଲାନ୍ସ ବଢୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବି ବଢୁଛି। ଟିପିଆର୍ କିନ୍ତୁ ବଢ଼ିନି। ଯେଉଁଠି ସଂକ୍ରମଣ ସାମାନ୍ୟ ବଢ଼ିଥିବା ଖବର ଆସୁଛି, ସେଠି ଅଧିକ ଗୁରୁତ୍ୱ ଦେଉଛୁ। ଉପକୂଳ ଜିଲାରେ ୩ ମାସିଆ ସର୍ଭେଲାନ୍ସ ଜାରି ଥିବାବେଳେ ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ସବୁ ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସର୍ଭେଲାନ୍ସ ଓ ଟ୍ରିଟ୍‌ମେଣ୍ଟ ଚାଲିଛି। କିନ୍ତୁ କମ୍ୟୁନିଟିରେ ଭାଇରସ ରହିଛି। କିଛି ସ୍ଥାନରେ କମୁନି, ସେଠାରେ ସର୍ଭେଲାନ୍ସ ଓ ଟେଷ୍ଟିଂ ଆହୁରି ବଢ଼େଇବୁ। କେନ୍ଦ୍ରୀୟ ଟିମ୍ ଏବେ ବି ବୁଲୁଛନ୍ତି। ସେମାନେ ଯାହା ପରାମର୍ଶ ଦେବେ ଆମେ ତାହା ପାଳନ କରିବୁ ବୋଲି ସେ କହିଛନ୍ତି।

ରାଜ୍ୟ ସରକାରଙ୍କ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ, ରାଜ୍ୟରେ ଗତ ୨୪ଘଣ୍ଟାରେ ୭୮,୫୬୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୨,୮୦୬ ପଜିଟିଭ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୫୯୦, କଟକ ୪୪୧, ଯାଜପୁର ୨୫୨, ବାଲେଶ୍ୱର ୧୫୩, ପୁରୀ ୧୩୮, ଢେଙ୍କାନାଳ ୧୨୪, ଜଗତ୍‌ସିଂହପୁର ୧୧୯, ମୟୂରଭଞ୍ଜ ୧୦୯ ଓ ଅନୁଗୋଳ ୧୦୨ଜଣ ରହିଛନ୍ତି। ବାକିସବୁ ଜିଲାରେ ନୂଆ ସଂକ୍ରମଣ ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୯,୩୫,୧୩୬ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ ହାର ୩.୫୭% ଥିବାବେଳେ କଟକ ୭.୯%, ଯାଜପୁର ୭.୭, ନୟାଗଡ଼ ୫.୬୨, ବାଲେଶ୍ୱର ୫.୧, ଖୋର୍ଦ୍ଧା ୪.୮୨% ରହିଛି।

ସେପଟେ ରାଜ୍ୟରେ ଆଉ ୬୧ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏହି ମୃତ୍ୟୁ ସଂଖ୍ୟା ଗୋଟିଏ ନିର୍ଦ୍ଦିଷ୍ଟ ଦିନର ନୁହେଁ। ପୂର୍ବରୁ ଘଟିଥିବା ମୃତ୍ୟୁର ଅଡିଟ୍ କରାଯାଇ ତଥ୍ୟ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୧୧ଜଣ ଥିବାବେଳେ ବରଗଡ଼, ଗଞ୍ଜାମ, ମୟୂରଭଞ୍ଜ ଓ ପୁରୀରୁ ୬ଜଣ ଲେଖାଏ, ସୁନ୍ଦରଗଡ଼, ସମ୍ବଲପୁରରୁ ୫ଜଣ ଲେଖାଏ, କେନ୍ଦୁଝରରୁ ୪, କଟକ, ଢେଙ୍କାନାଳ ଓ ନୟାଗଡ଼ରୁ ୨ଜଣ ଲେଖାଏ, ରାୟଗଡ଼ା, ନୂଆପଡ଼ା, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଗଜପତି ଓ ବୌଦ୍ଧରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪,୪୭୬କୁ ବୃଦ୍ଧି ପାଇଛି।

# ୧୫ ପରେ ଗର୍ଭବତୀଙ୍କୁ ଟିକା

**ଭୁବନେଶ୍ୱର, ୯।୭(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୧୫ ତାରିଖ ପରେ ଗର୍ଭବତୀଙ୍କ ପାଇଁ କୋଭିଡ୍ ଟିକାକରଣ ଆରମ୍ଭ ହେବ। ଯେଉଁ ଜିଲାରେ ଯେଉଁ ଟିକା ଦିଆଯାଉଛି, ସେଠାରେ ସେହି ଟିକା ଦିଆଯିବ। ଏନେଇ ଗାଇଡ୍‌ଲାଇନ ସ୍ଥିର କରାଯାଇ ଜଣାଇ ଦିଆଯିବ ବୋଲି ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ୍ ପାଣିଗ୍ରାହୀ କହିଛନ୍ତି। ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ଆଶା, ଏଏନ୍ଏମ୍, ଅଙ୍ଗନୱାଡ଼ି ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସାମିଲ ହେବେ। ତେଣୁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ନିର୍ଦ୍ଧାରିତ ସମୟ୍ ପୂର୍ବରୁ ପ୍ରଶିକ୍ଷଣ ସରିବ ବୋଲି ସୂଚନା ଦିଆଯାଇଛି। ଟିକା ନେବା ପାଇଁ ଆସିବାକୁ ଥିବା ଗର୍ଭବତୀଙ୍କୁ ଧାଡ଼ିରେ ଛିଡ଼ାହେବାକୁ ପଡ଼ିବ ନାହିଁ। ଟିକାକରଣ କେନ୍ଦ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ୍ କରାଯିବ। ଗର୍ଭବତୀମାନେ ଟିକା ନେଲେ ଫଳପ୍ରଦ ହେବ ବୋଲି ପ୍ରଥମେ ସେମାନଙ୍କୁ ସଚେତନ କରାଯିବ। ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ। ଟିକା ନେବା ପରେ ସେମାନଙ୍କ ଉପରେ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହୁଛି କି ନାହିଁ ତାହା ଅନୁଧ୍ୟାନ କରାଯିବ ବୋଲି ପୂର୍ବରୁ ଅର୍ଥାତ୍ ଗୁରୁବାର ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଥିଲେ।

# ଯୁବକଙ୍କୁ ପିଟି ପିଟି ହତ୍ୟା ଭିଡିଓ ଭାଇରାଲ

**ରାଉରକେଲା ଅଫିସ୍,୯।୭**

ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ପରିସରରେ ଜଣେ ଯୁବକଙ୍କୁ ପିଟି ପିଟି ମାରି ଦିଆଯାଇଥିବା ଭିଡିଓ ଭାଇରାଲ ହୋଇଛି। ମୃତକ ହେଲେ ଲାଠିକଟା ଅଞ୍ଚଳର ମୂଳବାସିନ୍ଦା ତଥା ରାଉରକେଲା ସହର ଉପକଣ୍ଠ ଦେଓଗାଁରେ ରହୁଥିବା ସଚିନ ଗୋପେ(୩୦)। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଟାଙ୍ଗରପାଲି ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁସାରେ, ରାଉରକେଲା ସହର ଉପକଣ୍ଠ ଦେଓଗାଁ ଦେହୁରୀ ବସ୍ତିର ସଚିନ ଗୁରୁବାର ସନ୍ଧ୍ୟାରେ କାରଖାନା ପାଚେରୀ ବାହାରେ ମୂମୂର୍ଷୁ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସରକାରୀ ହସ୍ପିଟାଲକୁ ନେଇଥିଲେ। ସେଠାରେ ରାତି ୭ଟା ବେଳେ ଡାକ୍ତର ସଚିନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସେଠାକୁ ପହଞ୍ଚି ମୃତଦେହ ଜବତ କରିଥିଲା। ସେପଟେ ସଚିନ ନିଶାଶକ୍ତ ଅବସ୍ଥାରେ କାରଖାନା ପରିସରକୁ ପଶିଥିଲେ। ଏହି ସମୟରେ କମ୍ପାନୀରେ ନିଯୁକ୍ତ ଘରୋଇ ସୁରକ୍ଷା କର୍ମୀମାନେ ତାଙ୍କୁ ପିଟି ପିଟି ମାରି ଦେବା ପରେ ପାଚେରୀ ବାହାରକୁ ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କୀୟ। ତେବେ ଏହି ବ୍ୟକ୍ତି ଜଣଙ୍କ ପ୍ଲାଣ୍ଟକୁ ପଶି ଆସିଥିବା ବେଳେ ପାଚେରୀରୁ ଗୋଡ଼ ଖସି ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଏକ ମାମଲା (ନଂ.୧୭/୨୧) ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଟାଙ୍ଗରପାଲି ଥାନା ଆଇଆଇସି ରବୀନ୍ଦ୍ର ପାତ୍ର କହିଛନ୍ତି । ଏହି ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# ପୋଲିସର ଗାଲ କାମୁଡ଼ି ଫେରାର

**ପାଲଲହଡ଼ା,୯।୭(ଡି.ଏନ.ଏ.)**

ଚୋରା ମୋବାଇଲ କିଣିଥିବା ଜଣେ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ତାଙ୍କ ଘରକୁ ଯାଇଥିବା ବେଳେ ପୋଲିସ ଉପରେ ହୋଇଛି ଆକ୍ରମଣ। ସମ୍ପୃକ୍ତ ଅଭିଯୁକ୍ତ ଜଣେ କନଷ୍ଟେବଲଙ୍କ ଗାଲକୁ କାମୁଡ଼ି ଦେଇ ଫେରାର ହୋଇଯାଇଛନ୍ତି। ଗୁରୁବାର ରାତି ପ୍ରାୟ ୯ଟା ୩୦ରେ ଏହି ଘଟଣା ଘଟିଥିବା ବେଳେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅନୁଗୋଳ ଜିଲା ପାଲଲହଡ଼ା ପୋଲିସ।

ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି, ସାମନ୍ତସାହିର ହୋଟେଲ ମାଲିକ ମୁନା ସାହୁଙ୍କ ମୋବାଇଲ ଚୋରି ହେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଗଉଡ଼ସାହିର ପ୍ରଦ୍ୟୁମ୍ନ ଥାପାଙ୍କୁ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଚୋରି ମୋବାଇଲ ଶାସନସାହିର ଜଗନ ସାହୁଙ୍କୁ ବିକ୍ରି କରିଥିବା ପ୍ରଦ୍ୟୁମ୍ନ ସୂଚନା ଦେବା ପରେ ଏଏସ୍ଆଇ ପ୍ରଦୀପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଜଗନଙ୍କ ଘରକୁ ଯାଇଥିଲା। ତେବେ ତଦନ୍ତ ବେଳେ ଉତ୍କ୍ଷିପ୍ତ ହୋଇ ଜଗନ ପୋଲିସ ଉପରେ ଆକ୍ରମଣ କରିଥିଲେ।


ଅଭିଯୁକ୍ତ ଜଗନ ସାହୁ

କନଷ୍ଟେବଲ ସନ୍ତୋଷ କୁମାର କିସାନଙ୍କ ବାମ ଗାଲକୁ କାମୁଡି ଦେଇ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ କନଷ୍ଟେବଲ ସନ୍ତୋଷଙ୍କୁ ଉପଖଣ୍ଡ ଚିକିତ୍ସାଳୟ ଅଣାଯାଇଥିଲା। ଶୁକ୍ରବାର ସକାଳେ ଅଭିଯୁକ୍ତ ଜଗନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ଏ ସଂକ୍ରାନ୍ତରେ ନଂ. ୧୬୯/୨୧ ଓ ୧୭୦/୨୧ରେ ମାମଲା ରୁଜୁ କରାଯାଇ ମୋବାଇଲ ଚୋରି କରିଥିବା ପ୍ରଦ୍ୟୁମ୍ନ ଓ ପୋଲିସକୁ ଆକ୍ରମଣ କରିଥିବା ଜଗନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।



**ଆଜିର ମନ୍ତବ୍ୟ** ଉତ୍ତରପ୍ରଦେଶରେ ମୁସଲମାନ-ଯାଦବ ଫ୍ୟାକ୍ଟର ଆଉ କାମ କରିବ ନାହିଁ। ଭାଜପାକୁ ହରାଇବା ପାଇଁ ସବୁ ଜାତି ଓ ସମ୍ପ୍ରଦାୟ ଫ୍ୟାକ୍ଟରକୁ ଏକାଠି କରିବାକୁ ହେବ। **-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସିଲା
ପରିବାରବର୍ଗ


ସଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତଦନ୍ତ ନିର୍ଦ୍ଦେଶ ଦେଲେ ମାନବାଧିକାର କମିଶନ

## କୋଭିଡ୍ ହସ୍ପିଟାଲ୍‌ରେ ରୋଗୀ ଚଟାଣରେ ପଡ଼ିବା ଘଟଣା

ଭୁବନେଶ୍ୱର,୯।୭(ବ୍ୟୁରୋ): ବାରିପଦାରେ ଏକ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କୋଭିଡ୍ ହସ୍ପିଟାଲ୍‌ରେ ରୋଗୀଙ୍କୁ ଅବହେଳା ନେଇ ଅଭିଯୋଗ ଆସିଥିଲା। ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ତଦନ୍ତ ପାଇଁ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ଅଗଷ୍ଟ ୨୩ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କମିଶନ କହିଛନ୍ତି।କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଓଏଚ୍ଆର୍‌ସିଙ୍କ ନିକଟରେ ଏହି ପିଟିଶନ କରିଥିଲେ। ପିଟିଶନ ଅନୁଯାୟୀ, ବାରିପଦା ବାଙ୍କିଶୋଳଠାରେ ଥିବା କୋଭିଡ୍ ହସ୍ପିଟାଲ୍‌ରେ ଗତ ମେ ମାସରେ କୋଭିଡ୍ ଆକ୍ରାନ୍ତଙ୍କୁ ଅବହେଳା କରାଯାଉଥିବା ଘଟଣା ସାମ୍ନାକୁ ଆସିଥିଲା। କେତେଜଣ ରୋଗୀ ଉଲଗ୍ନ ହୋଇ ଚଟାଣରେ ପଡ଼ିଥିବାବେଳେ ଆଉ କେତେଜଣ ହସ୍ପିଟାଲ୍‌ର ହାତଧୁଆ ବେସିନ ନିକଟ ଓ ଏଣେତେଣେ ପଡିରହିଥିଲେ। ସେଠାରେ ଡାକ୍ତର ଓ ନର୍ସ ଠିକ୍ ଭାବେ ନିଜ କାର୍ଯ୍ୟ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ନିଶିକାନ୍ତ ତାଙ୍କ ପିଟିଶନରେ ଉଲ୍ଲେଖ କରିଥିଲେ। ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଆଦେଶ ଦେବାକୁ ସେ ଦାବି କରିଥିଲେ।

# ରଥଯାତ୍ରା ପାଇଁ ୭୦ ପ୍ଲାଟୁନ ଫୋର୍ସ

## ୧୧ ତାରିଖ ରାତି ୮ରୁ ୧୩ ତାରିଖ ରାତି ୮ ଯାଏ କର୍ଫ୍ୟୁ

**ପୁରୀ ଅଫିସ,୯।୭:** ପୁରୀରେ ରଥଯାତ୍ରା ପାଇଁ ପ୍ରାୟ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ସହରରେ ନୋ ଭେଇକିଲ୍ ଜୋନ୍ ପ୍ରସ୍ତୁତ କରାଯିବ। ସେହିପରି ସହରରେ କର୍ଫ୍ୟୁ ଜାରି କରାଯିବ। ଆସନ୍ତା ୧୧ ତାରିଖ ରାତ୍ର ୮ଟାରୁ ୧୩ ତାରିଖ ରାତ୍ର ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ତେବେ ଜରୁରିକାଳୀନ ସ୍ଥିତିରେ ସାଧାରଣ ଲୋକଙ୍କୁ ଯାତାୟତ ଅନୁମତି ଦିଆଯିବ। ସ୍ୱାସ୍ଥ୍ୟଗତ ସମସ୍ୟା ସମୟରେ ସାଧାରଣ ଲୋକଙ୍କୁ ଗ୍ରୀନ୍ ଜୋନ୍ ଦେଇ ଡାକ୍ତରଖାନା ଯିବାକୁ ପଡ଼ିବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହେବେ। ତେବେ ସ୍ୱାସ୍ଥ୍ୟଗତ ଓ ଜରୁରିକାଳୀନ ସ୍ଥିତିକୁ ବାଦ୍ ଦେଇ ଅନ୍ୟ କୌଣସି କାରଣ ଦେଖାଇ ସାଧାରଣ ଲୋକେ ଘରୁ ବାହାରି ପାରିବେ ନାହିଁ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। କର୍ଫ୍ୟୁ ସମୟରେ ଦୋକାନ ବଜାର ବନ୍ଦ ରହିବ। ତେଣୁ କର୍ଫ୍ୟୁ ପୂର୍ବରୁ ଆବଶ୍ୟକ ଜିନିଷପତ୍ର କିଣିନେବା ପାଇଁ ପୁରୀ ସହରବାସୀଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି।

ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରତି ଗଳିରେ ବ୍ୟାରିକେଡ୍ ବ୍ୟବସ୍ଥା ହେବ। ସାହିଗୁଡ଼ିକରେ ମଧ୍ୟ ବ୍ୟାରିକେଡିଂ କରାଯିବ। ଏହାବ୍ୟତୀତ ପୁରୀ ସହରର ପ୍ରବେଶ ପଥ ସିଲ୍ କରାଯିବା ସହ ଜିଲାର ପ୍ରବେଶ ପଥରେ କଡ଼ା ଯାଞ୍ଚ ହେବ। ଭୁବନେଶ୍ୱର, କୋଣାର୍କ ଓ ବ୍ରହ୍ମଗିରି ପଟୁ ପୁରୀ ସହରକୁ ପ୍ରବେଶ କରୁଥିବା ଲୋକଙ୍କୁ ଯାଞ୍ଚ କରାଯିବ। ଅନଧିକାର ଲୋକଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ। ରଥଯାତ୍ରା ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ଆରମ୍ଭ ହେବ। ରଥଯାତ୍ରା ପାଇଁ ପାଖାପାଖି ୨ହଜାରରୁ ଊର୍ଦ୍ଧ୍ୱ ସେବାୟତ, କର୍ମଚାରୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ହୋଇ ସାରିଲାଣି। ନେଗେଟିଭ୍ ଥିବା ବ୍ୟକ୍ତିଙ୍କୁ ଅନୁମତି ମିଳିବ ନାହିଁ। କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ନଦୀକୁ ଖସିଲା ଟ୍ରେନ୍



ଭୋପାଳ,୯।୭: ମଧ୍ୟପ୍ରଦେଶର ଅନୁପପୁର ନିକଟରେ ଶୁକ୍ରବାର ଅପରାହ୍ଣ ୩ଟା ୩୦ରେ ଏକ ମାଲବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ୫୯ ବଗି ବିଶିଷ୍ଟ କୋଇଲା ବୋଝେଇ ଟ୍ରେନ୍ ବିଳାସପୁରରୁ କଟନି ଅଭିମୁଖେ ଯାଉଥିଲା। ଓଲନ ନଦୀ ଉପରେ ନିର୍ମିତ ବ୍ରିଜ୍‌ରେ ଫାଟ ଥିବାରୁ ଏହାର ୧୬ ବଗି ତଳକୁ ଖସିପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି। ଟ୍ରେନ୍ ଚଳାଚଳ ସ୍ୱାଭାବିକ ଥିବା ରେଲୱେ ପକ୍ଷରୁ କୁହାଯାଉଛି।

# ସୁପ୍ରିମକୋର୍ଟରେ କେନ୍ଦ୍ରକୁ ଝଟକା



## ନୂଆ ଆଇଟି ନିୟମ

### ଏନ୍‌ବିଏ ଆବେଦନ ଉପରେ ଜବାବ ମାଗିଲେ କେରଳ ହାଇକୋର୍ଟ

**ନୂଆଦିଲ୍ଲୀ, ୯।୭**

ନୂଆ ଆଇଟି ନିୟମର ବୈଧତାକୁ ଚ୍ୟାଲେଞ୍ଜ କରି ଦେଶର ବିଭିନ୍ନ ହାଇକୋର୍ଟରେ ଦାଏର ହୋଇଥିବା ସମସ୍ତ ପିଟିଶନର ଶୁଣାଣି ସୁପ୍ରିମକୋର୍ଟରେ ହେଉ ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଗୁଡ଼ିକରେ ଏଭଳି ଆବେଦନର ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିବାକୁ ଶୁକ୍ରବାର ଶୀର୍ଷ ଅଦାଲତ ମନା କରିଦେଇଛନ୍ତି। ଫଳରେ ଆଇଟି ନିୟମକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ନାଲିଆଖି ଦେଖାଉଥିବା କେନ୍ଦ୍ରକୁ ଝଟ୍‌କା ଲାଗିଛି।

ଫେବୃୟାରୀ ୨୫ରେ ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଓଭର ଦି ଟପ୍ (ଓଟିଟି) ପ୍ଲେୟାର୍ସଙ୍କୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ,୨୦୨୧ ଆଣିଛନ୍ତି। ନୂଆ ନିୟମ ଅନୁସାରେ ସୋସିଆଲ ମିଡିଆ ମଞ୍ଚଗୁଡ଼ିକୁ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଲାଗି ଦେଶରେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପଡ଼ିବ। କର୍ତ୍ତୃପକ୍ଷ ଓ କୋର୍ଟ ଭର୍ତ୍ସନା କରୁଥିବା କଣ୍ଟେଣ୍ଟଗୁଡ଼ିକୁ ୩୬ ଘଣ୍ଟା ମଧ୍ୟରେ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀ ପଦକ୍ଷେପ ନେବେ। ଉକ୍ତ ନୂଆ ନିୟମକୁ ଦିଲ୍ଲୀ, ବମ୍ବେ, ମାଡ୍ରାସ ଓ କେରଳ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର କରାଯାଇଛି। କେନ୍ଦ୍ର ସରକାର ଏହି ସମସ୍ତ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ କରାଇବା ପାଇଁ ପିଟିଶନଗୁଡ଼ିକୁ ସ୍ଥାନାନ୍ତର କରି ଅଣାଯାଉ ବୋଲି ଅନୁରୋଧ କରିଥିଲେ। ଜଷ୍ଟିସ୍ ଫର୍ ରାଇଟ୍ସ ଫାଉଣ୍ଡେଶନ ପକ୍ଷରୁ କରାଯାଇଥିବା ଅପିଲକୁ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସଞ୍ଜୟ ଖାନ୍ନାଙ୍କ ଖଣ୍ଡପୀଠ କେନ୍ଦ୍ରର ଆବେଦନ ସହ ସଂଲଗ୍ନ କରି ଶୁଣାଣି କରିଛନ୍ତି। ହାଇକୋର୍ଟଗୁଡ଼ିକରେ ଆବେଦନ ବିଚାରାଧୀନ ଥିବାବେଳେ ସେଗୁଡ଼ିକର ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ଇତିମଧ୍ୟରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନ୍ୟୁଜ୍ ବୋର୍ଡକାଷ୍ଟର୍ସ ଆସୋସିଏଶନ (ଏନ୍‌ବିଏ) ସଦସ୍ୟମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ କେରଳ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ପି.ବି. ସୁରେଶ କୁମାର କେନ୍ଦ୍ରକୁ ନୋଟିସ୍ ଜାରି କରି ଏନ୍‌ବିଏର ଆବେଦନ ଉପରେ ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ କହିଛନ୍ତି। ଏନ୍‌ବିଏ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମନୀନ୍ଦର ସିଂ ଆବେଦନରେ ଦର୍ଶାଇଥିଲେ ଯେ, ଗଣମାଧ୍ୟମର ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କଟକଣା ଜାରି କରିବା ଲାଗି ସରକାରୀ ଅଧିକାରୀମାନଙ୍କୁ ଏହି ନିୟମ 'ଅତ୍ୟଧିକ କ୍ଷମତା' ଦେଇଛି। ନୂଆ ଆଇଟି ନିୟମ ଅନୁସାରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଆତ୍ମନିୟାମକ ସଂସ୍ଥାର କାର୍ଯ୍ୟକୁ ଜଣେ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ଗଠିତ କମିଟି ଅନୁଧ୍ୟାନ କରିବ। ସେହିପରି ମିଡିଆ କମ୍ପାନୀ କିମ୍ବା ସେମାନଙ୍କ ସଂଗଠନଗୁଡ଼ିକୁ ଆତ୍ମନିୟାମକ ସଂସ୍ଥା ଗଠନ କରିବାକୁ ପଡ଼ିବ, ଯାହାର ଅଧ୍ୟକ୍ଷତା ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଥବା ଜଣେ ବିଶିଷ୍ଟ ବ୍ୟକ୍ତି କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜାନକ୍ଷତ୍ର ପୂର୍ବ ପରିକଳ୍ପିତ ନୂଆ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁଗହଣରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। କରଜଦାତାଙ୍କ ଚାପ ବୃଦ୍ଧି କାରଣରୁ ସମସ୍ୟା ଭିତରେ ଉବୁଟୁବୁ ହୋଇପାରନ୍ତି। ଆଲୋଚନା, ସଭାସମିତି, କଳା-ସାହିତ୍ୟରେ କିମ୍ବା ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ଆଜି ସପ୍ତମସ୍ଥ କେତୁ ପ୍ରଭାବରେ ଯାତ୍ରା ପ୍ରୀତିପ୍ରଦ ରହି ନ ପାରେ। ଦୀର୍ଘଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯାଇପାରେ। ଆଜିର ସନ୍ଧ୍ୟାରେ ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତା କାର୍ଯ୍ୟରେ ରୁଚି ବଳିବାର ସୂଚନା ରହିଛି। ସାମାଜିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ** ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ପ୍ରଶାସନଓ ପ୍ରକାଶନ କ୍ଷେତ୍ରରେ ବହୁତ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ଆରଦ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ। କୌଣସି ଅସଫଳତାର କାରଣକୁ ନେଇ ମନ ଭଲ ରହିବ ନାହିଁ।

**କର୍କଟ** ଅନ୍ୟମାନଙ୍କ କଥାରେ ପଡ଼ି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କିଛି ମୂଲ୍ୟବାନ ଜିନିଷ କିଣିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ପୁନର୍ବସୁ ନକ୍ଷତ୍ର ନିଜର ଲୋକମାନଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ଆଜି ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ସିଂହ** ଅନାବଶ୍ୟକ ଭାବେ ବହୁତ ଖର୍ଚ୍ଚ କରିବାକୁ ବାଧ ହୋଇ ମନ ଭଲ ରହିବ ନାହିଁ। ଆଜିର ଯାତ୍ରାରେ ଅଭିଳଷିତ ଫଳ ମିଳିବ, ମାତ୍ର ଆଗପଛ ବିଚାର କରି କାମରେ ହାତ ଦେବା ଠିକ୍ ହେବନି। ପାରିବାରିକ ସମସ୍ୟାର ସମାଧାନ ଘଟିବ,ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** ଯାହା ପାଇବା କଥା ତାହା ଠିକ୍ ସମୟରେ କିମ୍ବା ଆଶାନୁରୂପ ପାଇପାରିବେ ନାହିଁ। ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ବହୁତ ଚେଷ୍ଟା କରିବାକୁ ବାଧ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ବଢ଼ିପାରେ। ଚିତ୍ରା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ।

**ତୁଳା** କର୍ମକ୍ଷେତ୍ରରେ ବିଭିନ୍ନ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବିଶାଖା ନକ୍ଷତ୍ର ଖଳ ଲୋକଙ୍କ ଦ୍ୱାରା ସୃଷ୍ଟ ବିବାଦରେ ପଡ଼ିପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗ ପାଇଁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ନିଜର ବନ୍ଧୁ ବାନ୍ଧବ କିମ୍ବା ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ନ ହୋଇପାରିବା କାରଣରୁ ସେମାନେ ସମାଲୋଚନା କରିପାରନ୍ତି।

**ବିଛା** କେତେକ କ୍ଷେତ୍ରରେ ଧର୍ମ ସଙ୍କଟରେ ପଡି କ'ଣ କରିବେ ସ୍ଥିର କରିପାରିବେ ନାହିଁ। କୌଣସି ନୀଚ ଜାତିର ବ୍ୟକ୍ତି ପରୋକ୍ଷ ଭାବେ ସମାଲୋଚନା କରି ପାରନ୍ତି। ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ବରଂ ଆଜି ଭଲ ଲାଭ ହେବ। ଅନୁରାଧା ନକ୍ଷତ୍ର ଅନ୍ୟ ମାନଙ୍କ ସକାଶେ କିଛି କରି ପରୋକ୍ଷରେ ପ୍ରଶଂସିତ ହେବେ।

**ଧନୁ** ଆଜି ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ମୂଳା ନକ୍ଷତ୍ରର ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥା ବ୍ୟକ୍ତିତ୍ୟକୁ ଶୀର୍ଷକୁ ନେବାରେ ସାହାଯ୍ୟ କରିବ। ଧନିଷ୍ଠା ନକ୍ଷତ୍ରର ଅଫିସ କାମଗୁଡ଼ିକ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶା ରହିଛି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ । ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ମିଳିବ।

**କୁମ୍ଭ** କେତେକ କ୍ଷେତ୍ରରେ ପ୍ରାଧାନ୍ୟ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ଶତଭିଷା ନକ୍ଷତ୍ରର ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡି କିଣା, କରଜ ଦେବା କାମରେ ମନ ଦେଇପାରନ୍ତି। ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ଆଜି ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ କାରଣ ସେତେଟା ସମସ୍ୟା ରହିବନି। ପାରିବାରିକ ଜୀବନରେ ଉତ୍ତରଭାଦ୍ରବ ନକ୍ଷତ୍ରର ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ଶୁଭଙ୍କରି। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ସକାଳ ଘ.୦୬.୪୬ମି. ଗତେ ଆଷାଢ଼ ଶୁକ୍ଳ ପ୍ରତିପଦା ଶନିବାର, ଉଭା ଅମାବାସ୍ୟା, ଶ୍ରୀମନ୍ଦିରରେ ଉଭାଯାତ୍ରା, ଜୁଲାଇ ୧୦ ତାରିଖ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୨.୦୩ମି. ଗତେ ଘ.୦୩.୪୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୧୮ମି. ଗତେ ଘ.୦୬.୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୩୫ମି. ଗତେ ଘ.୧୦.୧୩ମି. ମଧ୍ୟେ ରାହୁକାଳ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁକୁର, ବ୍ରାହ୍ମଣ, ଘୋଡ଼ା;**
**କେବେ ନୁହନ୍ତି ଯୋଡ଼ା ।**

ପ୍ରକୃତରେ ଦେଖିବାକୁ ଗଲେ କୁକୁର, ବ୍ରାହ୍ମଣ ଓ ଘୋଡ଼ା ଏଇ ଜାତିର ଜୀବ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସଙ୍ଗେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇହେବାକୁ ଯାଇ ପ୍ରତ୍ୟେକ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଶୀତଳଭଣ୍ଡାର ବିକିବାକୁ ...

କରିବାକୁ ଗରାଖ ପାଉନାହାନ୍ତି। ଶେଷରେ ବାଧ ହୋଇ ସେମାନଙ୍କ ଶୀତଳଭଣ୍ଡାର ବୋଝ ସରକାର ନିଅନ୍ତୁ ବୋଲି ଏହାର ମାଲିକମାନେ କହିଲେଣି। ରାଜ୍ୟରେ ଥିବା ୧୪୦ଟି ଶୀତଳଭଣ୍ଡାର ମଧ୍ୟରୁ ମାତ୍ର ୪୦ଟି କାର୍ଯ୍ୟକ୍ଷମ ରହିଛି। ଋଣ ଛାଡ଼ କରିବା ସହ ପରିବହନ ଓ ବିଦ୍ୟୁତ୍ ବିଲ୍ ଉପରେ ରିହାତି ଏବଂ ଷ୍ଟୋରେଜ ସବ୍‌ସିଡି ଦେବାକୁ ଉଦ୍ୟୋଗୀମାନେ ଦାବି କରିଛନ୍ତି। ପ୍ରତ୍ୟେକ ଶୀତଳଭଣ୍ଡାରରେ ୫ ହଜାର ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ରଖିବା ଭଳି କ୍ଷମତା ରହିଛି। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୩୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ଏହାଛଡ଼ା ୧୦ ହଜାର ଚାଷୀ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଏଠାରେ ସାଇତି ରଖିପାରିବେ। ସମଗ୍ର ରାଜ୍ୟରେ ପ୍ରାୟ ୪ ଲକ୍ଷ କୃଷକ ପରିବାର ଏଥିରେ ଉପକୃତ ହେଉଛନ୍ତି। ରାଜ୍ୟ ସରକାର ଶୀତଳଭଣ୍ଡାର କରିଥିବା ଉଦ୍ୟୋଗୀଙ୍କୁ ସହାୟତା ନ କଲେ ଶୀତଳଭଣ୍ଡାର ସହ ବ୍ୟାଙ୍କରେ ବନ୍ଧା ପଡ଼ିଥିବା ଘରଦ୍ୱାର ମଧ୍ୟ ନିଲାମ ହୋଇଯିବ ବୋଲି ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଏବେ ଶୀତଳଭଣ୍ଡାରଗୁଡ଼ିକ ପାଇଁ ଥିବା ଗାଇଡ୍‌ଲାଇନକୁ ସଂଶୋଧନ କରିବାକୁ ଯାଉଛନ୍ତି। ବିଦ୍ୟୁତ୍ ବିଲ୍ ଛାଡ଼ କରିବା ସହିତ ସ୍ଥାନୀୟ ମାର୍କେଟରୁ ୫୦% ଦ୍ରବ୍ୟ ରଖିବାକୁ ଥିବା ସର୍ତ୍ତକୁ କୋହଳ କରିବା ଲାଗି ନିଷ୍ପତ୍ତି ହୋଇଛି। ଏ ନେଇ ସରକାରଙ୍କ ସ୍ୱୀକୃତି ମିଳିବା ପରେ ଗାଇଡ୍‌ଲାଇନକୁ ସଂଶୋଧନ କରାଯିବ। ଫଳରେ ଶୀତଳଭଣ୍ଡାରଗୁଡ଼ିକ ସରକାରଙ୍କ ସୁବିଧା ପାଇପାରିବେ ବୋଲି କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା କହିଛନ୍ତି।

## ପ୍ରିଭେସି ପଲିସି...

ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଜୁନ୍ ୨୩ରେ ଉକ୍ତ ନିର୍ଦ୍ଦେଶ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେବା ପରେ ଫେସ୍‌ବୁକ୍ ଓ ଏହାର ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ଜ୍ୟୋତି ସିଂଙ୍କ ଖଣ୍ଡପୀଠରେ ଶୁକ୍ରବାର ଉକ୍ତ ଆବେଦନର ଶୁଣାଣି ହୋଇଛି। ହ୍ୱାଟ୍ସଆପ୍ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ହରିଶ୍ ସାଲ୍‌ଭେ କମ୍ପାନୀର ପକ୍ଷ ରଖି ସ୍ପଷ୍ଟ କରିଛନ୍ତି ଯେ, ଉକ୍ତ ନୀତି ଉପରେ ଆମେ ସ୍ୱେଚ୍ଛାକୃତ ଭାବେ ରୋକ ଲଗାଇଛୁ। ଏହାକୁ ଗ୍ରହଣ କରିବା ପାଇଁ ଲୋକଙ୍କୁ ବାଧ କରିପାରିବୁ ନାହିଁ। ନୂଆ ପ୍ରିଭେସି ପଲିସି ଆପଣାଉ ନ ଥିବା ବ୍ୟବହାରକାରୀଙ୍କ କାର୍ଯ୍ୟକାରିତାକୁ ସୀମିତ କରାଯିବ ନାହିଁ। ଅର୍ଥାତ ୟୁଜର୍ସ ଯେଉଁ ସୁବିଧା ପାଉଥିଲେ ତାହା ଜାରି ରହିବ। ସାଲ୍‌ଭେଙ୍କ ଯୁକ୍ତିକୁ ନେଇ ଖଣ୍ଡପୀଠ କହିଥିଲେ, ପ୍ରିଭେସି ପଲିସିର କାର୍ଯ୍ୟକାରିତା ଉପରେ ରୋକ ଲଗାଇଲେ ବି ଏହା ଜାରି ରହିବ। ହ୍ୱାଟ୍ସଆପ୍ ଏହାକୁ କାର୍ଯ୍ୟକାରୀ କରୁନାହିଁ, କିନ୍ତୁ ପଲିସି ଏହା ସହିତ ରହିବ। ଏହା କୌଣସି ଦିନ ଆସିପାରେ। ସାଲଭେ ଦୋହରାଇଥିଲେ, ଡାଟା ପ୍ରୋଟେକ୍ସନ ବିଲ୍ ନ ଆସିବା ଯାଏ କମ୍ପାନୀର ଆଭିମୁଖ୍ୟ ବଜାୟ ରହିବ। ପାର୍ଲାମେଣ୍ଟରେ ଏସମ୍ପର୍କିତ ଆଇନ ନ ଆସିବା ପର୍ଯ୍ୟନ୍ତ କିଛି କରାଯାଇପାରିବ ନାହିଁ। ସଂସଦ ଅନୁମତି ଦେଲେ ଏହାକୁ କାର୍ଯ୍ୟକାରୀ କରାଯିବ। ଅନୁମତି ନ ଦେଲେ ଦୁର୍ଭାଗ୍ୟ। ସାଲଭେ ଆହୁରି ଯୁକ୍ତି ବାଢ଼ିଥିଲେ ଯେ, ତଦନ୍ତ ଆରମ୍ଭ ହେବା ପରଠାରୁ ପ୍ରିଭେସି ପଲିସି ସାମୟିକ ଭାବେ ସ୍ଥଗିତ ରହିଛି। ହାଇକୋର୍ଟ କହିଥିଲେ, ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସି ୟୁରୋପ ପାଇଁ ଅଲଗା ଓ ଭାରତ ଲାଗି ଭିନ୍ନ ଥିବା ଅଭିଯୋଗ ହେଉଛି। ଏହି ପ୍ରଶ୍ନ ହ୍ୱାଟ୍ସଆପ୍‌କୁ କରାଯାଉଛି। କିନ୍ତୁ କମ୍ପାନୀ କେଉଁଠି ହେଲେ ଏହାର ଉତ୍ତର ରଖିଛି କି? ଏହି ପିଟିଶନରେ ମଧ୍ୟ କେଉଁଠି ଏନେଇ ଉଲ୍ଲେଖ କରାଯାଇ ନାହିଁ। ୟୁରୋପ ଓ ଭାରତ ପାଇଁ ଉଦ୍ଦିଷ୍ଟ ପ୍ରିଭେସି ପଲିସିରେ ଭିନ୍ନତା ନ ଥିବା ବିଷୟ ହ୍ୱାଟ୍ସଆପ୍ କେଉଁଠି ଦର୍ଶାଇଛି? ସାଲ୍‌ଭେ କହିଥିଲେ, ଏହାର ଏକ ଜେନେରିକ୍ ଉତ୍ତର ରହିଛି। ପ୍ରଥମେ ପାର୍ଲାମେଣ୍ଟକୁ ପର୍ସନାଲ ପ୍ରୋଟେକ୍ସନ ବିଲ୍ ଆଣିବାକୁ ଦିଆଯାଉ। ଏଥିରେ ହ୍ୱାଟ୍ସଆପ୍‌କୁ ନିଜ ନୀତି ସହ କାମ କରିବାକୁ ଅନୁମତି ମିଳିଲେ ଭଲ। ନ ମିଳିଲେ ହ୍ୱାଟ୍ସଆପ୍ ଭାରତରେ ଦୋକାନ ବନ୍ଦ କରିଦେବ। ସେ କହିଥିଲେ, ଜୁନ୍ ୪ରେ ହ୍ୱାଟ୍ସଆପ୍ ସିସିଆଇଙ୍କଠାରୁ ଏକ ପତ୍ର ପାଇଥିଲା। ସେଥିରେ ପ୍ରିଭେସି ପଲିସି ନେଇ ପ୍ରତ୍ୟକ୍ଷ ସୂଚନା ମଗାଯାଇଥିଲା, ଯାହା ଉପରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାର କରୁଛନ୍ତି। ସିସିଆଇଙ୍କ ତଦନ୍ତ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବା ପାଇଁ ହ୍ୱାଟ୍ସଆପ୍‌କୁ ଜୁଲାଇ ଶେଷ ପର୍ଯ୍ୟନ୍ତ ସମୟ ଦିଆଯାଉ ବୋଲି ସାଲ୍‌ଭେ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଫେସ୍‌ବୁକ୍ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ପ୍ରିଭେସି ପଲିସିକୁ ନେଇ ସିସିଆଇ ତଦନ୍ତ ଆରମ୍ଭ କରିଛନ୍ତି, ଯେତେବେଳେ କି ଏହା ଉପରେ ଦୁଇଟି ହାଇକୋର୍ଟରେ ଚ୍ୟାଲେଞ୍ଜ ପିଟିଶନ ବିଚାରାଧୀନ ରହିଛି। ସିସିଆଇ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଅମନ ଲେଖି କହିଥିଲେ, ପ୍ରିଭେସି ପଲିସି ଜାରି ରହିଥିବା ପର୍ଯ୍ୟନ୍ତ ଏହାର ନିହିତାର୍ଥ ବଳବତ୍ତର ରହିବ। ସିସିଆଇଙ୍କ ନିକଟରେ ଉକ୍ତ ପ୍ରସଙ୍ଗ କେବଳ ତଦନ୍ତ ସ୍ତରରେ ରହିଛି। ପ୍ରକାଶ ଯେ, ପର୍ସନାଲ ଡାଟା ପ୍ରୋଟେକ୍ସନ ବିଲ୍(ବ୍ୟକ୍ତିଗତତଥ୍ୟ ସୁରକ୍ଷା ବିଧେୟକ)ରେ ବ୍ୟକ୍ତିଙ୍କ ଡାଟାକୁ ସରକାର ଓ ଘରୋଇ କମ୍ପାନୀଗୁଡ଼ିକର ବ୍ୟବହାର ଉପରେ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି। ଉକ୍ତ ବିଲକୁ ଯାଞ୍ଚ କରୁଥିବା ଯୁଗ୍ମ ସଂସଦୀୟ କମିଟିକୁ ମୌସୁମୀ ଅଧିବେଶନ ଆରମ୍ଭ ହେବା ପର୍ଯ୍ୟନ୍ତ ରିପୋର୍ଟ ଦାଖଲ ପାଇଁ ସମୟ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

## ଫାଇଜର ଆଣିବ ...

କମ୍ପାନୀ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି। କମ୍ପାନୀ ଏହି ଡୋଜ୍ ପାଇଁ ଆମେରିକାର ଫୁଡ୍ ଆଣ୍ଡ ଡ୍ରାଗ୍ ଅଥରିଟିଠାରୁ ମଞ୍ଜୁରୀ ପାଇଁ ଅଗଷ୍ଟରେ ଆବେଦନ କରିବ ବୋଲି ଫାଇଜର କହିଛି।

## ଗର୍ଭବତୀଙ୍କ ପାଇଁ ଟିକା ସୁରକ୍ଷିତ

**ନୂଆଦିଲ୍ଲୀ, ୯।୭:** କୋଭିଡ୍-୧୯ ଭାକ୍ସିନ ଭୂତାଣୁ ସଂକ୍ରମଣରୁ ସୁରକ୍ଷା ଦେଉଥିବାରୁ ଗର୍ଭବତୀ ମହିଳାମାନେ ଟିକା ନେବା ଆବଶ୍ୟକ ବୋଲି ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଶୁକ୍ରବାର କହିଛନ୍ତି। ଗର୍ଭବତୀ ମହିଳାଙ୍କ ପାଇଁ ଟିକା ନିରାପଦ ଓ ପ୍ରଭାବୀ ବୋଲି ମିଳିଥିବା ତଥ୍ୟରୁ ଜଣାପଡ଼ିଛି ବୋଲି ସେ କହିଛନ୍ତି। ଗର୍ଭବତୀଙ୍କୁ ଟିକାଦାନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଗର୍ଭାବସ୍ଥାରେ ଜଣେ ମହିଳା ଯଦି କୋଭିଡ୍-୧୯ ସଂସ୍ପର୍ଶରେ ଆସନ୍ତି ତେବେ ସମୟ ପୂର୍ବରୁ ପିଲା ଜନ୍ମ ବଢ଼ିବା ସମ୍ଭାବନା ରହିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ପ୍ରତିଷେଧକ ସମ୍ପର୍କିତ ଜାତୀୟ ବୈଷୟିକ ଉପଦେଷ୍ଟା ଗୋଷ୍ଠୀ (ଏନ୍‌ଟିଏଜିଆଇ)ର ସୁପାରିସ୍‌କୁ ଗ୍ରହଣ କରି କୋଭିଡ୍-୧୯ ଟିକାକରଣରେ ଗର୍ଭବତୀ ମହିଳାମାନଙ୍କୁ ସାମିଲ କରିବା ପାଇଁ ଗତ ୨ ତାରିଖରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କରିଥିଲା।

## ୩୧ ସୁଦ୍ଧା ଯୁକ୍ତ୨ ...

ଏପରିକି ମୂଲ୍ୟାୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଛାତ୍ରୀଛାତ୍ର, ଅଭିଭାବକ ସମସ୍ତେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। କିନ୍ତୁ ବୋର୍ଡ ପକ୍ଷରୁ ଏହାକୁ ଖଣ୍ଡନ କରାଯିବା ସହ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ ପରୀକ୍ଷାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଗତ ୫ ତାରିଖରୁ ଫର୍ମ ପୂରଣ ଚାଲିଛି। ଏହା ଆସନ୍ତା ୧୪ ତାରିଖରେ ଶେଷ ହେବ। ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ଯାଏ ପରୀକ୍ଷା ହେବ। ସେହିଭଳି ଯୁକ୍ତ୨ ପରୀକ୍ଷାଫଳକୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ ରହିଲେ ଅଫ୍‌ଲାଇନ୍ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯିବ।

## ୬ ଜିଲାରେ ନୂଆ ...

ଅଫିସର ପି.ଏସ୍. ପରଷୋତ୍ତମ ଦାସଙ୍କୁ ନବରଙ୍ଗପୁର ଏସ୍‌ପି ଓ ନୂଆପଡା ଏସ୍‌ପି ଥିବା ୨୦୧୫ ବ୍ୟାଚ୍‌ର ରାହୁଲ ଜୈନଙ୍କୁ ବଦଳି କରାଯାଇ ବରଗଡ଼ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ପୋଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟରତ ୨୦୧୫ ବ୍ୟାଚ୍‌ର ପ୍ରତ୍ୟୁଷ ଦିବାକରଙ୍କୁ ନୂଆପଡା ଏସ୍‌ପି, ମାଲକାନଗିରି ଏସ୍‌ପି ଥିବା ୨୦୧୬ ବ୍ୟାଚ୍‌ର କେ.ଆର୍.ଦ୍ୟାନଦେଓଙ୍କୁ ମୟୂରଭଞ୍ଜ ଏସ୍‌ପି ଓ ନବରଙ୍ଗପୁର ଏସ୍‌ପି ଥିବା ୨୦୧୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ପି.ଏସ୍. ମୀନାଙ୍କୁ ମାଲକାନଗିରି ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି।


**classifieds Everyday 0674-2580101, 2549302**




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

Stithiban gharabari private land, Bank Colony, Keshura, Bhubaneswar. 9437283845, 8249310165. D-70717

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21043




One Bed room, Drawing room, Dining hall, Kitchen, Toilet at Canal road, Bomikhal. Rent-8000.00. Contact: 8599010471. D-21044

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ମୃତ



**ବନ୍ତଲା,୯।୭(ଡି.ଏନ.ଏ.):** ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ତଳଗଡ଼ ମାଟିଆସାହି ନିକଟରୁ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଜନ୍ତୁ ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ହାତୀଟିର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ୍ତଲା ରେଞ୍ଜ ଅଧିକାରୀଙ୍କ ସୂଚନା ଅନୁଯାୟୀ, ତଳଗଡ଼ ଗ୍ରାମର ଯୋଗୀନାଥ ପଧାନ (୫୮) ବିଦ୍ୟୁତ୍ ଫାଶ ବସାଇ ଜନ୍ତୁ ଶିକାର କରନ୍ତି। ଗୁରୁବାର ରାତିରେ ସେ ଘରୁ ବିଦ୍ୟୁତ୍ ସଂଯୋଗ ଆଣି ଜଙ୍ଗଲରେ ଜିଆଇ ତାର ବିଛାଇଥିଲେ। ହେଲେ ଉକ୍ତ ତାର ସଂସ୍ପର୍ଶରେ ଆସିଯିବାରୁ ଦନ୍ତା ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ବନ୍ତଲା ପ୍ରାଣୀ ଚିକିତ୍ସକ, ଅନୁଗୋଳ ଡିଏଫ୍‌ଓ ପ୍ରସନ୍ନ ବେହେରା, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟେ ପହଞ୍ଚିବା ପରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇ ପୋତିଦିଆଯାଇଛି। ଦୁଇଟି ଦାନ୍ତକୁ ବନ ବିଭାଗ ଉଦ୍ଧାର କରିଛି। ଘଟଣାରେ ସମ୍ପୃକ୍ତ ଯୋଗୀନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି।

### ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା
### ତଦନ୍ତ ପରେ ଜଣାପଡ଼ିବ ସତ୍ୟାସତ୍ୟ-ସିଡିଏମ୍‌ଓ

**କେନ୍ଦୁଝର,୯।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ତଳକଇଁସାରି ପଞ୍ଚାୟତ ଉପର କାଇଁସାରୀ ଗ୍ରାମରେ ଜଣେ ୩୪ବର୍ଷୀୟ ଆଦିବାସୀ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ବିକାଶ ଦେହୁରୀ। ସେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହା ଠିକ୍ ଭାବେ ଜଣାପଡ଼ିନାହିଁ। ତେବେ ତାଙ୍କ ଦେହରେ ବହୁ ସଂଖ୍ୟାରେ ଚେଙ୍କ ଚିହ୍ନଥିବା ଦେଖିବାକୁ ମିଳିଥିଲା। ମୃତ ବିକାଶଙ୍କ ଦୁଇ ସନ୍ତାନ ଓ ସ୍ତ୍ରୀ ଅଛନ୍ତି। ଯକ୍ଷ୍ମା ରୋଗର ମାଗଣା ଚିକିତ୍ସା ବ୍ୟବସ୍ଥା ଥିବା ବେଳେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କିଭଳି ଚେଙ୍କ ଦେଇ ଚିକିତ୍ସା କରାଯାଉଛି ତାହା ସାଧାରଣରେ ଚର୍ଚ୍ଚା ବିଷୟ ହୋଇଛି। ଏନେଇ କେନ୍ଦୁଝର ସିଡିଏମ୍‌ଓ ଅଶୋକ ଦାସ କହିଛନ୍ତି ତଦନ୍ତ ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ। ଶନିବାର ଏନେଇ ଏକ ଟିମ ପଠାଯାଇ ଅନୁଧାନ କରାଯିବ ବୋଲି ସେ କହିଛନ୍ତି।

### କରୋନା ଲାଗି ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ଗବେଷଣା

**ଭୁବନେଶ୍ୱର, ୯।୭(ବ୍ୟୁରୋ):** କୋଭିଡ୍ ସମୟରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ତଥା ଅନ୍ୟ ଦେଶଗୁଡିକରେ ବିକଶିତ ହୋଇଥିବା ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ୨ ଦିନିଆ ଅନ୍ତର୍ଜାତୀୟ ୱେବିନାର୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସହଯୋଗ ଏବଂ ୟୁନିସେଫ୍ ଓଡ଼ିଶାର ସହଭାଗିତାରେ ଅନୁଷ୍ଠିତ ଏହି ୱେବିନାର୍‌ର ୨ୟ ଦିବସରେ ୨ଟି ବୈଷୟିକ ଅଧିବେଶନରେ ୫ଟି ଗବେଷଣାମୂଳକ ଉପସ୍ଥାପନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କା ଏବଂ ଆସାମ, କେରଳ ଓ ବିହାରରେ ପ୍ରଚଳିତ ହୋଇଥିବା ବିକଳ୍ପ ଶିକ୍ଷା ପଦ୍ଧତି ଏବଂ ପ୍ରଣାଳୀଗୁଡ଼ିକ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଉଭୟ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସଭାପତିତ୍ୱ କରିଛନ୍ତି। ଶ୍ରୀଲଙ୍କା ଓ ଅନ୍ୟ ଭାରତୀୟ ରାଜ୍ୟଗୁଡିକରେ ଗ୍ରହଣ କରାଯାଇଥିବା ପଦକ୍ଷେପରୁ ଯାହା ଶିକ୍ଷା ମିଳିଛି, ତାକୁ ଆଗାମୀ ଦିନରେ ଓଡ଼ିଶାରେ କିପରି ଆଦୃତ କରାଯାଇପାରିବ ସେନେଇ ମତବ୍ୟକ୍ତ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପଦେଷ୍ଟା, ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଅଖିଳ ବିହାରୀ ଓତା ଓ ୟୁନିସେଫ ଓଡ଼ିଶାର ଶିକ୍ଷା ବିଭାଗ ମୁଖ୍ୟ ଲଳିତା ପଟ୍ଟନାୟକ ଏହି ୱେବିନାର କୋଭିଡ୍ ସମୟରେ ଏକ ସୁଚିନ୍ତିତ ଉଚିତ ପଦକ୍ଷେପ ବୋଲି ମତ ପ୍ରକାଶ କରିଛନ୍ତି। ଶ୍ୱେତା ମିଶ୍ର ଦ୍ୱିତୀୟ ଦିନର ଅଧିବେଶନଗୁଡ଼ିକୁ ପରିଚାଳନା କରିବା ସହିତ ସମସ୍ତ ଅଂଶଗ୍ରହଣକାରୀ ବ୍ୟକ୍ତି ଓ ଅନୁଷ୍ଠାନକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# କେନ୍ଦୁଝରରେ ହେବ ନର୍ସିଂ କଲେଜ

**ଭୁବନେଶ୍ୱର,(ବ୍ୟୁରୋ)/ କେନ୍ଦୁଝର,୯।୭(ସ୍ୱ.ପ୍ର./ଡି.ଏନ.ଏ.)**

- **କେନ୍ଦୁଝରରେ ଇସ୍ପାତ କାରଖାନା ନିଷ୍ପତ୍ତିକୁ ଜିଲାବାସୀଙ୍କ ସ୍ୱାଗତ**
- **ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ କୃତଜ୍ଞତା**
- **ସମସ୍ତଙ୍କ ସହଯୋଗ ରହିଲେ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହୋଇପାରିବ : ମୁଖ୍ୟମନ୍ତ୍ରୀ**

କେନ୍ଦୁଝରରେ ଖୁବ୍‌ଶୀଘ୍ର ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଥିସହିତ ଏଠାରେ ଏକ ନୂଆ ନର୍ସିଂ କଲେଜ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏଥିସହ ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ କେନ୍ଦୁଝରରେ ୭୯୨୦ କୋଟି ଟଙ୍କା ବ୍ୟୟରେ ୩ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ ପ୍ରକଳ୍ପ ସ୍ଥାପନ ହେବ। ଚମ୍ପୁଆର କରାଖେନ୍ଦ୍ରାଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତ୍ତି ପାଇଁ କୃତଜ୍ଞତା ଜଣାଇବା ସକାଶେ ଜିଲାର ନାଗରିକମାନଙ୍କ ପକ୍ଷରୁ ଏକ ଧନ୍ୟବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କେନ୍ଦୁଝରରେ ଖଣି ସମୃଦ୍ଧ ଏକ ଇସ୍ପାତ କାରଖାନା ତାଙ୍କର ବହୁଦିନର ଇଚ୍ଛା ଥିଲା। ଜିଲାରେ ଇସ୍ପାତ ପ୍ରକଳ୍ପ ପାଇଁ ବିଧାୟକମାନଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସବୁ ବର୍ଗର ଲୋକମାନେ ତାଙ୍କୁ ଅନୁରୋଧ ଜଣାଇଥିଲେ। ଜିଲାରେ ଇସ୍ପାତ ପ୍ରକଳ୍ପ ସାକାର ରୂପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିବା ସହିତ ତାହା ଯେପରି ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

କେନ୍ଦୁଝରର ବିକାଶ ପାଇଁ ବିଜୁବାବୁ ସବୁବେଳେ ତତ୍ପର ଥିଲେ। କେନ୍ଦୁଝରରେ ଆରମ୍ଭ ହୋଇଥିବା ମେଗା ପାଇପ ଜଳ ଯୋଗାଣ ଦ୍ୱାରା ସାରା ଜିଲାର ପ୍ରତି ଘରେ ଘରେ ଭଲ ପିଇବା ପାଣି ପହଞ୍ଚି ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଜିଲାର ରାସ୍ତାଘାଟ ଉନ୍ନତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ତେଣୁ ସବୁ ସରକାରୀ ପ୍ରକଳ୍ପ ଯେପରି ଠିକ୍ ସମୟରେ ଶେଷ ହୋଇପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଭାଗୀରଥି ସେଠୀ, ଜଗନ୍ନାଥ ନାୟକ, ମୀନାକ୍ଷୀ ମହାନ୍ତ, ପୂର୍ବତନ ବିଧାୟକ ସନାତନ ମହାକୁଡ ଓ ଜିତୁ ପଟ୍ଟନାୟକଙ୍କ ସମେତ ପଦ୍ମଶ୍ରୀ ଦୈତାରି ନାୟକ, କେନ୍ଦୁଝର ନାଗରିକ ଫୋରମ୍, ବରିଷ୍ଠ ନାଗରିକ ମଞ୍ଚ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଇସ୍ପାତ କାରଖାନା ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି।



# ଭିତରକନିକାରେ ୮୧ କୁମ୍ଭୀର ବସା ଚିହ୍ନଟ

**ରାଜନଗର, ୯।୭(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ୮୧ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଗତ ବର୍ଷ ୧୦୩ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୮୧କୁ ଖସି ଆସିଛି। ବାତ୍ୟା ୟାସ ପ୍ରଭାବରେ କିଛି କୁମ୍ଭୀର ବସା ନଷ୍ଟ ହୋଇଥିଲା। ଚଳିତବର୍ଷ କନିକା ରେଞ୍ଜରେ ୬୭ଟି, ରାଜନଗର ରେଞ୍ଜରେ ୧୦ଟି, ମହାକାଳପଡା ରେଞ୍ଜରେ ୨ଟି, ଗହୀରମଥା ରେଞ୍ଜରେ ୨ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। କନିକା ରେଞ୍ଜର ଡାଙ୍ଗମାଳ, ରଗଡାପାଟିଆ ଓ ମହିଁଷାମଡା ଫରେଷ୍ଟ ବ୍ଲକରେ ଅଧିକ ସଂଖ୍ୟାରେ କୁମ୍ଭୀର ବସା ଚିହ୍ନଟ ହୋଇଛି। ୨୦୧୮ରେ ୧୦୧ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ୨୦୧୯ରେ ୧୦୩ଟି ଓ ୨୦୨୦ରେ ୧୦୩ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ଚଳିତ ବର୍ଷ ମେରେ ଭିତରକନିକା ଜଙ୍ଗଲ ଜୁଆର ପାଣିରେ ବୁଡି ରହିଥିଲା। ସେଥିପାଇଁ ଚଳିତ ବର୍ଷ କୁମ୍ଭୀର ବସା ସଂଖ୍ୟା କମିବା ସହିତ ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି।

# ଜବାବ ଦାଖଲ ଲାଗି ଭଦ୍ରକ, ଯାଜପୁର ଜିଲା ପ୍ରଶାସନର କ୍ଷେତ୍ର ଅନୁଧାନ



ଅଧିକାରୀମାନେ ଅନୁଧାନ କରୁଛନ୍ତି।

### ବୈତରଣୀ ମାମଲା ନେଇ ଏନ୍‌ଜିଟି ନୋଟିସ

**ଭଣ୍ଡାରିପୋଖରୀ, ୯।୭ (ଡି.ଏନ.ଏ.)**

ବୈତରଣୀ ନଦୀଶଯ୍ୟାରେ ନିର୍ମାଣ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରେ ଆଗତ ମାମଲାରେ ନୋଟିସ୍‌ର ଜବାବ ଦାଖଲ ପାଇଁ ଶୁକ୍ରବାର ଭଦ୍ରକ ଓ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ଅନୁଧାନ କରାଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଯାଜପୁର ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ପାଣିକୋଇଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ଯାଜପୁର ମଙ୍ଗଳ ଅଧିକାରୀ ସୁଦର୍ଶନ ପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଭଦ୍ରକ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅରୁଣ ମହାପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଭଣ୍ଡାରିପୋଖରୀ ତହସିଲଦାର କ୍ଷୀରୋଦ ପଣ୍ଡା ପ୍ରମୁଖ ଜଗନ୍ନାଥପ୍ରସାଦ ବାଲିପୋଖରୀ ଏସ୍କେପ୍ ଅଞ୍ଚଳ ଅନୁଧାନ କରିଛନ୍ତି।

ପ୍ରକାଶ ଯେ, ଯାଜପୁର ଓ ଭଦ୍ରକ ଜିଲାର ଭୌଗୋଳିକ ସୀମା ନିର୍ଦ୍ଧାରଣ କରୁଥିବା ବୈତରଣୀ ଆଖୁଆପଦା ଆନିକଟଠାରୁ ଅନତି ଦୂରରେ ଯାଜପୁର ପାର୍ଶ୍ୱ ନଦୀଶଯ୍ୟାରେ ରହିଛି ଶାଖା ନଦୀ 'କୁସି'। କୁସି ନଦୀ ମୁହାଣ ଶଙ୍ଖାରିମୁହିଁକୁ କଂକ୍ରିଟ ବନ୍ଧ ଦ୍ୱାରା ଅବରୋଧ କରାଯିବା ସହ ଶେଷ ସୀମା ବାରୁଣୀ ଘାଟ ପର୍ଯ୍ୟନ୍ତ କଂକ୍ରିଟ କାନ୍ଥ ଦ୍ୱାରା ସୁରକ୍ଷା ଦିଆଯାଇଛି। ସେହିପରି ବୈତରଣୀ ଡାହାଣ ଓ ବାମପାର୍ଶ୍ୱ ନଦୀଶଯ୍ୟାରେ ଥିବା ପଣସା ଓ ଅନ୍ୟ ବସ୍ତିକୁ ସୁଦୃଢ଼ ଘେରିବନ୍ଧ ଦ୍ୱାରା ସୁରକ୍ଷା ଦିଆଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ଜଳ ସମ୍ପଦ ବିଭାଗ ବଦଳରେ ପୂର୍ତ୍ତ ବିଭାଗକୁ ନିୟୋଜିତ କରାଯାଇଥିବା ବେଳେ ପରିବେଶ ମଞ୍ଜୁର ନିଆଯାଇ ନାହିଁ। ଶଙ୍ଖାରିମୁହିଁ ଅପରପାର୍ଶ୍ୱରେ ରହିଛି ବାଲିପୋଖରୀ ଏସ୍କେପ୍। ଡାହାଣପାର୍ଶ୍ୱରେ ବନ୍ୟା ଜଳକୁ ସଙ୍କୁଚିତ କରାଯାଇ ବାମପାର୍ଶ୍ୱ ବାଲିପୋଖରୀ ଏସ୍କେପ ମଧ୍ୟ ଦେଇ ନଦୀର ସବୁ ବନ୍ୟାଜଳ ପ୍ରବାହ ପାଇଁ ଷଡ଼ଯନ୍ତ୍ର କରାଯାଇଛି। ଏ ସମ୍ପର୍କରେ ଏନ୍‌ଜିଟିରେ କୋଲକାତା ବେଞ୍ଚରେ ଆବେଦନକାରୀ ଆଞ୍ଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ଆବାହକ ଡ. ସୁଧୀର ଜେନାଙ୍କ ଉପସ୍ଥିତିରେ ମାମଲା କରାଯାଇଥିଲା। ଗତ ଜୁନ ୧୦ରେ ଏହି ମାମଲାର ଶୁଣାଣି କରାଯାଇ ଭଦ୍ରକ, ଯାଜପୁର ଜିଲାପାଳ, ରାଜ୍ୟ ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରାଯାଇଥିଲା। ଆସନ୍ତା ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଉଭୟ ଜିଲା ପ୍ରଶାସନ ମିଳିତ ଅନୁଧାନ କରିବା ସମୟରେ ଆବେଦନକାରୀଙ୍କ ପକ୍ଷରୁ ୧୯ ଦଫା ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି।

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ

**ପୁରୀ ଅଫିସ, ୯।୭**

- **ନୀତିକାନ୍ତି ବିଳମ୍ବ**
- **ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ**
- **ବଡ଼ଦାଣ୍ଡରେ ମୁଣ୍ଡିଆ ମାରିଲେ**

୧୫ ଦିନିଆ ଅଣସର ସରିବା ପରେ ଶୁକ୍ରବାର ମହାପ୍ରଭୁ ନବଯୌବନ ଦର୍ଶନ ଦେଇଛନ୍ତି। ଖଡ଼ିଲାଗି ଓ ବନକଲାଗି ନୀତି ପରେ ନୂଆ ରୂପରେ ଚମକିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ତେବେ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନରୁ ବଞ୍ଚିତ ହୋଇଥିବାବେଳେ ବଡ଼ଦାଣ୍ଡରେ ମୁଣ୍ଡିଆ ମାରି କୃତାର୍ଥ ଲଭିଛନ୍ତି।

ଗୁରୁବାର ରାତ୍ରରୁ ବନକଲାଗି ନୀତି ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ପରେ ନବଯୌବନ ଦର୍ଶନ ହୋଇଛି। ତେବେ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୪ଘଣ୍ଟା ବିଳମ୍ବରେ ନୀତିକାନ୍ତି ସରିଥିଲା। ଚଳିତବର୍ଷ ୩ଦିନ ଧରି ନବଯୌବନ ଦର୍ଶନ ଚାଲିବ। ଦୀର୍ଘ ୨୦ବର୍ଷ ପରେ ଏଭଳି ଦୁର୍ଲ୍ଲଭ ସଂଯୋଗ ସତ୍ତ୍ୱେ କୋଭିଡ୍ କଟକଣା ଯୋଗୁ ଏହି ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ ହେବାକୁ ପଡ଼ିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ନବଯୌବନ ନୀତିକାନ୍ତି ବିଳମ୍ବ ହୋଇଥିଲା ସତ, ମାତ୍ର ପରେ ସବୁ ଠିକ୍‌ଠାକ୍ ଚାଲିଥିଲା। ତେବେ ରଥଯାତ୍ରାରେ ପହଣ୍ଡି ଓ ରଥଟଣା ସମେତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସରିବା ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ଆଶାବାଦୀ। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ସମ୍ମୁଖ ବ୍ୟାରିକେଡ୍ ବାହାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ପତିତପାବନଙ୍କ ଦର୍ଶନ କରି ଫେରିଛନ୍ତି। ସହଧର୍ମିଣୀଙ୍କ ସହ ଭୁବନେଶ୍ୱରରୁ ଆସିଥିବା ସୁରେନ୍ଦ୍ର ମହାପାତ୍ର କହିଛନ୍ତି, ଦୀର୍ଘଦିନ ଧରି ନବଯୌବନ ଦର୍ଶନର ଆକାଂକ୍ଷା ମନ ଭିତରେ ରହିଥିଲା। ତାହା ଆଜି କେତେକାଂଶରେ ପୂରଣ ହୋଇଛି। କଟକଣା ଯୋଗୁ ଶ୍ରୀମନ୍ଦିରକୁ ଯିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ବଡ଼ଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିବା ଭଳି ମନେ କରୁଛି।

### ନୂଆ ଜାତୀୟ ଶିକ୍ଷାନୀତିର ଅଗ୍ରଗତି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟର ୩ ରାଷ୍ଟ୍ରମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସ୍ୱୟଂଶାସିତ ସଂସ୍ଥା ସହିତ ଆଲୋଚନା କରିଛନ୍ତି। ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନ୍‌ଇପି) କାର୍ଯ୍ୟକାରିତାର ଅଗ୍ରଗତି ନେଇ ସେ ସମୀକ୍ଷା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ୩୦ କୋଟି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଆଲୋକପାତ କରାଯାଇଛି। ନୂଆ ଶିକ୍ଷା ନୀତିର ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟରେ ପୂରଣ କରିବା ଦିଗରେ ଆଲୋଚନା କରାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ପରିବାର ଅଦାଲତରେ ହାଜର ହେଲେ ବର୍ଷା-ଅନୁଭବ

### ପାରିବାରିକ ବିବାଦ ମାମଲା

**କଟକ ଅଫିସ, ୯।୭**

ଅନେକ ବାଦବିବାଦ ପରେ ଶୁକ୍ରବାର କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଜର ହୋଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ୨ ଘଣ୍ଟାରୁ ଅଧିକ ସମୟ ଧରି ବୁଝାଶୁଝା କରାଯାଇଥିଲା। ହେଲେ କୌଣସି ସହମତି ପ୍ରକାଶ ପାଇ ନ ଥିଲା। ଆସନ୍ତା ୧୪ରେ ପୁଣି ଉଭୟେ ହାଜର ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିଦିନ ମାମଲାର ସମାଧାନ ନ ହେଲେ କୋର୍ଟ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଅନ୍ୟପକ୍ଷରେ ବର୍ଷା ଓ ଅନୁଭବ ମଧ୍ୟସ୍ଥତା ପାଇଁ ସକାରାତ୍ମକ ମନୋଭାବ ଦେଖାଉଥିଲେ। ଉଭୟଙ୍କ ବିବାଦର ସମାଧାନ ପାଇଁ ସହମତି ହୋଇପାରେ ବୋଲି ବର୍ଷାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରାମକୃଷ୍ଣ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ବର୍ଷା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନକୁ ଏଡାଇ ଯାଇଥିବାବେଳେ ଅନୁଭବ କହିଛନ୍ତି, ଆଇନ ତା ବାଟରେ ଯିବ। ଏହା ହେଉଛି ବ୍ୟକ୍ତିଗତ ଜୀବନ। ସେ ବିଷୟରେ କାହା ସହିତ ଆଲୋଚନା କରିବା କଥା ନୁହେଁ।

ସୂଚନାଯୋଗ୍ୟ, ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ପରିବାର ଅଦାଲତରେ ମାମଲା ଦାଏର ହୋଇଥିଲା। କୋର୍ଟ ଉଭୟଙ୍କୁ ହାଜର ହେବାକୁ ନୋଟିସ ଜାରି କରିଥିଲେ। ନିର୍ଦ୍ଦେଶାନୁଯାୟୀ, ବର୍ଷା କୋର୍ଟରେ ହାଜର ହେଉଥିବାବେଳେ ଅନୁଭବ ଆସୁ ନ ଥିଲେ। ଆଉ କେତେବେଳେ ଅନୁଭବ ଆସୁଥିଲେ ମଧ୍ୟ ବର୍ଷା ଆସୁ ନ ଥିଲେ। ତେଣୁ ଉଭୟଙ୍କ ମଧ୍ୟରେ ଥିବା ବିବାଦ ସମାଧାନ ହୋଇପାରୁ ନ ଥିଲା।

# ୩୨ ଲକ୍ଷ ଶ୍ରମିକ ପାଇଲେ ୩୫୨ କୋଟି

### ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା

**ଭୁବନେଶ୍ୱର,୯।୭(ବ୍ୟୁରୋ)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏସ୍.)ରେ ନିୟୋଜିତ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ କାମ କରିଥିବା ଶ୍ରମିକମାନଙ୍କୁ ସେମାନଙ୍କର ପ୍ରତ୍ୟେକ ଦିନର ମଜୁରି ସହିତ ଅତିରିକ୍ତ ୫୦ ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ଶ୍ରମିକ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ମଜୁରି ପାଇଛନ୍ତି। ସମୁଦାୟ ୩୨ ଲକ୍ଷ ଶ୍ରମିକଙ୍କୁ ୩୫୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗରିବ ଲୋକଙ୍କ ପାଇଁ ଏପରି ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲା ସ୍ତରରେ ଅଧିକ ଶ୍ରମଦିବସ ସୃଷ୍ଟି କରି ଗରିବ ଲୋକଙ୍କୁ ରୋଜଗାର ଦେବା ପାଇଁ କାମ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ଗରିବ ଲୋକଙ୍କ ରୋଜଗାର କମିଛି। ତେଣୁ ଲୋକଙ୍କ ଜୀବିକା ଉପରେ ଧ୍ୟାନ ଦେଇ ରାଜ୍ୟ ସରକାର ଚାଷୀ, ଶ୍ରମିକ, ଦୁଗ୍ଧ ଚାଷୀ, ଉଠାଦୋକାନୀଙ୍କ ପାଇଁ ୧୬୯୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏଥିରେ ଶ୍ରମିକମାନଙ୍କ ପାଇଁ ୩୫୨ କୋଟି ଟଙ୍କାର ସହାୟତା ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତବର୍ଷ ୨୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୭ କୋଟି ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ବର୍ଷ ଶେଷ ସୁଦ୍ଧା ୨୫ କୋଟି ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ଜିଲାର ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘରେ ନିଆଁ, ବାହାରେ ହାତୀ

**ବାରିପଦା ଅଫିସ/ ବୈଶିଙ୍ଗା, ୯।୭(ଡି.ଏନ.ଏ.)**

### ଦନ୍ତା ଉତ୍ପାତରେ ପରିବାର ସର୍ବସ୍ୱାନ୍ତ
### ବର୍ତ୍ତିଲେ ୪ ସଦସ୍ୟ

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଫୁଲଝରୀ ଗ୍ରାମରେ ଶିମିଳିପାଳରୁ ଆସିଥିବା ଦନ୍ତା ଉତ୍ପାତରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ହାତୀ ଯୋଗୁ ନିଆଁ ଲାଗି ତାଙ୍କର ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ନିଆଁ ଜଳୁଥିବା ବେଳେ ବାହାରେ ହାତୀ ଜଗି ରହିଥିଲା। ବିପଦରୁ ବର୍ତ୍ତିବା ପାଇଁ ପରିବାରର ୪ ସଦସ୍ୟ ପଛପଟ ଝରକା ତାଡ଼ି ବାହାରକୁ ବାହାରିବା ସହ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଗାଁରେ ପଶି ବ୍ୟାପକ ତାଣ୍ଡବ ରଚିଥିଲେ। ଗ୍ରାମର ସୁରାଇ ମୁର୍ମୁଙ୍କ ଘର ଚାଳରୁ ଏକ ଦନ୍ତା ନଡ଼ା ଟାଣି ଖାଇଥିଲା। ରୋଷେଇ ଘର ଚୁଲିରୁ ନିଆଁ ଲିଭି ନ ଥିବା ଯୋଗୁ ଛପରରୁ ନଡ଼ା ଖସି ଘରେ ନିଆଁ ଲାଗି ଯାଇଥିଲା। ଘରେ ନିଆଁ ଜଳୁଥିବା ବେଳେ ବାହାରେ ଦନ୍ତା ଜଗି ରହିବା ଦେଖି ପରିବାରର ୪ ସଦସ୍ୟ ଜୀବନ ବଞ୍ଚାଇବା ପାଇଁ କବାଟ ବନ୍ଦ କରି ରହିଥିଲେ। ତେବେ ବାହାରକୁ ବାହାରିବା ପାଇଁ ବାରମ୍ବାର ଚେଷ୍ଟା କରିଥିବା ବେଳେ ହାତୀ ଭୟରେ ବାହାରି ପାରି ନ ଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହିଂସ୍ର ହୋଇଥିବା ଦନ୍ତାଟି ସେଠାରୁ ଯାଇ ନ ଥିଲା। ଫଳରେ ଘରର ପଛପଟ ଝରକା ତାଡ଼ି ସୁରାଇଙ୍କ ସହ ଝିଅ ହିସୀ, ଭାଇ ରାମଚନ୍ଦ୍ର ଓ ଭାଉଜ ଲକ୍ଷ୍ମୀ ବାହାରକୁ ଆସିଥିଲେ। ନିଆଁ ଲାଗି ସୁରାଇଙ୍କ ଘରେ ଥିବା ସମସ୍ତ ଆସବାବପତ୍ର,ଦରକାରୀ କାଗଜପତ୍ର ଓ ଧାନଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବେତନଟୀ ରେଞ୍ଜର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଦୀର୍ଘ ଦିନ ଧରି ଏହି ହାତୀପଲ ଗାଁ ଜଙ୍ଗଲ ଛାଡ଼ି ଶିମିଳିପାଳକୁ ଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖିବାରେ ଲାଗିଛି। ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖିଥିବା ସୂଚନା ଦେଇଛି।



ନିଆଁ ଲାଗି ପୋଡ଼ିଯାଇଥିବା ଘର।

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା

# ନିର୍ବାଚନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍ ସଙ୍କଟ ମୁକାବିଲାରେ ଉତ୍ତରପ୍ରଦେଶ ସରକାରଙ୍କ ବିଫଳତାକୁ ନେଇ ଜନସାଧାରଣ ଅସନ୍ତୁଷ୍ଟ। ଲୋକଙ୍କ ମାନସିକତାକୁ ଅନୁଭବ କରି ଭାଜପା ଏବଂ କେନ୍ଦ୍ରରେ କ୍ଷମତାଶୀନ ମୋଦି ସରକାର ଉତ୍ତରପ୍ରଦେଶରେ ଆଗାମୀ ବିଧାନସଭା ନିର୍ବାଚନରେ ଦଳର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବଛା ବଛା ଅଳ୍ପ କେତେ ଜଣ ବାବୁଙ୍କ ସମର୍ଥନରେ ସରକାର ଚଳାଇବା ଉପରେ ଯେଉଁ ଧାରଣା ରହିଛି ତା' ଉପରେ ବହୁତ କିଛି ଚିନ୍ତା କରିବାକୁ ପଡ଼ିଛି। ପିଏମ୍ଓର ବରିଷ୍ଠ ଅଧିକାରୀ ଅରବିନ୍ଦ କୁମାର ଶର୍ମା ସେଠାକୁ ଯାଇଛନ୍ତି। ସ୍ୱେଚ୍ଛାକୃତ ଅବସର ନେବା ପରେ ଶର୍ମା ଯେତେବେଳେ ଲକ୍ଷ୍ନୌରେ ବିମାନରୁ ଅବତରଣ କଲେ, ସେତେବେଳେ ସେ ଗୁଜରାଟ କ୍ୟାଡର୍‌ର ବାବୁ ନ ଥିଲେ ; ସେ ଥିଲେ କେବଳ ଉତ୍ତରପ୍ରଦେଶରେ ଭାଜପାର ଆଉ ଜଣେ ଉପ–ସଭାପତି। ପାର୍ଟିର ରାଜ୍ୟ ଶାଖା ମଧ୍ୟରେ ଅସନ୍ତୋଷର କାରଣ ହୋଇଥିବା ଯୋଗୀଙ୍କୁ ଲଗାମ ଦେବା ଲାଗି ତାଙ୍କୁ ପଠାଯାଇଥିବା ଜଣାପଡ଼ିଛି। ଯୋଗୀ ମଧ୍ୟ ତାଙ୍କ ଚାରିପାଖରେ ଥିବା ବିଶ୍ୱସ୍ତ ବାବୁମାନଙ୍କୁ ଏକାଠି କରିଛନ୍ତି। ଏହି ବାବୁମାନଙ୍କ ଟିମ୍ ଯୋଗୀଙ୍କ କୋଭିଡ୍ ପରିଚାଳନାକୁ ମାର୍ଗଦର୍ଶନ କରିଥିଲେ। କିନ୍ତୁ ସବୁବେଳେ କ୍ଷମତାଶାଳୀ ରହିଆସିଥିବା ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ନବନୀତ୍ ଶେହଗାଲ ପୁଣି ଥରେ ଫାୟାର ଫାଇଟର ଭାବେ ଉଭା ହୋଇଛନ୍ତି। ସେ ଅତିରିକ୍ତ ମୁଖ୍ୟ ସଚିବ ଭାବେ ରାଜ୍ୟ ସୂଚନା ବିଭାଗରେ ଦାୟିତ୍ୱ ନେଇ କୋଭିଡ୍ ବିଫଳତା ବିରୋଧୀ ଯୁଦ୍ଧର ନେତୃତ୍ୱ ନେଉଛନ୍ତି। ଗତ ୬ ମାସ ମଧ୍ୟରେ ରାଜ୍ୟ ସରକାରରେ ତାଙ୍କର ପ୍ରଭାବଶାଳୀ ଉପସ୍ଥିତି ଉତ୍ତରପ୍ରଦେଶରେ ଅନ୍ୟ ବାବୁମାନଙ୍କୁ ବେଶି ଉତ୍ସାହିତ କରିପାରିନାହିଁ। ତଥାପି ଆଗକୁ ଯୋଗୀ ଏକାଠି କରିଥିବା ସଂଖ୍ୟାଧିକ ବାବୁଙ୍କ ଗୋଷ୍ଠୀର ଗୁରୁତ୍ୱ ରହିବ। ସେମାନେ ଶେଷ ପର୍ଯ୍ୟାୟରେ ଯେଭଳି କୋଭିଡ୍ ପରିଚାଳନା କରିଛନ୍ତି ସେଥିରୁ ସଂକ୍ଷେପରେ ସୂଚନା ମିଳୁଛି କି ତାହା ଆଗାମୀ ମାସଗୁଡ଼ିକରେ ନିର୍ଣ୍ଣାୟକ ହେବ।

### ପ୍ରଶ୍ନ ଘେରରେ ନିଯୁକ୍ତି

ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ( ସିବିଡିଟି)ରେ ଏକ ସମୟରେ ବହୁ ସଂଖ୍ୟକ ନିଯୁକ୍ତିକୁ ନେଇ ଏହାକୁ ନିରୀକ୍ଷଣ କରୁଥିବା ବାବୁମାନଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଙ୍କିମାରିଛି। ସିବିଡିଟି ଅଧ୍ୟକ୍ଷ ପି.ସି.ମୁଡିଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଶେଷ ହେବା ପରେ ଅର୍ଥମନ୍ତ୍ରୀ ୧୯୮୫ ବ୍ୟାଚ୍ ଆଇଏଏସ୍ ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍) ଅଧିକାରୀ ଜେ.ବି.ମହାପାତ୍ରଙ୍କୁ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଡହକ ଅଧ୍ୟକ୍ଷ ଭାବେ ମହାପାତ୍ରଙ୍କ ସହ ସିବିଡିଟିର ଏବେ ତିନିଜଣ ୧୯୮୫ ବ୍ୟାଚ୍‌ର ବୋର୍ଡ ମେମ୍ବର ବା ସଦସ୍ୟ ରହିଛନ୍ତି। ଅନ୍ୟ ଦୁଇଜଣ ହେଲେ,ଅନୁ ଜେ. ସିଂ ଏବଂ ଅନୁଜ ଷଡଙ୍ଗୀ। ସୂତ୍ରରୁ ପ୍ରକାଶ ଯେ,ସିବିଡିଟିର ଅନ୍ତରୀଣ ଅଧ୍ୟକ୍ଷ ଭାବେ ମହାପାତ୍ରଙ୍କୁ କାହିଁକି ନିଯୁକ୍ତ କରାଗଲା, ପ୍ରାୟ ତିନି ମାସ ପରେ ଅବସର ନେବାକୁ ଥିବା ସବୁଠୁ ବରିଷ୍ଠ ବୋର୍ଡ ମେମ୍ବର କେ. ଏମ୍. ପ୍ରସାଦଙ୍କ ଦାବିକୁ ସରକାର କାହିଁକି ଅଣଦେଖା କଲେ, ଏସବୁ ପ୍ରଶ୍ନକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପ୍ରସାଦଙ୍କୁ ବି ସହଜରେ ଅନ୍ତରୀଣ ଅଧ୍ୟକ୍ଷର ଅତିରିକ୍ତ ଦାୟିତ୍ୱ ଦିଆଯାଇପାରିଥାଆନ୍ତା। ଆଡହକ ପଦବୀ ସହ ମହାପାତ୍ର ୨୦୧୯ରୁ ଇନ୍‌ଭେଷ୍ଟିଗେଶନର ନିୟମିତ ସଦସ୍ୟ ରହିଛନ୍ତି। ଇନଭେଷ୍ଟିଗେଶନର ସଦସ୍ୟ ପଦ ଏବେ ସିବିଡିଟିର ଶୀର୍ଷ ପଦବୀର ନେତୃତ୍ୱ ନେବା ଭଳି ଜଣାପଡୁଛି। ଏଥିରୁ ଜଣାପଡୁଛି ଯେ, ଏବକାର ସିଇସି ସୁଶୀଲ ଚନ୍ଦ୍ରା ସିବିଡିଟି ଅଧ୍ୟକ୍ଷ ଭାବେ ପଦୋନ୍ନତି ପାଇବା ପୂର୍ବରୁ ଏହି ସମାନ ପଦରେ ରହିଥିଲେ। ୩ ନୂଆ ସଦସ୍ୟଙ୍କ ମଧ୍ୟରୁ ଏସ.କେ.ଗୁପ୍ତାଙ୍କ କାର୍ଯ୍ୟକାଳ ଜୁଲାଇରେ ପୂରଣ ହେଉଥିବାବେଳେ କେ.ଏମ୍.ପ୍ରସାଦଙ୍କ ଭଳି ଅନୁ ସିଂ ଚଳିତ ବର୍ଷ ଅଗଷ୍ଟରେ ଅବସର ଗ୍ରହଣ କରିବେ। ତେବେ ସରକାର ବୋର୍ଡରେ ନୂଆ ସଦସ୍ୟ ନିଯୁକ୍ତି କରିବେ ନା ଏବକାର ମେମ୍ବରଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରିବେ, ତାହାକୁ ନେଇ ପ୍ରଶ୍ନ ଉଠୁଛି।

### ରାଜନୈତିକ ଝଗଡ଼ାରେ ଡିଜିପି

ହରିୟାଣାର ପୋଲିସ ମହାନିର୍ଦ୍ଦେଶକ( ଡିଜିପି) ମନୋଜ ଯାଦବ ବ୍ୟକ୍ତିଗତ କାରଣ ଯୋଗୁ ଇଣ୍ଟେଲିଜେନ୍ସ ବ୍ୟୁରୋ( ଆଇବି)କୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁଛନ୍ତି। ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣକୁ ନେଇ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଏବଂ ଗୃହମନ୍ତ୍ରୀ ଅନିଲ ଭିଜ୍‌ଙ୍କ ମଧ୍ୟରେ ବାକ୍‌ଯୁଦ୍ଧର ଅବସାନ ଘଟାଇବାକୁ ସେ ଏଭଳି କରିଛନ୍ତି। ୟୁପିଏସ୍‌ସିର ଏକ କମିଟି ସୁପାରିଶ କ୍ରମେ ରାଜ୍ୟ ପୋଲିସ ମୁଖ୍ୟ ଭାବେ ନିଯୁକ୍ତି ପାଇଁ ଯାଦବଙ୍କୁ ହରିୟାଣା ପଠାଯାଇଥିଲା। ଆଇବିରେ ୧୫ ବର୍ଷ କାର୍ଯ୍ୟ କରିବା ପରେ ସେ ତାଙ୍କ ରାଜ୍ୟ କ୍ୟାଡର୍‌କୁ ଫେରିଥିଲେ। ୧୯୮୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀ ଏବେ ଯୁଗ୍ମ ସଚିବ(ସ୍ୱରାଷ୍ଟ୍ର) ରାଜୀବ ଅରୋରାଙ୍କୁ ଆଇବିକୁ ଫେରାଇ ନେଇ ପୁରୁଣା ଯୁଗ୍ମ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରିବା ଲାଗି ସୁଯୋଗ ଦେବା ପାଇଁ ସ୍ପଷ୍ଟ ଭାବେ ଲେଖିଛନ୍ତି। ଏଭଳି ପଦକ୍ଷେପ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ, ଯାଦବ ତାଙ୍କ ବସ୍ ରାଜ୍ୟ ଗୃହମନ୍ତ୍ରୀ ଅନିଲ ଭିଜ୍‌ଙ୍କ ସହ ଆଗକୁ ବଢ଼ି ସଫଳ ହେବାରେ ଅକ୍ଷମ ବୋଲି ଏସମ୍ପର୍କରେ ଅବଗତ ଥିବା ବ୍ୟକ୍ତିମାନେ ବିଶ୍ୱାସ କରୁଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରୁ ଯେତେବେଳେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଡିଜିପି ଭାବେ ଯାଦବଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ସମ୍ପ୍ରସାରଣ କରିଥିଲେ ସେତେବେଳେ ଗୃହମନ୍ତ୍ରୀ ଏହାକୁ ବିରୋଧ କରିଥିଲେ। କିନ୍ତୁ ଖଟ୍ଟର ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ ଓ ତାହା କାର୍ଯ୍ୟକାରୀ ହୋଇଥିଲା। ଖଟ୍ଟର ଏବଂ ତାଙ୍କ ଗୃହମନ୍ତ୍ରୀ ଭିଜ୍ ଅନେକ ମାମଲାରେ ମୁହାଁମୁହିଁ ହେଉଛନ୍ତି। ଯଦି ପ୍ରତ୍ୟାବର୍ତ୍ତନ ପାଇଁ ଯାଦବଙ୍କ ଅନୁରୋଧ ଗ୍ରହଣ କରାଯାଏ,ତେବେ ରାଜନୈତିକ ଝଗଡ଼ା ମଧ୍ୟରେ ଯାଦବଙ୍କୁ ମୂଲ୍ୟ ଦେବାକୁ ପଡ଼ିବ।

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 1 | | 7 | | | |
| | 2 | 1 | | | | | | |
| 5 | | | | 4 | 6 | | | |
| | | 5 | | | | | 9 | |
| | 8 | | 4 | | 3 | 6 | | |
| | 1 | | | | 2 | | | |
| | | 2 | | | 9 | 5 | 7 | |
| 8 | 7 | | 6 | | | | 1 | |
| | | 4 | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 2 | 4 | 8 | 3 | 5 | 9 |
| 9 | 3 | 2 | 5 | 7 | 6 | 1 | 8 | 4 |
| 8 | 4 | 5 | 1 | 9 | 3 | 7 | 2 | 6 |
| 2 | 1 | 8 | 7 | 3 | 9 | 4 | 6 | 5 |
| 3 | 5 | 6 | 4 | 8 | 2 | 9 | 7 | 1 |
| 7 | 9 | 4 | 6 | 1 | 5 | 2 | 3 | 8 |
| 5 | 7 | 3 | 9 | 6 | 1 | 8 | 4 | 2 |
| 4 | 2 | 9 | 8 | 5 | 7 | 6 | 1 | 3 |
| 6 | 8 | 1 | 3 | 2 | 4 | 5 | 9 | 7 |

ଗତକାଲିର ଉତ୍ତର

# ମତ୍ସ୍ୟସମ୍ପଦ ସମୃଦ୍ଧ ଓଡ଼ିଶା



ପ୍ରକାଶ ତ୍ରିପାଠୀ

ଆଜିର ଦିନ ଅର୍ଥାତ ଜୁଲାଇ ୧୦ ତାରିଖ ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ଏହିଦିନ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ଏହା ଓଡ଼ିଶା ମାଟିରେ ସମ୍ପନ୍ନ ହୋଇଥିବାରୁ ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ । ୧୯୫୭ ଜୁଲାଇ ୧୦ ଦିନ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ବିରଳ ତଥା ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେ ରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଆସୁଅଛି। ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏକ ସହନଶୀଳ ମାଛ ବଂଶ ବୃଦ୍ଧି ସହ ସୁସ୍ଥ ପାରିବେଶିକ ଜଳସମ୍ପଦର ସୁରକ୍ଷା ଓ ଏଥିସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ।

ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୬.୮୬ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୪୮୦ କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। ଏବେ ପ୍ରାୟ ଦଶଟି ପ୍ରଜାତିର ମାଛ ଚାଷ ହେଉଥିବା ବେଳେ ଦୁଇ ଦଶନ୍ଧି ପୂର୍ବରୁ ମାଛଚାଷ କହିଲେ କେବଳ ରୋହି, ଭାକୁର ଓ ମିରିକାଳି ମାଛଚାଷକୁ ବୁଝାଯାଉଥିଲା। ଏହି ତିନି ଜାତିର ମାଛକୁ ସାଧାରଣତଃ କାର୍ପ ମାଛ କୁହାଯାଇଥାଏ। କୃତ୍ରିମ ପ୍ରଜନନ ମାଧ୍ୟମରେ ମାଛ ଯାଆଁଳ ଉତ୍ପାଦନ ହେବା ପୂର୍ବରୁ ନଦୀ ସ୍ରୋତରୁ ମାଛ ଯାଆଁଳ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ମାଛଚାଷ ନିମନ୍ତେ ଯୋଗାଇ ଦିଆଯାଉଥିଲା। ସାଧାରଣତଃ କାର୍ପ ଜାତୀୟ ମାଛମାନେ ସ୍ଥିର ଜଳରେ ଅଣ୍ଡା ଦିଅନ୍ତି ନାହିଁ। ପ୍ରବହମାନ ନଦୀର ଧାରରେ ସେମାନେ ବର୍ଷାଋତୁ ଆଗମନରେ ପ୍ରଜନନ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ଅଣ୍ଡାଗୁଡ଼ିକ ନଦୀଜଳର ସ୍ରୋତରେ ଭାସିବୁଲନ୍ତି ଓ କ୍ରମେ ଏଥିରୁ ମାଛ ଯାଆଁଳଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ନଦୀଜଳରୁ ସଂଗୃହୀତ ଏହି ମାଛ ଯାଆଁଳକୁ ନେଇ ଚାଷ କରୁଥିବା ମାଛଚାଷୀମାନେ ବିଶେଷ ଲାଭବାନ ହେଉ ନ ଥିଲେ। କାରଣ ଏଥିରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ରହୁଥିଲା ଓ ସବୁ ଯାଆଁଳ ଉନ୍ନତ ବା ରୋଗମୁକ୍ତ ନଥିଲେ। ମାଛଚାଷୀମାନଙ୍କୁ କିପରି ଭାବରେ ଉନ୍ନତ, ସ୍ୱାସ୍ଥ୍ୟକର ଓ ନୀରୋଗ ଯାଆଁଳ ପ୍ରଦାନ କରାଯାଇପାରିବ ସେଥିପାଇଁ ମତ୍ସ୍ୟବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଥିଲେ। ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ (ହ୍ୟାଚେରି) କୃତ୍ରିମ ପ୍ରଜନନ ପ୍ରକ୍ରିୟାରେ ଅଧିକ ଅମଳକ୍ଷମ ଓ ଲୋକପ୍ରିୟ ମାଛ ରୋହି, ଭାକୁର ଓ ମିରିକାଳି ମାଛ ଯାଆଁଳ ଉତ୍ପାଦନ ପାଇଁ ଗବେଷଣାକୁ ତ୍ୱରାନ୍ୱିତ କରାଯାଇଥିଲା।

ଭାରତରେ କୃତ୍ରିମ ପ୍ରଜନନ କାର୍ଯ୍ୟ ଆରମ୍ଭହୁଏ ୧୯୩୭ରେ। ବୈଜ୍ଞାନିକ ହାମିଦ ଖାନ୍ ମିରିକାଳି ମାଛ ଉପରେ ଏହାକୁ ପ୍ରୟୋଗ କରିଥିଲେ। ୧୯୫୫ରେ ଡ.

## ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ

ହୀରାଲାଲ ଚୌଧୁରୀ ଛୋଟ କାର୍ପ ଦଣ୍ଡକିରି ମାଛରେ ପ୍ରୟୋଗ କରିଥିଲେ। ଏହି ବର୍ଷ ମାଗୁର ମାଛରେ କୃତ୍ରିମ ପ୍ରଜନନ ପ୍ରକ୍ରିୟା କରିଥିଲେ ରାମସ୍ୱାମୀ ଓ ସୁନ୍ଦରରାଜ । ୧୯୬୨ରେ ଗ୍ରାସ କାର୍ପ ଓ ସିଲଭର କାର୍ପରେ କୃତ୍ରିମ ପ୍ରଜନନ ଭାରତରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଇତିମଧ୍ୟରେ ସାତଦଶକ ବିତିଯାଇଛି ଓ ମାଛର କୃତ୍ରିମ ପ୍ରଜନନରେ ଅନେକ ଉନ୍ନତୀକରଣ ଓ ପାରଦର୍ଶିତା ହାସଲ କରାଯାଇପାରିଛି। କେବଳ ବର୍ଷାଋତୁ ନୁହେଁ, ତା' ପୂର୍ବରୁ ଓ ବର୍ଷ ସାରା ମାଛ ଯାଆଁଳ ହ୍ୟାଚେରିଗୁଡ଼ିକରେ ଉତ୍ପାଦନ କରାଯାଇ ସରକାରୀ ତଥା ଘରୋଇ କ୍ଷେତ୍ରରୁ ମାଛଚାଷୀ ମାନଙ୍କୁ ଯୋଗାଇ ଦିଆଯାଉଛି। ଆମ ରାଜ୍ୟରେ ୩୨ଟି ସରକାରୀ ହ୍ୟାଚେରି ଓ ୯୫ଟି ଘରୋଇ ହ୍ୟାଚେରିରୁ ବାର୍ଷିକ ପ୍ରାୟ ୯୫ କୋଟି ମାଛ ଯାଆଁଳ ଉତ୍ପାଦନ କରାଯାଉଛି। ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ୪ ଗୋଟି ସରକାରୀ ମାଛ ଫାର୍ମରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଗତବର୍ଷ ବର୍ଷାଋତୁ ପୂର୍ବରୁ ଆଗୁଆ ୧୦ କୋଟି ଉନ୍ନତ ମାଛ ଯାଆଁଳ ଉତ୍ପାଦନ ହୋଇପାରିଥିବା ବେଳେ ଚଳିତ ବର୍ଷ ୩୦ କୋଟି ଯାଆଁଳ ଉତ୍ପାଦନର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ସହ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ସାବଲମ୍ବୀ କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମାଛ ଯାଆଁଳ ଉତ୍ପାଦନ ବାର୍ଷିକ ୨୭ କୋଟିରୁ ୯୫ କୋଟିରେ ପହଞ୍ଚିଥିବା ବେଳେ ରାଜ୍ୟର ମାଛ ଉତ୍ପାଦନ ୨.୫୯ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୮.୭୩ ଲକ୍ଷ ମେଟ୍ରିକଟନ୍‌ରେ ପହଞ୍ଚି ପାରିଛି। ମଧୁରଜଳ ମାଛ ଉତ୍ପାଦନରେ ଓଡ଼ିଶା ମତ୍ସ୍ୟଚାଷୀଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ୨୦୦୦–୦୧ ବର୍ଷରେ ରାଜ୍ୟରେ ହେକ୍ଟର ପିଛା ୧.୮୫ ମେଟ୍ରିକ ଟନ୍ ମାଛ ଉତ୍ପାଦିତ ହେଉଥିଲା ବେଳେ ଏବେ ହେକ୍ଟର ପିଛା ପ୍ରାୟ ୪.୦୦ ମେଟ୍ରିକ ଟନ୍ ମାଛ ଉତ୍ପାଦିତ ହେଉଛି। ୨୦୦୦–୦୧ ବର୍ଷରେ ଓଡ଼ିଶାରେ ବ୍ୟକ୍ତି ପିଛା ମାଛ ଆହରଣ ୭.୭୧ କିଗ୍ରା ଥିଲା ବେଳେ ଏବେ ଏହା ବ୍ୟକ୍ତି ପିଛା ୧୬.୨୪ କିଗ୍ରାକୁ ବୃଦ୍ଧି ପାଇଛି, ଯାହାକି ଜାତୀୟ ହାରଠାରୁ ବହୁ ଉର୍ଦ୍ଧ୍ୱରେ। ସେହିପରି ମାଛ ରପ୍ତାନି କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି ଆମ ରାଜ୍ୟ ଓ ଏହି କୋଡିଏ ବର୍ଷ ମଧ୍ୟରେ ମତ୍ସ୍ୟ ରପ୍ତାନି ୩୭୯ କୋଟି ଟଙ୍କାରୁ ୩୨୪୩ କୋଟି ଟଙ୍କାକୁ ବୃଦ୍ଧି ହୋଇଛି।

ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ଏମାନଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁ ଆମ ରାଜ୍ୟ ମଧୁର ଜଳ ମାଛ ଉତ୍ପାଦନରେ ସର୍ବଭାରତୀୟ ସ୍ତରରେ ପଞ୍ଚମ, ସାମୁଦ୍ରିକ ମାଛ ଉତ୍ପାଦନରେ ଅଷ୍ଟମ ଓ ସମୁଦାୟ ମାଛ ଉତ୍ପାଦନରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଆମ ରାଜ୍ୟରେ ବାର୍ଷିକ ମାଛର ଆବଶ୍ୟକତା ପ୍ରାୟ ସାଢେ ଛଅଲକ୍ଷ ମେଟ୍ରିକଟନ୍ ଥିବା ବେଳେ ଆମ ରାଜ୍ୟରୁ ଉତ୍ପାଦିତ ହେଉଛି ସାଢେ ଆଠଲକ୍ଷ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ମାଛ। ମାତ୍ର ଆମ ରାଜ୍ୟରେ ସମୁଦ୍ରମାଛ (ଲୁଣୀ) ଅପେକ୍ଷା ମଧୁର ଜଳ ମାଛ ପ୍ରତି ଖାଉଟିମାନଙ୍କର ଅଧିକ ଆଗ୍ରହ ଥିବାରୁ ପଡୋଶୀ ରାଜ୍ୟରୁ ୪୬ ହଜାର ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ମାଛ ଆମଦାନୀ କରିବାକୁ ପଡିଥାଏ। ମଧୁରଜଳ ମାଛ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ନୂତନ ପୋଖରୀ ଖନନ କରି ଉଭୟ ମଧୁରଜଳ ମାଛ ଓ ଖାରିଜଳ ମାଛ/ଚିଙ୍ଗୁଡ଼ି ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇଦିଆଯାଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ସୂତ୍ରରେ ଲିଜ ପ୍ରଦାନପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି। ବ୍ୟକ୍ତିଗତଭାବେ ଏବଂ ଉଦ୍ୟୋଗୀମାନଙ୍କ ଦ୍ୱାରା ଜଳଭଣ୍ଡାରରେ ପଞ୍ଜୁରି ଭିତରେ ମାଛଚାଷ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନୀତି ନିର୍ଦ୍ଧାରଣ କରାଯାଇଛି। ଏହା ଏକ ଉନ୍ନତ ଜ୍ଞାନକୌଶଳ ଯୁକ୍ତ ମାଛଚାଷ ହୋଇଥିବାରୁ ମାଛ ଉତ୍ପାଦନ ବୃଦ୍ଧିର ଏହା ଭବିଷ୍ୟତ ବୋଲି ବିବେଚନା କରାଯାଉଛି। । ରାଜ୍ୟର ୮ ଗୋଟି ବୃହତ ଓ ମଧ୍ୟମ ଜଳଭଣ୍ଡାରରେ ଶତକଡା ଏକଭାଗ ଜଳରାଶିକୁ ଯଦି ମାଛଚାଷ ନିମନ୍ତେ ବ୍ୟବହାର କରାଯିବ, ଯାହାଫଳରେ କି ବାର୍ଷିକ ଅନ୍ୟୂନ ୧.୨୫ ଲକ୍ଷ ମେଟ୍ରିକ ଟନ୍ ଅଧିକ ମାଛ ଉତ୍ପାଦନ ହୋଇପାରିବ। ସେହିପରି ଉନ୍ନତ ଜ୍ଞାନ କୌଶଳଯୁକ୍ତ ଜୈବପୁଞ୍ଜି( ବାୟୋଫ୍ଲକ)ପଦ୍ଧତିରେ ମାଛ/ଚିଙ୍ଗୁଡ଼ି ଚାଷ, ପଲିଥିନ ଆସ୍ତରଣଯୁକ୍ତ ପୋଖରୀରେ ଚିଙ୍ଗୁଡ଼ି ଚାଷ, ପୁନଃ ସଂଚାଳନ ପଦ୍ଧତିରେ ମାଛ ଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସାବଲମ୍ବୀ ହେବାର ଦୃଢ଼ ସମ୍ଭାବନା ସୃଷ୍ଟି କରିଛି। ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ପାଇଁ ମେଧା ବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ , ବରଫକଳ ପ୍ରତିଷ୍ଠା, ମାଛ/ଚିଙ୍ଗୁଡ଼ି ହ୍ୟାଚେରି ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ , ମତ୍ସ୍ୟଜୀବୀ ସୋସାଇଟିର ଦୃଢ଼ୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ମତ୍ସ୍ୟ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିଛି। ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀମାନଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା । ଗତ ୨୦୨୦ ବର୍ଷ ପାଇଁ ଓଡ଼ିଶାକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଓ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ ଆଭ୍ୟନ୍ତରୀଣ ଜିଲା ଭାବେ ପୁରସ୍କାର ମିଳିବା ଆମ ପାଇଁ ନିଶ୍ଚିତ ଗର୍ବ ଓ ଗୌରବର ବିଷୟ।

ମୋ– ୯୪୩୭୨୩୨୪୬୩

# ଭକ୍ତବିହୀନ ରଥଯାତ୍ରା କାହା ପାଇଁ



ହରିଶଙ୍କର ମିଶ୍ର

ଜଗତର ନାଥ ଜଗନ୍ନାଥଙ୍କର ବାରମାସରେ ତେରପର୍ବ ହେଲେ ବି ଶାସ୍ତ୍ରୀୟ ମତରେ ''ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନମ୍। ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ।'' ମାତ୍ର ଦୋଳବେଦିରେ ଦୋଳଗୋବିନ୍ଦ ବା ଚନ୍ଦନ ଯାତ୍ରାରେ ମଧୁସୂଦନ ଭାବେ ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହ ମଦନମୋହନ ବିଜେ ହୁଅନ୍ତି। ସେଥିପାଇଁ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଲେଖାଅଛି ''ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂଲୀଳା ଯା'ର। ପତିତ ପାବନ ଅର୍ଥେ ପ୍ରାସାଦୁ ବାହାର'' ସେଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରାର ଅନ୍ୟନାମ ପତିତପାବନ ଯାତ୍ରା। ବିବିଧ କାରଣରୁ ଜଗନ୍ନାଥଙ୍କ ପ୍ରତି ଭକ୍ତି ଥାଇ ବି ଅନେକ ଲୋକ ରତ୍ନ ସିଂହାସନରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିପାରନ୍ତି ନାହିଁ। ସେମାନେ ଏହି ଯାତ୍ରାରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରନ୍ତି। ପ୍ରତ୍ୟେକ ଭକ୍ତ ମଧ୍ୟ ନିଜକୁ ପତିତ ମନେକରି ରଥାରୂଢ ଶ୍ରୀଜୀଉମାନଙ୍କୁ ଦର୍ଶନରେ ଆତ୍ମହରା ହୋଇଥାଆନ୍ତି। ଏହାକୁ ଦୁର୍ଲଭ ଦର୍ଶନ ଭାବି ଆମ ରାଜ୍ୟ, ଦେଶର କୋଣ ଅନୁକୋଣରୁ ସାଧୁ ସନ୍ଥ ଏପରି କି ଦେଶ ବାହାରୁ ମଧ୍ୟ ଅନେକ ଭକ୍ତ ପୁରୀକୁ ଶ୍ରୀଜୀଉମାନଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ବ୍ୟାକୁଳ ମନରେ ଛୁଟି ଆସନ୍ତି। ବହୁବର୍ଷ ପୂର୍ବେ ପୁରୀରେ ହଇଜା ହେଉଥିବା ସତ୍ତ୍ୱେ ରଥଯାତ୍ରାରେ ଭକ୍ତଙ୍କ ଉପସ୍ଥିତିକୁ ବାରଣ କରାଯାଉ ନ ଥିଲା।

ଗତବର୍ଷ କରୋନା ସଂକ୍ରମଣ ଯୋଗୁ ଯାତ୍ରାର ପ୍ରାକ୍ ପ୍ରସ୍ତୁତି ବା ରଥ ଅନୁକୂଳ ଶ୍ରୀମନ୍ଦିର ମଧ୍ୟରେ ହୋଇଥିଲା। ଆଶା ଆଶଙ୍କା ମଧ୍ୟରେ ସରକାରୀ ଅନୁମୋଦନ ଯୋଗୁ ରଥଖଳାରେ ରଥନିର୍ମାଣ ହେଲା। ସମୟସ୍ୱଳ୍ପତା ଯୋଗୁ କାରିଗରମାନଙ୍କୁ ଦୁଇଗୁଣା ମଜୁରି ସହ ନିଃଶୁଳ୍କ ରହଣି ପାନ୍ଥନିବାସର ଖାଦ୍ୟ ଏବଂ ଯାତାୟାତ ଖର୍ଚ୍ଚରେ ପୂର୍ବ ବର୍ଷ ଗୁଡ଼ିକଠାରୁ ବହୁ ଅଧିକ ଅର୍ଥ ବ୍ୟୟରେ ରଥ ନିର୍ମାଣ ସତ୍ତ୍ୱେ ଅଦାଲତ ନିର୍ଦ୍ଦେଶରେ ରଥଯାତ୍ରା ବନ୍ଦ ହେବାକୁ ଯାଉଥିଲା। ପରେ କିଛି ଆଲୋଚିତ ଓ ଅନାଲୋଚିତ କାରଣ ସହ ରାଜନୈତିକ ଇଚ୍ଛାଶକ୍ତି ପ୍ରୟୋଗରେ କିଛି ସର୍ତ୍ତ ସହ କେବଳ ସେବକମାନଙ୍କ ଦ୍ୱାରା ରଥଯାତ୍ରା ପାଇଁ ପୁନଃ ଅଦାଲତ ଆଦେଶ ମିଳିଥିଲା। ମାତ୍ର ବାସ୍ତବରେ ଅନେକ ସର୍ତ୍ତ ଖିଲାପ ଗଣମାଧ୍ୟମରେ ପ୍ରକାଶ ସତ୍ତ୍ୱେ ଦୂରଦର୍ଶନରେ ସାରା ପୃଥିବୀର ଲୋକମାନେ ଯାତ୍ରାର ସିଧାପ୍ରସାରଣ ଦେଖିଥିବା ଯୋଗୁ ସବୁକିଛି ଚପିଗଲା। କିନ୍ତୁ ପୁରୀ ସହରବାସୀ ୧୪୪ ଧାରା ଲାଗୁ ଯୋଗୁ ଗୃହାବରୋଧ ହେଲେ। କିଛିଦିନ ପାଇଁ ରଥ ପାର୍ଶ୍ୱରେ ଯିବାକୁ ଅନୁମତି ସତ୍ତ୍ୱେ ରଥ ସ୍ପର୍ଶ ବାରଣ ଥିଲା। ଆମ ସଂସ୍କୃତିରେ ନବବିବାହିତ ଦମ୍ପତିଙ୍କ ରଥ ସ୍ପର୍ଶ ପରମ୍ପରା ବି ନିଷିଦ୍ଧ ହୋଇଗଲା। ବାହୁଡ଼ାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁନଃ ୧୪୪ଧାରା ଜାରି କରାଯାଇ ଯେଉଁ ଭୟର ବାତାବରଣ ସୃଷ୍ଟି କରାଗଲା ତାହା ଅନୁଭବୀ ହିଁ ଜାଣନ୍ତି। ଚଳିତ ବର୍ଷ ସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉମାନଙ୍କ ନୀତି କେବଳ ସ୍ନାନବେଦିରେ ସୀମିତ । କିନ୍ତୁ ୩୬ପ୍ଲାଟୁନ ପୋଲିସ ୨୦୦ ଗୃହରକ୍ଷୀ ଶତାଧିକ ପୋଲିସ ଅଧିକାରୀଙ୍କ ଉପସ୍ଥିତି ସତ୍ତ୍ୱେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଯେଭଳି ବାରିକେଡ କରାଯାଇଛି ସେଥିରୁ ରଥଯାତ୍ରା ସମୟର ସମ୍ଭାବ୍ୟ ପରିସ୍ଥିତି ଓ ଭକ୍ତଙ୍କ ପ୍ରତି ପ୍ରଶାସନର ନିଷ୍ଠୁର ମନୋଭାବ ବେଶ୍ ଅନୁମେୟ। ପୋଲିସ ସେବାୟତ ଓ କିଛି ଅଧିକାରୀଙ୍କ ବ୍ୟତୀତ ସାଧାରଣ ଭକ୍ତଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ସମ୍ପୂର୍ଣ୍ଣ ନିଷେଧ ସୂଚନା ଦେଉଛି।

ଚଳିତବର୍ଷ ରଥନିର୍ମାଣ ସ୍ୱାଭାବିକ ଭାବେ ଆରମ୍ଭ କରାଯାଇ ରଥ ନିର୍ମାଣ ଚାଲିଛି। ଗତବର୍ଷ କରୋନା ପ୍ରକୋପ ଆରମ୍ଭରୁ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସେବାୟତ ପରିବାରକୁ ସାନିଟାଇଜର, ମାସ୍କ ଓ ଆର୍ଥିକ ସହାୟତା ପାଇଁ ବହୁ କୋଟି ଅର୍ଥ ବ୍ୟୟ କରିଛି। ସ୍ୱତନ୍ତ୍ର ଅବରୋଧ ଗୃହ ଚିକିତ୍ସା ବ୍ୟବସ୍ଥା ବି କରାଯାଇଛି। ବିଗତ କିଛି ବର୍ଷରୁ ଏ ଯାବତ୍ ପ୍ରଶାସନର ଆଚରଣ ସେବାୟତଙ୍କ ପ୍ରତି ଅତ୍ୟଧିକ ପ୍ରୀତିର ବାର୍ତ୍ତା ଦେଉଛି। ସୂଚନାଯୋଗ୍ୟ ଯେ, ବହୁବର୍ଷ ଧରି କିଛିଲୋକ ରଥାରୂଢ଼ ଶ୍ରୀଜୀଉମାନଙ୍କୁ ସ୍ପର୍ଶ କରୁଥିବା ବେଳେ ରଥ ଉପର ଲୋକାରଣ୍ୟ ହେଉଥିଲା। ରଥକୁ ଦେବତୁଲ୍ୟ ମନେକରୁଥିବା ଭକ୍ତ ମୁକ୍ତ ଦର୍ଶନରୁ ବଞ୍ଚିତ ହେଉଥିଲେ। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ସେବକଙ୍କ ସ୍ୱାର୍ଥରେ ରଥକୁ ଚଢ଼ିବା ପାଇଁ ଧାର୍ମିକ ବ୍ୟବସ୍ଥା ଉଲ୍ଲଂଘନ କରି ଶିଡ଼ି ବ୍ୟବସ୍ଥା କଲେ। କିନ୍ତୁ ୨୦୧୩ ମସିହାରେ ଗୋଟିଏ ନିର୍ଦ୍ଦିଷ୍ଟ ଘଟଣା ପରେ ଶ୍ରୀମନ୍ଦିର ପ୍ରଶାସନ ରଥାରୂଢ଼ ଶ୍ରୀଜୀଉଙ୍କୁ ସ୍ପର୍ଶର ଶାସ୍ତ୍ରୀୟତା ନିର୍ଦ୍ଧାରଣ ପାଇଁ ଶଙ୍କରାଚାର୍ଯ୍ୟଙ୍କ ମତ ଚାହିଁଥିଲା। ବହୁ ଭକ୍ତ, ବିଦ୍ୱାନ, ସେବାୟତ ନିଯୋଗଙ୍କ ମତ ସହ ଧାର୍ମିକ ବ୍ୟବସ୍ଥାରେ ଏହା ଅଶାସ୍ତ୍ରୀୟ ବୋଲି ସେ ନିର୍ଣ୍ଣୟ ଦେଲେ। ଫଳତଃ ସେ ୨୦୧୫ରେ ଶ୍ରୀଗୁଣ୍ଡିଚା ଦିନ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଯାଇ ନ ଥିଲେ। କିନ୍ତୁ ତାଙ୍କର ପରାମର୍ଶ କ୍ରମେ ରାଜ୍ୟ ସରକାର ସମ୍ପୃକ୍ତ ସେବାୟତମାନଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା କଲେ। କିନ୍ତୁ ଭକ୍ତବିହୀନ ରଥଯାତ୍ରା ସତ୍ତ୍ୱେ ଗତବର୍ଷ ତାହା ଦିଆଯାଇଛି ଏବଂ ଚଳିତବର୍ଷ ପାଇଁ ୧କୋଟି ୪୪ଲକ୍ଷ ଟଙ୍କା ବ୍ୟବସ୍ଥା ରହିଛି। ଭକ୍ତବିହୀନ ରଥଯାତ୍ରାକୁ ଦାବି ଓ ସ୍ୱାଗତ କରିଥିବା ବିଭିନ୍ନ ବର୍ଗର ସେବାୟତ ମଧ୍ୟ ଭକ୍ତ ନ ଥିବାରୁ ଆର୍ଥିକ କ୍ଷତିର ଦ୍ୱାହି ଦେଇ ଯଥେଷ୍ଟ ଅର୍ଥ ପାଇବା କେବଳ ପ୍ରଶାସନ ଯୋଗୁ ସମ୍ଭବ ହୋଇପାରିଛି। କିନ୍ତୁ ଏହି ଯାତ୍ରାରେ କିଛି ଆୟ ପାଇଁ ନିର୍ଭର କରୁଥିବା ସହସ୍ରାଧିକ ଲୋକଙ୍କୁ ଭକ୍ତବିହୀନ ରଥଯାତ୍ରା ଗତବର୍ଷ ପରି ଚଳିତବର୍ଷ ନିରାଶ କରିବ। ସେମାନଙ୍କ ପାଇଁ କିନ୍ତୁ ସରକାର ଉଦାସୀନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୁଇ ଡୋଜ ଟିକା ନେଇ ବିନା ସାମାଜିକ ଦୂରତାରେ ଯଦି ସେବାୟତ, ପୋଲିସ ଓ ଅଧିକାରୀ ମାନେ ଏହି ଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରିପାରିବେ ତେବେ ଦୁଇ ଡୋଜ ଟିକା ନେଇଥିବା ଭକ୍ତଙ୍କୁ ଅନ୍ତତଃ ସୁନିୟନ୍ତ୍ରିତ ଭାବେ କେବଳ ଦର୍ଶନ ବ୍ୟବସ୍ଥା କରିବାରେ ରାଜ୍ୟ ସରକାର, ଜିଲା ଏବଂ ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱ ମଧ୍ୟ ରହିଛି। ଜଗନ୍ନାଥ ଭକ୍ତବତ୍ସଳ ଏବଂ ଭକ୍ତ ଜଗତର ନାଥ। ଜଗନ୍ନାଥ ସଂସ୍କୃତି ଓ ମହିମା ପ୍ରଚାର ଭଳି ଏହି ଉକ୍ତିର ଗରିମା ରକ୍ଷା ସହ ସେବକଙ୍କ ସ୍ୱାର୍ଥ ଏବଂ ଭକ୍ତଙ୍କ ଭାବାବେଗ ପ୍ରତି ସମଦୃଷ୍ଟି ଦେବା ପ୍ରଶାସନର କର୍ତ୍ତବ୍ୟ। ବୋଧହୁଏ ଏହା ଦୁର୍ଭାଗ୍ୟ ଯେ ସହସ୍ର ବର୍ଷରୁ ଆଧ୍ୟାତ୍ମିକ ଓ ଭକ୍ତିସ୍ଥଳୀ ଭାବେ ବିବେଚିତ ପୁରୀ ଏବେ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରାଇବା ପାଇଁ ସରକାର ଯୋଜନା କରୁଥିବାରୁ ଜଗନ୍ନାଥଙ୍କ ପ୍ରତି ସମର୍ପିତ ଭକ୍ତମାନଙ୍କୁ ଅଣଦେଖା କରାଯାଉଛି। ଏହା ମଧ୍ୟ ସତ୍ୟ ଯେ କେତେକ ବ୍ୟକ୍ତି ଦୂରଦର୍ଶନରେ କ୍ରିକେଟ ଖେଳ ଭଳି ରଥଯାତ୍ରାର ସିଧାପ୍ରସାରଣକୁ ଗୁରୁତ୍ୱ ଦେଉଥିବାରୁ ଏହାର ସୁଯୋଗ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ହିଁ ନେଉଛନ୍ତି। ଲୋକଙ୍କ ଟିକସରୁ ଅନୁଦାନ ଓ ଦାତାମାନଙ୍କ ଅର୍ଥକୁ ଗଣତାନ୍ତ୍ରିକ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ପର୍ଯ୍ୟଟକ ଏବଂ ସେବାୟତ କଲ୍ୟାଣ ପାଇଁ ବ୍ୟୟ କରୁଛନ୍ତି। ଏଣୁ ଭକ୍ତମାନଙ୍କ ଭାବାବେଗକୁ ଅଣଦେଖା କରିବା ଉଚିତ ନୁହେଁ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ– ୭୯୭୮୭୮୫୪୭୮

## ଏଇ ଭାରତରେ

ହଜାରେ କି ଦୁଇ ହଜାର ନୁହେଁ, ୩୮,୦୦୦ ମହିଳା କୃଷକ ମରୁଡ଼ି ଅଞ୍ଚଳକୁ ଶସ୍ୟଶାମଳା କରିବା କିଛି କମ୍ କଥା ନୁହେଁ। ମହାରାଷ୍ଟ୍ରର ମରାଠାୱାଡର ମହିଳାମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ସେମାନେ ନୂତନ ଜ୍ଞାନକୌଶଳ ଉପଯୋଗ କରି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଚାଷ ଦ୍ୱାରା ସେମାନେ ଆୟ ଦୁଇଗୁଣ ବଢ଼ାଇ ପାରିଛନ୍ତି। ପୁଣେର 'ସ୍ୱୟଂ ଶିକ୍ଷାନ ପ୍ରୟୋଗ' ସଂସ୍ଥା ଦ୍ୱାରା ଉପଯୋଗ କରାଯାଉଥିବା 'ଏକ ଏକର ମଡେଲ'ରେ ମହିଳାମାନେ ଚାଷ କରୁଛନ୍ତି। । ମମଦାପୁର ଗାଁର ସନ୍ତୋଷୀ ସୁର୍ଭସେ ପ୍ରଥମେ ୨୦୧୫ରେ ଏହି ମଡେଲରେ ଚାଷ ଆରମ୍ଭ କରିଥିଲେ। ସେ ୧ ଏକର ଜମିରେ ଜୈବିକ ଚାଷ କରି ସଫଳ ହେବା ପରେ ଗାଁର ୨୦ ଜଣ ମହିଳାଙ୍କୁ ଏଥିପ୍ରତି ଆକର୍ଷିତ କରିପାରିଥିଲେ। ମମଦାପୁର ଭଳି ମରାଠାୱାଡର ବହୁ ଗାଁରେ ଏବେ ଏହି ମଡେଲ ଚାଷରେ ହଜାର ହଜାର ମହିଳା ସାମିଲ ହେବାରେ ଲାଗିଛନ୍ତି । ଚାଷରୁ ଆୟ ଦୁଇଗୁଣ ବଢ଼ିବା ପରେ ମରାଠାୱାଡରେ କୃଷକ ଆତ୍ମହତ୍ୟା ମଧ୍ୟ କମିବାରେ ଲାଗିଛି। ମହିଳାମାନେ ଏବେ ଜିଆଖତ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୯୬

- ଏନରନ ଉନ୍ନୟନ ନିଗମ ପକ୍ଷରୁ ପ୍ରସ୍ତାବିତ ଡାଭୋଲ ଶକ୍ତି ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ।
- ବିଭିନ୍ନ ଅପରାଧ ଓ ଯୌନ ବ୍ୟାପାରରେ ସଂଶ୍ଳିଷ୍ଟ ଥିବାନେଇ ଅଭିଯୋଗ ହେବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ପଦରୁ ମହମ୍ମଦ ତସ୍‌ଲିମୁଦ୍ଦିନଙ୍କ ଇସ୍ତଫା ପ୍ରଦାନ।
- କର୍ଣ୍ଣାଟକ ସରକାର ତାମିଲନାଡୁକୁ କାବେରୀ ନଦୀରୁ ୫ ଟିଏମ୍‌ସି ଫୁଟ ଜଳ ଛାଡ଼ିବା ଫଳରେ ଜଳ ବଣ୍ଟନକୁ କେନ୍ଦ୍ରକରି ଉଭୟ ରାଜ୍ୟ ମଧ୍ୟରେ ଲାଗିରହିଥିବା ବିବାଦର ସାନି ସମାଧାନ।

## ଚିରନ୍ତନୀ

ନୁହେ ନୁହେ ଅକାରଣ ଅର୍ଦ୍ଧସ୍ଫୁଟ ଆହତ ମଞ୍ଜରୀ
ଅପ୍ରକାଶ ବାଣୀ ଯେତେ ମିଳାଇଛି, ହୋଇନାହିଁ ଧରି
ପ୍ରତି ଅଣୁ ପରମାଣୁ ନୋହେ ଅକାରଣ,
କୋଟି କୋଟି ଜୀବନ ମରଣ।
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟିପଚିହ୍ନରେ ସଂକ୍ରମଣକୁ ଆମନ୍ତ୍ରଣ

ମହାଶୟ,

ରାଶନକାର୍ଡରେ ଖାଉଟି ଦ୍ରବ୍ୟ ଗ୍ରହଣ ସମୟରେ ହିତାଧିକାରୀଙ୍କ ଦଶ ଅଙ୍ଗୁଳି ଚିହ୍ନ ମେଶିନ ଜରିଆରେ ବ୍ୟବହାର କରାଯାଉଅଛି। ଟିପଚିହ୍ନ ନ ମିଳିବା କାରଣରୁ ଆଖିର ଫଟୋ (ଆଇରିସ୍ ଫଟୋ) ଚିହ୍ନଟ ପାଇଁ ମେଶିନ ବ୍ୟବହାର କରାଯାଉଛି। ଏହା ବାରମ୍ବାର ବିଶୋଧିତ ନ ହୋଇ ଜଣକ ପରେ ଜଣେ ସ୍ପର୍ଶ କରି ବ୍ୟବହାର କରୁଥିବାରୁ କୋଭିଡ ସଂକ୍ରମଣ ଆଶଙ୍କା ସୃଷ୍ଟି ହେଉ ନାହିଁ କି? ଏଣୁ ଅନୁରୋଧ ଏହି ମେଶିନ ସବୁ ବ୍ୟବହାର ବେଳେ ଜଣେ ବ୍ୟବହାର କରିବା ପରେ ଆଉ ଜଣେ ବ୍ୟବହାର ପୂର୍ବରୁ ବିଶୋଧିତ ହେବା ଦରକାର। ଆଧାର କାର୍ଡ ପ୍ରତ୍ୟେକ ଲୋକର ବୈଧାନିକ ପ୍ରମାଣପତ୍ର ହୋଇଥିବାରୁ ଏତେ ଚିହ୍ନଟ ପ୍ରକ୍ରିୟା କାହିଁକି? ଖୁଚୁରା ବିକ୍ରୟ କେନ୍ଦ୍ରରେ ଲୋକେ ସାମାଜିକ ଦୂରତ୍ୱ ରଖୁନାହାନ୍ତି କି ମାସ୍କ ବ୍ୟବହାର କରୁ ନାହାନ୍ତି। ସେଠାରେ ଏସବୁ ଦେଖିବାକୁ କେହି ନାହାନ୍ତି।

–ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### 'ବି' କାଟେଗୋରି ଜିଲାରେ ଡିଏଲ୍ ଟେଷ୍ଟ ପାଇଁ ଆଜିଠୁ ସ୍ଲଟ୍ ବୁକିଂ

ଭୁବନେଶ୍ୱର,୯।୭(ବ୍ୟୁରୋ): କୋଭିଡ୍ କଟକଣା ପାଇଁ 'ବି' କାଟେଗୋରି ଜିଲାରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଟେଷ୍ଟ ନିମନ୍ତେ ଶନିବାରଠାରୁ ସକାଳ ୧୧ଟାରୁ ସ୍ଲଟ୍ ବୁକିଂ ଆରମ୍ଭ ହେବ। ୧୪ ତାରିଖରୁ ଟେଷ୍ଟ ଆରମ୍ଭ ହେବ। ଏସବୁ ଜିଲା ହେଲା ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ନୟାଗଡ଼। ତେବେ ରଥଯାତ୍ରା ପାଇଁ ପୁରୀ ଜିଲାରେ ଟେଷ୍ଟ ସ୍ଥଗିତ ରଖାଯାଇଥିବାବେଳେ ୧୩ରୁ ସ୍ଲଟ୍ ବୁକିଂ କରାଯାଇପାରିବ ବୋଲି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଯେଉଁମାନେ ପୂର୍ବରୁ ଆବେଦନ କରିଛନ୍ତି ସେମାନେ ହିଁ ଏହି ସ୍ଲଟ ବୁକିଂ କରିପାରିବେ। ଏଥିସହିତ ଡିଏଲ୍ ନବୀକରଣ ପାଇଁ ପୁନଃ ଟେଷ୍ଟ ନିମନ୍ତେ ଅନୁମତି ପ୍ରଦାନ କରାଯିବ। ଟେଷ୍ଟ ସେଣ୍ଟରକୁ ଯିବାବେଳେ ଅନ୍ୟ କାହାକୁ ସାଙ୍ଗରେ ନ ନେବା ସହ କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି କୋଭିଡ୍ ଲକ୍ଷଣ ଥିଲେ କିମ୍ବା କଣ୍ଟେନମେଣ୍ଟ ଜୋନ୍‌ରୁ ହୋଇଥିଲେ ଟେଷ୍ଟିଂ ନିମନ୍ତେ ଅନୁମତି ମିଳିବ ନାହିଁ।

### ଡ. ଇତି ସାମନ୍ତ ହେଲେ 'ୱାଜା ଓଡ଼ିଶା' ଅଧ୍ୟକ୍ଷା



ଭୁବନେଶ୍ୱର, ୯।୭ (ବ୍ୟୁରୋ): ଲେଖକ-ସାମ୍ବାଦିକଙ୍କ ପ୍ରଥମ ଜାତୀୟ ସ୍ତରୀୟ ମିଳିତ ମଞ୍ଚ 'ରାଇଟର୍ସ ଆଣ୍ଡ ଜର୍ନାଲିଷ୍ଟ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ୱାଜା ଇଣ୍ଡିଆ)'ର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷା ଭାବେ ବିଶିଷ୍ଟ ଲେଖିକା, ସାମାଜିକ କର୍ମୀ, ଉଦ୍ୟୋଗୀ ତଥା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ମନୋନୀତ ହୋଇଛନ୍ତି। ୱାଜା ଇଣ୍ଡିଆର ଜାତୀୟ ମହାସଚିବ ଶିବେନ୍ଦ୍ର ପ୍ରକାଶ ଦ୍ୱିବେଦୀଙ୍କ ଦ୍ୱାରା ଏ ସମ୍ପର୍କିତ ମନୋନୟନ ପତ୍ର ନୂଆଦିଲ୍ଲୀ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ଏକୀକରଣ ଓ ବିଭିନ୍ନ ଭାଷା ସାହିତ୍ୟର ବିକାଶକୁ ପ୍ରାଧାନ୍ୟ ଦେଇ ଲେଖକ ଓ ସାମ୍ବାଦିକଙ୍କୁ ଗୋଟିଏ ମଞ୍ଚରେ ଏକତ୍ର କରିବା ଲକ୍ଷ୍ୟରେ ଏହି ଆସୋସିଏଶନ ଗଠନ କରାଯାଇଛି। ବିଭିନ୍ନ ରାଜ୍ୟରେ ସଂଘର ଶାଖା ରହିଥିବାବେଳେ ଓଡ଼ିଶା ଶାଖାର ଅଧ୍ୟକ୍ଷା ଭାବରେ ଡ. ସାମନ୍ତଙ୍କ ମନୋନୟନକୁ ବିଭିନ୍ନ ବର୍ଗରେ ସ୍ୱାଗତ କରାଯାଇଛି।

### ଚନ୍ଦକା ଡିଏଫ୍ଓ ହେଲେ ମହମ୍ମଦ ଜମିଲ

ବାରଙ୍ଗ,୯।୭(ଡି.ଏନ୍.ଏ.): ଚନ୍ଦକା ଫରେଷ୍ଟ ଡିଭିଜନର ଡିଏଫ୍ଓ ଭାବେ ମହମ୍ମଦ ଜମିଲ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ସିଟି ଫରେଷ୍ଟର ଦାୟିତ୍ୱରେ ଥିଲେ। ପୂର୍ବ ଡିଏଫ୍ଓ କେଦାର ସ୍ୱାଇଁଙ୍କ ପ୍ରମୋଶନ ପରେ ଅସ୍ଥାୟୀ ଭାବେ ରମାକାନ୍ତ ନାୟକ ଏହି ଦାୟିତ୍ୱରେ ରହିଥିଲେ। ରମାକାନ୍ତ ନାୟକଙ୍କ ବଦଳି ରେଢ଼ାଖୋଲ ଫରେଷ୍ଟ ଡିଭିଜନକୁ ହୋଇଛି। ଶୁକ୍ରବାର ବିଧିବଦ୍ଧ ଭାବେ ରମାକାନ୍ତ ନାୟକଙ୍କଠାରୁ ଜମିଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଅନ୍ୟ ଅଧିକାରୀ ଓ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ତାଙ୍କ ଅଧୀନରେ ଚନ୍ଦକା ଡିଭିଜନର ୪ଟି ରେଞ୍ଜ ଚନ୍ଦକା, ଭୁବନେଶ୍ୱର ଭରତପୁର, ହଳଦିଆ ଓ ଡମପଡ଼ା ରହିବ। ଚନ୍ଦକା ଜଙ୍ଗଲରେ ଏବେ ୧୪ଟି ହାତୀ ଅଛନ୍ତି। ଏଥିସହ ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ ପର୍ଯ୍ୟଟକମାନଙ୍କ ପାଇଁ ୪ଟି ୧୪ଟିକିଆ ସିଟ୍ ଥିବା ଏସି ବସ୍ ଚାଲୁ କରାଯିବ ବୋଲି ମହମ୍ମଦ ଜମିଲ କହିଛନ୍ତି।

# ଭୁବନେଶ୍ୱରରୁ ୫ଜଣଙ୍କୁ ଗିରଫ କଲା ହାଇଦ୍ରାବାଦ ପୋଲିସ

ଭୁବନେଶ୍ୱର,୯।୭(ବ୍ୟୁରୋ)

ଓଡ଼ିଶାରୁ ଅପରେଟ ହେଉଛି ସାଇବର ଠକେଇ ର୍‍ୟାକେଟ। ହାଇଦ୍ରାବାଦ ପୋଲିସ ଭୁବନେଶ୍ୱରରୁ ୫ଜଣଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ମାନାପୁରମ୍ ଫାଇନାନ୍ସ ସଂସ୍ଥାରୁ ୩୦ଲକ୍ଷ ଟଙ୍କା ଠକେଇ ଘଟଣାରେ ଓଡ଼ିଶା ଲିଙ୍କ୍ ଥିବା ଜାଣିବା ପରେ ହାଇଦ୍ରାବାଦ ପୋଲିସ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିଲା। ଭରତପୁର ଓ ଖଣ୍ଡଗିରି ଥାନା ପୋଲିସ ସହାୟତାରେ ଘାଟିକିଆ ଓ ବରମୁଣ୍ଡାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଘାଟିକିଆ ଅଞ୍ଚଳର ଆଦିତ୍ୟ ନାରାୟଣ ମହାପାତ୍ର(୨୨), ସୌମ୍ୟରଞ୍ଜନ ପଟ୍ଟନାୟକ(୨୧), ଦେବାଶିଷ ଓଝା(୨୦), ବରମୁଣ୍ଡା ରୁଚିକା ଅଞ୍ଚଳର ଲକ୍ଷ୍ମୀଧର ମୁର୍ମୁ(୨୧) ଓ ପ୍ରମୋଦ ନାୟକ(୨୩)। ଏମାନଙ୍କ ମଧ୍ୟରୁ ୨ଜଣ ବ୍ରହ୍ମପୁରସ୍ଥିତ ଏକ ଘରୋଇ ସଂସ୍ଥାରେ ଚାକିରି କରିଥିବାବେଳେ ଅନ୍ୟ ୩ଜଣ ଛାତ୍ର। ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଆଇପିସି ଦଫା ୪୧୯, ୪୨୦ ଏବଂ ଆଇଟି ଆକ୍ଟ-୬୬ସିରେ ହାଇଦ୍ରାବାଦ ପୋଲିସ ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ କୋର୍ଟରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିବା ଜଣାପଡିଛି। ଏହି ଘଟଣାରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେନେଇ ହାଇଦ୍ରାବାଦ ସାଇବର ପୋଲିସ ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ ଘଟିଥିବା କୌଣସି ସାଇବର ଠକେଇରେ ଏମାନଙ୍କର ସମ୍ପୃକ୍ତି ନ ଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି।



ଗିରଫ ଅଭିଯୁକ୍ତମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲକୁ ନିଆଯାଉଛି।

**୩୦ଲକ୍ଷ ଟଙ୍କାର ସାଇବର ଠକେଇ**
- ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣ ଛାତ୍ର
- ଛତିଶଗଡ଼ ଲିଙ୍କ୍ ରହିଥିବା ସୂଚନା

ସୂଚନା ଅନୁଯାୟୀ, ଜୁନ୍ ୧୫ରେ ହାଇଦ୍ରାବାଦ ହିମାୟଥସ୍ଥିତ ମାନାପୁରମ୍ ଫାଇନାନ୍ସ ସଂସ୍ଥାର ଜୁନିଅର ଆସିଷ୍ଟାଣ୍ଟ ରବି ବର୍ମାଙ୍କ ନିକଟକୁ ଏକ ଅଜଣା ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀ ଭାବେ ପରିଚୟ ଦେଇ ତାଙ୍କ ସହ ୪ ମିନିଟ୍ କଥା ହୋଇଥିଲେ। ସଂସ୍ଥାର ଭଲମନ୍ଦ ପଚାରି ବୁଝିବା ସହ ତାଙ୍କ ଏମ୍ପ୍ଲୋଇ-ଆଇଡି ମଧ୍ୟ ବୁଝି ନେଇଥିଲେ। ଏହାର କିଛିଦିନ ପରେ ଅର୍ଥାତ୍ ଜୁନ୍ ୨୨ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ପୁଣିଥରେ କଲ୍ କରି ସଂସ୍ଥାର ଆସିଷ୍ଟାଣ୍ଟ ବ୍ରାଞ୍ଚ ହେଡ୍‌ଙ୍କ ସହ କଥା ହୋଇଥିଲେ। ସମାନ କଥା କହି ଭେରିଫିକେଶନ ପାଇଁ ତାଙ୍କୁ ଆଇଡି ଓ ପାସ୍‌ୱାର୍ଡ ମାଗି ନେଇଥିଲେ। ଆଇଡି ପାସ୍‌ୱାର୍ଡ ପାଇବା ପରେ ସାଇବର ଠକମାନେ ମାନାପୁରମ ଗୋଲ୍ଡ ଲୋନ୍ ମୋବାଇଲ୍ ଆପ୍ଲିକେଶନ ବ୍ୟବହାର କରି ଜାଲ୍ ଭାବେ ୧୨୦୦ଗ୍ରାମ୍ ସୁନା ବନ୍ଧା ରଖିଥିବା ଦେଖାଇଥିଲେ। ଏଥିପାଇଁ ସେମାନେ ସଂସ୍ଥାରୁ ୨ଟି ବ୍ୟାଙ୍କ ଖାତା ମାଧ୍ୟମରେ ୩୦ଲକ୍ଷ ଟଙ୍କା ଠକିନେଇଥିଲେ। ୨୩ ତାରିଖରେ ସଂସ୍ଥାର ଅଡିଟ୍ ଚାଲିଥିବା ସମୟରେ ଡାଟା ବେସ୍‌ରେ ୧୨୦୦ଗ୍ରାମ୍ ସୁନା ଅଧିକ ଦେଖାଉଥିବାବେଳେ ଲକରରେ ସୁନା ନ ଥିବା ଜଣାପଡିଥିଲା। ଏନେଇ ସଂସ୍ଥାର ମୁଖ୍ୟ ହାଇଦ୍ରାବାଦ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସେହି ଟଙ୍କା ଛତିଶଗଡ଼ ରାୟପୁରର ୨ଟି ଏସ୍‌ବିଆଇ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ତେଣୁ ସମ୍ପୃକ୍ତ ବ୍ୟାଙ୍କକୁ ଚିଠି ଲେଖାଯାଇ ତଥ୍ୟ ମଗାଯିବାରୁ ଉକ୍ତ ୨ଟି ଆକାଉଣ୍ଟରୁ ଓଡ଼ିଶାର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇ ଉଠାଇ ନିଆଯାଇଥିବା ଜଣାପଡ଼ିଥିଲା। ବ୍ୟାଙ୍କ ତଥ୍ୟ ଓ ଫୋନ ନମ୍ବରରୁ ଅଭିଯୁକ୍ତମାନେ ଘାଟିକିଆ ଅଞ୍ଚଳରେ ରହୁଥିବା ଜାଣିବା ପରେ ହାଇଦ୍ରାବାଦ ପୋଲିସ ଭୁବନେଶ୍ୱରରେ ପହଞ୍ଚିଥିଲା।

## ମାନସିକ ବିକାରଗ୍ରସ୍ତଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର, ୯।୭(ବ୍ୟୁରୋ)

ରାଜ୍ୟରେ ମାନସିକ ବିକାରଗ୍ରସ୍ତଙ୍କୁ ଟିକାକରଣରେ ପ୍ରାଧାନ୍ୟ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ପ୍ରାଥମିକ ପର୍ଯ୍ୟାୟରେ ମାନସିକ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କୁ ଟିକା ଦେବା ପାଇଁ କୁହାଯାଇଛି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଯେଉଁମାନଙ୍କର କୌଣସି ପରିଚୟପତ୍ର ନାହିଁ ସେମାନେ କୋୱିନ ପୋର୍ଟାଲରେ ପଞ୍ଜୀକରଣ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଗତ ମେ' ୧୧ରେ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପି ଆଧାରରେ ଏହି ବର୍ଗର ହିତାଧିକାରୀଙ୍କୁ ଟିକା ଦିଆଯାଇପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନୁଷ୍ଠାନରେ ଯଦି କୌଣସି ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମାନସିକ ବିକାରଗ୍ରସ୍ତ ମହିଳା ଥାଆନ୍ତି ତେବେ ତାଙ୍କୁ ମଧ୍ୟ ଟିକା ଦିଆଯାଇପାରିବ। ପ୍ରତ୍ୟେକ ସୋମବାର ଟିକାକରଣର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ୯ଦିନ ଚାଲିଲେ

**ପୁରୀ ଅଫିସ, ୯।୭:** ମହାପ୍ରଭୁଙ୍କ ଦର୍ଶନ କରିବାକୁ ସମ୍ବଲପୁରରୁ ପ୍ରମୋଦ ରାଠୀ ନାମକ ଭକ୍ତ ଗତ ୧ ତାରିଖରୁ ଚାଲି ଚାଲି ଆସି ଶୁକ୍ରବାର ପୁରୀରେ ପହଞ୍ଚିଛନ୍ତି। ସେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ଚାଲି ଚାଲି ପୁରୀରେ ପହଞ୍ଚିବାକୁ ୯ଦିନ ଲାଗିଛି। ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପାଇଁ ଆସିଥିଲେ ମଧ୍ୟ କୋଭିଡ୍ କଟକଣା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ଅନୁମତି ନ ଥିବାରୁ ସେ ବଡଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରୁଥିବା କହିଛନ୍ତି। ତାଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା।

# ଜେଲ ଗଲେ ଅଭିଯୁକ୍ତ ବାପା, ସାବତ ମା'

ଭୁବନେଶ୍ୱର, (ବ୍ୟୁରୋ)/ ବାଲିପାଟଣା, ୯।୭ (ଡି.ଏନ୍.ଏ.)

**୭ବର୍ଷର ଝିଅକୁ ନିର୍ଯାତନା ଘଟଣା**

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବାରହଳରେ ୭ବର୍ଷର ଶିଶୁକନ୍ୟାକୁ ଅକଥନୀୟ ନିର୍ଯାତନା ଘଟଣାରେ ଶୁକ୍ରବାର କମିଶନରେଟ୍ ପୋଲିସ ଅଭିଯୁକ୍ତ ବାପା ବିଲାଲ ଖାଁ ଓ ସାବତ ମା' ଫତମା ବିବିଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ଆଇପିସି ଦଫା ୩୦୭ ସହ ୩୪୨, ୩୨୩, ୩୨୪, ୩୪ ଓ ୭୫ରେ ମାମଲା (ନଂ.୧୬୮/୨୧) ରୁଜୁ ହୋଇଛି। ପଚରାଉଚରା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଭୁବନେଶ୍ୱର ଡିସିପି ଡ. ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ବିଲାଲ ପିପିଲି ଅଞ୍ଚଳର ରିଜୱାନା ପରୱିନ୍‌ଙ୍କୁ ପ୍ରଥମେ ବିବାହ କରିଥିଲେ। କିଛିଦିନ ପରେ ରିଜୱାନା ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ୨୦୨୦ରେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲେ ମଧ୍ୟ ବିଲାଲ ଝିଅକୁ ପାଖରେ ରଖିଥିଲେ। କିଛିଦିନ ପରେ ବିଲାଲ ଫତମା ବିବିଙ୍କୁ ବିବାହ କରିଥିଲେ। ଏହାପରେ ବାପା ଓ ସାବତ ମା' ମିଶି ଝିଅକୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଠିକ୍ ଭାବେ ଖାଇବାକୁ ଦେଉ ନ ଥିଲେ। ଫଳରେ ସେ ଅପପୁଷ୍ଟିର ଶିକାର ହୋଇଥିଲେ। ଦିନରାତି ବାରଣ୍ଡାରେ ଏକ ଚେନ୍‌ରେ ବାନ୍ଧି ରଖି ମାଡ଼ ମାରିବା ସହ ବିଭିନ୍ନ ଅତ୍ୟାଚାର କରୁଥିଲେ। ଏହା ଜାଣିବା ପରେ ମା' ରିଜୱାନା ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଘଟଣା ପଦାକୁ ଆସିଥିଲା। ଗତ ଗୁରୁବାର ଚାଇଲ୍ଡଲାଇନ କର୍ମକର୍ତ୍ତା ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଚାଇଲ୍ଡ ଲାଇନ୍ ପକ୍ଷରୁ ଭୁବନେଶ୍ୱର ଡିସିପି, ଓଏସ୍‌ସିପିସିଆର, ଖୋର୍ଦ୍ଧା ସିଡବ୍ଲୁସି ଓ ଡିସିପିଓଙ୍କୁ ଲେଖାଯାଇଥିଲା। ଏପଟେ ବାଲିପାଟଣା ଥାନାରେ ଶିଶୁର ଅଜା ଅଭିଯୋଗ କରିବାପରେ ଗୁରୁବାର ରାତିରେ ଅଭିଯୁକ୍ତ ବାପା ଓ ସାବତ ମା'ଙ୍କୁ ବାଲିପାଟଣା ପୋଲିସ ଥାନାକୁ ନେଇ ପଚରାଉଚରା କରୁଥିଲା।

## ୟୁନିଫର୍ମ ବାବଦରେ ଜେଲ କର୍ମଚାରୀଙ୍କୁ ମିଳିବ ଟଙ୍କା

**ଅଫିସରଙ୍କୁ ୩ ହଜାର, କର୍ମଚାରୀଙ୍କୁ ୪ ହଜାର**

ଭୁବନେଶ୍ୱର,୯।୭(ବ୍ୟୁରୋ)

ଜେଲ କର୍ମଚାରୀଙ୍କୁ ୟୁନିଫର୍ମ ପ୍ରଦାନ କରାଯିବ। ବର୍ଷକୁ ଏବାବଦରେ ଅଫିସରଙ୍କୁ ୩ହଜାର ଟଙ୍କା ଓ କର୍ମଚାରୀଙ୍କୁ ୪ହଜାର ଟଙ୍କା ଦିଆଯିବ। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଜେଲ ବିଭାଗରେ ୟୁନିଫର୍ମ ପାଇଁ ବର୍ଷକୁ ଥରେ ଟେଣ୍ଡର କରାଯାଉଥିବାବେଳେ ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ପୋଲିସ ବିଭାଗ ଭଳି ଏମାନେ ୟୁନିଫର୍ମ ବଦଳରେ ବର୍ଷକୁ ଥରେ ଟଙ୍କା ପାଇବେ। ଏହି ଟଙ୍କାରେ ଏମାନେ ପୋଷାକ, ଜୋତା ଓ ବେଲ୍ଟ କିଣିବେ। ଆସନ୍ତା ଆର୍ଥିକ ବର୍ଷଠାରୁ ଏହି ନିୟମ ଲାଗୁ ହେବ।


**ODISHA STAFF SELECTION COMMISSION**
Barrack No. 1, Unit-V, Bhubaneswar-751054

No.IIE-21/2015/1635/OSSC Date: 09.07.2021

**NOTICE**

**No. T-19:-** Pursuant to Advertisement No. 4118/OSSC dated 22.12.2016 & in continuation to Notification No. 106/OSSC dated 18.01.2021 and Notice No. 1577/OSSC dated 05.07.2021, it is informed to all concerned that the **Computer Skill Test for the post of Combined Auditor-2016** will be held on **18.07.2021** at **Innovinc Tech Lab., Gandamunda, Pokhariput, Indira Gandhi Memorial Ayurvedic Medical College & Hospital Campus, Infront of Madhushudan Park, Bhubaneswar, 751030.** The Programme of Computer Skill Test is as follows:-

**PROGRAMME**

| Date | Type of exam | Reporting Time | Duration of CST |
|---|---|---|---|
| 18.07.2021 | Computer Skill Test (CST) | 1.30 P.M. | 2.30 P.M. to 3.30 P.M. |

The candidate concerned may download their Adminstration Letter from 12.07.2021 onwards to appear the Test by following the below steps:-
(i) Access the website **www.ossc.gov.in**
(ii) Click the Tab "**Download Admission Letter**" blinking in the Home page of the website "**What's New**".
(iii) Furnish Application Registration No. as user Id & Date of Birth as password to download Admission letter.

**Protocol of COVID-19 like use of sanitizer, social distancing, wearing of three layer mask must be adhered to during the Computer Skill Test.**

**By order of the Commission,**
**Sd./- Secretary**
OIPR-09005/11/0012/2122



**ROURKELA DEVELOPMENT AUTHORITY**
UDIT NAGAR, ROURKELA - 769012
**Mail:** secretaryrda@gmail.com, **GSTIN:** 21AAALR0294B1ZK
No. 1235/RDA, dated 09.07.2021

**PROCLAMATION**

It is hereby informed to the General public that one **Pradipta Kumar Pradhan, S/o- Late Rabindra Kumar Pradhan** has applied for mutation of House No. C3M-45, under Gopabandhu Nagar Housing Scheme, Chhend, Rourkela-15 in his favour consequent upon death of his Father Late Rabindra Kumar Pradhan. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

**Sd./- Secretary, Rourkela Development Authority**



**ଆବଶ୍ୟକ**

ମେସର୍ସ ସିଗ୍‌ମା ରେଲ୍ ସିଷ୍ଟମ୍ସ ପ୍ରା. ଲିଃ (ଅଲ୍‌ଷ୍ଟ୍ରୋର ଭାରତୀୟ ସଂସ୍ଥା) ଏବଂ ମେସର୍ସ ଇକ୍ୟୁସ୍ ସିଗ୍‌ନାଲିଂ ସିଷ୍ଟମ୍ସ ପ୍ରା. ଲିଃ ଓଡ଼ିଶା, ରାଞ୍ଚି, ଝାଡ଼ଖଣ୍ଡରେ ଜାରି ରହିଥିବା ରେଲ୍‌ୱେ ସିଗ୍‌ନାଲିଂ ଓ ଟେଲିକମ୍ କାର୍ଯ୍ୟ ପାଇଁ ନିମ୍ନପ୍ରଦତ୍ତ ଅଭିଜ୍ଞ ଲୋକବଳ ଆବଶ୍ୟକ କରୁଛନ୍ତି।

**ଆବଶ୍ୟକ ଲୋକବଳର ବିବରଣୀ:**

୧. ପ୍ରୋଜେକ୍ଟ ମ୍ୟାନେଜର – ବି.ଟେକ୍, ରେଲ୍‌ୱେ ସିଗ୍‌ନାଲିଂ ସିଷ୍ଟମ୍‌ରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା। ୨. ପର୍ଚେଜ୍ ମ୍ୟାନେଜର – ରେଲ୍‌ୱେ ସିଗ୍‌ନାଲିଂ ପୃଷ୍ଠଭୂମିରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା। ୩. ସାଇଟ୍ ଇଞ୍ଜିନିୟର – ଡିପ୍ଲୋମା, ରେଲ୍‌ୱେ ସିଗ୍‌ନାଲିଂ ସିଷ୍ଟମ୍‌ରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା। ୪. ଏଚ୍‌ଆର୍ ଏକ୍ଜିକ୍ୟୁଟିଭ୍ – ରିସୋର୍ସ ମ୍ୟାନେଜମେଣ୍ଟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା। ୫. ସାଇଟ୍ ଷ୍ଟୋର୍ ମ୍ୟାନେଜର – ଡିପ୍ଲୋମା, ସିଗ୍‌ନାଲିଂ ଏବଂ ଟେଲିକମ୍ ଇକ୍ୱିପ୍‌ମେଣ୍ଟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା।

ଦୟାକରି ନିଜର ଅପଡେଟେଡ୍ ରିଜ୍ୟୁମ୍ info@sigmarail.in ରେ ପଠାନ୍ତୁ



**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 4637/P.S.C.,** Website- http://opsc.gov.in **Dt. 9.7.21**

**No. D-53:-** On the basis of written examination held on 13.03.2021 & 14.03.2021 for recruitment to the post of **Lecturer in Govt. College of Physical Education** (Group-B) pursuant to Advertisement No.05 of 2020-21, **05 (Five)** candidates bearing Roll Numbers **100014, 100039, 100047, 100048 & 100058** have been provisionally qualified for attending verification of documents & Viva Voce Test. The **physical verification of original documents/certificates & Viva voce test** in respect of the above qualified candidates will be held in the Office of the Commission's at 19, Dr. P.K. Parija Road, Cuttack-753001 on 27.07.2021 as per the programme details below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Reporting / Time of Verification of original documents | Time of Viva voce test | Roll Numbers of candidates |
|---|---|---|---|
| 27.07.2021 | 9.00 A.M. / 9.30 A.M. | 11.30 A.M. | 100014, 100039, 100047, 100048 & 100058 = 05 Candidates |

The candiates are required to submit the following original documents along with a set of self attested photo copies of the same at the time of verification as per Para-10 of advertisement.

1. Hard copies of online application form duly signed by the candidate & indicating his/her roll no. at the top right hand corner.
2. "**Attestation Form**" & "**Bio-data Form**" duly filled by the candidate (to be downloaded from the website of the Commission)
3. H.S.C. or equivalent certificate in support of declaration of age issued by the concerned Board/Council.
4. Intermediate/+2 Examination Certificate or equivalent Certificate issued by the concerned Board/Council.
5. Bachelor's Degree Certificate from the recognized University.
6. Master's Degree Certificate issued by the recognized University.
7. Two character certificates in original issued by two respectable persons, one of which must be a Government Servant not below the rank of Group-B.
8. Two recent passport size photographs (unsigned & unattested).
9. Certificates of conduct from the Principal/Proctor/Dean or Professor in charge of a Deptt. of Teaching of the College or University in which he/she last studies.
10. Caste Certificate in support of claim as S.Cs./S.Ts./S.E.B.Cs., wherever applicable.
11. Pass certificate in Odia language in M.E. School Standard or HSC examination.
12. Identity Card/Certificate issued by Rajya Sainik Board or Zilla Sainik Board, wherever applicable, in case of Ex-Serviceman.
13. OPSC copy of challan (pay in slip) for payment of fee at SBI.

It is also made clear that the candidature of these candidates for the recruitment is **purely provisional**. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right to appear the viva voce test. The candidates shall be allowed to the viva voce test on the scheduled date & time as mentioned above subject to fulfillment of the eligibility in all respect as per verification of original certificates/ documents. The decision of the Commission thereon shall be final.

Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification and V.V. Test. Covid-19 test report (**RT-PCR**) showing "**negative**" (-ve) obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0031/2122 **Sd./- Secretary**

See Career Appointment on every Wednesday & Saturday



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./CIV-2021/BALASORE-MSH/622 Dated : 09th July 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Providing Consultancy Services for Preparing Detailed Drawing, Structural Design, Project report and Cost Estimate for Construction of 300 Bedded Multi Specialty Hospital at AIIMS Satellite Centre, Balasore** *(NIT No.:AIIMS/BBSR/Engg./016/2021-22)*. The detailed Tender Document along with Last Date & Time of Submission of Tender can be viewed & downloaded from the website www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.

Sd/-
Executive Engineer(Civil) I/C
AIIMS, Bhubaneswar



**OFFICE OF THE DEAN & PRINCIPAL**
**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA**
RANGAMATIA, BARIPADA - 757107, DISTRICT - MAYURBHANJ, ODISHA
Telephone: 06792-240400/01. E-mail: prmmchbaripada@gmail.com

**NOTICE INVITING TENDER**

**Reference No.1344/21-22/PRMMCH Baripada, Dated.30/06/2021**

No. E-213:- The sealed tenders are invited from the registered firms/publishers **for supply of Medical Books**, quoting the discount on publisher's price which is to be purchased for the central library of PRM Medical College, Baripada during the financial year 2021-22. The tender papers containing the terms & conditions along with list of the BOOKs can be downloaded from the College website www.prmmch.nic.in / official website www.mayurbhanj.nic.in **from 14.07.2021**. The last **date of submission of bid documents is 04.08.2021 by 5.00 P.M.**

**Sd./- Dean & Principal, PRMMCH, Baripada**
OIPR-10120/11/0004/2122



**ଏସ୍.ଇ. ରେଳପଥ - ଟେଣ୍ଡର**

ନଂ.: ସିଓଏମ୍‌ଏମ୍‌ଏଲ୍.୭/ସିଏଟିଜି./ମିଲ୍କ ଷ୍ଟଲ୍ ଆୱାର୍ଡ/ସିକେପି ଡିଭିଜନ/୨୧, ତାରିଖ ୦୮।୦୭।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (କମର୍ସିଆଲ୍), ଚକ୍ରଧରପୁର ଡିଭିଜନ, ଏସ୍.ଇ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତିଯୋଗିତାମୂଳକ, ଏକକ ପ୍ୟାକେଟ୍, ଖୋଲା ଟେଣ୍ଡର ପ୍ରଣାଳୀରେ ବିଡ୍ ଆମନ୍ତ୍ରଣ କରୁଛନ୍ତି। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ଝାରସୁଗୁଡ଼ା, ଟାଟାନଗର, ଚକ୍ରଧରପୁର ଏବଂ ରାଉରକେଲା ଷ୍ଟେଶନଠାରେ ମିଲ୍କ ଷ୍ଟଲ୍‌ରେ କ୍ୟାଟେରିଂ ସେବା ଯୋଗାଇବା। (୧) ସମ୍ପୂର୍ଣ୍ଣ ସୂଚନା ପାଇଁ ବିଡରମାନଙ୍କୁ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। (୨) ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ବିସ୍ତାରଣ, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ। ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। (୩) **ଟେଣ୍ଡର କାଗଜପତ୍ର ଜାରି:** ତା୦୮।୦୭।୨୦୨୧ରିଖ। (୪) **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ:** ତା୩୦।୦୭।୨୦୨୧ରିଖ ୧୫.୦୦ ଘଣ୍ଟିକା। (୫) **ଟେଣ୍ଡର ଖୋଲାଯିବ:** ତା୩୦।୦୭।୨୦୨୧ରିଖ ୧୫.୩୦ ଘଣ୍ଟିକାରେ। **(PR-173)**



**ODISHA STATE CIVIL SUPPLIES CORPORATION LIMITED**
NAYAGARH DISTRICT

Letter No. 2923 Dt.08.07.2021

**1st Corrigendum to Tender Call Notice No. 2790, 2721 & No. 2809 Dt.01.07.2021**

In pursuance to this Office Order No. 2755, 2751, 2768 Dt.30.06.2021 the Tender Call Notice No. 2790, 2721 & No. 2809 Dt.01.07.2021 relating to appointment of Transport Contractor Level-II, Level-I and Handling Contractor for the biennial year 2021-23. The last date of online submission of tender document is as follows.

**The e-tender for Transport Contractor Level-I, Level-II, and Handling Contractor is reschedule due to COVID-19 pandemic situation as per the following dateline**

1. Availability of Bid document in the portal : From 02.07.2021 to 28.07.2021 upto 1.00 P.M.
2. Last date/time for receipt of bid in the portal : 28.07.2021 upto 5.00 P.M.
3. Date and time for opening of Technical Bid : 29.07.2021 at 11.00 A.M.
4. Date and time of Financial Bid : 30.07.2021 at 11.00 A.M.

The bidder while submitting the proposal should submit duly signed copy of corrigendum/addendum along with the tender documents (as per checklist).

**Sd./- Collector, Nayagarh**



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/PJ/O/SU/017 Date: 09.07.2021

TP Western Odisha Distribution Limited invites tender (2 part bidding) from eligible vendors for the following packages:

**Rate Contract for Supply of different types of Protection Relay and Commissioning of protection relays including configuration, testing protection & communication, Integration with SCADA system and support.**

Bidders Interested to Participate are required to pay the tender fee & confirm the same by email on or before **19.07.2021, 1500 hrs**. The tender participation link will be shared with them those who have conformed.

The bidders are requested to visit website: **www.tpwesternodisha.com** for detailed tender paper along with terms & conditions.

All future correspondences will only take place with the eligible to participate bidders for bid submission, last date extension & corrigendum's if any.

**Sd/- Chief Contracts and Stores**

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## (ଭୂ-ଅର୍ଜନ ଉପ-ବିଭାଗ)

## ଅଧିସୂଚନା

ବିଜ୍ଞପ୍ତି ସଂଖ୍ୟା: ୫୩୪ | ତାରିଖ: ୦୬।୦୭।୨୦୨୧

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ, ଅର୍ଥାତ୍ ଓସିଏଲ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ନିମନ୍ତେ ମୌଜା: କୁକୁଡ଼ା, ଥାନା: ରାଜଗାଙ୍ଗପୁର, ତହସିଲ: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ଜମି: ୨୩୨.୯୪୫ ଏକର ଅର୍ଜନ କରିବା ଆବଶ୍ୟକ ହେଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପେ ଓସିଏଲ୍ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଓସିଏଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଭୂ-ଅଧିଗ୍ରହଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ଓସିଏଲ ଇଣ୍ଡିଆ ଲିମିଟେଡ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବର ମୂଲ୍ୟାଙ୍କନ ସାରାଂଶ: ଏଥି ସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ରାଜଗାଙ୍ଗପୁର | କୁକୁଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ-ବିକ୍ରୟ, ହସ୍ତାନ୍ତର କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅନୁମତି/ଅନୁମୋଦନ ବିନା କରାଯାଇ ପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାର/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

## Full Land Schedule (Village: Kukuda)

### ମୌଜା: କୁକୁଡ଼ା, ଥାନା: ରାଜଗାଙ୍ଗପୁର, ତହସିଲ: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା

| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟର ନମ୍ବର | କିସମ | ପ୍ଲଟର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୦୧ | ୨ | ଅଘନୁ ଓରାମ, ପି.: ଭଇଁରା ଓରାମ, ଚଣ୍ଡା ଓରାମ, ଟେମ୍ପା ଓରାମ, ଫଗୁ ଓରାମ, ଗୁଇନ୍ଦ୍ରା ଓରାମ, ରାମ ଓରାମ, ପି.: ଗଇନ୍ଦା ଓରାମ, ଡିଣ୍ଡା ଓରାମ, ପି.- ଚାର ଓରାମ, ଲାଲୁ ଓରାମ, ପାରତ ଓରାମ, ପି.- କଇରୁ ଓରାମ, ଜନ ଲାକ୍ରା, ପାଉଲୁସ ଲାକ୍ରା, ଅଜୟ ଲାକ୍ରା, ପି.- ଶୁକ୍ରା ଓରାମ, ଜା: ଓରାମ, ବା: ନିଜଗାଁ ପାଣ୍ଡରୁପଡ଼ା | ୯୯୮ | ଗୋଡ଼ା ଦୁଇ | ୨.୧୨ | ୨.୧୨ |
| ୦୨ | ୪ | ଅମିଲ କିଶାନ, ନେଗି କିଶାନ, ପି.- ମାନିକି କିଶାନ, ପଣ୍ଡୁ କିଶାନ, ଟଟାଙ୍ଗି କିଶାନ, ପି.- ରୁଡିଆ କିଶାନ, ବାଣ୍ଟୁ କିଶାନ, ପି.- ଜେଙ୍ଗା କିଶାନ, ଜା: କିଶାନ, ବା: ନିଜଗାଁ ପଡ଼ା ସର୍ଗୀଟୋଲା | ୨୨୪୦ | ମାଳ ସାଧାରଣ | ୨.୨୦ | ୦.୦୩ |
| | | | ୨୨୧୯ (P) | ମାଳ ସାଧାରଣ | ୨.୮୦ | ୨.୧୭ |
| | | | ୨୦୮୧ (P) | ମାଳ ସାଧାରଣ | ୧.୧୬ | ୦.୪୪ |
| ୦୩ | ୦୫ | ଆଇଁଚି କିଶାନ, ସ୍ୱା.- ରାମ କିଶାନ, କାଲ କିଶାନ, ଜେଙ୍ଗା କିଶାନ, ପି.- ରାମ କିଶାନ, ନିମି କିଶାନ, ଭାଦୁ କିଶାନ, କାଣ୍ଡେ କିଶାନ, ଜଟିଆ କିଶାନ, ପି.- ଗଣ୍ଡା କିଶାନ, ଜା: କିଶାନ, ବା: ନିଜଗାଁ | ୨୧୬୧ (P) | ମାଳ ସାଧାରଣ | ୨.୪୧ | ୦.୦୩ |
| | | | ୨୨୧୭ | ମାଳ ସାଧାରଣ | ୦.୬୨ | ୦.୬୨ |
| ୦୪ | ୮ | ଇନ୍ଦ୍ର କିଶାନ, ପି.- କାଲୋ କିଶାନ, ଜା: କିଶାନ, ବା: ନିଜଗାଁ ପଡ଼ା ସର୍ଗୀଡିହି | ୨୧୭୪ | ମାଳ ସାଧାରଣ | ୦.୬୪ | ୦.୬୪ |
| ୦୫ | ୨୧ | କାନ୍ଦରୀ କିଶାନ, ସ୍ୱା.- ଲଦର କିଶାନ, ଗମ୍ଭାଇ କିଶାନ, ଯୋଶେବ କିଶାନ, ଫିଲିପ କିଶାନ, ପି.- ଲଦର କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୯ | ମାଳ ସାଧାରଣ | ୨.୩୨ | ୨.୩୨ |
| ୦୬ | ୨୨ | କାରଲୁସ କିଶାନ, ପି.- ବେଡେଡ୍ରେ କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୭୪୬ (P) | ମାଳ ସାଧାରଣ | ୦.୪୦ | ୦.୦୭ |
| ୦୭ | ୨୩ | ପିତ୍ରୁସ ଲାକଡ଼ା, କାଲେତ୍ରୁସ ଲାକଡ଼ା, ପାତ୍ରିକ ଲାକଡ଼ା, ପି.- ଗଦୋ ଲାକଡ଼ା, ଆଇବିସ ଲାକଡ଼ା, କାଲୋଷ୍ଟିନ ଲାକଡ଼ା, ପି.- କୁନ୍ଦା କିଶାନ, ଡିବା କିଶାନ, ପି.- ପଣ୍ଡକା କିଶାନ, ଶୁକ୍ରୁ କିଶାନ, ପି.- ଗମାଇ କିଶାନ, ଝଟା କିଶାନ, ପି.- ମାଧ କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୨୧୭୧ | ମାଳ ସାଧାରଣ | ୦.୭୮ | ୦.୭୮ |
| ୦୮ | ୨୫ | କୁଡ଼ା କିଶାନ, ପି.- ନାଗ କିଶାନ, ଜା: କିଶାନ, ବା: ନିଜଗାଁ | ୨୨୨୦ | ମାଳ ସାଧାରଣ | ୦.୮୨ | ୦.୭୪ |
| ୦୯ | ୩୧ | ଖର୍ଜୁ କିଶାନ, ପି.- ସାନ ଯୋଙ୍ଗା କିଶାନ, ପାଣ୍ଡରୁ କିଶାନ, ପି.- ବୈଶାଖୁ କିଶାନ, ଜା: କିଶାନ, ବା: ନିଜଗାଁ | ୧୨୬୫ (P) | ଗୋଡ଼ା ଦୁଇ | ୧.୦୬ | ୦.୮୪ |
| | | | ୧୨୭୦ (P) | ଗୋଡ଼ା ଦୁଇ | ୦.୫୧ | ୦.୩୦ |
| | | | ୧୨୭୧ | ମାଳ ସାଧାରଣ | ୩.୫୮ | ୩.୫୮ |
| | | | ୧୨୭୮ (P) | ମାଳ ସାଧାରଣ | ୧.୯୬ | ୦.୬୨ |
| | | | ୧୨୮୮ | ମାଳ ସାଧାରଣ | ୨.୩୬ | ୦.୬୮ |
| | | | ୧୨୮୫/ ୨୬୦୩ | ମାଳ ସାଧାରଣ | ୦.୦୩ | ୦.୦୩ |
| | | | ୨୧୬୪ (P) | ମାଳ ସାଧାରଣ | ୦.୬୬ | ୦.୬୬ |
| ୧୦ | ୩୩ | ଖଡ଼ା କିଶାନ, ପି.- ଝିରିଆ କିଶାନ, ଟିଟୁ କିଶାନ, ପି.- ଦିନା କିଶାନ, ମୁଣ୍ଡିରି କିଶାନ, ସ୍ୱା.- ଗୌନ୍ତି କିଶାନ, ସୁଷମା କିଶାନ, ଯେମଶ କିଶାନ, ପି.- ଗୌନ୍ତି କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୪ | ମାଳ ସାଧାରଣ | ୦.୪୮ | ୦.୪୮ |
| | | | ୨୧୭୬ | ମାଳ ସାଧାରଣ | ୨.୪୨ | ୨.୪୨ |
| ୧୧ | ୪୨ | ଗାନ୍ଦାଉରୀ ଓରାମ, ଦୁଃଖିନୀ ଓରାମ, ପି.- ବାଣେ ଓରାମ, ଶିବା ଓରାମ, ମଙ୍ଗରା ଓରାମ, ଚମରା ଓରାମ, ବିର୍ଷ ଦେଇ ଓରାମ, ପି.- ନାଥୁ ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା, ଗାଁ: ଜଳଡିହି | ୨୧୯୦ | ବେର୍ଣ୍ଣା ସାଧାରଣ | ୦.୭୫ | ୦.୭୫ |
| ୧୨ | ୪୩ | ଗାନ୍ଦରୁ ଓରାମ, ବମନୁ ଓରାମ, ପି.- ଦେଓ୍ୱା ଓରାମ, ଜା: ଓରାମ, ବା: ନିଜଗାଁ ଜଳଡିହି | ୨୧୯୪ | ମାଳ ସାଧାରଣ | ୦.୬୭ | ୦.୬୭ |
| ୧୩ | ୫୨ | ଚିରମାଲି କିଶାନ, ପି.- ଚିକ କିଶାନ, ଲାଖି କିଶାନ, ସ୍ୱା.- ଚିକ କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୭ | ବାହାଲ ସାଧାରଣ | ୦.୩୬ | ୦.୩୬ |
| | | | ୨୧୩୬ (P) | ମାଳ ସାଧାରଣ | ୧.୦୪ | ୦.୫୬ |
| ୧୪ | ୬୨ | ଯିଠୁ କିଶାନ, ପି.- ଘାସି କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୦୦୮ | ଗୋଡ଼ା ଦୁଇ | ୦.୬୬ | ୦.୫୪ |
| | | | ୧୦୧୦ (P) | ଗୋଡ଼ା ଦୁଇ | ୦.୭୨ | ୦.୦୬ |
| | | | ୨୧୭୦ | ମାଳ ସାଧାରଣ | ୦.୩୬ | ୦.୩୬ |
| ୧୫ | ୬୩ | ଜୁନାସ କିଶାନ, ଚିରିଲି କିଶାନ, ଇମିଲି କିଶାନ, ପି.- ବିଜିଲା କିଶାନ, ଜଉରୁ କିଶାନ, ପି.- ଜିଠୁ କିଶାନ, ଚଟାଙ୍ଗ କିଶାନ, ପି.- ନେଗି କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୬୧ | ମାଳ ସାଧାରଣ | ୧.୦୫ | ୧.୦୫ |
| | | | ୧୨୬୩ | ମାଳ ସାଧାରଣ | ୦.୫୨ | ୦.୫୨ |
| | | | ୨୧୯୫ | ମାଳ ସାଧାରଣ | ୪.୦୬ | ୪.୦୬ |
| | | | ୨୨୧୮ | ମାଳ ସାଧାରଣ | ୧.୭୨ | ୧.୭୨ |
| ୧୬ | ୬୪ | ଯିଦି କିଶାନ, ସ୍ୱା.- କୁଞ୍ଜୁ କିଶାନ, ଦୁଲିଆ କିଶାନ, ବାଟି କିଶାନ, ମୃଷା କିଶାନ, ଟିପି କିଶାନ, ମାଙ୍ଗା କିଶାନ, ପି.- କୁଞ୍ଜୁ କିଶାନ, ପଦାୟ କିଶାନ, ସ୍ୱା.- ପାଦୁ କିଶାନ, ରାଜ କିଶାନ, ପି.- ପାଚା କିଶାନ, ଜା: କିଶାନ, ବା: ନିଜଗାଁ | ୧୦୦୧ | ଗୋଡ଼ା ଦୁଇ | ୦.୫୨ | ୦.୫୨ |
| | | | ୧୦୦୨ | ଗୋଡ଼ା ଦୁଇ | ୧.୧୦ | ୧.୧୦ |
| | | | ୧୦୦୩ | ଗୋଡ଼ା ଦୁଇ | ୦.୫୨ | ୦.୫୨ |
| | | | ୧୨୬୨ | ମାଳ ସାଧାରଣ | ୦.୭୨ | ୦.୭୨ |
| | | | ୨୨୦୨ | ମାଳ ସାଧାରଣ | ୦.୩୭ | ୦.୩୭ |
| | | | ୨୨୦୩ | ମାଳ ସାଧାରଣ | ୦.୪୮ | ୦.୪୮ |
| ୧୭ | ୭୧ | ଚଟାଙ୍ଗ କିଶାନ, ପି.- ନେଗି କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୯ (P) | ବାହାଲ ସାଧାରଣ | ୧.୦୦ | ୦.୫୪ |
| | | | ୧୨୯୦ | ବେର୍ଣ୍ଣା ସାଧାରଣ | ୦.୨୦ | ୦.୨୦ |
| | | | ୨୧୬୬ (P) | ମାଳ ସାଧାରଣ | ୦.୬୦ | ୦.୩୮ |
| | | | ୨୧୬୯ | ମାଳ ସାଧାରଣ | ୦.୪୮ | ୦.୪୮ |
| ୧୮ | ୭୩ | ଟେରେ ଓରାମ, ପୁନେଇଁ ଓରାମ, ପି.- ବଡ଼ ମାଦରା ଓରାମ, ବିଶ୍ଚୁ ଓରାମ, ଦଣ୍ଡ ଓରାମ, ଢୁରୁ ଓରାମ, ସାନ କଇଲା ଓରାମ, ପି.- ଲେଲେ ଓରାମ, ମାଙ୍ଗୁ ଓରାମ, ପି.- ମାଙ୍ଗ ଓରାମ, ସମରା ଓରାମ, ପି.- ଗୟ ଓରାମ, ଜା: ଓରାମ, ବା: ନିଜଗାଁ, ପଡ଼ାଗାଁ, ସାଲେମେଣ୍ଟା | ୨୧୮୨ | ବେର୍ଣ୍ଣା ସାଧାରଣ | ୧.୩୦ | ୧.୩୦ |
| | | | ୨୧୮୬ | ବେର୍ଣ୍ଣା ସାଧାରଣ | ୦.୫୪ | ୦.୫୪ |
| | | | ୨୧୮୭ | ବେର୍ଣ୍ଣା ସାଧାରଣ | ୦.୦୪ | ୦.୦୪ |
| ୧୯ | ୭୪ | ଟୁଣ୍ଟୁ କିଶାନ, ଟିପିସ କିଶାନ, କାନ୍ଦେଇ କିଶାନ, ପି.- ଦଶୁରୁ କିଶାନ, ଜା: କିଶାନ, ବା: ନିଜଗାଁ | ୧୭୬୮ | ଗୋଡ଼ା ଦୁଇ | ୦.୫୯ | ୦.୫୯ |
| | | | ୧୭୮୭ | ବାହାଲ ସାଧାରଣ | ୦.୮୨ | ୦.୮୨ |
| | | | ୧୭୯୦ | ମାଳ ସାଧାରଣ | ୦.୫୨ | ୦.୫୨ |
| | | | ୧୩୦୮/ ୨୬୨୨ | ବେର୍ଣ୍ଣା ସାଧାରଣ | ୧.୧୦ | ୧.୧୦ |
| | | | ୧୯୫୪ | ବେର୍ଣ୍ଣା ସାଧାରଣ | ୦.୯୧ | ୦.୯୧ |
| | | | ୧୯୫୬ | ମାଳ ସାଧାରଣ | ୦.୮୧ | ୦.୮୧ |
| | | | ୧୯୬୭ | ମାଳ ସାଧାରଣ | ୧.୦୮ | ୧.୦୮ |
| | | | ୧୯୭୧ | ମାଳ ସାଧାରଣ | ୪.୧୦ | ୪.୧୦ |
| ୨୦ | ୭୬ | ଠୁଲ କିଶାନ, ପି.- ଗମେଇ କିଶାନ, କାନ୍ଦେଇ କିଶାନ, ପି..- ଦଶରୁ କିଶାନ, ଜା: କିଶାନ, ବା: ନିଜଗାଁ | ୧୨୭୨ | ମାଳ ସାଧାରଣ | ୦.୭୮ | ୦.୭୮ |
| | | | ୯୯୨ (P) | ଗୋଡ଼ା ଦୁଇ | ୨.୩୦ | ୦.୪୮ |
| ୨୧ | ୭୯ | ଠୁନୁ କିଶାନ, ଟିପସା କିଶାନ, ମଧା କିଶାନ, ପି.- ଶିକୁ କିଶାନ, ଜା: କିଶାନ, ବା: ନିଜଗାଁ | ୧୯୫୪/ ୨୬୩୪ | ବେର୍ଣ୍ଣା ସାଧାରଣ | ୦.୨୫ | ୦.୨୫ |
| ୨୨ | ୮୦ | ଠେପା ଓରାମ, ପି.- ଦାଲୁ ଓରାମ, ଜିତେରେଇ ଓରାମ, ଦାଲୁ ଓରାମ, ମାର୍କୁଶ ଓରାମ, ପି.- ଶୁକ୍ରା ଓରାମ, ଗାନୁର ଓରାମ, ପି.- ବିଷ୍ଟୁ ଓରାମ, ଜା: ଓରାମ, ବା: ନିଜଗାଁ | ୨୧୭୩ | ମାଳ ସାଧାରଣ | ୨.୩୪ | ୨.୩୪ |
| ୨୩ | ୮୨ | ସିଲାସ ଟପ୍ପୋ, ପି.- ମାଥେ ଟପ୍ପୋ, ଜା: କିଶାନ, ବା: ନିଜଗାଁ | ୧୭୯୨ | ମାଳ ସାଧାରଣ | ୦.୩୪ | ୦.୩୪ |
| | | | ୧୯୫୧ | ମାଳ ସାଧାରଣ | ୦.୪୪ | ୦.୪୪ |
| | | | ୧୯୫୨ | ବେର୍ଣ୍ଣା ସାଧାରଣ | ୦.୨୫ | ୦.୨୫ |
| | | | ୧୦୦୦ | ଗୋଡ଼ା ଦୁଇ | ୦.୫୪ | ୦.୫୪ |
| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟର ନମ୍ବର | କିସମ | ପ୍ଲଟର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
| ୨୪ | ୯୧ | ତିଲ ଓରାମ, ଧୁରୁଆ ଓରାମ, ଲଖୁ ଓରାମ, ପି.- ଚନ୍ଦା ଓରାମ, ଗାନ୍ଦ୍ରା ଓରାମ, ପି.- ବଡ଼ ଧୁରୁଆ ଓରାମ, ଜା: ଓରାମ, ବା: ନିଜଗାଁ | ୧୮୧୦ | ବାହାଲ ସାଧାରଣ | ୦.୦୬ | ୦.୦୬ |
| | | | ୧୭୨୪ | ଗୋଡ଼ା ଦୁଇ | ୨.୧୮ | ୨.୧୮ |
| | | | ୧୮୬୪ | ବେର୍ଣ୍ଣା ସାଧାରଣ | ୦.୬୭ | ୦.୬୭ |
| | | | ୧୮୫୨ | ଗୋଡ଼ା ଦୁଇ | ୨.୫୧ | ୨.୫୧ |
| ୨୫ | ୯୮ | ବାହାଦୁର ଓରାମ, ପି.- ଦଶେଇ ଓରାମ, ଲିଟି ଓରାମ, ପି.- ବଡ଼ ବିରିଷା ଓରାମ, ଜା: ଓରାମ, ବା: ନିଜଗାଁ | ୧୨୯୨ (P) | ବାହାଲ ସାଧାରଣ | ୧.୦୦ | ୦.୧୦ |
| ୨୬ | ୧୧୨ | ଧଧ ଓରାମ, ପି.- ମାଙ୍ଗୁ ଓରାମ, ଲଖୁ ଓରାମ, ଧୁରୁଆ ଓରାମ, ବୁନ୍ଦା ଓରାମ, ପି.- ଘୁଡୁ ଓରାମ, ଜା: ଓରାମ, ବା: ନିଜଗାଁ, ପଡ଼ା: ସାଲେମେଣ୍ଟା | ୧୭୬୦ | ବାହାଲ ସାଧାରଣ | ୧.୫୪ | ୧.୫୪ |
| | | | ୧୭୬୧ | ବାହାଲ ସାଧାରଣ | ୧.୦୬ | ୧.୦୬ |
| | | | ୧୭୬୨ | ବାହାଲ ସାଧାରଣ | ୦.୧୬ | ୦.୧୬ |
| | | | ୧୭୨୨ (P) | ଗୋଡ଼ା ଦୁଇ | ୨.୭୫ | ୦.୨୪ |
| ୨୭ | ୧୧୩ | ଧନୀ ଓରାମ | ୧୨୯୬ (P) | ବେର୍ଣ୍ଣା ସାଧାରଣ | ୨.୨୧ | ୦.୦୬ |
| ୨୮ | ୧୧୫ | ଧାନ କିଶାନ, ପି.- ବାଣ୍ଟୁ କିଶାନ, ଫୁଲୁଲା କିଶାନ, ଚମ୍ପା କିଶାନ, ପଟାକା କିଶାନ, ପି.- କୁତୁରୁ କିଶାନ, ବୈରାଙ୍ଗି କିଶାନ, ପି.- ରଣ୍ଟୁ କିଶାନ, ଜା: କିଶାନ, ବା: ନିଜଗାଁ | ୨୧୮୯ | ମାଳ ସାଧାରଣ | ୬.୨୦ | ୬.୨୦ |
| ୨୯ | ୧୧୮ | ଧୁକା କିଶାନ, ଜଟିଆ କିଶାନ, ପି.- ଖଡ଼ା କିଶାନ, ବୁଚା କିଶାନ, ପି.- ଦଲେ କିଶାନ, ଆଇଚି କିଶାନ, ରାଧି କିଶାନ, ମିଚାଏ କିଶାନ, ପି.- ମାଥେ କିଶାନ, ଜା: କିଶାନ, ବା: ନିଜଗାଁ ପଡ଼ା ସର୍ଗୀଡିହି | ୨୧୭୫ | ମାଳ ସାଧାରଣ | ୦.୫୮ | ୦.୫୮ |
| | | | ୨୨୧୫ | ମାଳ ସାଧାରଣ | ୩.୪୫ | ୩.୪୫ |
| ୩୦ | ୧୨୫ | ପଣ୍ଡରା କିଶାନ, ପି.- ସୁନା କିଶାନ, ଜା: କିଶାନ, ବା: ନିଜଗାଁ | ୧୯୫୯ | ମାଳ ସାଧାରଣ | ୧.୨୪ | ୧.୨୪ |
| ୩୧ | ୧୨୭ | ପାଉଲୁସ କିଶାନ, ପି.- କୁନ୍ଦରୁ କିଶାନ, ଜେଙ୍ଗା କିଶାନ, ପି.- ରାଓ କିଶାନ, ଜା: କିଶାନ, ବା: ନିଜଗାଁ | ୧୦୧୧ (P) | ଗୋଡ଼ା ଦୁଇ | ୦.୮୦ | ୦.୩୦ |
| ୩୨ | ୧୨୯ | ପିଆରି କିଶାନ, ପି.- ରାଓଁ କିଶାନ, ମାଙ୍ଗିରି କିଶାନ, ସ୍ୱା.- ସାହୁ କିଶାନ, ସେଗା କିଶାନ, ପି.- ସାହୁ କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୬୭ (P) | ଗୋଡ଼ା ଦୁଇ | ୦.୪୮ | ୦.୪୨ |
| | | | ୧୨୭୬ | ମାଳ ସାଧାରଣ | ୦.୪୦ | ୦.୪୦ |
| | | | ୧୨୬୫ (P) | ମାଳ ସାଧାରଣ | ୧.୮୦ | ୧.୬୮ |
| ୩୩ | ୧୩୧ | ପିତାଏ କିଶାନ, ମହ୍ଲା କିଶାନ, ପି.- କାଲୋ କିଶାନ, ଜା: କିଶାନ, ବା: ନିଜଗାଁ | ୨୧୯୯ | ମାଳ ସାଧାରଣ | ୩.୪୦ | ୩.୪୦ |
| | | | ୨୨୦୧ | ମାଳ ସାଧାରଣ | ୦.୮୮ | ୦.୮୮ |
| | | | ୧୨୬୪ | ମାଳ ସାଧାରଣ | ୧.୨୨ | ୧.୨୨ |
| | | | ୧୨୬୬ | ମାଳ ସାଧାରଣ | ୦.୩୦ | ୦.୩୦ |
| | | | ୧୦୦୬ | ଗୋଡ଼ା ଦୁଇ | ୧.୨୨ | ୧.୨୨ |
| ୩୪ | ୧୪୦ | ଫଗୁ ଡିଲା, ସୁଦନ ଡିଲା, ପି.- ଗୋଷେଇଁ ଡିଲା, ରାମ ପ୍ରସାଦ ଡିଲା, ପି.- ମାଧବ ଡିଲା ଜା: ଗୌଡ଼, ବା: ନିଜଗାଁ | ୧୯୭୦ | ମାଳ ସାଧାରଣ | ୧.୬୦ | ୧.୬୦ |
| ୩୫ | ୧୪୪ | ଫଗୁନୁ ଓରାମ, ବୁଧୁ ଓରାମ, ପି.- କୁଚା ଓରାମ, ହୁନ୍ଦ ଓରାମ, ଯଦୁ ଓରାମ, ପି.- ବହୁରନ ଓରାମ, ଚେଙ୍ଗେଡ୍ରେ ଓରାମ, ଗୁଙ୍ଗୁ ଓରାମ, ପି.- ଲୁହୁରା ଓରାମ, କନ୍ଦା ଓରାମ, ସମରା ଓରାମ, ଭକଲା ଓରାମ, ପି.- ରନ୍ଥୁ ଓରାମ, ଜା: ଓରାମ, ବା: ନିଜଗାଁ | ୧୨୯୪ (P) | ବେର୍ଣ୍ଣା ସାଧାରଣ | ୦.୩୨ | ୦.୦୪ |
| | | | ୧୨୯୫ (P) | ବେର୍ଣ୍ଣା ସାଧାରଣ | ୦.୪୮ | ୦.୦୫ |
| ୩୬ | ୧୪୬ | ଫୁରଲା କିଶାନ, ପି.- କାତ୍ରୁ କିଶାନ, ଜା: କିଶାନ, ବା: ନିଜଗାଁ | ୨୨୦୦ | ମାଳ ସାଧାରଣ | ୦.୬୦ | ୦.୬୦ |
| ୩୭ | ୧୪୭ | ଫୁଲମଣି କିଶାନ, ସବିନା କିଶାନ, ପି.- ଠୁଲୁ କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ ସର୍ଗୀଡିହି | ୧୭୯୩ | ମାଳ ସାଧାରଣ | ୦.୫୦ | ୦.୫୦ |
| | | | ୧୯୪୯ (P) | ମାଳ ସାଧାରଣ | ୧.୭୪ | ୧.୦୬ |
| ୩୮ | ୧୫୧ | ବଦେ କିଶାନ, ପି.- ଜେଙ୍ଗା କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୩୧୪ | ମାଳ ସାଧାରଣ | ୦.୫୬ | ୦.୫୬ |
| | | | ୧୩୧୫ | ମାଳ ସାଧାରଣ | ୦.୪୦ | ୦.୪୦ |
| | | | ୧୩୧୬ | ମାଳ ସାଧାରଣ | ୦.୫୦ | ୦.୫୦ |
| | | | ୧୭୮୯ | ବାହାଲ ସାଧାରଣ | ୧.୪୦ | ୧.୪୦ |
| | | | ୧୯୫୭ | ମାଳ ସାଧାରଣ | ୧.୨୦ | ୧.୨୦ |
| ୩୯ | ୧୫୨ | ବେଦ କିଶାନ, ଘାସି କିଶାନ, ପି.- ବଡ଼ ଜେଙ୍ଗା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୯୧ (P) | ବେର୍ଣ୍ଣା ସାଧାରଣ | ୧.୩୨ | ୧.୨୪ |
| | | | ୧୭୨୮ (P) | ମାଳ ସାଧାରଣ | ୦.୫୦ | ୦.୨୫ |
| | | | ୧୩୨୬ (P) | ମାଳ ସାଧାରଣ | ୧.୩୪ | ୦.୩୦ |
| | | | ୧୭୨୭ (P) | ମାଳ ସାଧାରଣ | ୦.୨୯ | ୦.୧୮ |
| ୪୦ | ୧୫୩ | ବଦେ କିଶାନ, କାଲ କିଶାନ, ପି.- ନାଗ କିଶାନ, ରେଙ୍ଗଟା କିଶାନ, କଇରୁ କିଶାନ, ପି.- ସୁନା କିଶାନ, ମାଥେ କିଶାନ, ପି.- ଲଞ୍ଜୁ କିଶାନ, ଜା: କିଶାନ, ବା: ନିଜଗାଁ | ୯୯୬ (P) | ଗୋଡ଼ା ଦୁଇ | ୦.୬୦ | ୦.୩୬ |
| | | | ୨୧୭୭ | ମାଳ ସାଧାରଣ | ୨.୮୨ | ୨.୮୨ |
| | | | ୨୧୮୫ | ବେର୍ଣ୍ଣା ସାଧାରଣ | ୦.୪୩ | ୦.୪୩ |
| ୪୧ | ୧୫୫ | ବଧ କିଶାନ, ପି.- କହ୍ନେଇ କିଶାନ, ପୁନାଏ କିଶାନ, ପି.- ସୁନା କିଶାନ, ଲାଖୁ କିଶାନ, ସ୍ୱା.- ଖର୍ଜୁ କିଶାନ, ଇନ୍ଦ୍ର କିଶାନ, ପି.- ଖର୍ଜୁ କିଶାନ, ଚମ୍ପା କିଶାନ, ପି.- ଟିଙ୍କୁ କିଶାନ, କାର୍ଲୁସ ଟପ୍ପୋ, ପିତ୍ରୁସ ଟପ୍ପୋ, ପି.- ଦହ୍ନା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୩ | ବାହାଲ ସାଧାରଣ | ୧.୬୬ | ୧.୬୬ |
| | | | ୧୯୫୦ (P) | ମାଳ ସାଧାରଣ | ୨.୭୨ | ୧.୫୦ |
| ୪୨ | ୧୫୭ | ବସୀ ଓରାମ, ସ୍ୱା.- ଢେକ ଓରାମ, ବଂଶୀ ଓରାମ, ଚୁମୁରୁ ଓରାମ, ପି.- ଢେକ ଓରାମ, ଜା: ଓରାମ, ବା: ନିଜଗାଁ, ପଡାଗାଁ, ସାଲେମଣ୍ଟା | ୧୭୨୫ (P) | ଗୋଡ଼ା ଦୁଇ | ୨.୨୦ | ୧.୪୦ |
| ୪୩ | ୧୫୮ | ବହଦା କିଶାନ, ପି.- ବରିହା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୬ | ବାହାଲ ସାଧାରଣ | ୦.୩୮ | ୦.୩୮ |
| ୪୪ | ୧୬୫ | ବାଣ୍ଟୁ କିଶାନ, ପି.- ଗଦଲ କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୨ (P) | ମାଳ ସାଧାରଣ | ୦.୫୮ | ୦.୦୮ |
| ୪୫ | ୧୬୬ | ବାଣ୍ଟୁ କିଶାନ, ପଣ୍ଟୁ କିଶାନ, ମଙ୍ଗୁଲୁ କିଶାନ, ପି.- କାଲ କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୮୫ | ବାହାଲ ସାଧାରଣ | ୦.୪୭ | ୦.୪୭ |
| | | | ୨୧୯୨ | ମାଳ ସାଧାରଣ | ୦.୫୫ | ୦.୫୫ |
| ୪୬ | ୧୬୮ | ବାନ୍ଧୁ ଖଡ଼ିଆ, ଠୁପା ଖଡ଼ିଆ, ଗୋନ୍ଦାଲ ଖଡ଼ିଆ, ପି.- ପାକୁ ଖଡ଼ିଆ, ଆଇବିସ ଖଡ଼ିଆ, କ୍ଲେମେଣ୍ଟ ଖଡ଼ିଆ, ପି.- ସସାଙ୍ଗ ଖଡ଼ିଆ, ଜା: ଖଡ଼ିଆ ଖ୍ରୀଷ୍ଟିୟାନ, ବା: ନିଜଗାଁ ମେର୍ମଡେଗା | ୧୨୮୪ | ବାହାଲ ସାଧାରଣ | ୨.୪୨ | ୨.୪୨ |
| ୪୭ | ୧୭୪ | ବିଠଲ କିଶାନ, ପି.- ଚୈତୁ କିଶାନ, ଗୁହ୍ଲାଏ କିଶାନ, ଯୋସେବ କିଶାନ, ଫିଲିପ କିଶାନ, ପି.- ଲଦର କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୬ (P) | ମାଳ ସାଧାରଣ | ୧.୫୮ | ୧.୧୦ |
| | | | ୨୧୭୮ | ମାଳ ସାଧାରଣ | ୦.୫୦ | ୦.୫୦ |
| ୪୮ | ୧୭୬ | ବରଙ୍ଗା କିଶାନ, ସ୍ୱା.- ବୁଧୁ କିଶାନ, ଲାଲମନ କିଶାନ, ଚେପୋ କିଶାନ, ପି.- ବୁଧୁ କିଶାନ, କଲରୁ କିଶାନ, ପି.- ବରିହା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୬୯ (P) | ଗୋଡ଼ା ଦୁଇ | ୦.୩୪ | ୦.୨୪ |
| | | | ୨୨୨୨ | ମାଳ ସାଧାରଣ | ୦.୭୬ | ୦.୭୬ |
| ୪୯ | ୧୮୦ | ବୁଧୁ ଓରାମ, ପି.- ଥୋଥୋଡ଼େ ଓରାମ, ଜା: ଓରାମ, ବା: ନିଜଗାଁ, ପଡ଼ା ଜଳଡିହି | ୨୧୮୮ | ବେର୍ଣ୍ଣା ସାଧାରଣ | ୧.୧୮ | ୧.୧୮ |
| ୫୦ | ୧୮୧ | ବୁଧୁ କିଶାନ, ପି.- ମାଝୀ କିଶାନ, ବାଙ୍ଗୀ କିଶାନ, ସ୍ୱା.- ଲିଟା କିଶାନ, ଦଲ କିଶାନ, ଏସ୍ପେଶ କିଶାନ, ଇମିଲ କିଶାନ, ତୁନି କିଶାନ, ପି.- ଲିଟା କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୩ | ମାଳ ସାଧାରଣ | ୦.୧୬ | ୦.୧୬ |
| ୫୧ | ୧୮୪ | ବୁଧୁ ମୋହନ କିଶାନ, ପି.- ଶୁକୁ କିଶାନ, ଜୁନାସ କିସାନ, ଇସ୍ପେସ କିଶାନ, ଇମିଲି କିଶାନ, ଆନ୍ତୁନୀ କିଶାନ, ପି.- ଲିଟା କିଶାନ, ସାଲମୀ କିଶାନ, ସ୍ୱା.- ଲିଟା କିଶାନ, ଜା: କିଶାନ, ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୧୯ (P) | ବାହାଲ ସାଧାରଣ | ୧.୭୪ | ୦.୧୨ |
| ୫୨ | ୧୮୫ | ବୁଧୁଆ ସୁନାରୀ, ପି.- ଗୋବିନ୍ଦ ସୁନାରୀ, ବାସନ୍ତୀ ସୁନାରୀ, ସ୍ୱା.- ଗୋବିନ୍ଦ ସୁନାରୀ, ରଣଜିତ ସୁନାରୀ, ଲୁହୁରା ସୁନାରୀ, ସହଦେବ ସୁନାରୀ, ପି.- ବରଜୁ ସୁନାରୀ, ଜା: ସୁନାରୀ ବା: ନିଜଗାଁ | ୨୦୭୭ (P) | ମାଳ ସାଧାରଣ | ୧.୮୦ | ୧.୩୦ |
| ୫୩ | ୧୯୦ | ବୈରାଙ୍ଗି କିଶାନ, ପି.- ରୁଷ୍ଟୁ କିଷାନ, ଜା: କିଶାନ, ବା: ନିଜଗାଁ | ୨୧୭୨ | ମାଳ ସାଧାରଣ | ୧.୨୯ | ୧.୨୯ |
| | | | ୨୧୭୨/ ୨୬୪୪ | ମାଳ ସାଧାରଣ | ୦.୬୭ | ୦.୬୭ |
| ୫୪ | ୧୯୭ | ଭୀମସେଣ୍ଟ ମିଞ୍ଜ, ପି.- ଫ୍ରାନସିସ୍ ମିଞ୍ଜ, ଜା: କିଶାନ, ବା: ନିଜଗାଁ ପଡ଼ା ସରଗୀ ପଡ଼ା | ୨୨୨୧ | ମାଳ ସାଧାରଣ | ୦.୬୦ | ୦.୬୦ |
| | | | ୨୧୭୨/ ୨୬୪୩ | ମାଳ ସାଧାରଣ | ୦.୬୬ | ୦.୬୬ |
| ୫୫ | ୨୦୦ | ମଙ୍ଗଲା ଓରାମ, ପି.- ମାୟା ଓରାମ, ବଡ଼ ତିମ୍ନୁ ଓରାମ, ପି.- ସମା ଓରାମ, ସାନ ତିମ୍ନୁ ଓରାମ, ପି.- ଧୁରୁଆ ଓରାମ, ଧୋତିଆ ଓରାମ, ବୁଧୁ ଓରାମ, ପି.- ସୁନା ଓରାମ, ମଙ୍ଗରା ଓରାମ, ଚେଙ୍ଗେଡ୍ରେ ଓରାମ, ପି.- ଠିଠେଇ ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା ସାଲେମେଣ୍ଟା | ୧୩୦୯ | ବେର୍ଣ୍ଣା ସାଧାରଣ | ୧.୦୪ | ୧.୦୪ |
| | | | ୧୩୧୧ | ମାଳ ସାଧାରଣ | ୦.୪୨ | ୦.୪୨ |
| | | | ୧୯୬୫ | ବାହାଲ ସାଧାରଣ | ୧.୬୦ | ୧.୬୦ |
| ୫୬ | ୨୦୧ | ମଙ୍ଗରା ଓରାମ, ପି.- ବଣ୍ଠା ଓରାମ, ଗନ୍ଦଲା ଓରାମ, ଧରୁଆ ଓରାମ, ତେକ ଓରାମ, ବୁନ୍ଦା ଓରାମ, ପି.- ବିର୍ଷା ଓରାମ, ଶଖାରୀ ଓରାମ, ଭଦ୍ର ଓରାମ, ଧୁଟୁ ଓରାମ, ଭୁକୁଲା ଓରାମ, ପି.- ଧଧ ଓରାମ, ଭିଖନି ଓରାମ, ସ୍ୱା.- ବିର୍ଷା ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା ସାଲେମେଣ୍ଟା | ୧୩୧୦ (P) | ବେର୍ଣ୍ଣା ସାଧାରଣ | ୪.୩୦ | ୨.୩୦ |
| | | | ୨୭୫୬ | ବାହାଲ ସାଧାରଣ | ୧.୧୬୫ | ୧.୧୬୫ |
| | | | ୧୭୬୪ | ବେର୍ଣ୍ଣା ସାଧାରଣ | ୦.୦୪ | ୦.୦୪ |
| | | | ୧୭୬୫ | ବାହାଲ ସାଧାରଣ | ୧.୩୦ | ୧.୩୦ |
| | | | ୧୭୮୪ | ମାଳ ସାଧାରଣ | ୦.୧୦ | ୦.୧୦ |
| | | | ୧୭୮୫ | ବାହାଲ ସାଧାରଣ | ୦.୫୩ | ୦.୫୩ |
| | | | ୧୭୫୮ (P) | ବାହାଲ ସାଧାରଣ | ୦.୨୬ | ୦.୨୨ |
| | | | ୨୧୮୦ | ମାଳ ସାଧାରଣ | ୩.୮୪ | ୩.୮୪ |
| | | | ୧୭୨୩ | ଗୋଡ଼ା ଦୁଇ | ୨.୨୪ | ୨.୨୪ |
| | | | ୧୭୪୮ | ଗୋଡ଼ା ଦୁଇ | ୦.୩୬ | ୦.୩୬ |
| | | | ୧୭୫୭ (P) | ବାହାଲ ସାଧାରଣ | ୧.୨୨ | ୦.୮୪ |
| ୫୭ | ୨୦୨ | ମଙ୍ଗରା ଓରାମ, ଧୁରୁଆ ଓରାମ, ଯୋଗି ଓରାମ, ପି.- ଚାମରୁ ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା ସାଲେମେଣ୍ଟା | ୧୨୬୦ | ମାଳ ସାଧାରଣ | ୦.୮୧ | ୦.୮୧ |
| | | | ୧୭୫୦ | ଗୋଡ଼ା ଦୁଇ | ୦.୩୫ | ୦.୩୫ |
| | | | ୧୭୫୨ | ଗୋଡ଼ା ଦୁଇ | ୧.୪୬ | ୧.୪୬ |
| | | | ୧୭୫୯ | ବାହାଲ ସାଧାରଣ | ୦.୬୪ | ୦.୬୪ |
| | | | ୧୭୭୦ | ଗୋଡ଼ା ଦୁଇ | ୧.୨୧ | ୧.୨୧ |
| | | | ୨୧୯୩ | ମାଳ ସାଧାରଣ | ୦.୮୧ | ୦.୮୧ |
| | | | ୧୮୧୧ (P) | ବାହାଲ ସାଧାରଣ | ୨.୨୯ | ୧.୩୬ |
| ୫୮ | ୨୦୪ | ମଝିଆ ଚମରୁ ଓରାମ, କଇଲା ଓରାମ, ପୁନେଇଁ ଓରାମ, ପି.- ଟରେ ଓରାମ, ଜା: ଓରାମ, ବା: ନିଜଗାଁ, ପଡ଼ା ଜଳଡିହି | ୨୧୮୮/ ୨୬୭୧ | ବେର୍ଣ୍ଣା ସାଧାରଣ | ୧.୩୨ | ୧.୩୨ |
| ୫୯ | ୨୧୨ | ମାଥେ କିଶାନ, ଟିଟି କିଶାନ, ପି: ନାୟ କିଶାନ, ନରେନ କିଶାନ, ପି: ବୁଧୁ କିଶାନ, ବାଣ୍ଟୁ କିଶାନ, ବାସୁ କିଶାନ, ପି: ଗପଲ କିଶାନ, ଜା: କିଶାନ, ବା: ନିଜଗାଁ ପଡ଼ା ସୁଖୁଟୋଲା | ୨୦୭୫ | ମାଳ ସାଧାରଣ | ୨.୪୬ | ୨.୪୬ |
| | | | ୨୧୮୩ | ବେର୍ଣ୍ଣା ସାଧାରଣ | ୦.୫୮ | ୦.୫୮ |
| | | | ୨୧୮୪ | ମାଳ ସାଧାରଣ | ୪.୩୭ | ୪.୩୭ |
| ୬୦ | ୨୧୩ | ମାଥେ କିଶାନ, ଟିଟି କିଶାନ, ପି: ନାୟ କିଶାନ, ନରେନ କିଶାନ, ପି: ବୁଧୁ କିଶାନ, ବାଣ୍ଟୁ କିଶାନ, ପି: ଗପଲ କିଶାନ, ଜା: କିଶାନ, ବା: ନିଜଗାଁ | ୨୦୭୫/ ୨୬୩୦ | ମାଳ ସାଧାରଣ | ୦.୧୨ | ୦.୧୨ |
| ୬୧ | ୨୨୧ | ରଇବାରୀ କିଶାନ, ଢୁଗୁ କିଶାନ, ଭଲାଏ କିଶାନ, ପି: ପାଣ୍ଟୁ କିଶାନ, ଜା: କିଶାନ, ବା: ନିଜଗାଁ | ୨୧୬୮(p) | ମାଳ ସାଧାରଣ | ୧.୮୦ | ୧.୭୪ |

# ଉଜ୍ଜ୍ୱଳା ଯୋଜନା ଦିଗହରା

**ସମ୍ବଲପୁର,୯।୭(ବ୍ୟୁରୋ)**

କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାକୁ ଲୋକାଭିମୁଖୀ ବୋଲି ପ୍ରଚାର କରୁଥିବାବେଳେ ସମ୍ବଲପୁର ଜିଲାରେ ଏହା ଦିଗହରା ହୋଇପଡିଛି। ୨୦୧୯ ଅକ୍ଟୋବର ମାସରୁ ପ୍ରାୟ ୨ବର୍ଷ ହେଲା ଜିଲାର କୌଣସି ନୂତନ ଉପଭୋକ୍ତାଙ୍କୁ ସଂଯୋଗ ଦିଆଯାଇ ନାହିଁ। ଅନୁରୂପ ଭାବେ ରିଫିଲିଂ ହାର ମଧ୍ୟ ନୈରାଶ୍ୟଜନକ ରହିଛି। ନୂତନ ସଂଯୋଗ ନେବା ପାଇଁ ଆବେଦନ କରି ହଜାରେ ସଂଖ୍ୟାରେ ଲୋକ ଅପେକ୍ଷା କରିଛନ୍ତି। ହେଲେ କେବେ ମିଳିବ ସେ ନେଇ କାହା ପାଖରେ ସୂଚନା ନାହିଁ।

୨୦୧୬ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯାଜନା (ପିଏମ୍‌ୟୁୱାଇ) ଆରମ୍ଭ ହୋଇଥିଲା। ୨୦୧୭ରେ ପ୍ରଥମ କରି ଜିଲାରେ ଗ୍ରାହକମାନଙ୍କୁ ଗ୍ୟାସ୍ ଯୋଗାଇ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ସହର ଓ ଗ୍ରାମାଞ୍ଚଳରେ ସଭା କରି କେନ୍ଦ୍ର ଓ ରାଜ୍ୟସ୍ତରର ନେତାମାନେ ମହିଳାମାନଙ୍କୁ ଗ୍ୟାସ୍ ବଣ୍ଟନ କରିଥିଲେ। ସେ ସମୟରେ ବେଶ ଆଡମ୍ବର ସହକାରେ ପ୍ରଚାର ପ୍ରସାର କରାଯାଇଥିଲା। ରାସ୍ତା କଡରେ ଏବେ ମଧ୍ୟ ବଡବଡ ହୋର୍ଡିଂ, ପୋଷ୍ଟର ଲାଗିରହିଛି। ହେଲେ କିଛିଦିନ ପରେ ଅନ୍ୟ ଯୋଜନା ଭଳି ଏହି ଯୋଜନାର ଅସଲ ଚିତ୍ର ପଦାରେ ପଡିଛି। ଜିଲାରେ ୨୦୧୭-୨୦୧୯ ମସିହା ଭିତରେ ବିଭିନ୍ନ କମ୍ପାନୀର ପ୍ରାୟ ୩୫ ଡିଲର ଜରିଆରେ ୧ ଲକ୍ଷ ୨ ହଜାର ଗ୍ରାହକଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯାଇଛି। ଅନ୍ୟପଟେ କେତେ ଗ୍ରାହକ ଗ୍ୟାସ୍ ନେବା ପରେ ରିଫିଲିଂ କରିଛନ୍ତି ସେ ନେଇ ସୂଚନା ଦେବାକୁ କମ୍ପାନୀ ଅଧିକାରୀ ଅନିଚ୍ଛା ପ୍ରକାଶ କରିଥିଲେ। ତେଣୁ ଯୋଜନାରେ ବଡଧରଣର ଘୋଟାଲା ହୋଇଥିବା ଆଲୋଚନା ହେଉଛି। ୨୦୧୮ ସିଏଜି ରିପୋର୍ଟରେ ଏହି ଯୋଜନାରେ ଅନିୟମିତତା ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଅନ୍ୟପଟେ ଯେଉଁମାନେ ସାମିଲ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମଥର ଗ୍ୟାସ୍ ନେଇ ଆଉ ରିଫିଲିଂ କରିନାହାନ୍ତି। ଜଣେ ଗ୍ରାହକ ବର୍ଷରେ ୧ରୁ ୨ଟି ଗ୍ୟାସ୍ ସିଲିଣ୍ଡର ନେଉଥିବା କମ୍ପାନୀ ପକ୍ଷରୁ ଜଣାପଡିଛି। କମ୍ପାନୀ ରିପୋର୍ଟକୁ ଦେଖିଲେ ହାରାହାରି ୨ ପ୍ରତିଶତ ଉପଭୋକ୍ତା ଗ୍ୟାସ୍ ରିଫିଲିଂ କରୁଥିବା ସ୍ପଷ୍ଟ ହେଉଛି। ଅର୍ଥାତ୍ ୯୮ ପ୍ରତିଶତ ଉପଭୋକ୍ତା ରିଫିଲିଂ କରୁନାହାନ୍ତି। ଏହାର ପ୍ରମୁଖ କାରଣ ଗ୍ୟାସ୍ ଦର ବୃଦ୍ଧି ବୋଲି କୁହାଯାଉଛି। ଅନ୍ୟ କେତେକ କାରଣ ମଧ୍ୟରେ ରହିଛି ଆଦିବାସୀ ଅଞ୍ଚଳରେ ନିକଟ ଜଙ୍ଗଲରୁ କାଠ, କୋଇଲା କମ ମୂଲ୍ୟରେ ମିଳିବା, କେତେକ ଗ୍ରାହକ ବ୍ୟବହାର କରି ନ ଜାଣିବା, ସବ୍‌ସିଡି ଟଙ୍କା ନ ମିଳିବା, ଆର୍ଥିକ ଅନଟନ। ଫଳରେ ଅନେକ ଲୋକଙ୍କ ଗ୍ୟାସ୍ ସିଲିଣ୍ଡର ଓ ଚୁଲା ଏବେ ଘର ଥାକରେ କିମ୍ବା ଆଲମିରାରେ ପଡିରହିଛି। ଏହାର ସୁଯୋଗ ନେଇ ଡିଲରମାନେ ଅନିୟମିତତା କରୁଥିବା ଅଭିଯୋଗ ହେଉଛି। ସେମାନେ କେତେଜଣ ଉପଭୋକ୍ତାଙ୍କ କାର୍ଡ ନିଜ ପାଖରେ ରଖି ରିଫିଲିଂ କରି କଳାବଜାରରେ ବିକ୍ରି କରୁଛନ୍ତି। କମ୍ପାନୀ ଅଧିକାରୀ ଏହାର ବିଧିବଦ୍ଧ ତଦନ୍ତ କଲେ ସତ୍ୟାସତ୍ୟ ସାମନାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଉଜ୍ଜ୍ୱଳା ଯୋଜନା ଜିଲା ନୋଡାଲ ଅଫିସର ଦେବେଶ ବଳ କହିଛନ୍ତି, ୨୦୧୯ ମସିହାରୁ ଏହି ଯୋଜନାରେ ନୂତନ ଉପଭୋକ୍ତା ସାମିଲ କରାଯାଇ ନାହିଁ। ଖୁବ୍‌ଶୀଘ୍ର ପୁଣି ଉପଭୋକ୍ତାଙ୍କୁ ସାମିଲ କରାଯିବ। କୌଣସି ଡିଲରଙ୍କ ନାମରେ ଅନିୟମିତତା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭିନ୍ନ କାରଣରୁ ଦ୍ୱିତୀୟ ଥର ରିଫିଲିଂ କମ୍ କରାଯାଉଛି ବୋଲି ସେ କହିଥିଲେ।



ସମ୍ବଲପୁର ଜିଲାରେ ଜଣେ ହିତାଧିକାରୀଙ୍କ ଗ୍ୟାସ୍‌ଚୁଲା ଓ ସିଲିଣ୍ଡର ପଡ଼ିରହିଛି।

**ସମ୍ବଲପୁର ଜିଲା**

**୨୦୧୯ରୁ ଦିଆଯାଇନି ନୂତନ ସଂଯୋଗ**

- ରିଫିଲିଂ ହାର ନୈରାଶ୍ୟଜନକ
- ଗ୍ୟାସ୍ ଦର ବୃଦ୍ଧି ପ୍ରମୁଖ କାରଣ

## ସଂକ୍ଷେପରେ

### ଅବସର ନେଲେ ଜଷ୍ଟିସ ସଞ୍ଜୁ ପଣ୍ଡା



**କଟକ ଅଫିସ, ୯।୭:** ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଶୁକ୍ରବାର ଅବସର ନେଇଛନ୍ତି। ୧୯୫୯ ଜୁଲାଇ ୧୦ରେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ପଣ୍ଡା ୧୯୮୫ରୁ ଓକିଲାତି ଆରମ୍ଭ କରିଥିଲେ। ୨୦୦୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୦ ଜାନୁୟାରୀ ୫ରେ ସେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ଅବସର ପରିପ୍ରେକ୍ଷୀରେ ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନ ପକ୍ଷରୁ ଜଷ୍ଟିସ ପଣ୍ଡା ଓ ମାସକତଳେ ଅବସର ନେଇଥିବା ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ, ଉପସଭାପତି ଦେବୀପ୍ରସାଦ ଦାଶ, ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା, ଯୁଗ୍ମ ସମ୍ପାଦକ ପ୍ରଣୟ ସ୍ୱାଇଁ, ସହ ସମ୍ପାଦକ ତାପସ କୁମାର ଆଚାର୍ଯ୍ୟ, ପାଠାଗାର ସହ ସମ୍ପାଦକ ବିଜୟ କୁମାର ମିଶ୍ରଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

### କଦଳୀ ବୋଝେଇ ଟ୍ରକ୍‌ରେ ଚାଲିଥିଲା ଚାଲାଣ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

**୨ ଅଭିଯୁକ୍ତ ଗିରଫ**

**ସୁନାବେଡ଼ା,୯।୭(ସ୍ୱ.ପ୍ର.)**

ସୁନାବେଡ଼ା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ଝାଡ଼ଖଣ୍ଡ ବୋକାରୋ ଅଞ୍ଚଳର ରମନ କୁମାର ରାଉତ (୩୩) ଓ ରାଜୀବ କୁମାର ମହତ (୧୯)ଙ୍କୁ ଗିରଫ କରିଛି ବୋଲି ଥାନାଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ୍ (ଜେଏଚ୍-୦୯ଏଏସ୍-୪୩୩୫) ଦ୍ରୁତଗତିରେ ସୁନାବେଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିଲା। ସନ୍ଦେହ ହେବାରୁ ପୋଲିସ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ଉକ୍ତ ଟ୍ରକ୍ ଡାଲାରେ କଦଳୀ କାନ୍ଦି ମଧ୍ୟରେ ବହୁ ଗଞ୍ଜେଇ ପ୍ୟାକେଟ ପୋଲିସକୁ ମିଳିଥିଲା। ଜବତ ଗଞ୍ଜେଇର ଓଜନ ୧୨ କୁଇଣ୍ଟାଲ ୪ କେଜି ୭ ଶହ ଗ୍ରାମ, ଯାହାର ବଜାର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ପୋଲିସ ଏ ନେଇ ୯୧/୨୧ରେ ମାମଲା ରୁଜୁ କରିଛି। ପାଟ୍ରୋଲିଂ ବେଳେ ଏସ୍‌ଆଇ ନୀଳାଦ୍ରି କହର, ଏଏସ୍‌ଆଇ କେ.ସି. ବେହେରା, ହାବିଲଦାର ଏମ୍.ଏମ୍. ସାବତ, କନ୍‌ଷ୍ଟେବଲ ଡି.କେ. ମାଝି, କେ.ଆର୍. ଖେମୁଣ୍ଡୁ ଓ ଏନ୍. ଭତ୍ରା ପ୍ରମୁଖ ସାମିଲ ଥିଲେ। ଏସ୍‌ଆଇ ମୁକୁନ୍ଦ ମେଲକା ଏହାର ତଦନ୍ତ କରୁଛନ୍ତି।

| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟର ନମ୍ବର | କିସମ | ପ୍ଲଟର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୬୨ | ୨୨୨ | ରଖୁ କିଶାନ, ପି: କନ୍ଦା କିଶାନ, ଚୋଗେ କିଶାନ, ପି: ସାମୁ କିଶାନ, ତବିଆସ କିଶାନ, ମତିଆସ କିଶାନ, ପି: ଠବ କିଶାନ, ଗବ କିଶାନ, ପି: ସାମୁ କିଶାନ, ଜା: କିଶାନ, ବା: ନିଜଗାଁ | ୨୦୮୦(p) | ମାଳ ସାଧାରଣ | ୪.୮୬ | ୪.୩୫ |
| ୬୩ | ୨୨୭ | ରାଜ କିଶାନ, ପାଣ୍ଡରୁ କିଶାନ, ଜହରୁ କିଶାନ, ଜିଙ୍ଗୁ କିଶାନ, ପି: ଡିବରୁ କିଶାନ, ଜା: କିଶାନ, ବା: ନିଜଗାଁ | ୯୮୩ | ଗୋଡ଼ା ଦୁଇ | ୦.୯୦ | ୦.୯୦ |
| | | | ୯୮୪ | ଗୋଡ଼ା ଦୁଇ | ୦.୫୬ | ୦.୫୬ |
| | | | ୧୦୦୫ | ଗୋଡ଼ା ଦୁଇ | ୦.୫୫ | ୦.୫୫ |
| | | | ୧୦୦୭ | ଗୋଡ଼ା ଦୁଇ | ୧.୧୬ | ୧.୧୬ |
| | | | ୨୨୨୩ | ମାଳ ସାଧାରଣ | ୪.୧୫ | ୪.୧୫ |
| | | | ୨୨୦୪ | ମାଳ ସାଧାରଣ | ୧.୨୮ | ୧.୨୮ |
| ୬୪ | ୨୩୭ | ରିମିସ କିଶାନ, ମାରକୁସ କିଶାନ, ଆମରୁଷ କିଶାନ, ୟୁଲିୟୁସ କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ ବା: ନିଜଗାଁ | ୧୯୬୮ | ମାଳ ସାଧାରଣ | ୧.୩୫ | ୧.୩୫ |
| | | | ୧୩୦୭ | ବେର୍ଣ୍ଣା ସାଧାରଣ | ୬.୮୪ | ୬.୮୪ |
| | | | ୧୩୧୮(p) | ମାଳ ସାଧାରଣ | ୨.୨୫ | ୧.୧୦ |
| | | | ୧୭୬୬ | ମାଳ ସାଧାରଣ | ୦.୫୦ | ୦.୫୦ |
| | | | ୧୭୮୮ | ବାହାଲ ସାଧାରଣ | ୨.୩୪ | ୨.୩୪ |
| | | | ୧୯୬୨ | ମାଳ ସାଧାରଣ | ୧.୧୪ | ୧.୧୪ |
| | | | ୧୯୬୩ | ବାହାଲ ସାଧାରଣ | ୧.୫୬ | ୧.୫୬ |
| | | | ୧୯୬୬ | ମାଳ ସାଧାରଣ | ୪.୩୦ | ୪.୩୦ |
| ୬୫ | ୨୪୨ | ଲରେନ୍ସ କିସାନ, ପି: ବୁଧୁ କିସାନ, ବାଣ୍ଟୁ କିସାନ, ପି: ଗୋପ୍ଲୁ କିସାନ, ରେଙ୍ଗଟା କିସାନ, ପି: ସୁନା କିସାନ, ମାଥେ କିସାନ, ପି: ଲେଞ୍ଜୁ କିସାନ, ଜା: କିସାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୨୦୭୯/୨୫୩୨ (p) | ମାଳ ସାଧାରଣ | ୦.୩୮ | ୦.୦୨ |
| | | | ୨୦୭୯/୨୫୩୩ | ମାଳ ସାଧାରଣ | ୦.୪୨ | ୦.୪୨ |
| | | | ୨୦୭୯/୨୫୩୪ | ମାଳ ସାଧାରଣ | ୦.୪୬ | ୦.୪୬ |
| ୬୬ | ୨୪୪ | ଲାଲମଣି କିଶାନ, ପି: ବୁଧୁ କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୭୨/୨୫୧୭ | ମାଳ ସାଧାରଣ | ୦.୮୦ | ୦.୮୦ |
| ୬୭ | ୨୪୭ | ଲିଟୁଙ୍ଗୁ ଓରାମ, ଚାମରୁ ଓରାମ, ପି: କଇଲା ଓରାମ, ଚେଡେଗା ଓରାମ, ପି: ଘୁସା ଓରାମ, ଚାମ ଓରାମ, ସୁନା ଓରାମ, ଧୁଟୁ ଓରାମ, ଲଙ୍ଗା ଓରାମ, ପି: ଚେପଗା ଓରାମ, ଜା: ଓରାମ, ବା: ନିଜଗାଁ ପଡା ଗାଁ ସାଲେମଣ୍ଡା | ୧୨୫୯ | ମାଳ ସାଧାରଣ | ୦.୮୮ | ୦.୮୮ |
| | | | ୧୭୫୩ | ଗୋଡ଼ା ଦୁଇ | ୦.୪୧ | ୦.୪୧ |
| | | | ୧୭୫୪ | ମାଳ ସାଧାରଣ | ୦.୬୪ | ୦.୬୪ |
| | | | ୧୭୫୫ | ମାଳ ସାଧାରଣ | ୦.୫୪ | ୦.୫୪ |
| | | | ୧୭୬୩ | ମାଳ ସାଧାରଣ | ୦.୫୫ | ୦.୫୫ |
| | | | ୧୭୬୯ | ଗୋଡ଼ା ଦୁଇ | ୩.୫୨ | ୩.୫୨ |
| | | | ୨୧୯୭ | ମାଳ ସାଧାରଣ | ୦.୮୨ | ୦.୮୨ |
| ୬୮ | ୨୪୯ | ଲୁଇସ କିଶାନ , ପି: ଲଥେ କିଶାନ, ଚେପ କିଶାନ, ଚିରୁଙ୍ଗୁ କିଶାନ, ଶିମନ କିଶାନ, ପି: ଡୋଲା କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୭୩ | ମାଳ ସାଧାରଣ | ୦.୩୫ | ୦.୩୫ |
| | | | ୧୨୭୪ | ମାଳ ସାଧାରଣ | ୦.୫୮ | ୦.୫୮ |
| | | | ୧୨୭୫ | ମାଳ ସାଧାରଣ | ୦.୩୩ | ୦.୩୩ |
| ୬୯ | ୨୫୭ | ସମା କିଶାନ, ପି: ଫାଗୁ କିଶାନ, ଇନ୍ଦ୍ର କିଶାନ, ଫତୋ କିଶାନ, ଇସ୍ତଫାନ କିଶାନ, ପି: ଲଇର କିଶାନ, ଚମ୍ପା କିଶାନ, ପି: କୁମରା କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୧୨୫୭ | ମାଳ ସାଧାରଣ | ୧.୦୪ | ୧.୦୪ |
| | | | ୧୨୫୮ | ମାଳ ସାଧାରଣ | ୧.୫୦ | ୧.୫୦ |
| | | | ୧୨୭୭ | ମାଳ ସାଧାରଣ | ୧.୧୨ | ୧.୧୨ |
| ୭୦ | ୨୬୪ | ସାଲମି କିଶାନ, ଟିନା କିଶାନ, ପି.- ଭିଲିଖା କିଶାନ, ସରଗୁ କିଶାନ, ମଲିଆ କିଶାନ, ପି: ଡାଲି କିଶାନ, ଜା: କିଶାନ, ବା: ନିଜଗାଁ | ୧୩୧୨ | ମାଳ ସାଧାରଣ | ୧.୦୭ | ୧.୦୭ |
| | | | ୧୭୮୩ | ମାଳ ସାଧାରଣ | ୦.୨୨ | ୦.୨୨ |
| | | | ୧୭୮୬ | ମାଳ ସାଧାରଣ | ୧.୨୨ | ୧.୨୨ |
| | | | ୧୭୯୧ | ମାଳ ସାଧାରଣ | ୧.୦୪ | ୧.୦୪ |
| | | | ୧୯୫୩ | ବେର୍ଣ୍ଣା ସାଧାରଣ | ୦.୭୮ | ୦.୭୮ |
| | | | ୧୯୬୧ | ମାଳ ସାଧାରଣ | ୦.୮୪ | ୦.୮୪ |
| | | | ୧୯୬୯ | ମାଳ ସାଧାରଣ | ୧.୯୪ | ୧.୯୪ |
| ୭୧ | ୨୬୭ | ସିମନ କିଶାନ, ପି: ଚମ୍ପା କିଶାନ, ଉଦୁ କିଶାନ, ଜଟିଆ କିଶାନ, ପି.- ବୈରାଗି କିଶାନ, ରାଉ କିଶାନ, ମଙ୍ଗଡ଼ା କିଶାନ, କାଲ କିଶାନ, ପି: କାତ୍ରୁ କିଶାନ, ଜା: କିଶାନ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୨୨୧୬ | ମାଳ ସାଧାରଣ | ୦.୧୫ | ୦.୧୫ |
| | | | ୨୧୬୭(p) | ମାଳ ସାଧାରଣ | ୦.୬୬ | ୦.୦୨ |
| ୭୨ | ୨୭୦ | ଶିରି ଓରାମ, ପି: ସାନ ସମରା ଓରାମ, ଗାନ୍ଦରୀ ଓରାମ ସ୍ୱା: ଆଇତା ଓରାମ, ଲିଟୁଙ୍ଗୁ ଓରାମ, ଲଛୁ ଓରାମ, ପି: ଆଇତା ଓରାମ, ଚମରା ଓରାମ, ପି: ଗେନ୍ଦ୍ରା ଓରାମ, ଜା: ଓରାମ, ବା: ନିଜଗାଁ ଜଲଡିହି | ୨୨୧୨ | ମାଳ ସାଧାରଣ | ୨.୪୬ | ୨.୪୬ |
| ୭୩ | ୨୭୭ | ସୁନା କିଶାସ, ପି: ଜଟିଆ କିଶାନ, ଜା: କିଶାନ, ବା: ନିଜଗାଁ | ୧୩୧୩ | ଗୋଡ଼ା ଦୁଇ | ୦.୮୩ | ୦.୮୩ |
| | | | ୧୭୬୭ | ବେର୍ଣ୍ଣା ସାଧାରଣ | ୦.୫୦ | ୦.୫୦ |
| | | | ୧୯୬୦ | ମାଳ ସାଧାରଣ | ୧.୮୬ | ୧.୮୬ |
| | | | ୧୯୬୪ | ବାହାଲ ସାଧାରଣ | ୨.୨୪ | ୨.୨୪ |
| | | | ୧୩୦୮ | ବେର୍ଣ୍ଣା ସାଧାରଣ | ୧.୧୦ | ୧.୧୦ |
| ୭୪ | ୨୮୧/୧୦ | ସୋମା ଓରାମ, ପି: ଧୂନ୍ଦା ଓରାମ, ଜା: ଓରାମ, ବା: ନିଜଗାଁ | ୨୧୯୬ | ମାଳ ସାଧାରଣ | ୧.୧୨ | ୧.୧୨ |
| | | | ୨୧୯୪/୨୬୯୯ | ମାଳ ସାଧାରଣ | ୦.୬୭ | ୦.୬୭ |
| ୭୫ | ୨୮୧/୧୦୯ | ଜାକ୍ରିୟାସ କିଶାନ, ପି: ଖର୍କୁ କିଶାନ, ଜା: କିଶାନ, ବା: ନିଜଗାଁ | ୧୨୭୯ | ମାଳ ସାଧାରଣ | ୦.୫୧ | ୦.୫୧ |
| ୭୬ | ୨୮୧/୧୧୪ | ଭିନସେଂଟ ଟପ୍ପୋ, ଦାଉଦ ଟପ୍ପୋ, ଯୋଆକିମ ଟପ୍ପୋ, କ୍ଲେମେଂଟ ଟପ୍ପୋ, ବେଞ୍ଜାମିନ ଟପ୍ପୋ, ପି: ଉଡ ଟପ୍ପୋ, ଜା: କିଶାନ, ବା: ନିଜଗାଁ | ୧୩୧୭(p) | ମାଳ ସାଧାରଣ | ୦.୮୨ | ୦.୩୨ |
| ୭୭ | ୨୮୧/୧୩ | ଲାଙ୍ଗ ଓରାମ, ଶୁଖୁ ଓରାମ, ପି: ମାଙ୍ଗନା ଓରାମ, ଜା: ଓରାମ, ବା: ନିଜଗାଁ | ୧୨୮୨/୨୭୧୫ | ବାହାଲ ସାଧାରଣ | ୦.୬୮ | ୦.୬୮ |
| ୭୮ | ୨୮୧/୧୪ | ଗୟାଁ ଓରାମ, ଧୂରୁଆ ଓରାମ, ପି: ଭିଖା ଓରାମ, ଜା: ଓରାମ, ବା: ନିଜଗାଁ | ୨୧୮୧ | ମାଳ ସାଧାରଣ | ୦.୩୮ | ୦.୩୮ |
| | | | ୧୨୮୨/୨୭୨୩ | ବାହାଲ ସାଧାରଣ | ୦.୩୪ | ୦.୩୪ |
| | | | ୧୭୯୬/୨୭୨୬ | ବାହାଲ ସାଧାରଣ | ୦.୩୮ | ୦.୩୮ |
| ୭୯ | ୨୮୧/୧୫ | ସାନ ଗୟାଁ ଓରାମ, ମାଦ୍ରା ଓରାମ, ପି: ଚମରା ଓରାମ, ଜା: ଓରାମ, ବା: ନିଜଗାଁ | ୧୨୮୨/୨୭୩୦ | ବାହାଲ ସାଧାରଣ | ୦.୬୦ | ୦.୬୦ |
| ୮୦ | ୨୮୧/୧୬ | ଲାଙ୍ଗ ଓରାମ, ପି: ଟେରେ ଓରାମ, ଜା: ଓରାମ, ବା: ନିଜଗାଁ | ୧୭୯୫ (p) | ମାଳ ସାଧାରଣ | ୧.୬୫ | ୦.୯୬ |
| | | | ୧୭୯୬ | ବାହାଲ ସାଧାରଣ | ୧.୬୧ | ୧.୬୧ |
| ୮୧ | ୨୮୧/୨୧ | ରାମ ସାଏ ଓରାମ, ପି: ଠେପା ଓରାମ, ଜା: ଓରାମ ବା: ନିଜଗାଁ | ୨୧୯୪/୨୭୩୬ (p) | ମାଳ ସାଧାରଣ | ୧.୩୪ | ୧.୩୪ |
| ୮୨ | ୨୮୧/୨୪ | ବାଣ୍ଟୁ ଓରାମ, ଦଣ୍ଡ ଓରାମ, ଡୁରୁ ଓରାମ, ସାନ କଇଲା ଓରାମ ପି: ଲେଲେ ଓରାମ, ଜା: ଓରାମ, ବା: ନିଜଗାଁ | ୨୧୮୨/୨୭୫୫ | ବେର୍ଣ୍ଣା ସାଧାରଣ | ୨.୫୦ | ୨.୫୦ |
| | | | ୨୧୮୭/୨୭୫୩ | ବେର୍ଣ୍ଣା ସାଧାରଣ | ୧.୬୦ | ୧.୬୦ |
| | | | ୨୧୮୨/୨୭୫୨ | ବେର୍ଣ୍ଣା ସାଧାରଣ | ୧.୯୦ | ୧.୯୦ |
| ୮୩ | ୨୮୧/୮ | ସର୍ଗୁ କିଶାନ, ପି: ସେଗା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୦ | ମାଳ ସାଧାରଣ | ୧.୭୨ | ୧.୭୨ |
| | | | ୧୨୮୧ | ବାହାଲ ସାଧାରଣ | ୦.୪୮ | ୦.୪୮ |
| ୮୪ | ୨୮୧/୯ | ଲୁଇସ କିଶାନ, ପି: ଲଥେ କିଶାନ, ଜା: କିଶାନ, ବା: ନିଜଗାଁ | ୨୧୯୧ | ମାଳ ସାଧାରଣ | ୧.୧୦ | ୧.୧୦ |
| ୮୫ | ୨୮୧/୫୧ | ରଥ୍ କିଶାନ, ପି: ଟୁର୍ଚ୍ଚା କିଶାନ, ଜା: କିଶାନ, ବା: ନିଜଗାଁ | ୧୨୮୩/୨୬୯୭ | ବାହାଲ ସାଧାରଣ | ୦.୬୮ | ୦.୬୮ |
| ୮୬ | ୨୮୧/୨୬ | ମେରିଆ ଗାରୋଡି ଟପ୍ପୋ, ସ୍ୱା: ଯୋଶେଫ ଟପ୍ପୋ, ଜା: କିଶାନ, ବା: ନିଜଗାଁ | ୧୭୪୫ (p) | ମାଳ ସାଧାରଣ | ୦.୨୯ | ୦.୦୩ |
| ୮୭ | ୨୮୧/୭୨ | ମାଧିଆସ କୁଜୁର, ପି: ଟୋରେ କୁଜୁର, ଜା: ଓରାମ, ବା: ନିଜଗାଁ | ୨୧୮୨/୨୮୦୮ | ବେର୍ଣ୍ଣା ସାଧାରଣ | ୦.୪୦ | ୦.୪୦ |
| | | | ୨୧୮୭/୨୮୦୯ | ବେର୍ଣ୍ଣା ସାଧାରଣ | ୦.୩୬ | ୦.୩୬ |
| ୮୮ | ୨୮୧/୮୬ | ଫିଲୋମିନା ଏକ୍କା, ସ୍ୱା: କାମିଲ ଏକ୍କା, ଜା: କିଶାନ, ବା: ନିଜଗାଁ | ୧୭୯୪ (p) | ମାଳ ସାଧାରଣ | ୧.୩୧ | ୦.୦୭ |
| ୮୯ | ୨୮୧/୯୫ | ଶୁକ୍ରା ବାର୍ଲା, ପି: ମାଙ୍ଗରା ବାର୍ଲା, ଜା: ଓରାମ, ବା: ନିଜଗାଁ | ୧୨୬୦/୨୮୨୬ | ମାଳ ସାଧାରଣ | ୦.୨୨ | ୦.୨୨ |
| | | | ୧୭୫୦/୨୮୨୮ | ଗୋଡା-୨ | ୦.୦୮ | ୦.୦୮ |
| | | | ୧୭୫୦/୨୮୨୯ | ଗୋଡା-୨ | ୦.୧୪ | ୦.୧୪ |
| | | | ୧୭୫୨/୨୮୩୦ | ଗୋଡା-୨ | ୦.୧୪ | ୦.୧୪ |
| | | | ୧୭୫୯/୨୮୩୧ | ବାହାଲ ସାଧାରଣ | ୦.୨୫ | ୦.୨୫ |
| | | | ୧୮୧୧/୨୮୩୩ (p) | ବାହାଲ ସାଧାରଣ | ୦.୨୬ | ୦.୦୭ |
| | | | ୧୮୧୧/୨୮୩୪ (p) | ବାହାଲ ସାଧାରଣ | ୦.୦୮ | ୦.୦୬ |
| | | | ୨୧୯୩/୨୮୪୮ | ମାଳ ସାଧାରଣ | ୦.୧୦ | ୦.୧୦ |
| | | | ୨୧୯୩/୨୮୪୯ | ମାଳ ସାଧାରଣ | ୦.୧୦ | ୦.୧୦ |
| ୯୦ | ୨୮୧/୯୬ | ଗାନ୍ଦରୁ ବାର୍ଲା, ପି: ମାଙ୍ଗରା ବାର୍ଲା, ଜା: ଓରାମ, ବା: ନିଜଗାଁ | ୧୨୬୦/୨୮୫୦ | ମାଳ ସାଧାରଣ | ୦.୨୨ | ୦.୨୨ |
| | | | ୧୭୫୦/୨୮୫୨ | ଗୋଡ଼ା - ୨ | ୦.୦୮ | ୦.୦୮ |
| | | | ୧୭୫୦/୨୮୫୩ | ଗୋଡା-୨ | ୦.୧୩ | ୦.୧୩ |
| | | | ୧୭୫୦/୨୮୫୪ | ଗୋଡା-୨ | ୦.୧୪ | ୦.୧୪ |
| | | | ୧୭୫୯/୨୮୫୫ | ବାହାଲ ସାଧାରଣ | ୦.୨୭ | ୦.୨୭ |
| | | | ୧୮୧୧/୨୮୫୭ (p) | ବାହାଲ ସାଧାରଣ | ୦.୨୬ | ୦.୦୮ |
| | | | ୨୧୯୩/୨୮୬୦ | ମାଳ ସାଧାରଣ | ୦.୧୧ | ୦.୧୧ |
| | | | ୨୧୯୩/୨୮୬୫ | ମାଳ ସାଧାରଣ | ୦.୨୪ | ୦.୨୪ |
| ୯୧ | ୨୮୧/୧୧୫ | ଡମେସେ ଟପ୍ପୋ, ପି: ପଣ୍ଡରା ଟପ୍ପୋ, ଜା: କିଶାନ, ବା: ନିଜଗାଁ | ୧୩୧୭/୨୮୮୫ | ମାଳ ସାଧାରଣ | ୦.୮୪ | ୦.୩୮ |
| ୯୨ | ୨୮୧/୧୧୬ | ଯୋସେଫ ଟପ୍ପୋ, ପି: ମାଥେ ଟପ୍ପୋ, ଜା: କିଶାନ, ବା: ନିଜଗାଁ | ୧୦୦୦/୨୮୮୬ | ଗୋଡା-୨ | ୦.୭୪ | ୦.୭୪ |
| | | | ୧୭୯୨/୨୮୮୮ | ମାଳ ସାଧାରଣ | ୦.୩୬ | ୦.୩୬ |
| | | | ୧୯୫୧/୨୮୮୯ | ମାଳ ସାଧାରଣ | ୦.୯୨ | ୦.୯୨ |
| | | | | | | ୨୩୨.୯୪୫ |

## ଯୁବତୀଙ୍କୁ ଲଗାଇ ଲୁଟ୍ ଘଟଣା, ଜଣେ ଗିରଫ

ଭୁବନେଶ୍ୱର, (ବ୍ୟୁରୋ): ଯୁବତୀଙ୍କୁ ଲଗାଇ ଜଣେ ଇଞ୍ଜିନିୟରଙ୍କୁ ଲୁଟ୍ କରିବା ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଧଉଳୀ ଥାନା ନୂଆଗାଁ ଅଞ୍ଚଳର ବାପି ରାଜ୍। ଏ ନେଇ ପୋଲିସ (ନଂ-୨୩୩/୨୧)ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବଡ଼ଗଡ଼ ବ୍ରିଟ୍ କଲୋନୀରେ ରହୁଥିବା ସଫ୍ଟୱେର ଇଞ୍ଜିନିୟର ଅମିୟ ପ୍ରଧାନ ଗୁରୁବାର ବାଇକ୍‌ରେ ବିଜେବି ନଗର ରାସ୍ତାରେ ଆସୁଥିଲେ। ଆଖଣ୍ଡଳମଣୀ ନିକଟରେ ୫ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହ ଜଣେ ଯୁବତୀଙ୍କୁ ଆଣି ବଳାତ୍କାର କରିବା ନାଁରେ ଧମକ ଦେଇ ମୋବାଇଲ୍ ଓ ଲ୍ୟାପଟପ୍ ନେଇଯାଇଥିଲେ। ଏ ନେଇ ଅମିୟ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ସଂକ୍ଷେପରେ

## ୧୫ମାସରେ ୫ଥର ଭୁଶୁଡ଼ିଲାଣି ଡ୍ରେନ୍ ପାଚେରି

ପୁରୁଣା ଭୁବନେଶ୍ୱର,୯।୭(ଡି.ଏନ୍.ଏ): ସାମନ୍ତରାପୁର ଠାରୁ ଗ୍ୟାରେଜ ଛକ ପର୍ଯ୍ୟନ୍ତ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକୁ ୧୫ମାସ ବିତିବାକୁ ବସିଥିବା ବେଳେ ୫୦୦ମିଟର ପର୍ଯ୍ୟନ୍ତ କାର୍ଯ୍ୟ ହୋଇଛି। ତେବେ ୫ଥର ଡ୍ରେନ୍ ପାଚେରି ଭୁଶୁଡିଗଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରି ଭୁଶୁଡ଼ି ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ବ୍ୟବସାୟୀ ଲିଙ୍ଗରାଜ ସାହୁ କୁହନ୍ତି, ପାଚେରି ଭୁଶୁଡିବା ନେଇ ଠିକାଦାର, ମନ୍ତ୍ରୀ, ଏସ୍‌ଡିଓଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେବେ ପ୍ରଶାସନର ଦାୟିତ୍ୱହୀନତା ନେଇ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡିଭିଜନ-୧ କାର୍ଯ୍ୟନିର୍ବାହୀ ଅଧିକାରୀ ଯନ୍ତ୍ରୀ ଜଗବନ୍ଧୁ ରାଓ କହିଛନ୍ତି, ରାସ୍ତା ପାର୍ଶ୍ୱରେ ଦୋକାନ ଥିବାରୁ ସଂକୀର୍ଣ୍ଣ ରାସ୍ତାରେ ଡ୍ରେନ କରାଯାଉଛି। ଠିକାଦାର ଅବହେଳା କରିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି। ବର୍ଷାଦିନ ପୂର୍ବରୁ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୯ ମସିହାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ସିଫୁଡ୍ ପାର୍କ ପାଇଁ ଆରମ୍ଭ ହେଲା ରାସ୍ତାକାମ

ବାରଙ୍ଗ,୯।୭ (ଡି.ଏନ୍.ଏ.): ଦୀର୍ଘ ୧୨ଦିନ କାମବନ୍ଦ ହେବା ପରେ ଶୁକ୍ରବାର ରାସ୍ତାକାମ ଆରମ୍ଭ ହୋଇଛି। ମେଣ୍ଢାଶାଳ ନିକଟସ୍ଥ ଡେରାସ ଫାର୍ମସ୍ଥିତ ସିଫୁଡ୍ ପାର୍କ ପାଇଁ ନିର୍ମାଣ କରାଯାଉଥିବା ଏକ ନୂତନ ରାସ୍ତାକାର୍ଯ୍ୟକୁ ବିରୋଧ କରି କେତେଜଣ ଚାଷୀ ଅବରୋଧ କରିଥିଲେ। ଏହି ରାସ୍ତାରେ ଚାଷୀମାନଙ୍କ ଜମି ଯାଉଥିବାରୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ରାସ୍ତାକାମ କରାଇ ନ ଦେବାକୁ ନେଇ ଦାବି କରି ଆସୁଥିଲେ। ରାସ୍ତାକାମ ଆରମ୍ଭ ହେବାରୁ ଚାଷୀମାନେ ରାସ୍ତାକାମକୁ ବନ୍ଦ କରିଥିଲେ। ଏ ବିଷୟରେ ଇଡ୍‌କୋ କର୍ତ୍ତୃପକ୍ଷଙ୍କଠାରୁ ଅଭିଯୋଗ ପାଇବାପରେ ଶୁକ୍ରବାର ଭୁବନେଶ୍ୱର ଅତିରିକ୍ତ ତହସିଲଦାର ସୋନାଲି ଚାନ୍ଦ, ଏସିପି ପ୍ରକାସଚନ୍ଦ୍ର ପାଲ, ଚନ୍ଦକା ଥାନା ପୋଲିସ ଫୋର୍ସ ଧରି ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଚାଷୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାକାମ ହୋଇଥିଲା।

## ସିନେମା ହଲ୍ କର୍ମଚାରୀଙ୍କୁ ରାଶନ ବାଣ୍ଟିଲେ ଅର୍ଚ୍ଚିତା, ସବ୍ୟସାଚୀ

ଭୁବନେଶ୍ୱର, ୯।୭ (ବ୍ୟୁରୋ): କରୋନା କଟକଣା ସିନେମା ହଲ କର୍ମଚାରୀଙ୍କୁ ପ୍ରଭାବିତ କରିଛି। ସିନେମା ହଲ୍ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଚଳେଇବା ପାଇଁ ଯଥାସମ୍ଭବ ସାହାଯ୍ୟ କଲେ ମଧ୍ୟ ଦ୍ୱିତୀୟ ଲହର ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଫଳରେ ରୋଜଗାର ହରାଇ ଅଭାବ ଅନାଟନରେ କର୍ମଚାରୀମାନେ ଦିନ କାଟୁଛନ୍ତି। ଏଭଳି ପରିସ୍ଥିତିରେ ଶୁକ୍ରବାର ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ଭୁବନେଶ୍ୱର, କଟକର ୧୪୦ଟି ସିନେମା ହଲର କର୍ମଚାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। ଭୁବନେଶ୍ୱରର କେଶରୀ ହଲ୍, ଶ୍ରୀୟା, ସ୍ୱାତି, ସ୍ମୃତି, ମହାରାଜା ହଲ ଓ କଟକର ବୃନ୍ଦାବନ ଟକିଜ୍‌ଠାରେ ସମ୍ରାଟ, ଗ୍ରାଣ୍ଡ, ସଙ୍ଗମ ଓ ବୃନ୍ଦାବନ ହଲ୍ କର୍ମଚାରୀ ରାଶନ ସାମଗ୍ରୀ ନେଇଥିଲେ। ଏପରି ମହତ୍ କାର୍ଯ୍ୟ ପାଇଁ ସମସ୍ତ ହଲ୍ କର୍ତ୍ତୃପକ୍ଷ ଅର୍ଚ୍ଚିତା ଓ ସବ୍ୟସାଚୀଙ୍କୁ ସାଧୁବାଦ ଜଣାଇଛନ୍ତି। ଭରତଚନ୍ଦ୍ର ଭଞ୍ଜଦେଓ, ନମିତା କାନୁନ୍‌ଗୋ, ପ୍ରବୀଣ ଅଗରୱାଲ୍ ଓ ସ୍ମାଇଲ ପ୍ଲିଜ୍‌ର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତ୍ରୁଟି ସଂଶୋଧନ

୯।୭।୨୦୨୧ (ଶୁକ୍ରବାର) ଧରିତ୍ରୀର ପୃଷ୍ଠା-୮ରେ ପ୍ରକାଶିତ 'ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ବିଲ୍ଡର ଗିରଫ' ଶୀର୍ଷକ ଖବରରେ ଅଭିଯୁକ୍ତ ପ୍ରିୟବ୍ରତ ମିଶ୍ରଙ୍କ ଫଟୋ ପରିବର୍ତ୍ତେ ଅନ୍ୟଜଣଙ୍କ ଫଟୋ ସ୍ଥାନିତ ହୋଇଥିଲା। ଏହି ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛୁ। ନିମ୍ନରେ ପ୍ରିୟବ୍ରତଙ୍କ ଫଟୋ।





ଶଟ୍‌ଡାଉନ ପୂର୍ବରୁ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୧ ପରିବା ହାଟରେ ଲୋକଙ୍କ ପ୍ରବଳ ଭିଡ଼।



ବାପୁଜୀନଗର ରୋଡ୍‌ରେ ଟ୍ରାଫିକ୍ ଜାମ୍।

# ଗହଳି ହେଲା, ସଂକ୍ରମଣ ବଢ଼ିଲା

### ୨୪ଘଣ୍ଟାରେ ୩୮୯ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୯।୭ (ବ୍ୟୁରୋ)

ରାଜଧାନୀରେ ପୁଣି ସକ୍ରିୟ ହୋଇଉଠିଲାଣି କରୋନା। କିଛିଦିନ ହେବ ସଂକ୍ରମଣ ଖସୁଥିବାବେଳେ ଏବେ ଉପରମୁହାଁ ହେଲାଣି ଗ୍ରାଫ୍। ଜୀବନଜୀବିକାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର କରୋନା କଟକଣାକୁ କୋହଳ କରିଥିଲେ। ହେଲେ ଲୋକମାନେ ଏହାର ଦୁରୁପଯୋଗ କରୁଥିବା ଦେଖାଯାଉଛି। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ସହରର ଦୋକାନ ବଜାରଠାରୁ ଆରମ୍ଭ କରି ରାସ୍ତାଘାଟରେ ପ୍ରବଳ ଗହଳି କରୁଛନ୍ତି। ସାମାଜିକ ଦୂରତାକୁ ମାନୁ ନାହାନ୍ତି। ଫଳରେ ୨ଶହ ମଧ୍ୟରେ ରହୁଥିବା ସଂକ୍ରମଣ ଏବେ ୪ଶହ ମୁହାଁ ହେବାରେ ଲାଗିଛି। ଏପରି ସ୍ଥିତି ଲାଗି ରହିଲେ ଭୁବନେଶ୍ୱରରେ ସଂକ୍ରମଣ ବ୍ୟାପିବା ସହ ପୂର୍ବପରିସ୍ଥିତି ଲେଉଟିବ ବୋଲି ଆଶଙ୍କା କରାଯାଉଛି। କେତେଜଣଙ୍କ ବେପରୁଆ ମନୋଭାବ ଯୋଗୁ ସମସ୍ତଙ୍କୁ ଭୋଗିବାକୁ ପଡୁଥିବାରୁ ଏହା ଉପରେ ପ୍ରଶାସନ ଓ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ତଥ୍ୟ ଅନୁସାରେ, ଗତ ୨୪ ଘଣ୍ଟାରେ ସହରରୁ ୩୮୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୬୯ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୩୨୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୩୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୨୫, ଶୈଳଶ୍ରୀବିହାରରୁ ୧୧, ଖଣ୍ଡଗିରିରୁ ୧୮, ଚନ୍ଦ୍ରଶେଖରପୁରରୁ ୧୦, ରସୁଲଗଡ, ମଞ୍ଚେଶ୍ୱର, ପୁରୁଣା ଭୁବନେଶ୍ୱର, ଶ୍ରୀରାମ ନଗର ଓ ଶହୀଦନଗରରୁ ୯ଜଣ ଲେଖାଏ, ଡୁମୁଡୁମାରୁ ୧୪, ବମିଖାଲ ଓ ପାତ୍ରପଡାରୁ ୮ଜଣ ଲେଖାଏ, ବଡଗଡରୁ ୭, ଆଚାର୍ଯ୍ୟବିହାର, ନୀଳାଦ୍ରିବିହାର ଓ ସାମନ୍ତରାପୁରରୁ ୬ଜଣ ଲେଖାଏ, ଆଇଗିଣିଆ, ୟୁନିଟ-୩ ଓ କଳିଙ୍ଗ ନଗରରୁ ୫ଜଣ ଲେଖାଏ, ଗାଡକଣା, ଗଜପତି ନଗର, ବିଜେବି ନଗର, ସତ୍ୟନଗର, ସୁନ୍ଦରପଦା, ଟଙ୍କପାଣିରୋଡ୍, ଚକେଇସିଆଣି, ପ୍ରଶାନ୍ତି ବିହାର ଓ ବାଣୀବିହାର ଅଞ୍ଚଳରୁ ୩ଜଣ ଲେଖାଏ ରହିଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୯୩ହଜାର ୭୭ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ପୁଣି ୫ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୪୯୭ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟାରେ ୩୫୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯୧ ହଜାର ୩୪୯କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୧୨୧୦ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

### ବିଭିନ୍ନ ଦୋକାନ ସିଲ ସହ ୩୦ହଜାର ଜରିମାନା ଆଦାୟ

ଭୁବନେଶ୍ୱର, ୯।୭ (ବ୍ୟୁରୋ)



ପ୍ରତିଦିନ ସହରରେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରି ଅମାନିଆଙ୍କଠାରୁ ଜରିମାନା ଆଦାୟ କରିବା ସହ ଦୋକାନ ସିଲ୍ କରୁଛି। ଶୁକ୍ରବାର ବିଏମ୍‌ସିର ୩ଟି ଜୋନ୍‌ରେ ଚଢାଉ କରି କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଗଜପତି ନଗରସ୍ଥିତ ଏକ ଓମ୍‌ଫେଡ୍ ଷ୍ଟଲ, ୟୁନିଟ-୨ ମାର୍କେଟ ବିଲ୍ଡିଂରେ ମମତା ଡ୍ରେସେସ୍ ଦୋକାନ, ସୌଭାଗ୍ୟ ନଗରସ୍ଥିତ ଗୋଲ୍‌ଡେନ୍ ଚିଲି ଫାଷ୍ଟଫୁଡ୍‌କୁ ସିଲ୍ କରାଯାଇଛି। ଦକ୍ଷିଣ ଜୋନ୍‌ରେ ୬ଟି ଫାଷ୍ଟଫୁଡ୍ ଦୋକାନ ସିଲ୍ କରିବା ସହ ୧୧ହଜାର ଟଙ୍କା ଓ ଦକ୍ଷିଣ ପଶ୍ଚିମ ଜୋନରୁ ୬ହଜାର ଟଙ୍କା ଜରିମାନା କରାଯାଇଛି। ୩ ଜୋନ୍‌ରୁ ସମୁଦାୟ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି (ଏନ୍‌ଫୋର୍ସମେଣ୍ଟ)ର ଅତିରିକ୍ତ କମିଶନର ଲିଲନ୍ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିଲା।

## ଭାଜପା, ବିଜେଡି କର୍ମୀ ମୁହାଁମୁହିଁ

■ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉବେଳେ ଉତ୍ତେଜନା

ଆଠଗଡ଼,୯।୭(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କରି ଭାଜପା ପକ୍ଷରୁ ଶୁକ୍ରବାର ନରସିଂହପୁର ବ୍ଲକ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ଏହି ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ସେଠାରେ ଉପସ୍ଥିତ ବିଜେଡି କର୍ମୀଙ୍କ ସହ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ପଥରମାଡ଼ରେ ଭାଜପା ନେତା ବିଜୟ ସୁବୁଦ୍ଧି ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଭାଜପା ନେତା ବିଜୟ କୁମାର ଦଳବେହେରା ଓ କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଏହି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ସମୟରେ ସୁବୁଦ୍ଧିଙ୍କ ସମେତ ରାମନାରାୟଣ ମହାନ୍ତି, ପ୍ରତାପ ପିହାଣ, ଟୁକୁନା ବାରିକ ଓ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନରସିଂହପୁର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ବିକ୍ଷୋଭ ପ୍ରଦର୍ଶନବେଳେ ସେଠାରେ ଥିବା ବିଜେଡି କର୍ମୀମାନେ ଏହାକୁ ବିରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ଆଠଗଡ଼ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ ମଧ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହି ଘଟଣା ପରେ ବ୍ଲକ କାର୍ଯ୍ୟାଳୟ ଆଗରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅପରପକ୍ଷେ ସମ୍ପୃକ୍ତ ବିଜେଡି କର୍ମୀଙ୍କୁ ଗିରଫ ଦାବି କରି ଭାଜପା ପକ୍ଷରୁ ଧାରଣା ଦିଆଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିଲା।

## ଦିଆସିଲି କାଠିରେ ୪.୫ ଇଞ୍ଚର ରଥ ନିର୍ମାଣ

### ୧ ଇଞ୍ଚର ନିମ୍ବକାଠରେ ଚତୁର୍ଦ୍ଧାମୂର୍ତ୍ତି

ଭୁବନେଶ୍ୱର,୯।୭ (ବ୍ୟୁରୋ)



ଆଉ ୨ଦିନ ପରେ ରଥଯାତ୍ରା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଭକ୍ତିଭାବ ସମର୍ପଣ କରି ଶିଳ୍ପୀ ଏଲ୍. ଈଶ୍ୱର ରାଓ ଦିଆସିଲି କାଠିରେ ରଥ ଓ ନିମ୍ବ କାଠରେ ଚତୁର୍ଦ୍ଧାମୂର୍ତ୍ତି ପ୍ରସ୍ତୁତ କରିଛନ୍ତି। ଏହି ତିନି ରଥ ନିର୍ମାଣରେ ସେ ମୋଟ୍ ୪୩୫ଟି ଦିଆସିଲି କାଠି ବ୍ୟବହାର କରିଛନ୍ତି। ୪.୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ରଥରେ ବସିଥିବା ତିନିଦିଅଁଙ୍କ ମୂର୍ତ୍ତି ନିମ୍ବ କାଠରେ ନିର୍ମିତ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭାଦ୍ରାଙ୍କ ମୂର୍ତ୍ତିଗୁଡ଼ିକର ଉଚ୍ଚତା ୧ ଇଞ୍ଚ ରହିଛି। ଶ୍ରୀକ୍ଷେତ୍ରର ରଥଯାତ୍ରା ପାଇଁ ନିର୍ମାଣ ହେଉଥିବା ରଥ ସଦୃଶ ଏହି ରଥ ପ୍ରସ୍ତୁତ କରାଯାଇଛି। ଅନୁରୂପ ଭାବେ ରଙ୍ଗ ମଧ କରାଯାଇଛି ଯାହାକି ଦର୍ଶକଙ୍କୁ ଆକୃଷ୍ଟ କରୁଛି। ତିନି ରଥ ଓ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ପାଇଁ ତାଙ୍କୁ ୯ ଦିନ ସମୟ ଲାଗିଥିଲା। ଏହାପୂର୍ବରୁ ଈଶ୍ୱର ୩ହଜାରରୁ ଊର୍ଦ୍ଧ୍ୱ ବହୁ ଛୋଟ ଛୋଟ କଳାକୃତିକୁ ବୋତଲ ଭିତରେ ପ୍ରସ୍ତୁତ କରିଛନ୍ତି। ଏଭଳି ନିଆରା କଳାକୃତିକୁ ନେଇ ସେ ଏକ ଛୋଟ ସଂଗ୍ରହାଳୟ ମଧ କରିଛନ୍ତି। ଯାହାର ନାମ 'ୱାର୍ଲଡ ୱାଣ୍ଡର ମ୍ୟୁଜିୟମ୍' ରଖାଯାଇଛି। ବିଭିନ୍ନ ପର୍ବପର୍ବାଣିରେ ସେ ଏପରି ସ୍ୱତନ୍ତ୍ର କଳାକୃତି ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥାନ୍ତି। ଚଳିତବର୍ଷ ମହାଶିବରାତ୍ରି ଉପଲକ୍ଷେ ଏକ ଛୋଟ କାଚ ବୋତଲ ଭିତରେ ସେ ଏକ ପୂର୍ଣ୍ଣ ଶୈବପୀଠ ନିର୍ମାଣ କରିଥିଲେ। ଯେଉଁଥିରେ ଶିବଲିଙ୍ଗଠାରୁ ଆରମ୍ଭ କରି ନାଗ ସାପ, ବୃଷଭ ଆଦି ରହିଥିଲା। ଏହି ରଥ ନିର୍ମାଣ କରିବା ସହ ବିଶ୍ୱବାସୀଙ୍କୁ କରୋନା ମହାମାରୀରୁ ରକ୍ଷା କରିବା ପାଇଁ ମହାପ୍ରଭୁଙ୍କ ନିକଟରେ ଈଶ୍ୱର ପ୍ରାର୍ଥନା କରିଛନ୍ତି।



ଭୁବନେଶ୍ୱର ଇସ୍କନ ମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ନବଯୌବନ ଦର୍ଶନ।

## ଏକାମ୍ରରେ ମେଗା ରକ୍ତଦାନ ଶିବିର



ରକ୍ତଦାନ ଶିବିରକୁ ମନ୍ତ୍ରୀ ଓ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

### ୫୬୦ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୯।୭ (ଡିଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶୁକ୍ରବାର ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଓ ବ୍ୟକ୍ତି ବିଶେଷଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଜୀବନ ବିନ୍ଦୁ ଏକାମ୍ର ଆବାହକ ଅଶ୍ୱିନୀ ସୁନ୍ଦରାୟ,ଭୁବନେଶ୍ୱର ବିଜୁ ଯୁବଜନତା ଦଳ ସଭାପତି ସମରେଶ ବେଉରା, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ସୁବାସ ସୁନ୍ଦରାୟ, ତେଜସ୍ୱିନୀ ମିଶନ ଶକ୍ତି ମହାସଂଘ ସଭାପତି ମହାମାୟା ସ୍ୱାଇଁ, ପୂର୍ବତନ କର୍ପୋରେଟର ଶ୍ରୀଧର ବେହେରା, ବିନୟିନୀ ଜେନା, ପୁଷ୍ପା ଦାସ, ଇତିଶ୍ରୀ ଚମ୍ପତି, ହୃଦୟ ବଲ୍ଲଭ ସାମନ୍ତରାୟ, ଭଗବାନ ସାହୁ, ନର୍ମଦା ଚନ୍ଦ୍ରମା ସାହୁ, ଦାଶରଥି ଗରାବଡୁ, ଅଶ୍ୱିନୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୯।୭(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ମିଳନୀ ପକ୍ଷରୁ ୟୁନିଟ-୮ ସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ରୁଷି ପଟ୍ଟନାୟକ, ଅକ୍ଷୟ ଜେଠୀ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## 'ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ଭୁବନେଶ୍ୱର, ୯।୭(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ଭବନଠାରେ ଶୁକ୍ରବାର ପାଳନ କରାଯାଇଛି। ଏହି ଉପଲକ୍ଷେ ଗୋପବନ୍ଧୁ ଛକସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଗୋପବନ୍ଧୁ ଥିଲେ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ। ରାଜନୀତିକ୍ଷେତ୍ରରେ ଓଡ଼ିଶାକୁ କଂଗ୍ରେସ ସହ ସାମିଲ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି କଂଗ୍ରେସ ସଦସ୍ୟମାନଙ୍କୁ ନିରଞ୍ଜନ ଅନୁରୋଧ କରିଛନ୍ତି।

## କୁଆଖାଇ, କୁଶଭଦ୍ରାରେ ନିର୍ମାଣ ହେବ ୨ ବ୍ୟାରେଜ

### ଖର୍ଚ୍ଚ ହେବ ୭୦୦କୋଟି

ବାଲିଅନ୍ତା,୯।୭(ଡି.ଏନ୍.ଏ.)



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫-ଟି ସଚିବଙ୍କ ସହ ମନ୍ତ୍ରୀ ଓ ବିଧାୟକମାନେ ଆଲୋଚନାରତ।

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ କୁଶଭଦ୍ରା ଓ ପାଣ୍ଡରାସ୍ଥିତ କୁଆଖାଇ ନଦୀରେ ଖୁବଶୀଘ୍ର ୨ଟି ବ୍ୟାରେଜ ନିର୍ମାଣ ହେବ। ବହୁ ପ୍ରତୀକ୍ଷିତ ଏହି ବ୍ୟାରେଜ ନିର୍ମାଣରେ ପାଖାପାଖି ୭୦୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗୀୟ ପକ୍ଷରୁ ସୂଚନା ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବାସିନ୍ଦାଙ୍କୁ ପିଇବା ପାଣି ସୁବିଧା ଓ ଭୂତଳ ଜଳ ସଂରକ୍ଷଣ ଏବଂ ଚାଷୀଙ୍କ ଜମି ଜଳସେଚିତ ହୋଇପାରିବ। ଏ ନେଇ ଶୁକ୍ରବାର ବାଲିଅନ୍ତା ବ୍ଲକ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସ ମାଧ୍ୟମରେ ୫ଟି-ସଚିବ ଭି.କେ. ପାଣ୍ଡିଆନ ସହିତ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ଏଥିରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ଲୋକ ପ୍ରତିନିଧି, ଚାଷୀ ଯୋଗଦେଇଥିଲେ। କୁଶଭଦ୍ରା ନଦୀର ବାଲିଅନ୍ତା ଓ ପାଣ୍ଡରା ଗ୍ରାମ ନିକଟ କୁଆଖାଇ ନଦୀର ବ୍ୟାରେଜ ନିର୍ମାଣ ହେଲେ ଜଳ ସଂରକ୍ଷଣ ଓ ଚାଷୀର ଜମିକୁ ଜଳଯୋଗାଣ ହୋଇପାରିବ ବୋଲି ଉପସ୍ଥିତ ଚାଷୀ ଓ ଲୋକ ପ୍ରତିନିଧିମାନେ ୫-ଟି ସଚିବ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରସ୍ତାବିତ ବୃହତ ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ ସହିତ ମଞ୍ଜୁର ପାଇଁ ବହୁ ସରପଞ୍ଚ, ଜିଲା ପରିଷଦମାନେ ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, ଏହି ବ୍ୟାରେଜ ନିର୍ମାଣ ପାଇଁ ପ୍ରାଚୀ ଡିଭିଜନରେ ବାଲିଅନ୍ତା ଜଳସେଚନ ଉପଖଣ୍ଡ ମାଧ୍ୟମରେ ଗତବର୍ଷ ସର୍ଭେ କରାଯାଇଥିଲା। ଏହାର ଡିପିଆର ପ୍ରସ୍ତୁତ କରାଯାଇ ଡିଜାଇନ ପାଇଁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ବ୍ୟାରେଜ ଡିଜାଇନ କାର୍ଯ୍ୟ ଶେଷ ହେବା ପରେ ଟେଣ୍ଡର ପାଇଁ ପଠାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# କୃଷି ଯୋଜନା ଜଗିବେ ଯୁଗ୍ମ ସ୍କ୍ୱାଡ୍

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

- କ୍ରିୟାଶୀଳ ହୋଇଛି ପର୍ଯ୍ୟବେକ୍ଷଣ ବ୍ୟବସ୍ଥା: କୃଷିମନ୍ତ୍ରୀ
- ନିୟମିତ କ୍ଷେତ୍ର ପରିଦର୍ଶନ କରିବେ ଅଧିକାରୀ
- ଲୋକଲୋଚନକୁ ଅଣାଯିବ ସଫଳ ଉଦ୍ୟୋଗ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷିଭିତ୍ତିକ ଯୋଜନାର ସଫଳ ରୂପାୟନ, ଯାଞ୍ଚ ଏବଂ ତଦାରଖ ବ୍ୟବସ୍ଥା କଡ଼ାକଡ଼ି କରିବା ଲାଗି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଯୁଗ୍ମ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ କୃଷି, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀଙ୍କୁ ସାମିଲ କରାଯାଇଛି। ସ୍କ୍ୱାଡ୍ ସଦସ୍ୟମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା କୃଷି ସାମଗ୍ରୀର ମାନ ଓ ଦର ସୁନିଶ୍ଚିତ କରିବେ। ଏଥିସହ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବା ପାଇଁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଭବନ ପରିସରରେ ନବଗଠିତ ଯୁଗ୍ମ ସ୍କ୍ୱାଡ୍ ଅଧିକାରୀ ଏବଂ ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ମନ୍ତ୍ରୀ ସାହୁ କହିଲେ, ରାଜ୍ୟ ସରକାର ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ଲାଗି ଗୁରୁତ୍ୱ ଦେଉଛନ୍ତି। ଯୋଜନାର ସଫଳ ରୂପାୟନ ନିମନ୍ତେ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି। ଅନୁଦାନ ଅର୍ଥର ଠିକ୍ ବିନିଯୋଗ ସହିତ ଚାଷୀ ଏହାର ସୁଫଳ ପାଇବା ମଧ୍ୟ ଜରୁରୀ। ଏହାକୁ ନଜରରେ ରଖି ପ୍ରତିମାସରେ ଯୋଜନାରେ ଆବଣ୍ଟିତ ଅର୍ଥର ବ୍ୟୟ ସମ୍ପର୍କରେ ସମୀକ୍ଷା କରାଯିବ। ଯୁଗ୍ମ ସ୍କ୍ୱାଡ୍ କ୍ଷେତ୍ର ପରିଦର୍ଶନ କରି ଯୋଜନାର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦେବେ। କୃଷିମନ୍ତ୍ରୀ, ଶାସନ ସଚିବ ଏବଂ ନିର୍ଦ୍ଦେଶକମାନେ ମଧ୍ୟ କ୍ଷେତ୍ର ପରିଦର୍ଶନ କରିବେ। ଜିଲା ଗସ୍ତ ସମୟରେ ସ୍କ୍ୱାଡ୍ ଅଧିକାରୀମାନେ ଚଳିତ ଖରିଫ୍ କାର୍ଯ୍ୟକ୍ରମର ସମୀକ୍ଷା କରି ବିହନ, ସାର ଆଦି ଯୋଗାଣକୁ ନିଶ୍ଚିତ କରିବେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପର ତଦାରଖ କରାଯିବ। ସଫଳ ଉଦ୍ୟୋଗଗୁଡ଼ିକୁ ଲୋକଲୋଚନକୁ ଅଣାଯିବ। ପ୍ରକଳ୍ପ ନିର୍ମାଣରେ ରହୁଥିବା ସମସ୍ୟାର ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନରେ ତତ୍ପରତା ଆଣିବା ଲାଗି ଅତିରିକ୍ତ ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ୬ଟି ଯୁଗ୍ମ ସ୍କ୍ୱାଡ୍ ଗଠନ କରାଯାଇ ଜିଲା ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

# ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଦେଲା ସମାଜବାଦୀ ପାର୍ଟି

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

ତୈଳ ଏବଂ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି କାରଣରୁ ସାଧାରଣ ଖାଉଟି ଅତିଷ୍ଠ ହୋଇପଡ଼ିଲେଣି। ତୈଳଦର ବୃଦ୍ଧି ଯୋଗୁ ଚାଉଳ, ଡାଲି, ତେଲ, ଚିନି ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଚାଲିଛି। ଏହିସବୁକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ସରକାର ବାଦ୍ ଦେବା ଦ୍ୱାରା ବ୍ୟବସାୟୀମାନେ ଏହାର ଫାଇଦା ନେଇ ଗ୍ରାହକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଏହାର ପ୍ରତିବାଦରେ ବାମ ଦଳଗୁଡିକ ପକ୍ଷରୁ ଆସନ୍ତା ୧୫ରେ ଦିଆଯାଉଥିବା ୬ ଘଣ୍ଟା ବନ୍ଦ ଡାକରାକୁ ସମାଜବାଦୀ ପାର୍ଟିର ରାଜ୍ୟ କମିଟି ସମ୍ପୂର୍ଣ୍ଣ ସମର୍ଥନ କରୁଥିବା ରବି ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ କଂଗ୍ରେସ ସମର୍ଥନ କରିବ ବୋଲି ଘୋଷଣା କରିସାରିଛି।

# ମୁମ୍ବାଇରୁ ଆସିଲା ୧୭ ପ୍ୟାକେଟ୍ ରୁପା ଚାଦର

**ପୁରୀ ଅଫିସ,୯।୭**

**ଶ୍ରୀମନ୍ଦିରର ୮ ଦ୍ୱାର ହେବ ରୁପା ଛାଉଣି**



ଶ୍ରୀମନ୍ଦିରର ୮ ଦ୍ୱାରକୁ ରୁପା ଛାଉଣି କରାଯିବ। ଏଥିପାଇଁ ନୀଳାଦ୍ରି ଭକ୍ତନିବାସରେ ପ୍ରାଥମିକ ପର୍ଯ୍ୟାୟରେ ୩ ଦ୍ୱାରର କାର୍ଯ୍ୟ ଆରମ୍ଭ ହୋଇଛି। ଜୟବିଜୟ, ବେହରଣ ଓ କଳାହାଟ ଦ୍ୱାରର ନିର୍ମାଣ ଚାଲିଛି। ଉତ୍କଳୀୟ କଳା, ସଂସ୍କୃତି ଓ ପରମ୍ପରାର ଛାପ ସହ ସ୍ୱତନ୍ତ୍ର ଡିଜାଇନ୍ କରାଯାଇ ଦ୍ୱାର ନିର୍ମାଣ କରାଯାଉଛି। ସେହି ଦ୍ୱାର ଉପରେ ରୁପା ଛାଉଣି କରାଯିବ। ଏଥିଲାଗି ମୁମ୍ବାଇରୁ ଉତ୍କଳୀୟ କଳା ସଂସ୍କୃତିରେ ନିର୍ମିତ ରୁପା ଚାଦର ୧୭ଟି ପେଟିରେ ପ୍ୟାକ୍ ହୋଇ ଶୁକ୍ରବାର ପୁରୀରେ ପହଞ୍ଚିଛି। ତେବେ ଏହି ରୁପାର ଓଜନ କେତେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ବର୍ମାଟିକ୍ କାଠରେ ଦ୍ୱାର ତିଆରି ପରେ ସେଥିରେ ରୁପା ଖୋଦେଇ ଚାଦର ଲଗାଯିବ ଓ ତାହାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ସୂଚନାଯୋଗ୍ୟ, ମହାଲକ୍ଷ୍ମୀ ଗର୍ଭଦ୍ୱାର, ବିମଳା, ସାତପାହାଚ, ନୃସିଂହ ଓ ପଶ୍ଚିମ ଭୋଗମଣ୍ଡପ ଦ୍ୱାର ରୁପା ଛାଉଣି କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଆଜି ୧୦ ଜିଲାରେ ଟିକାକରଣ ବନ୍ଦ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

ଟିକା ଅଭାବ ଯୋଗୁ ରାଜ୍ୟରେ ଟିକାକରଣରେ ବାଧା ସୃଷ୍ଟି ହେଉଛି। ଦୈନିକ ୩ଲକ୍ଷ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏବେ ଲକ୍ଷେ ଟପୁନି ଟିକାଦାନ। ସେପଟେ ରାଜ୍ୟରେ ଏବେମାତ୍ର ୫୯,୯୨୦ ଡୋଜ୍ କୋଭିଶିଲ୍ଡ ଟିକା ଗଚ୍ଛିତ ରହିଥିବାବେଳେ ଏହା ଆଉ ଦିନେ କି ଦୁଇଦିନ ଯିବ। ଆସନ୍ତା ୧୫ତାରିଖ ବେଳକୁ ୩,୧୬,୪୭୦ ଡୋଜ୍ କୋଭିଶିଲ୍ଡ ଟିକା ଓଡ଼ିଶାକୁ ଆସିବାର ରହିଛି। ତେଣୁ ଏ ସମୟ ମଧ୍ୟରେ ଟିକାକରଣ ବାଧାପ୍ରାପ୍ତ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ତେବେ ଟିକା ଅଭାବ ଯୋଗୁ ଶନିବାର ମାତ୍ର ୩୦୮ କେନ୍ଦ୍ରରେ ଟିକାକରଣ ହେବ। ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ନୟାଗଡ଼, ନୂଆପଡ଼ା ଓ ସୋନପୁର ଆଦି ୧୦ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ।

ରାଜ୍ୟରେ ଟିକାକରଣ ସମସ୍ୟା ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଗତ ୬ ତାରିଖରେ କେନ୍ଦ୍ରକୁ ଚିଠି ଲେଖି ଅବଗତ କରିବା ସହ ତୁରନ୍ତ କୋଭିଶିଲ୍ଡ ଟିକା ପଠାଇବାକୁ ଅନୁରୋଧ କରିଥିଲେ। ୩ଦିନ ବିତିଯାଇଥିଲେ ସୁଦ୍ଧା କେନ୍ଦ୍ର ସରକାର ଟିକା ପଠାଇ ପାରି ନ ଥିବାରୁ ଟିକାକରଣ ପ୍ରଭାବିତ ହୋଇଛି। ଅନ୍ୟପଟେ ଶୁକ୍ରବାର ୫୪୫ କେନ୍ଦ୍ରରେ ୯୩,୩୩୪ ଡୋଜ୍ ଟିକାକରଣ ହୋଇଛି। ୫୬ଜଣ ସ୍ୱାସ୍ଥ୍ୟକର୍ମୀ, ୭୦୬ଜଣ ସମ୍ମୁଖ ଯୋଦ୍ଧା, ୧୮ରୁ ୪୪ବର୍ଷ ମଧ୍ୟରେ ୪୫,୦୫୭ଜଣ ଏବଂ ୪୭,୫୧୫ଜଣ ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦଆଯାଇଛି। ଏହାକୁ ମିଶାଇ ମୋଟ ଟିକାକରଣ ୧,୩୨,୭୨,୬୩୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ୧.୭୩ ଲକ୍ଷ ଡୋଜ୍ କୋଭାକ୍ସିନ ଟିକା ଶୁକ୍ରବାର ଓଡ଼ିଶାରେ ଆସି ପହଞ୍ଚିଥିବା ଜଣାପଡ଼ିଛି। ବର୍ତ୍ତମାନ ରାଜ୍ୟରେ ୩,୯୩,୦୧୦ ଡୋଜ୍ କୋଭାକ୍ସିନ ଟିକା ଗଚ୍ଛିତ ରହିଛି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
### (ଭୂ-ଅର୍ଜନ ଉପ-ବିଭାଗ)
### [ଅଧିସୂଚନା]

ବିଜ୍ଞପ୍ତି ସଂଖ୍ୟା 524 ତାରିଖ 06.07.2021

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଓସିଏଲ୍ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ନିମନ୍ତେ ମୌଜା- ବିହାବନ୍ଧ, ଥାନା – ରାଜଗାଙ୍ଗପୁର, ତହସିଲ-ରାଜଗାଙ୍ଗପୁର, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ଜମି – ୯.୨୨ ଏକର ଅର୍ଜନ କରିବା ଆବଶ୍ୟକ ହେଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ପାଇଁ ପ୍ରଯୁଜ୍ୟ ଅଟେ।

୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପେ ଓସିଏଲ୍ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଓସିଏଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଭୂ-ଅଧିଗ୍ରହଣ ନିମନ୍ତେ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ଓସିଏଲ୍ ଇଣ୍ଡିଆ ଲିମିଟେଡ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ପ୍ରଯୁଜ୍ୟ ନୁହେଁ।
୪– ସାମାଜିକ ପ୍ରଭାବର ମୂଲ୍ୟାଙ୍କନ ସାରାଂଶ: ଏଥିସହିତ ସଂଲଗ୍ନ କରାଗଲା।
୫– ପୁନର୍ବାସ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼ ।
୬– ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ରାଜଗାଙ୍ଗପୁର | ବିହାବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଗତ କୌଣସି ଜମିର କ୍ରୟ-ବିକ୍ରୟ, ହସ୍ତାନ୍ତର କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅନୁମତି / ଅନୁମୋଦନ ବିନା କରାଯାଇ ପାରିବନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାର / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

Full Land Schedule (Village- Bihabandh)
ମୌଜା: ବିହାବନ୍ଧ, ଥାନା: ରାଜଗାଙ୍ଗପୁର, ତହସିଲ- କୁତ୍ରା, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା

| କ୍ର. ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍‌ର ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ମଜିର ରକବା (ଏ.ଡି.) |
|---|---|---|---|---|---|---|
| ୦୧ | ୪ | ଆଙ୍ଗନି ଓରାମ, ସ୍ୱା: ସମରା ଓରାମ, ଏତୁଆରୀ ଓରାମ, ଯୁନାସ ଓରାମ, ପି: ସମରା ଓରାମ, ଗାନ୍ଦରୁ ଓରାମ, ଯିରୟୋ ଓରାମ, ପି: ମଙ୍ଗରା ଓରାମ, ଆଙ୍ଗନି ଓରାମ, ପି: ବୁନ୍ଦା ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୪୮ | ଗୋଡ଼ା-୨ | ୦.୭୯ | ୦.୭୯ |
| ୦୨ | ୫ | ଆନ୍ତୁନି ଖଡିଆ, କାରଲୁସ ଖଡିଆ, ସିମନ ଖଡିଆ, ପି: ଝାରି ଖଡିଆ, ଜା: ଖଡିଆ ଖ୍ରୀଷ୍ଟିୟାନ, ବା: ନିଜଗାଁ, ପଡା: ଖେରାମୁତା | ୪୭୩ | ଗୋଡା-୨ | ୧.୨୮ | ୧.୨୮ |
| ୦୩ | ୨୦ | ଚୟୋଁ ଓରାମ, ଗୁମଦା ଓରାମ, ବୃଙ୍ଗା ଓରାମ, ପି: କୁବା ଓରାମ, ଗୁନ୍ଦା ଓରାମ, ଅଇତା ଓରାମ, ପି: ମୁଣ୍ଡା ଓରାମ, ଦଧୋ ଓରାମ, ଚେରୁଆ ଓରାମ, ଝାଗ୍ରୀ ଓରାମ, ପି: କଲିଆ ଓରାମ, ପେଟୁ ଓରାମ, ଡିବୁ ଓରାମ, ମାସୁ ଓରାମ, ଚମରା ଓରାମ, ପି: ମଙ୍ଗରା ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୪୫ | ଗୋଡା-୬ | ୦.୫୯ | ୦.୫୯ |
| ୦୪ | ୪୫ | ଧୁଚା ଓରାମ, ପି: ବୁଦୁଲି ଓରାମ, ମାତୁଲୁ ଓରାମ, ଚମା ଓରାମ, ପୌଲୁସ ଓରାମ, ପି: ଧୁରୁ ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୪୭ | ଗୋଡା-୨ | ୧.୦୦ | ୧.୦୦ |
| ୦୫ | ୪୭ | ପଣ୍ଡରୁ ଓରାମ, ଚମା ଓରାମ, ତେମ୍ପା ଓରାମ, ପି: ଡୁବୁରୁ ଓରାମ, ପୋଡା ଓରାମ, ପି: ରାମ ଓରାମ, ଚମରା ଓରାମ, ଦନିଆ ଓରାମ, ଫଗୁ ଓରାମ, ପି: ଖାଆ ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୪୦ | ବାହାଲ ସାଧାରଣ | ୦.୦୮ | ୦.୦୮ |
| | | | ୭୪୧ | ଗୋଡା-୨ | ୦.୦୭ | ୦.୦୭ |
| ୦୬ | ୪୯ | ବଛି ଓରାମ, ପି: ଗନ୍ଧରା ଓରାମ, କାନ୍ଦନା ଓରାମ, ସମରେ ଓରାମ, ମନ୍ଦିର ଓରାମ, ପି: ମଙ୍ଗରା ଓରାମ, ଜନୁ ଓରାମ, ଚେପୋ ଓରାମ, ପି: ଚଙ୍ଗା ଓରାମ, ବାସୁ ଓରାମ, ପି: ମାଘେ ଓରାମ, ଜା: ଓରାମ, ବା: ନିଜଗାଁ, ପଡା- ଖେରାମୁତା | ୭୪୩ | ବାହାଲ ସାଧାରଣ | ୧.୦୩ | ୧.୦୩ |
| | | | ୭୪୪ | ବାହାଲ ସାଧାରଣ | ୦.୯୯ | ୦.୯୯ |
| ୦୭ | ୭୯ | ରାଣସି ଓରାମ, ନାଗା ଓରାମ, ପି: ଚମ୍ପା ଓରାମ, ବାଘା ଓରାମ, ଚାନ୍ଦୁ ଓରାମ, ପି: କିଡିଆ ଓରାମ, ଗଞ୍ଜୁ ଓରାମ, ପି: ଦୁର୍ଗା ଓରାମ, ଗଣ୍ଡା ଓରାମ, ଖେଦୁ ଓରାମ, ମଙ୍ଗଲା ଓରାମ, ପି: ଭୋଲା ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୫୦ | ଗୋଡା-୨ | ୦.୦୮ | ୦.୦୮ |
| ୦୮ | ୮୨ | ସାଲମି ଖଡିଆ, ପି: ମିଖେଲ ଖଡିଆ, ଆଲଫାଓ ଖଡିଆ, ଜର୍ଜ ଖଡିଆ, ଏଲଫିନ ଖଡିଆ, ମେରିମେରିୟାମ ଖଡିଆ, କାତରେନା ଖଡିଆ, ମାର୍ଥା ଖଡିଆ, ପି: ମିଖେଲ ଖଡିଆ, ଯୋସେବ ଖଡିଆ, ପି: ଛେରୀ ଖଡିଆ, ବଡ କୁଲିୟୁସ ଖଡିଆ, ପିୟୁ ଖଡିଆ, ପି: ମୁଙ୍କୋ ଖଡିଆ, ତିନ୍ତୁସ ଖଡିଆ, ପି: ଚମରା ଖଡିଆ, ଜା: ଖଡିଆ, ବା: ନିଜଗାଁ, ପଡା: ଖେରାମୁତା | ୪୭୪ | ଗୋଡା-୨ | ୧.୩୭ | ୧.୩୭ |
| | | | ୪୮୧ | ବାହାଲ ସାଧାରଣ | ୪.୪ | ୧.୦୦ |
| ୦୯ | ୧୦୭ | ହେମ୍ନ ଓରାମ, ଜାଗୁଆ ଓରାମ, ପି: ଭନୁଆ ଓରାମ, ପେଟ ଓରାମ, ନାଟ ଓରାମ, ବୁଦଲି ଓରାମ, ନାଥ ଓରାମ, ପି: ଜାର ଓରାମ, କାଇରୀ ଓରାମ, ଜାର ଓରାମ, କୋଇଲି ଓରାମ, କାଲି ଓରାମ, ଶାଙ୍ଗି ଓରାମ, ପି: ଫତେ ଓରାମ, ଜା: ଓରାମ, ବା: ନିଜଗାଁ, ପଡା: ଖେରାମୁତା | ୭୪୬ | ଗୋଡା-୨ | ୦.୯୪ | ୦.୯୪ |
| | | | | | ମୋଟ | ୯.୨୨ |



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
### (ଭୂ-ଅର୍ଜନ ଉପ-ବିଭାଗ)
### [ଅଧିସୂଚନା]

ବିଜ୍ଞପ୍ତି ସଂଖ୍ୟା 544 ତାରିଖ 06.07.2021

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଓସିଏଲ୍ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ନିମନ୍ତେ ମୌଜା- ଲାଞ୍ଜିବେର୍ଣ୍ଣା, ଥାନା – ରାଜଗାଙ୍ଗପୁର, ତହସିଲ- କୁତ୍ରା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ଜମି – ୨୭.୨୬ ଏକର ଅର୍ଜନ କରିବା ଆବଶ୍ୟକ ହେଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପେ ଓସିଏଲ୍ ଇଣ୍ଡିଆ ଲିମିଟେଡ ଖଣି ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ଓସିଏଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଭୂ-ଅଧିଗ୍ରହଣ ନିମନ୍ତେ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ଓସିଏଲ୍ ଇଣ୍ଡିଆ ଲିମିଟେଡ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ପ୍ରଯୁଜ୍ୟ ନୁହେଁ।
୪– ସାମାଜିକ ପ୍ରଭାବର ମୂଲ୍ୟାଙ୍କନ ସାରାଂଶ: ଏଥିସହିତ ସଂଲଗ୍ନ କରାଗଲା।
୫– ପୁନର୍ବାସ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼ ।
୬– ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | କୁତ୍ରା | ଲାଞ୍ଜିବେର୍ଣ୍ଣା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଗତ କୌଣସି ଜମିର କ୍ରୟ-ବିକ୍ରୟ ହସ୍ତାନ୍ତର କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅନୁମତି / ଅନୁମୋଦନ ବିନା କରାଯାଇ ପାରିବନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାର / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

Full Land Schedule (Village- Lanjiberna)
ମୌଜା: ଲାଞ୍ଜିବେର୍ଣ୍ଣା, ଥାନା: ରାଜଗାଙ୍ଗପୁର, ତହସିଲ- କୁତ୍ରା, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା

| କ୍ର. ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍‌ର ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୦୧ | ୭ | ପ୍ରଦୀପ ଡୁଙ୍ଗଡୁଙ୍ଗ, ବିନୋଦ ଡୁଙ୍ଗଡୁଙ୍ଗ, ଜ୍ୟୋତି ଡୁଙ୍ଗଡୁଙ୍ଗ, ପିୟୁସ ଖଡିଆ, ଯୋସେବ ଖଡିଆ, ପି: ସାନ ବନ୍ଧନା ଖଡିଆ, ଯୁହାନ ଖଡିଆ, ରେମେସ ଖଡିଆ, ମାତିଆସ ଖଡିଆ, ଉଲାରୁସ ଖଡିଆ,ପି: ଡୁଲୁ ଖଡିଆ, ମିଖେଲ ଖଡିଆ, ପି: ତିନ୍ତୁଶ ଖଡିଆ, ଜା: ଖଡିଆ, ଖ୍ରୀଷ୍ଟିୟାନ, ବା: ନିଜଗାଁ, ମଝାପଡା, ଅନୁପମା ଡୁଙ୍ଗଡୁଙ୍ଗ, ନିନା ଡୁଙ୍ଗଡୁଙ୍ଗ, ପି: ମତିଆସ ଡୁଙ୍ଗଡୁଙ୍ଗ, କ୍ଲାରା ଡୁଙ୍ଗଡୁଙ୍ଗ, ସ୍ୱା ମାତିଆସ ଡୁଙ୍ଗଡୁଙ୍ଗ, ସମୀର ଡୁଙ୍ଗଡୁଙ୍ଗ, ସୁଶୀଲ କୁମାର ଡୁଙ୍ଗଡୁଙ୍ଗ, ସାଗର ଡୁଙ୍ଗଡୁଙ୍ଗ, ମୁକ୍ତା ଡୁଙ୍ଗଡୁଙ୍ଗ, ପି: ନିକୋଲାସ ଡୁଙ୍ଗଡୁଙ୍ଗ, ଇଲିସାବା ଡୁଙ୍ଗଡୁଙ୍ଗ, ସ୍ୱା: ନିକୋଲାସ ଡୁଙ୍ଗଡୁଙ୍ଗ | ୧୨ | ମାଳ ସାଧାରଣ | ୪.୧୬ | ୧.୮୫ |
| | | | ୧୩ | ମାଳ ସାଧାରଣ | ୦.୨୨ | ୦.୨୨ |
| | | | ୧୪ | ମାଳ ସାଧାରଣ | ୦.୬୬ | ୦.୬୬ |
| | | | ୧୬ | ମାଳ ସାଧାରଣ | ୩.୩୬ | ୩.୩୬ |
| | | | ୫୭ | ବେର୍ଣ୍ଣା ସାଧାରଣ | ୦.୫୩ | ୦.୫୩ |
| | | | ୮୧ | ବେର୍ଣ୍ଣା ସାଧାରଣ | ୦.୧୮ | ୦.୧୮ |
| ୦୨ | ୮ | କ୍ଲାରା ଡୁଙ୍ଗଡୁଙ୍ଗ, ସ୍ୱା: ମାତିଆସ ଡୁଙ୍ଗଡୁଙ୍ଗ, ପ୍ରଦୀପ ଡୁଙ୍ଗଡୁଙ୍ଗ, ବିନୋଦ ଡୁଙ୍ଗଡୁଙ୍ଗ, ଜ୍ୟୋତି ଡୁଙ୍ଗଡୁଙ୍ଗ, ଅନୁପମା ଡୁଙ୍ଗଡୁଙ୍ଗ, ନିନା ଡୁଙ୍ଗଡୁଙ୍ଗ, ପି: ମାତିଆସ ଡୁଙ୍ଗଡୁଙ୍ଗ, ଇଲିସାବା ଡୁଙ୍ଗଡୁଙ୍ଗ, ସ୍ୱା: ନିକୋଲାସ ଡୁଙ୍ଗଡୁଙ୍ଗ, ସମୀର ଡୁଙ୍ଗଡୁଙ୍ଗ, ସୁଶୀଲ କୁମାର ଡୁଙ୍ଗଡୁଙ୍ଗ, ସାଗର ଡୁଙ୍ଗଡୁଙ୍ଗ, ମୁକ୍ତା ଡୁଙ୍ଗଡୁଙ୍ଗ, ପି: ନିକୋଲାସ ଡୁଙ୍ଗଡୁଙ୍ଗ | ୫୫ | ବେର୍ଣ୍ଣା ସାଧାରଣ | ୦.୦୭ | ୦.୦୭ |
| | | | ୫୬ | ବେର୍ଣ୍ଣା ସାଧାରଣ | ୦.୩୦ | ୦.୩୦ |
| ୦୩ | ୨୨ | କାଲ ଓରାମ, ସିଟୁ ଓରାମ, ପି: ବଲ ଓରାମ, ଜା: ଓରାମ, ବା: ନିଜଗାଁ | ୧୧୩ | ମାଳ ସାଧାରଣ | ୪.୪୫ | ୧.୭୫ |
| ୦୪ | ୨୭ | ଗଙ୍ଗରୁ ଓରାମ, ବିରୁଆ ଓରାମ, ମାତୁଆ ଓରାମ, ଠୁରିଆ ଓରାମ, ପି: ଲାଙ୍ଗ ଓରାମ, ଭିଖୁ ଓରାମ, ପି: ଲହରା ଓରାମ, ଭଜା ଓରାମ, ପି: ମତୁଆ ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା ମଝାପଡ଼ା | ୮୬ | ବେର୍ଣ୍ଣା ସାଧାରଣ | ୨.୦୫ | ୨.୦୫ |
| ୦୫ | ୩୧ | ଇଲିସାବା କୁଲୁ, ସ୍ୱା: କୁନାଶ କୁଲୁ, ଯଶେଫ କୁଲୁ, ପି: କୁନାଶ କୁଲୁ, ଜା: ଖଡ଼ିଆ, ବା: ନିଜଗାଁ | ୧୮ | ମାଳ ସାଧାରଣ | ୦.୨୫ | ୦.୨୫ |
| ୦୬ | ୩୫ | ଭାଦୁଆ ଓରାମ, ମାଙ୍ଗରା ଓରାମ, ପି: ଝାଡି ଓରାମ, ଜା: ଓରାମ, ବା- ନିଜଗାଁ ପଡ଼ା ମଝାପଡ଼ା | ୮୯ | ବେର୍ଣ୍ଣା ସାଧାରଣ | ୦.୬୮ | ୦.୬୮ |
| | | | ୯୦ | ମାଳ ସାଧାରମ | ୦.୮୨ | ୦.୮୨ |
| | | | ୧୦୯ | ବେର୍ଣ୍ଣା ସାଧାରଣ | ୧.୬୫ | ୦.୨୫ |
| ୦୭ | ୪୮ | ଯୁରା ଓରାମ, ଲୋଗରା ଓରାମ, ପି: ହିନ୍ଦୁ ଓରାମ, ଜା:ଓରାମ, ବା: ନିଜଗାଁ | ୧୧୬/ ୧୫୨୫ | ମାଳ ସାଧାରଣ | ୦.୧୦ | ୦.୧୦ |
| | | | ୮୫/ ୧୫୫୨ | ବାହାଲ ସାଧାରଣ | ୦.୫୦ | ୦.୫୦ |
| ୦୮ | ୬୦ | ଭୋଣ୍ଡେ ତିଗା, ପି: ମାଧ ତିଗା, ଜା: ଓରାମ, ବା: ନିଜଗାଁ | ୯୨ | ବେର୍ଣ୍ଣା ସାଧାରଣ | ୦.୯୦ | ୦.୯୦ |
| ୦୯ | ୮୫ | ବିର୍ଷା ଓରାମ, ତିମ୍ବୁ ଓରାମ, ପି: ଭୀଖା ଓରାମ, ଜା: ଓରାମ, ବା: ନିଜଗାଁ | ୮୮ | ମାଳ ସାଧାରଣ | ୧.୮୫ | ୧.୮୫ |
| ୧୦ | ୮୭ | ବିଶି ଓରାମ, ଗୟାଁ ଓରାମ, ପି: ଠୁରି ଓରାମ, ଜା: ଓରାମ, ବା: ନିଜଗାଁ ପଡ଼ା ମଝାପଡ଼ା | ୮୭ | ବେର୍ଣ୍ଣା ସାଧାରଣ | ୦.୬୬ | ୦.୬୬ |
| | | | ୧୧୪ | ମାଳ ସାଧାରଣ | ୧.୬୨ | ୧.୬୨ |
| | | | ୮୭/ ୧୫୦୮ | ବେର୍ଣ୍ଣା ସାଧାରଣ | ୦.୫୦ | ୦.୫୦ |
| ୧୧ | ୯୯ | ଇଲିସାବା କୁଲୁ, ସ୍ୱା: କୁନାଶ କୁଲୁ, ଯଶେଫ କୁଲୁ, ପି: କୁନାଶ କୁଲୁ, ଜା: ଖଡିଆ, ବା: ନିଜଗାଁ | ୫୦ | ମାଳ ସାଧାରଣ | ୦.୧୦ | ୦.୧୦ |
| | | | ୫୨ | ବେର୍ଣ୍ଣା ସାଧାରଣ | ୦.୬୮ | ୦.୬୮ |
| | | | ୫୩ | ବେର୍ଣ୍ଣା ସାଧାରଣ | ୧.୮୦ | ୧.୮୦ |
| | | | ୬୨ | ବେର୍ଣ୍ଣା ସାଧାରଣ | ୦.୧୪ | ୦.୧୪ |
| | | | ୯୬ | ବେର୍ଣ୍ଣା ସାଧାରଣ | ୦.୮୮ | ୦.୦୧ |
| ୧୨ | ୧୦୨ | ମରହା ଓରାମ, ପି: ବିଶୁ ଓରାମ, ଜା: ଓରାମ, ବା: ନିଜଗାଁ | ୯୧ | ବାହାଲ ସାଧାରଣ | ୦.୨୬ | ୦.୨୬ |
| | | | ୧୧୨ | ମାଳ ସାଧାରଣ | ୧.୧୦ | ୦.୧୭ |
| ୧୩ | ୧୧୨ | ରାଫେଲ ଖଡିଆ, ସର୍ବେନିୟସ ଖଡିଆ, ଯୋସେଫ ଖଡିଆ, ସିମନ ଖଡିଆ, ପି: ସାମୁଏଲ ଖଡିଆ, ରୋଗର ଖଡିଆ, ଫିଟର ଖଡିଆ, ପି: ପିଉସ ଖଡିଆ, ଜା: ଖଡିଆ, ବା: ନିଜଗାଁ | ୧୧୫ | ଗୋଡ଼ା ଦୁଇ | ୦.୦୮ | ୦.୦୮ |
| ୧୪ | ୧୨୯ | ସିମନ ଖଡିଆ, ବେନେଦିକ ଖଡିଆ, ପି: ଲୁକାସ ଖଡିଆ, ମାର୍କୁସ ଖଡିଆ, ମେତିଆସ ଖଡିଆ, ପି: ଧୋଧି ଖଡିଆ, ଜା: ଖଡିଆ ଖ୍ରୀଷ୍ଟିୟାନ, ବା: ନିଜଗାଁ | ୬୧ | ବେର୍ଣ୍ଣା ସାଧାରଣ | ୦.୩୩ | ୦.୩୩ |
| | | | ୬୩ | ବେର୍ଣ୍ଣା ସାଧାରଣ | ୦.୩୬ | ୦.୩୬ |
| | | | ୯୩ | ବେର୍ଣ୍ଣା ସାଧାରଣ | ୦.୪୩ | ୦.୪୩ |
| ୧୫ | ୧୩୮/୨୫ | ଶିଲା ତିଗା, ପି: ମାଧ ତିଗା, ଜା: ଓରାମ, ବା: ନିଜଗାଁ | ୯୨/ ୧୬୦୬ | ବେର୍ଣ୍ଣା ସାଧାରଣ | ୦.୯୦ | ୦.୯୦ |
| ୧୬ | ୧୩୮/୫୬ | ଫ୍ରାନସିସ୍ ଡୁଙ୍ଗଡୁଙ୍ଗ, ଫୁଲଜେମସ୍ ଡୁଙ୍ଗଡୁଙ୍ଗ, ସିପ୍ରିୟାନ ଡୁଙ୍ଗଡୁଙ୍ଗ, ଇଗ୍ନେସ୍ ଡୁଙ୍ଗଡୁଙ୍ଗ, ହେରମାନ ଡୁଙ୍ଗଡୁଙ୍ଗ, ସୁନୀତ ଡୁଙ୍ଗଡୁଙ୍ଗ, ପି: ଦମନିକ ଡୁଙ୍ଗଡୁଙ୍ଗ, ଜା: ଖଡିଆ, ବା: ନିଜଗାଁ | ୧୭ | ମାଳ ସାଧାରଣ | ୦.୧୭ | ୦.୧୭ |
| | | | ୧୫ | ମାଳ ସାଧାରଣ | ୧.୦୦ | ୧.୦୦ |
| | | | ୫୧ | ବେର୍ଣ୍ଣା ସାଧାରଣ | ୦.୨୭ | ୦.୨୭ |
| | | | ୫୪ | ବେର୍ଣ୍ଣା ସାଧାରଣ | ୦.୪୯ | ୦.୪୯ |
| | | | ୯୪ | ମାଳ ସାଧାରମ | ୦.୧୦ | ୦.୧୦ |
| | | | ୯୫ | ବେର୍ଣ୍ଣା ସାଧାରଣ | ୦.୭୭ | ୦.୫୭ |
| ୧୭ | ୧୩୮/୩୫ | ଭିଖନି ବରୁଆ, ସ୍ୱା: ଚମାରୁ ବରୁଆ, ଜା: ଓରାମ, ବା: ନିଜଗାଁ | ୧୧୨/ ୧୬୨୪ | ମାଳ ସାଧାରଣ | ୦.୧୫ | ୦.୦୫ |
| ୧୮ | ୧୩୮/୩୬ | ଯଦୁ ବରୁଆ, ପି: ଚମରୁ ବରୁଆ, ଜା: ଓରାମ, ବା: ନିଜଗାଁ | ୯୧/ ୧୬୨୫ | ବାହାଲ ସାଧାରଣ | ୦.୨୫ | ୦.୨୫ |
| | | | | | ମୋଟ | ୨୭.୨୬ |

# ପ୍ରଜ୍ୱଳନ ସମାରୋହ ସହ ଟୋକିଓରେ ମଶାଲ ରାଲି ଆରମ୍ଭ

ଟୋକିଓ, ୯।୭(ଏପି)

ଅଲିମ୍ପିକ୍ ମଶାଲ ରାଲି ଟୋକିଓରେ ପହଞ୍ଚିଛି। ଆୟୋଜକମାନେ ଶୁକ୍ରବାର ଏଥିପାଇଁ ଏକ ଜ୍ୟୋତି ଅନାବରଣ ତଥା ପ୍ରଜ୍ୱଳନ ଉତ୍ସବ ପାଳନ କରିଛନ୍ତି। ଏଥିସହ ଟୋକିଓରେ ମଶାଲ ରାଲି ଆରମ୍ଭ ହୋଇଛି। କୋଭିଡ୍-୧୯ କାରଣରୁ ଟୋକିଓରେ ସରକାର। ଷ୍ଟେଟ୍ ଇମେର୍ଜେନ୍ସି ଜାରି କରିବାର ଗୋଟିଏ ଦିନ ପରେ ଏହି ଉତ୍ସବ ପାଳନ କରାଯାଇଛି।

କରୋନା ସଂକ୍ରମଣ କାରଣରୁ ଟୋକିଓ ସଡକରେ ଏହି ମଶାଲ ରାଲି ଆୟୋଜନ କରାଯାଇ ନ ଥିଲା। ଏହା ଟୋକିଓ ଉପକୂଳର ସୁଦୂର ଦ୍ୱୀପଗୁଡିକରେ ଆୟୋଜନ କରାଯାଇଥିଲା। ମାର୍ଚ୍ଚରୁ ଉତ୍ତର ପୂର୍ବାଞ୍ଚଳ ଜାପାନରେ ଆରମ୍ଭ ହୋଇଥିବା ଏହି ରାଲିର କାର୍ଯ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ କରାଯାଇଥିଲା।




ଉଦ୍‌ଘାଟନୀ ଉତ୍ସବରେରେ ମଶାଲ କିଭଳି ଷ୍ଟାଡିୟମରେ ପ୍ରବେଶ କରିବ ସେ ନେଇ କିଛି କୁହାଯାଇ ନାହିଁ। ଟୋକିଓସ୍ଥିତି ଷ୍ଟାଡିୟମ ଓ ଏରିନାଗୁଡକର ଆଖପାଖ ଅଞ୍ଚଳରେ ପ୍ରଶଂସକଙ୍କୁ ବାରଣ କରାଯାଇଛି। ପୂର୍ବରୁ କେତେମାସ ପୂର୍ବରୁ ବିଦେଶୀ ଦର୍ଶକଙ୍କୁ ମଧ୍ୟ ବାରଣ କରାଯାଇଥିଲା। ଉଭୟ ଇନ୍‌ଡୋର ଓ ଆଉଟ ଡୋର ଭେନ୍ୟୁଗୁଡିକରୁ ପ୍ରଶଂସକଙ୍କ ଉପସ୍ଥିତିକୁ ବ୍ୟାନ୍ କରାଯାଇଛି। ଟୋକିଓ ସମେତ କାନାଗାୱା, ସାଇଟାମା ଓ ଚିବାରେ ମଧ୍ୟ ଦର୍ଶକଙ୍କୁ ବ୍ୟାନ କରାଯାଇଛି। ଜୁଲାଇ ୧୨ରୁ ଇମର୍ଜେନ୍ସି ଆରମ୍ଭ ହୋଇ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଲିମ୍ପିକ୍ସ ଅଗଷ୍ଟ ୮ ତାରିଖରେ ଶେଷ ହେବ। ପାରା ଅଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହେବ।



ଶୁକ୍ରବାର ଟୋକିଓ ଚରଣ ଅଲିମ୍ପିକ୍ ଟର୍ଚ୍ଚ ରିଲେର ଶୁଭାରମ୍ଭ ଉତ୍ସବରେ ଟୋକିଓ ଗଭର୍ନର କୋଇକେ ୟୁରିକୋ(ବାମ) ୨୦୨୦ ଟର୍ଚ୍ଚ ରିଲେର ଅଫିସିଆଲ ଆମ୍ବାସାଡର ତାଗୁଚି ଆକିଙ୍କ ସହ।

## ପାରାଲିମ୍ପିକ୍ସବେଳେ କିଛି ଦର୍ଶକଙ୍କୁ ଅନୁମତି ମିଳିପାରେ



ସିକୋ ହାସିମୋଟୋ

**ଟୋକିଓ, ୯।୭ (ଏପି):** ପାରାଲିମ୍ପିକ୍ ଗେମ୍ସ ବେଳକୁ ହୁଏତ କିଛି ଦର୍ଶକଙ୍କୁ ଅନୁମତି ମିଳିପାରେ ବୋଲି ଟୋକିଓ ଅଲିମ୍ପିକ ଆୟୋଜକଗଣ ଆଶା ପ୍ରକାଶ କରି କହିଛନ୍ତି। ଟୋକିଓ ସହର ଏବଂ ଏହାର ଆଖପାଖ୍ ଅଞ୍ଚଳ କରୋନ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଆୟୋଜକ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଗୁରୁବାର ସମସ୍ତ ଅଲିମ୍ପିକ ଭେନ୍ୟୁଗୁଡ଼ିକ ଲାଗି ଦର୍ଶକଙ୍କୁ ଅନୁମତି ନ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ବହୁ ମାସ ପୂର୍ବରୁ ବିଦେଶୀ ଦର୍ଶକଙ୍କ ଲାଗି କଟକଣା ଜାରି କରାଯାଇ ସାରିଛି। ଆୟୋଜକ କମିଟି ସଭାପତି ସିକୋ ହାସିମୋଟୋ ଶୁକ୍ରବାର କହିଛନ୍ତି ଅଗଷ୍ଟ ୮ରେ ଅଲିମ୍ପିକ୍ସ ଶେଷ ହେବା ପରେ କିଛି ପାରାଲିମ୍ପିକ୍ସ ସମର୍ଥକଙ୍କୁ ଅନୁମତି ଦିଆଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ପାରାଲିମ୍ପିକ୍ସ ଅଗଷ୍ଟ ୨୪ରେ ଆରମ୍ଭ ହେବ। ଏଥିରେ ୪,୪୦୦ ଆଥଲେଟ ଭାଗ ନେବେ। ଅଲିମ୍ପିକ୍ସ ୧୧,୦୦୦ ଆଥଲେଟଙ୍କୁ ନେଇ ହେବ। ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏହାର ସୋମବାରଠାରୁ ଅଗଷ୍ଟ ୨୨ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

### ଲିଥୁଆନିଆ ସନ୍ତରଣକାରୀଙ୍କୁ କରୋନା

ଜାପାନର ଏକ ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁସାରେ ଲିଥୁଆନିଆର ଜଣେ ସନ୍ତରଣକାରୀ କରୋନା ସଂକ୍ରମିତ ହୋଇଛନ୍ତି। ଏହି ସନ୍ତରଣକାରୀ ବୁଧବାର ଟୋକିଓରେ ପହଞ୍ଚିବା ପରେ ତାଙ୍କର ପ୍ରଥମେ ହୋଇଥିବା କୋଭିଡ୍ ଟେଷ୍ଟରେ ନେଗେଟିଭ୍ ଆସିଥିଲା। ମାତ୍ର ପରେ ସେ ଟୋକିଓ ନିକଟବର୍ତ୍ତୀ ହିରାତସୁକା ନାମକ ସ୍ଥାନରେ ଚାଲିଥିବା ଟ୍ରେନିଂ କ୍ୟାମ୍ପକୁ ଯିବା ପରେ ସେଠାରେ ତାଙ୍କର ହୋଇଥିବା ଟେଷ୍ଟରେ ପଜିଟିଭ ଆସିଥିଲା। ଫଳାଫଳ ବାହାରିବାବେଳକୁ ସେ ଶୁକ୍ରବାର ସନ୍ତରଣ ଟ୍ରେନିଂ ନେଇ ସାରିଥିଲେ। ଫଳରେ କର୍ତ୍ତୃପକ୍ଷ ଏହି ସନ୍ତରଣକାରୀ ଜଣକ କ୍ୟାମ୍ପରେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କ ସନ୍ଧାନ ନେଉଛନ୍ତି। ଜାପାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶ କରାଯାଇଥିବା ତଥ୍ୟାନୁସାରେ ଇତିମଧ୍ୟରେ ଦେଶର ମୋଟ ଜନସଂଖ୍ୟାର ୧୬.୮% କରୋନା ଟିକା ନେଇସାରିଛନ୍ତି।

## ଭାବନା, ଇର୍‌ଫାନ ଫିଟ୍‌ନେସ ଟେଷ୍ଟ ଦେଲେ

ନୂଆଦିଲ୍ଲୀ, ୯।୭(ପି.ଟି.)

ଟୋକିଓ ଅଲିମ୍ପିକ୍ସ ଦଳରେ ସାମିଲ ପାଇଁ ଭାରତୀୟ ରେସ୍ ୱାକର ଭାବନା ଜାଟ୍, କେ.ଟି. ଇରଫାନ ଏବଂ ଲଙ୍ଗଜମ୍ପର ଏମ୍. ଶ୍ରୀଶଙ୍କରଙ୍କୁ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଛି। ଭାବନା ଓ ଇରଫାନ ଶୁକ୍ରବାର ଟେଷ୍ଟ ଦେଇଥିବାବେଳେ ଶ୍ରୀଶଙ୍କରଙ୍କୁ ଯଥାଶୀଘ୍ର ଫିଟ୍‌ନେସ ପ୍ରମାଣ ଦେବାକୁ କୁହାଯାଇଛି। ଭାବନା ଓ ଇରଫାନ ଉଭୟ ୨୦ କିଲୋମିଟର ରେସ୍ ୱାକର। ପ୍ରତିଯୋଗିତାରେ ଭାଗ ନେବାଭଳି ଫିଟ୍‌ନେସ ଅଛି କି ନାହିଁ ତାହା ପ୍ରମାଣିତ କରିବାକୁ ସେମାନଙ୍କୁ ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତିନିଜଣ ଯାକ ଆଥ୍‌ଲେଟ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

''ଆମେ ଫିଟ୍ ନ ଥିବା ଆଥ୍‌ଲେଟଙ୍କୁ ଅଲିମ୍ପିକ୍ସକୁ ନେବୁ ନାହିଁ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଆଥ୍‌ଲେଟ ଆହତ ମୁକ୍ତ ସହ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତ ଅଛି କି ନାହିଁ ତାହା ଆମେ ଦେଖିବୁ'' ବୋଲି ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଆମେ ଖେଳାଳିଙ୍କ ଯୋଗ୍ୟତା (ପ୍ରଦର୍ଶନ ଦୃଷ୍ଟିରୁ) ଦେଖିବାକୁ ଚାହୁଁନାହୁ, କେବଳ ଫିଟ୍‌ନେସ ଟେଷ୍ଟ କରିବୁ ବୋଲି ସେ କହିଛନ୍ତି। ୨୦୧୯ ମାର୍ଚ୍ଚରେ ଜାପାନର ନାଓମିଠାରେ ଅନୁଷ୍ଠିତ ଏସିଆନ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍ ଭାବେ ଇରଫାନ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଶେଷଥର ପାଇଁ ସେ ଗତ ମାର୍ଚ୍ଚରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ, ମାତ୍ର ରେସ୍ ଫିନିଶ୍ କରିପାରି ନ ଥିଲେ। ଗତ ମେ'ରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ତେବେ ପରେ ସୁସ୍ଥ ହୋଇଯାଇଥିଲେ। ଭାବନା ୨୦୨୦ ଜାତୀୟ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ମହିଳା ୨୦ କିଲୋମିଟର ୱାକିଂ ଇଭେଣ୍ଟ ଜିତିବା ସହ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥିଲେ। ଗତ ମାର୍ଚ୍ଚରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ରେସ୍ ୱାକିଂ ଚାମ୍ପିୟନଶିପ୍‌ରେ ସେ ଅନ୍ୟତମ ଅଲିମ୍ପିକ୍ସ ଯୋଗ୍ୟତା ହାସଲକାରୀ ପ୍ରିୟଙ୍କା ଗୋସ୍ୱାମୀଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।

''ମୁଁ ଆଜି ଫିଟ୍‌ନେସ ଟେଷ୍ଟ ଦେଇଛି। ମୁଁ ଭଲ କରିଛି ଏବଂ ନିଜ ପ୍ରଦର୍ଶନରେ ଖୁସି ଅଛି'' ବୋଲି ଭାବନା କହିଛନ୍ତି। ଶ୍ରୀଶଙ୍କର ଚଳିତମାସ ୨୧ ତାରିଖରେ ବେଙ୍ଗାଲୁରୁରେ ଫିଟ୍‌ନେସ ଟେଷ୍ଟ ଦେବେ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଜାତୀୟ ସିନିୟର ଫେଡେରେଶନ କପ୍ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ସେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ ଜୁନ୍ ୨୫ରୁ ୨୯ ପର୍ଯ୍ୟନ୍ତ ଏନ୍‌ଆଇଏସ୍ ପଟିଆଲାରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରୁ ସେ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ''ଶ୍ରୀଶଙ୍କରଙ୍କ ଆହତ ସମସ୍ୟା ନାହିଁ। ସେ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛନ୍ତି। ଗତ ଜୁନ୍‌ରେ ରେସ୍ ଦିନ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ସେ କିଛି ଅସୁବିଧାରେ ପଡ଼ନ୍ତୁ ବୋଲି ଆମେ ଚାହିଁ ନ ଥିଲୁ। ପ୍ରାକ୍ ସାବଧାନତାକୁ ଦୃଷ୍ଟିରେ ରଖି ସେ ପ୍ରତିଯୋଗିତାରୁ ଓହରି ଯାଇଥିଲେ'' ବୋଲି ତାଙ୍କ ବାପା ଏସ. ମୁରଲୀ ପ୍ରକାଶ କରିଛନ୍ତି। ଜୁଲାଇ ୨୧ରେ ସେ ଫିଟ୍‌ନେସ ଟେଷ୍ଟ ଦେବେ ବୋଲି ମୁରଲୀ ସ୍ପଷ୍ଟ କରିଛନ୍ତି। ଜୁଲାଇ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସ ପାଇଁ ଏଏଫଆଇ ୨୬ ଜଣିଆ ଦଳ ମନୋନୟନ କରିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଜୁଲାଇ ୩୦ରୁ ଆରମ୍ଭ ହେବ। ତେଣୁ ଚଳିତମାସ ଶେଷ ସପ୍ତାହରେ ଭାରତୀୟ ଆଥ୍‌ଲେଟମାନେ ଟୋକିଓ ଯିବା ସମ୍ଭାବନା ରହିଛି।

**ଶ୍ରୀଶଙ୍କରଙ୍କ ଟେଷ୍ଟ ୨୧ରେ**



ଭାବନା ଜାଟ୍




କେ.ଟି. ଇରଫାନ




ଏମ୍. ଶ୍ରୀଶଙ୍କର

## ପ୍ରଧାନମନ୍ତ୍ରୀଙ୍କ ଅଲିମ୍ପିକ ପ୍ରସ୍ତୁତି ସମୀକ୍ଷା

TOKYO 2020
ଆଉ ୧୪ ଦିନ

ନୂଆଦିଲ୍ଲୀ, ୯।୭ (ପି.ଟି.)

ଭାରତର ଅଲିମ୍ପିକ ପ୍ରସ୍ତୁତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସମୀକ୍ଷା କରିଛନ୍ତି। ଆଥ୍‌ଲେଟମାନଙ୍କୁ ଟିକାକରଣ କରାଯାଇଛି କି ନା ଏବଂ ପ୍ରସ୍ତୁତି ଲାଗି ସେମାନଙ୍କ ଲାଗି କ'ଣ ସବୁ ସୁବିଧା ଓ ସହାୟତା ପ୍ରଦାନ କରାଯାଇଛି ସେ ତାହା ପଚାରି ବୁଝିଥିଲେ। ଟୋକିଓ ଗସ୍ତ କରିବାକୁ ଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ ସେ ଜୁଲାଇ ୧୩ରେ ବାର୍ତ୍ତାଳାପ କରିବେ ବୋଲି କହିଛନ୍ତି। ଜାପାନ ରାଜଧାନୀ ଟୋକିଓକୁ ପ୍ରଥମ ବ୍ୟାଚ ଭାରତୀୟ ଦଳ ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୁଲାଇ ୧୭ରେ ଯିବ। କୋଭିଡ୍ ପରିସ୍ଥିତି ଯୋଗୁ ପ୍ରଧାନମନ୍ତ୍ରୀ ଆଥ୍‌ଲେଟମାନଙ୍କ ସହ ଭର୍ଚ୍ଚୁଆଲ୍ କଥାବାର୍ତ୍ତା ହେବେ।

## କଳାବଜାର: ୮୩ ହଜାର ଟଙ୍କାର ଟିକେଟ ଏବେ ୫୬ ଲକ୍ଷ

**ଲଣ୍ଡନ,୯।୭:** ଇଂଲଣ୍ଡ ଓ ଇଟାଲୀ ମଧ୍ୟରେ ରବିବାର ଆୟୋଜନ ହେବାକୁ ଥିବା ୟୁରୋକପ୍ ଫାଇନାଲକୁ ନେଇ ସାରା ଦେଶରେ ଜବରଦସ୍ତ ଉତ୍ସାହ ଦେଖାଦେଇଛି। ସ୍ଥାନୀୟ ୱେମ୍ବଲି ଷ୍ଟାଡିୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ୯୦ ହଜାର ଦର୍ଶକ ଉପସ୍ଥିତ ରହିବେ। ଫଳରେ କରୋନା ସଂକ୍ରମଣ ବିସ୍ଫୋରକ ରୂପ ନେବ ବୋଲି ଆଶଙ୍କା କରାଯାଉଛି। ଏହି ମ୍ୟାଚ୍‌ର ଟିକେଟ କଳାବଜାରରେ ବିକ୍ରି ହୋଇଛି ଓ ଏହାର ମୂଲ୍ୟ ଆକାଶଛୁଆଁ ହୋଇଛି। ୮୩ ହଜାର ଟଙ୍କାର ଟିକେଟ ୫୬ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଷ୍ଟାଡିୟମ ଖଚାଖଚ୍ ଭରା ହେବ। ପ୍ରଥମଥର ପାଇଁ ଇଂଲଣ୍ଡ ୟୁରୋକପ୍ ଫାଇନାଲରେ ପ୍ରବେଶ କରିଛି। ଯଦି ଟାଇଟଲ ଜିତେ ଇଂଲଣ୍ଡ ଇତିହାସ ସୃଷ୍ଟି କରିବ।

## ବାୟୋ-ବବଲରେ ଶ୍ରୀଲଙ୍କାର ଦୁଇ ଗ୍ରୁପ୍ ଖେଳାଳି

କଲମ୍ବୋ, ୯।୭ (ପି.ଟି.)

ଭାରତ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ବାୟୋ-ବବଲରେ ଦୁଇ ଗ୍ରୁପ୍ ଖେଳାଳିଙ୍କୁ ପ୍ରସ୍ତୁତ ରଖିଛି। ଗୋଟିଏ ଗ୍ରୁପ୍ ଖେଳାଳି କଲମ୍ବୋରେ ଏବଂ ଅନ୍ୟ ଗ୍ରୁପ୍‌ର ଖେଳାଳିମାନଙ୍କୁ ଦାମ୍ବୁଲାରେ ରଖାଯାଇଛି। ଏହି ଦୁଇ ଗ୍ରୁପ୍‌ରେ ଭାରତର ଦ୍ୱିତୀୟ ଦଳ ସହ ମୁକାବିଲା କରିବାର ସାମର୍ଥ୍ୟ ରଖିଥିବା ଖେଳାଳି ରହିଛନ୍ତି। ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର କରୋନା ସଂକ୍ରମିତ ହେବାର ଦିନକ ପରେ ଶ୍ରୀଲଙ୍କା ଟିମ୍‌ର ଡାଟା ଆନାଲିଷ୍ଟ ଜି.ଟି. ନିରୋଶାନଙ୍କ ଟେଷ୍ଟରେ ପଜିଟିଭ ଆସିଛି। ନିରୋଶାନ ବର୍ତ୍ତମାନ ମେଡିକାଲ ପ୍ରୋଟୋକଲ ଅନୁସାରେ ଚିକିତ୍ସିତ ହେଉଛନ୍ତି। ଇଂଲଣ୍ଡ ଟୁର୍‌ରୁ ଆସି ପହଞ୍ଚିବାର ୪୮ ଘଣ୍ଟା ପରେ ଗୁରୁବାର ବ୍ୟାଟିଂ କୋଚ୍ ଫ୍ଲାୱାରଙ୍କ ଟେଷ୍ଟରେ ପଜିଟିଭ ଆସିଥିଲା। ଉଭୟ ସପୋର୍ଟ ଷ୍ଟାଫ୍ ଡେଲ୍‌ଟା ଭାଇରାଣ୍ଟ ଦ୍ୱାରା ସଂକ୍ରମିତ ହୋଇଥିବାରୁ ଶ୍ରୀଲଙ୍କା ଟିମ୍ ଡାକ୍ତରମାନଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। କାରଣ ଏହି ଭାଇରସ ଦ୍ରୁତ ସଂକ୍ରମଣ କରିଥାଏ ଏବଂ ଏହା ଅଧିକ ବିପଜ୍ଜନକ ମଧ୍ୟ। ଶ୍ରୀଲଙ୍କା ଦଳ ଆଇସୋଲେଶନରୁ ଆସି ଶୁକ୍ରବାର ବାୟୋବବଲରେ ପ୍ରବେଶ କରିଥାନ୍ତା। କିନ୍ତୁ ବର୍ତ୍ତମାନ ଅତିକମ୍‌ରେ ଆଉ ଦୁଇ ଦିନ ଆଇସୋଲେଶନରେ ରହିବାକୁ ବାଧ୍ୟ ହେବେ। ପୁନଶ୍ଚ ସେମାନଙ୍କୁ ଆଉଥରେ ଆରଟି-ପିସିଆର ଟେଷ୍ଟ ଦେବାକୁ ପଡ଼ିବ। ମୁଖ୍ୟ ଦଳ ଭାରତ ବିପକ୍ଷ ସିରିଜ ଖେଳିପାରିବ କି ନା ତାହା ଟେଷ୍ଟଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବ। ଗତ ରବିବାର ବ୍ରିଷ୍ଟଲଠାରେ ଇଂଲଣ୍ଡ ବିପକ୍ଷରେ ଏହାର ଅନ୍ତିମ ମ୍ୟାଚ ଖେଳିଥିଲା ଶ୍ରୀଲଙ୍କା। ଏହି ମ୍ୟାଚ ପରେ ଇଂଲଣ୍ଡ ଦଳର କେତେଜଣ ଖେଳାଳି କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଫଳରେ ସ୍ୱଦେଶ ଫେରିଥିବା ଶ୍ରୀଲଙ୍କା ଦଳର ଖେଳାଳିମାନେ ମଧ୍ୟ ଉତ୍କଣ୍ଠାର ସହ ଫଳାଫଳକୁ ଅପେକ୍ଷା କରିଛନ୍ତି।

## ରେକର୍ଡ ସମକକ୍ଷ ହେଲେ କାଭେଣ୍ଡିସ

**ପ୍ୟାରିସ, ୯।୭ :** ବ୍ରିଟେନର ମାର୍କ କାଭେଣ୍ଡିସ ଟୁର୍ ଡି' ଫ୍ରାନ୍ସର ୧୩ତମ ଷ୍ଟେଜ୍ ଜିତିଛନ୍ତି। ଏଥିସହିତ ସେ ଏଡି ମର୍କକ୍ସଙ୍କ ସର୍ବକାଳୀନ ଟୁର୍ ଷ୍ଟେଜ୍ ବିଜୟ ୩୪ର ରେକର୍ଡ ସମକକ୍ଷ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଡେସିନିକ୍ସ-କ୍ୱିକ୍ ଷ୍ଟେପ୍ ରାଇଡର ତଥା ତାଙ୍କ ଟିମ୍‌ମେଟ ମାଇକେଲ ମୋର୍କୋଭଙ୍କୁ ପଛରେ ପକାଇ ପ୍ରଥମ ହୋଇଥିଲେ। ୨୦୨୧ ରେସ୍‌ରେ ଏହା ହେଉଛି ତାଙ୍କର ଚତୁର୍ଥ ଷ୍ଟେଜ ବିଜୟ। ଶୁକ୍ରବାର ୨୧୯.୯ କିଲୋମିଟର ବିଶିଷ୍ଟ ଦୂରତାକୁ ସେ ୫ଘଣ୍ଟା ୪ ମିନିଟ ଓ ୨୯ ସେକେଣ୍ଡରେ ଅତିକ୍ରମ କରିଥିଲେ। ରେସ୍ ବେଳେ ଦୁର୍ଘଟଣା ଯୋଗୁ ବହୁ ରାଇଡର ତଳେ ପଡ଼ିଯାଇଥିଲେ। ବାଇକ୍ ଏକ୍ସଚେଞ୍ଜ ଟିମ୍ ତଥା ବ୍ରିଟେନର ସିମ ୟେଟ୍ସଙ୍କ ସମେତ ୩ଜଣ ରାଇଡରଙ୍କୁ ରେସ୍ ପରିତ୍ୟାଗ କରିବାକୁ ପଡ଼ିଥିଲା। ଓଭର ଅଲ୍ ଲିଡର ଭାବେ ୟୁଏଇ ଟିମ୍ ଏମିରେଟ୍ସର ଟାଡେଜ ପୋଗାକାର ୟେଲୋ ଜର୍ସି ବଜାୟ ରଖିଥିଲେ।



## ବ୍ରାଜିଲ-ଆର୍ଜେଣ୍ଟିନା ଫାଇନାଲ

ରିଓ ଡି ଜେନିରୋ, ୯।୭

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଦୁଇ ହେଭିୱେଟ ଦଳ ନେମାରଙ୍କ ବ୍ରାଜିଲ ଓ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଟାଇଟଲ ଲଢେଇରେ ଅବତୀର୍ଣ୍ଣ ହେବେ। ଶନିବାର ସ୍ଥାନୀୟ ଐତିହାସିକ ମାରାକାନା ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ବ୍ରାଜିଲ ସର୍ବାଧିକ ୯ଥର ଟାଇଟଲ ହାସଲ କରିଛି। ତେବେ ୧୫ ଥର ଚାମ୍ପିୟନ ହୋଇ ଉରୁଗୁଏ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ସେହିପରି ଆର୍ଜେଣ୍ଟିନା ୧୪ ଥର ଚାମ୍ପିୟନ ହୋଇ ଦ୍ୱିତୀୟ ସ୍ଥାନରେ ରହିଛି।

ଟୁର୍ନାମେଣ୍ଟରେ ଏ ପର୍ଯ୍ୟନ୍ତ ବ୍ରାଜିଲ ମାତ୍ର ୨ଟି ଗୋଲ ବରଣ କରିଛି। ଅଭିଜ୍ଞ ଥିଆଗୋ ସିଲ୍‌ଭା, ମାରକ୍ୟୁନୋସ ଓ ଏଡେର ମିଲିଟାଓଙ୍କ ସମେତ ଡିଫେନ୍ସିଭ ମିଡ୍‌ଫିଲ୍ଡର କାସେମିରେ, ଫ୍ରେଡ, ରାଇଟ ବ୍ୟାକ ଡାନିଲୋ ଓ ଲେଫ୍ଟ ବ୍ୟାକ୍ ରେନାନ ଲୋଦି ଟୁର୍ନାମେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରି ବ୍ରାଜିଲକୁ ଚାମ୍ପିୟନ କରାଇବାର ସାମର୍ଥ୍ୟ ରଖିଛନ୍ତି। କୋଭିଡ୍-୧୯ କାରଣରୁ ଏହି ଖେଳାଳିମାନେ ଟୁର୍ନାମେଣ୍ଟ ଆୟୋଜନକୁ ବିରୋଧ କରି ସମାଲୋଚନ କରୁଥିଲେ ମଧ୍ୟ ଏବେ ଟାଇଟଲ ଜିତିବା ପାଇଁ ବେଶ୍ ଆଶାବାଦୀ ଅଛନ୍ତି।

ମେସିଙ୍କ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ସଫଳ ହେଲେ ଆର୍ଜେଣ୍ଟିନା ପାଇଁ ମେସି ଜିତିବେ ପ୍ରଥମ ଅନ୍ତର୍ଜାତୀୟ ତଥା ମେଜର ଟାଇଟଲ।




ଲିଓନେଲ ମେସି ଓ ନେମାର।

ଗତ ୨୮ ବର୍ଷ ହେବ ଆର୍ଜେଣ୍ଟିନା କୌଣସି ମେଜର ଟ୍ରଫି ଜିତିପାରି ନାହିଁ। ୩୪ ବର୍ଷରେ ମେସି ପଦାର୍ପଣ କରୁଛନ୍ତି। ମେସିଙ୍କୁ ମିଡ୍‌ଫିଲ୍ଡର ରୋଡ୍ରିଗୋ ଡି ପଲ ଓ ଗିଓଭାନ ଲୋ ସେଲସୋ ସହାୟତା ତଥା ସୁରକ୍ଷା ଦେବେ। ଏହି ଦୁଇ ଖେଳାଳି ଆକ୍ରମଣାତ୍ମକ ୱିଙ୍ଗର ଭାବେ ଜଣାଥିବା ଲାଉଟାରୋ ମାର୍ଟିନଜେ ଓ ନିକୋ ଗୋଞ୍ଜାଲେଜଙ୍କୁ ଭଲ ପାସ୍ ଦେବାର ସମ୍ଭାବନା ରଖୁଛନ୍ତି। ମେସି ଏ ପର୍ଯ୍ୟନ୍ତ ୪ଟି ଗୋଲ ସ୍କୋର କରି ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି ଓ ସେ ୫ଟି ଆସିଷ୍ଟ କରିଛନ୍ତି। ନିଜ କ୍ଲବ ବାର୍ସିଲୋନ ଶୈଳୀରେ ମେସି ଖେଳୁଛନ୍ତି ଓ ଫ୍ରି କିକ୍ ଜରିଆରେ ଗୋଲ ସ୍କୋର କରିଛନ୍ତି।

ବ୍ରାଜିଲ ଓ ଆର୍ଜେଣ୍ଟିନା ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଏହି ଦୁଇ ଦଳ ପାଖରେ ଦୁର୍ବଳତା ରହିଛି। ଡିଫେନ୍ସ ଉପରେ ବ୍ରାଜିଲ ଅତ୍ୟଧିକ ନିର୍ଭରଶୀଳ ହୋଇଥିବାରୁ ଷ୍ଟ୍ରାଇକରମାନଙ୍କ ପ୍ରଦର୍ଶନ ସେତେଟା ଭଲ ହୋଇପାରି ନାହିଁ। ଯାହାଫଳରେ ରିଚାର୍ଲିଶନ ଓ ରୋବେର୍ଟୋ ଫିରମିନୋ ବ୍ରାଜିଲ ପାଇଁ ମାତ୍ର ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଫାଇନାଲ ମ୍ୟାଚ୍‌ରୁ ବାସନ୍ଦ ହୋଇଥିବା ଗାବ୍ରିଏଲ ଜେସସ ଗୋଲ ଦେବାରେ ବିଫଳ ହୋଇଛନ୍ତି। ମେସିଙ୍କୁ ସୁରକ୍ଷା ଦେବା ପ୍ରକ୍ରିୟାରେ ଆର୍ଜେଣ୍ଟିନାକୁ ଦ୍ୱିତୀୟାର୍ଦ୍ଧରେ ମୂଲ୍ୟ ଦେବାକୁ ହୋଇଛି।

## ଭାରତ-ଶ୍ରୀଲଙ୍କା ସିରିଜ କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ

ନୂଆଦିଲ୍ଲୀ, ୯।୭ (ପି.ଟି.)

ଶ୍ରୀଲଙ୍କା କ୍ରିକେଟ ଦଳର ଶିବିରରେ କରୋନା ପଜିଟିଭ ମାମଲା ଦେଖା ଦେବାରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜର କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ ହୋଇଛି। ଫଳରେ ଦୁଇ ଦଳ ମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବର୍ତ୍ତମାନ ଜୁଲାଇ ୧୩ ପରିବର୍ତ୍ତେ ଜୁଲାଇ ୧୭ରୁ ଆରମ୍ଭ ହେବ। ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ)ରୁ ଫେରିବା ପରେ ଶ୍ରୀଲଙ୍କା ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର ଏବଂ ଡାଟା ଆନାଲିଷ୍ଟ ଜି.ଟି. ନିରୋଶାନ କୋଭିଡ୍ ଟେଷ୍ଟରେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଶ୍ରୀଲଙ୍କା କ୍ରିକେଟ ଦଳର କ୍ୱାରାଣ୍ଟାଇନ ସମୟକୁ ଆଉ ୩ ଦିନ ବୃଦ୍ଧି କରାଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଜୁଲାଇ ୧୩, ୧୬ ଓ ୧୮ ତାରିଖରେ ଖେଳାଯାଇଥାନ୍ତା। ସେହିପରି ତିନୋଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଜୁଲାଇ ୨୧, ୨୩ ଓ ୨୫ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା।

## ଆଜୀବନ କଏଦୀଙ୍କ ମୃତ୍ୟୁ

**ଖୁଣ୍ଟୁଣୀ, (ଡି.ଏନ.ଏ.):** ଯୌତୁକ ମାମଲାରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କର ଶୁକ୍ରବାର ଭୋର ସମୟରେ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ରାଷୋଳ ଥାନା ଅଧୀନ କୁଣ୍ଡୁଣିଆ ଗ୍ରାମର ମହେନ୍ଦ୍ର ନାଏକ। ମହେନ୍ଦ୍ରଙ୍କୁ ଗତ ୨ ତାରିଖରେ ନରସିଂହପୁର ଜେଲରୁ ଖୁଣ୍ଟୁଣୀସ୍ଥ ଆଦର୍ଶ କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ୩ ତାରିଖରେ ସେ ଅସୁସ୍ଥ ହୋଇପଡିବାରୁ ପ୍ରଥମେ ଆଠଗଡ ଡାକ୍ତରଖାନା ପଠାଯାଇଥିଲା। ପରୀକ୍ଷା କରାଯିବାରୁ ମହେନ୍ଦ୍ରଙ୍କୁ ଟିବି ହୋଇଥିବା ଜଣାପଡିଥିଲା। ତାଙ୍କୁ ଖୁଣ୍ଟୁଣୀ ଜେଲକୁ ଅଣାଯାଇ ଚିକିତ୍ସା ଚାଲିଥିଲା। ଗୁରୁତର ଅବସ୍ଥାରେ ପୁଣି ଆଠଗଡ ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଖବରଦାତାଙ୍କ ମାତୃ ବିୟୋଗ

**ନବରଙ୍ଗପୁର, ୯।୭(ବି.ପ୍ର.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ 'ଧରିତ୍ରୀ' ପ୍ରତିନିଧି ଦିଲୀପ ଦାସଙ୍କ ମା' ଯଶୋଦାଙ୍କର ଶୁକ୍ରବାର ତାଙ୍କ ବାସ ଭବନରେ ମୃତ୍ୟୁ ଘଟିଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ପୂର୍ବତନ ଜିଲା ପରିଷଦ, ସମିତି ସଭ୍ୟା, ପାନାବେଡ଼ା ମହାବିଦ୍ୟାଳୟ, ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟା ମଧ ଥିଲେ। ମୃତ୍ୟୁ ବେଳକୁ ପୁଅ ଦିଲୀପ କୁମାର ଦାସ, ନାତି ହିମାଂଶୁ ରଞ୍ଜନ ଦାସ, ଦୀପକ ରଞ୍ଜନ ଦାସ, ବୋହୂ ଇନ୍ଦୁରେଖା, ଯମୁନା ପ୍ରମୁଖ ଉପସ୍ଥିତ ଥିଲେ।



### ମଦ ବିକି ମଦବିରୋଧୀ ଆନ୍ଦୋଳନ ନେତା ଗିରଫ

**ଭଦ୍ରକ ଅଫିସ, ୯।୭:** ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଚୋରାମଦ ବେପାର ବନ୍ଦ କରିବା ସହ ଏକ ନିଶାମୁକ୍ତ ଧାମନଗର ଗଠନ ପାଇଁ ଦାବି କରୁଥିଲେ। ମଦବିରୋଧୀ ଆନ୍ଦୋଳନର ସେ ନେତା ସାଜୁଥିଲେ। ହେଲେ ମଦକୁ ବିରୋଧ କରୁଥିବା ସମ୍ପୃକ୍ତ ଯୁବକ ମଦ ବେପାର କରୁଥିବା ବେଳେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଯାହାକି ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଧାମନଗର ବ୍ଲକ ଦଳାଙ୍ଗ ଗ୍ରାମରେ। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଶଙ୍କର ମିଶ୍ର ଏକ ନିର୍ଦ୍ଦିଷ୍ଟ ଦଳରେ ରହି ମଦବିରୋଧୀ ଆନ୍ଦୋଳନ ସହ ସାମାଜିକ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ହେବ ସେ ନିଜେ ଚୋରାମଦ କାରବାର କରୁଥିବା ପୋଲିସ ଖବର ପାଇଥିଲା। ଗୁରୁବାର ଧାମନଗର ଥାନା ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସେ ଦୋବଲ ଅଞ୍ଚଳରୁ ଏକ ବାଇକ୍‌ରେ ବିୟର ଓ ଆଷ୍କାଫର୍ଟି ଚୋରାରେ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୧୯୫/୨୧) ରୁଜୁ ହୋଇଛି।

### ୩୦ ଟନ୍ ଚୋରା କୋଇଲା ଜବତ, ୨ ଗିରଫ

**ଭଦ୍ରକ ଅଫିସ, ୯।୭:** ଭଦ୍ରକ ଜିଲାରେ ପୁଣି କୋଇଲା ଚୋରା ଚାଲାଣକାରୀ ସକ୍ରିୟ ହୋଇଛନ୍ତି। ଏବେ ଖୁଲମଖୋଲା ଭାବେ କୋଇଲା ଚୋରା ଚାଲାଣ ହେଉଛି। ପୋଲିସ ସହ ସଲାସୁତୁରାରେ ପୁଣି କୋଇଲା ବେପାର ଆରମ୍ଭ ହୋଇଥିବା ଚର୍ଚ୍ଚା ଚାଲିଥିବା ବେଳେ ଏହି ଚାଲାଣକାରୀମାନେ ଦିନବେଳା ଚାଲାଣ କରୁଥିବା ଖବର ପାଇ ଶୁକ୍ରବାର ଧୂଷୁରୀ ଥାନା ପୋଲିସ ଚଢ଼ାଉ କରିଛି। ପୋଲିସ ଏକ କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରି ଥାନାକୁ ନେଇଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡ୍ରାଇଭର ସରୋଜ କୁମାର ସାହୁ ଓ ହେଲ୍‌ପର ମୁକେଶ କୁମାର ଯାଦବ। ଉକ୍ତ ଦଶ ଚକିଆ ଟ୍ରକ୍‌ରେ କୋଇଲା ବୋଝେଇ ହୋଇ ବଜାର ପାଖରେ ଛିଡ଼ା ହୋଇଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଗାଡ଼ିରେ ଥିବା ୬ ଶହ କୋଇଲା ବ୍ୟାଗ୍ (ପ୍ରାୟ ୩୦ ଟନ୍) ଜବତ ହୋଇଛି। ଏ ନେଇ ଥାନାରେ ମାମଲା (ନଂ.୧୫୩/୨୧) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଜବତ ଟ୍ରକ୍‌ର ମାଲିକ ତିହିଡ଼ି ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି।

# ଭିମ୍‌ସାରରେ ଦ୍ୱିତୀୟ ଅକ୍ସିଜେନ୍ ପ୍ଲାଣ୍ଟ

**ସମ୍ବଲପୁର, ୯।୭(ବ୍ୟୁରୋ)**



ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମ୍‌ସାର)ରେ ଆଉ ଏକ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ହେବ। ଏହା ସ୍ୱତନ୍ତ୍ର ଭାବେ ଯକ୍ଷ୍ମା ଓ ଛାତି ବିଭାଗ ମେଡିସିନ ୱାର୍ଡ ପାଇଁ କାର୍ଯ୍ୟ କରିବ। ପ୍ରାରମ୍ଭିକ ଭାବେ ଭିତ୍ତିଭୂମି କାମ ଆରମ୍ଭ ହୋଇଛି। ପ୍ଲାଣ୍ଟ ପାଇଁ ଆବଶ୍ୟକ ଯନ୍ତ୍ରାଂଶ କିଣିବା ପ୍ରକ୍ରିୟା ଚାଲିଛି। ଅଗଷ୍ଟ ଶେଷ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

ଷ୍ଟୋର ମେଡିକାଲ ଅଧିକାରୀ ଡାକ୍ତର ଅଶୋକ ପାଣିଗ୍ରାହୀ କହିଛନ୍ତି, ଭିମ୍‌ସାରର ଏହି ବିଭାଗ ୯୦ ଶଯ୍ୟା ବିଶିଷ୍ଟ ରହିଛି। ପ୍ରାୟ ସମୟରେ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନି ପ୍ରାୟ ୧୦୦ ମେଗା ସିଲିଣ୍ଡର ଆବଶ୍ୟକ ହୋଇଥାଏ। ଏବେ ଅକ୍ସିଜେନ୍ ଘରୋଇ କମ୍ପାନୀରୁ କିଣିବାକୁ ପଡୁଛି। ଝାରସୁଗୁଡା ଜିଲାରେ ଥିବା ରିଫିଲିଂ ପ୍ଲାଣ୍ଟ ଓ ସମ୍ବଲପୁରର ଜଣେ ଡିଲର ଯୋଗାଇ ଦେଉଛନ୍ତି। ୨ ହଜାର ଲିଟର କ୍ଷମତା ବିଶିଷ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଅକ୍ସିଜେନ୍ ଅଭାବ ପୂରଣ ହେବ। ବିଭାଗ ନିକଟରେ ଏହି ପ୍ଲାଣ୍ଟ ନିର୍ମାଣ ହେବ। ଜାଗା ଚିହ୍ନଟ ହୋଇ ନିର୍ମାଣ କାମ ଆରମ୍ଭ ହୋଇଛି। ପ୍ଲାଣ୍ଟରୁ ସିଧାସଳଖ ପାଇପ୍ ଯୋଗେ ଅକ୍ସିଜେନ୍ ବିଭାଗକୁ ଯିବ। ଏବେ ବ୍ୟାବାହର ହେଉଥିବା ଜମ୍ବୋ ସିଲିଣ୍ଡର ଆଉ ସମସ୍ୟା ହେବ ନାହିଁ। ସେହିପରି ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଅକ୍ସିଜେନ୍ ପ୍ଲାଣ୍ଟ କାମ ଆରମ୍ଭ ହୋଇଯାଇଛି। ଶୀଘ୍ର ସମ୍ପୂର୍ଣ୍ଣ ହୋଇଯିବ। ଏହା ବିଶେଷ ଭାବେ ଆଜ୍‌ମା ଭଳି ଶ୍ୱାସଜନିତ ରୋଗୀମାନଙ୍କୁ ଲାଭଦାୟକ ହେବ। ପୂର୍ବରୁ ଭିମ୍‌ସାରରେ କୋଭିଡ୍ ମେଡିକାଲ ପାଇଁ ସ୍ୱତନ୍ତ୍ର ଭାବେ ୬୦୦ ଲିଟର ବିଶିଷ୍ଟ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ହୋଇଛି। ଏହା ଦ୍ୱିତୀୟ ଅକ୍ସିଜେନ୍ ପ୍ଲାଣ୍ଟ ହେବ। ସୂଚନାଯୋଗ୍ୟ ଭିମ୍‌ସାରରେ ସମ୍ବଲପୁର ସମେତ ପଶ୍ଚିମ ଓଡିଶା ଓ ପଡୋଶୀ ରାଜ୍ୟ ଛତିଶଗଡ, ଝାଡଖଣ୍ଡର ରୋଗୀମାନେ ନିର୍ଭର କରନ୍ତି। ଏବେ କୋଭିଡ୍ ଓ ଅନ୍ୟାନ୍ୟ କାରଣରୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

# ଚିକିତ୍ସା ଅର୍ଥ ଫେରାଇଲେ ବିଷ୍ଣୁପଦ

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ମୁଖ୍ୟ ଦାୟିତ୍ୱରେ ଥିବା ବେଳେ ବିଷ୍ଣୁପଦ ସେଠୀ ନିଜ ସ୍ତ୍ରୀ ଓ ପିତାଙ୍କ ଚିକିତ୍ସା ପାଇଁ ନେଇଥିବା ଅର୍ଥକୁ ଫେରସ୍ତ କରିଛନ୍ତି। ଲୋକାୟୁକ୍ତରେ ମାମଲା ପରେ ସେ ଜୁନ୍ ୨୫ରେ ୩ଟି ଚେକ୍ ମାଧ୍ୟମରେ ୩.୨୭ ଲକ୍ଷ ଟଙ୍କାର ମେଡିକାଲ ବିଲ୍ ରାଜ୍ୟ ସମବାୟ ବ୍ୟାଙ୍କକୁ ଫେରସ୍ତ କରିଥିଲେ। ଫଳରେ ଲୋକାୟୁକ୍ତ ଶୁକ୍ରବାର ଉକ୍ତ ମାମଲାକୁ ବନ୍ଦ କରି ଦେଇଛନ୍ତି। ପ୍ରକାଶ ଯେ, ବିଷ୍ଣୁପଦ ୨୦୧୩ ଫେବୃଆରୀ ୬ରୁ

**ମାମଲା ବନ୍ଦ କଲେ ଲୋକାୟୁକ୍ତ**

୨୦୧୫ ଜୁଲାଇ ୨୮ ମଧ୍ୟରେ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ୩ଟି କିସ୍ତିରେ ପିତା ଭଜହରି ସେଠୀ ଏବଂ ସ୍ତ୍ରୀ ବୈଶାଳୀ ସେଠୀଙ୍କ ଚିକିତ୍ସା ପାଇଁ ୩.୨୭ ଲକ୍ଷ ଟଙ୍କା ବ୍ୟାଙ୍କରୁ ନେଇଥିଲେ। ରାଜ୍ୟ ସରକାରଙ୍କ ଅନୁମତି ପରେ ସେହି ଅର୍ଥ ତାଙ୍କୁ ବ୍ୟାଙ୍କରୁ ମିଳିଥିଲା। ତେବେ ନିଜ ପଦର ଦୁରୁପଯୋଗ କରି ବେଆଇନ ଭାବେ ମେଡିକାଲ ବିଲ୍ ନେଇଥିବା ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ପାଟଣା, ୯।୭ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦିଗପସି ଗ୍ରାମର ରଘୁନାଥ ମାଝୀ। ରଘୁନାଥ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି। ଏ ନେଇ ଥାନାରେ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୯୭/୨୧) ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ବୁଧବାର ରଘୁନାଥ ନାବାଳିକାଙ୍କୁ ପ୍ରେମ ଜାଲରେ ଫଶାଇ ଫୋନ କଲ୍ କରି ଘରକୁ ଡାକି ବଳାତ୍କାର କରିଥିଲେ। ଉକ୍ତ ଦିନ ନାବାଳିକାଙ୍କ ବାପା ଅଭିଯୋଗ କରିବା ପରେ ପାଟଣା ପୋଲିସ ରାତିରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲେ ବିଏଡ୍ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୯।୭ (ବ୍ୟୁରୋ)**

ଶିକ୍ଷକ ନିଯୁକ୍ତି ନିମନ୍ତେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଏସ୍‌ଏସ୍‌ଟିଇଟି)ରେ ୨୦୦ ମାର୍କର ଲାଙ୍ଗୁଏଜ୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଏହାକୁ ବିରୋଧ କରି ବିଏଡ୍ ଯୋଗ୍ୟତାଧାରୀ ଛାତ୍ରୀଛାତ୍ର ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନ ଘେରାଉ କରିଥିଲେ। ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଦାବିକୁ ଅଣଦେଖା କରାଯିବନି ଓ ଆବଶ୍ୟକ ସ୍ଥଳରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଓଏସ୍‌ଏସ୍‌ଟିଇଟି ପାଇଁ ରହିଥିବା ନିୟମାବଳୀରେ ରାଜ୍ୟ ସରକାର କେତେକ ପରିବର୍ତ୍ତନ ଆଣିଛନ୍ତି। ତେବେ ୨୦୦ ମାର୍କର ଲାଙ୍ଗୁଏଜ୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ବିଏଡ୍ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ୨୦୧୫ ପରଠାରୁ ରାଜ୍ୟରେ ସ୍ନାତକ ଶ୍ରେଣୀରେ ୨୦୦ ମାର୍କର ଲାଙ୍ଗୁଏଜ୍ କୌଣସି ଛାତ୍ରୀଛାତ୍ର ପଢ଼ିନାହାନ୍ତି। ତେଣୁ ପରୀକ୍ଷା ଦେବାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ସରକାରଙ୍କ ଏହି ନିୟମ ଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବାବେଳେ ପରୀକ୍ଷା କିପରି ଦେବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେପଟେ ଛାତ୍ରୀଛାତ୍ର ଯେପରି ପରୀକ୍ଷା ଦେବାରୁ ବଞ୍ଚିତ ନ ହେବେ ସେଥିପାଇଁ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ।

# ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

**ଫୁଲବାଣୀ ଅଫିସ, ୯।୭**

ଫୁଲବାଣୀ ସଦର ଥାନା ତିଳକପଡା ଛକଠାରେ ଶୁକ୍ରବାର ଏକ ଟ୍ରାକ୍ଟର ସହ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚଳାଉଥିବା ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶ୍ୟାମସୁନ୍ଦର ସାହୁ। ଗୁରୁତର ପୁଅ ସୁଧୀର ସାହୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ସହ ଗାଡି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# 'ରେଡିଓ ଶ୍ରୀକ୍ଷେତ୍ର'ର ଶୁଭାରମ୍ଭ



ରେଡିଓ ଶ୍ରୀକ୍ଷେତ୍ର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**ଭୁବନେଶ୍ୱର, ୯।୭(ବ୍ୟୁରୋ)**

ଶ୍ରୀଜଗନ୍ନାଥଙ୍କ ପବିତ୍ର ନବଯୌବନ ଦର୍ଶନ ଉପଲକ୍ଷେ ନୂଆଦିଲ୍ଲୀର ହଉଜ୍‌ଖସସ୍ଥିତ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କୁ ସମର୍ପିତ ପ୍ରଥମ ୱେବ୍ ରେଡିଓ 'ରେଡିଓ ଶ୍ରୀକ୍ଷେତ୍ର' ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଭାରତ ସରକାରଙ୍କ ପୂର୍ବତନ ବିଦେଶ ସଚିବ ତଥା କବି ଅମରେନ୍ଦ୍ର ଖଟୁଆ, ଆକାଶବାଣୀ ବିଦେଶ ସେବାର ପୂର୍ବତନ ନିର୍ଦ୍ଦେଶକ ଅମ୍ଳାନ ଜ୍ୟୋତି ମଜୁମ୍‌ଦାର, ନୀଳାଚଳ ସେବା ସଂଘ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, କବି ତଥା ପୂର୍ବତନ ପ୍ରଶାସକ କୁଳମଣି ବିଶ୍ୱାଳ, ପଲ୍ଲୀବାଣୀ ପତ୍ରିକାର ସହ ସମ୍ପାଦକ ନବଜ୍ୟୋତି ଦାସ, କଳିଙ୍ଗ ସାହିତ୍ୟ ଉତ୍ସବର ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ, ଦିଲ୍ଲୀ ସାରସ୍ୱତ ସଂଘ ସମ୍ପାଦକ ସଂଗ୍ରାମ ଧର ପ୍ରମୁଖ ଉପସ୍ଥିତ ଥିଲେ। ଏହି ରେଡିଓ ଚ୍ୟାନେଲରେ ଜଗନ୍ନାଥଙ୍କ କଥା, ଗାଥା, ରୀତିନୀତି, ଭଜନ ଜଣାଣ ସମେତ ଦେଶ ବିଦେଶରେ ଥିବା ଜଗନ୍ନାଥ ମନ୍ଦିରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚାର କରାଯିବ ବୋଲି ଏହାର ସଞ୍ଚାଳକ ରାମଚନ୍ଦ୍ର ନାଥ କହିଛନ୍ତି।


**OFFICE OF THE MUNICIPAL COUNCIL, ANANDAPUR**
**Email id- www.executiveofficer_andp@rediffmail.com**
**E-procurement Notice**
**BID Identification No.AM-ANDP-01/2021-22**
**No.2679/Date 08.07.2021**

No.C-550:- Bid documents consisting of work, estimated cost, cost of tender paper EMD and time of completion, class of contractors and set of terms and condition of contract and other necessary documents can be seen in Govt. Website i.e. **www.tenderorissa.gov.in.**

| | |
|---|---|
| 1) Name of the work | Civil work |
| 2) No. of work | 02 Nos. |
| 3) Estimate cost | Mentioned in DTCN |
| 4) Period of completion | 30 days |
| 5) Date & time of bidding | From dt.14.07.2021, 10.00 A.M. to dt.20.07.2021, 5.30 P.M. |
| 6) Date & time of opening of bid | Dt.22.07.2021 at 11.30 A.M. |
| 7) Date of receiving the hard copies | Dt.15.07.2021, 10.00 A.M. to dt.22.07.2021, 11.15 A.M., Except holidays (In the Tender box kept inthe chamber of Executive Officer, Anandapur Municipality) |
| 8) Name and address of the office inviting bid | Executive Officer, Anandapur, Municipality |

OIPR-13049/11/0003/2122 **Sd./- Executive Officer, Anandapur Municipality**



**ZILLA SWASTHYA SAMITI, NABARANGPUR**
**OFFICE OF THE CDM & PHO-cum-District Mission Director**
**NABARANGPUR**

Advt. No. 5627 Dt.08.7.21

**Tender Notice for Disposal of Out of service EMAS Ambulance (108)-2020-21**

No.E-215:- Sealed tenders are invited for disposal of condemned EMAS Ambulances lying at different Blocks of Nabarangpur District, Intending bidders may obtain tender paper containing terms & condition, details of vehicles and its location in the district website (www.nabarangpur.nic.in). Also they may inspect the said Ambulances to be disposed off in "as is wehre is conditions" on any working day during office hours at the designated locations. The filled in Formats (Annexure 1 to 5) a single sealed envelope subscribing at the top of the envelope "TENDER FOR DISPOSAL OF CONDEMNED AMBULANCES (108) FOR 2020-21" to the CDM & PHO, Mirganguda, Nabarangpur-764059 on or before 26.07.2021 by Regd. Post / Speed Post by 5 P.M. and the same will be opened on the next day 27.07.2021 at 11 A.M. The authority reserves the right to accept or cancelled any or all tenders without assigning any reason thereof.

**Sd./- (Dr. Ch. Sova Rani Mishra)**
**CDM & PHO-cum-District Mission Director**
**Nabarangpur**
OIPR-10081/11/0003/2122



No.-B-217

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION, BARIPADA**
**e-mail: bpd_eerb@rediffmail.com**
**Government of Odisha "e" Procurement Notice**
**Bid Identification No. E.E.-06/2021-22**

1. Number of Works : 03 (Three) Number of works
2. Approximate Estimated Cost : 8.36 lakh to 54.56 lakh
3. Period of Completion : 1 (One) Calendar Month
4. Date & time of availability of bid documents in the portal : Dt.14.07.2021 to 22.07.2021
5. Last date/time of receipt of bid in the portal : Dt.22.07.2021 upto 4.00 P.M.
6. Date of Opening of Bid : Dt.23.07.2021 at 11.00 A.M.
7. Name & address of the Office Inviting Bid : Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**.

**Sd./- Executive Engineer**
**Mayurbhanj (R&B) Division**
**OIPR-34060/11/0006/2122**



**ତହସିଲ କାର୍ଯ୍ୟାଳୟ, ଶାମାଖୁଣ୍ଟା, ଜିଲ୍ଲା: ମୟୂରଭଞ୍ଜ**

ନୋଟିସ୍ ସଂଖ୍ୟା: ୧୭୩୯ ତା୦୬।୦୭।୨୦୨୧ରିଖ

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-66: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ୍-୨୦୧୭ ଅନୁଯାୟୀ ଶାମାଖୁଣ୍ଟା ତହସିଲ ଅନ୍ତର୍ଗତ ବଳଙ୍ଗ ବାଲି (ଖାଦାନ) ପୁଣ୍ଡୁରା ଏବଂ ଇଙ୍କିଡାପାଳ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ – "M" ପୂରଣ କରି ୩ କପି ସହ ଏହି ତହସିଲ ପତ୍ର ସଂଖ୍ୟା ୧୭୩୪ ସୈରାତ ତା୦୬।୦୭।୨୦୨୧ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୨୭।୦୭।୨୦୨୧ରିଖ ଦିବା ୪ ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏହି ସଂକ୍ରାନ୍ତିୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ମୟୂରଭଞ୍ଜ Website: **www.mayurbhanj.nic.in**ରେ ଉପଲବ୍ଧ ଅଟେ। ଏତଦ୍ ବ୍ୟତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ମିଳିପାରିବ।

**ଲିଜ୍ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ**

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେସ୍ ନମ୍ବର | ଖାତା ନଂ. | ପ୍ଲଟ ନଂ. | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ cum (ପ୍ରଥମ ବର୍ଷ ପାଇଁ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଇଙ୍କିଡାପାଳ | ବଳଙ୍ଗ ବାଲି ଉତ୍ସ ସୈରାତ କେସ୍ ନଂ. ୩୦/୨୦୨୧–୨୨ | ୬୯ | ୪୧୨/୧ | ଏ୧୨.୩୫ ବା ୫.୦୦ ହେକ୍ଟର | ଟ.୩୫ + ଟ.୧୮ = ଟ.୫୩ | ୨୭୦୦୦ | |
| ୨ | ପୁଣ୍ଡୁରା | ବଳଙ୍ଗ ବାଲି ଉତ୍ସ ସୈରାତ କେସ୍ ନଂ. ୩୧/୨୦୨୧–୨୨ | ୬୮ | ୨/୨ | ଏ୧୨.୩୫ ବା ୫.୦ ହେକ୍ଟର | ଟ.୩୫ + ଟ.୧୮ = ଟ.୫୩ | ୨୦୦୦୦ | |

OIPR-24092/11/0001/2122 ସ୍ୱା./– ତହସିଲଦାର, ଶାମାଖୁଣ୍ଟା



**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
**JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA**
**Tel.: 0674-2395734, Fax: 0674-2394946, e-mail: cerwssodish@gmail.com**

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

**No. 5581** **Date: 07.07.2021**

**REQUEST FOR PROPOSAL (RFP)**

No. O-428: The Engineer-in-Chief, RWSS (Water Supply), Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endavour, Government of Odisha has decided to undertake the work as mentioned below (the "Project) under EPC contract (Engineering, Procurement & Construction) basis & has decided to carry out the bid process for selection of the eligible contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Pakcage No. | Name of Work | Bid Identification No. | Indicative Project Cost (Rs. in Crore) | Period for Completion & O&M Period | Availability of Bid document for Online bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 02 Nos. Individual Rural Piped Water Supply Project pertaining to **Sambalpur & Deogarh District** including 5 years O&M on EPC contract under the package | EIC, RWSS-10/20-21 | 354.88 | 24 (Twenty four months) & 60 (Sixty months) | 17.00 hrs. of 14.07.2021 | 17.00 hrs. of 14.08.2021 |
| Pkg-II | Execution of Rural Piped Water Supply Project pertaining to **42 GPs of Rairakhol Block (Constituency) of Sambalpur District** including 5 years O&M on EPC contract under the package. | EIC, RWSS-11/20-21 | 423.49 | 24 (Twenty four months) & 60 (Sixty months) | 17.00 hrs. of 14.07.2021 | 17.00 hrs. of 14.08.2021 |
| Pkg-III | Execution of Rural Piped Water Supply Project pertaining to **175 villages of Kuchinda and Bamra Blocks of Sambalpur district** including 5 years O&M on EPC contract under the package | EIC, RWSS-12/20-21 | 183.23 | 24 (Twenty four months) & 60 (Sixty months) | 17.00 hrs. of 14.07.2021 | 17.00 hrs. of 14.08.2021 |

Name & address of Officer Inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph.: 0674-2395734/0674-2531533, e-mail: **cerwssodisha@gmail.com**

Further details can be seen from the e-procurement portal **http://tendersodisha.gov.in**.

**Sd./- Engineer-in-Chief, RWSS**
**OIPR-25040/11/0012/2122**



**NOTICE INVITING BID**
**ODISHA STATE MEDICAL CORPORATION LIMITED (OSMCL)**
**Infront of Ram Mandir, Convent Square, Unit - III, Bhubaneswar - 751001**
**Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in**

**Notification No.: 6529** **Date: 09.07.2021**
**Bid Ref. No. OSMCL/2021-22/DRUGS-AYUSH-HOMEO RE-TENDER/26** **Date: 09.07.2021**

No. CAD-604: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply of **Homoeopathic Globules** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 09.07.2021, 3 P.M. | |
| 2. | Date & time for submission of queries by E-Mail ID: **logistics.osmcl.od@nic.in** | 14.07.2021 upto 5.00 P.M. | |
| 3. | Date & time of Online bid submission | Start Date & Time | End Date & Time |
| | | 16.07.2021, 11.30 A.M. | 30.07.2021, 6.00 P.M. |
| 4. | Date & time for submission of Tender Documents, Tender Document of tender document | Start Date & Time | End Date & Time |
| | | 31.07.2021, 10 A.M. | 09.08.2021, 11.00 A.M. |
| 5. | Date & time of Online Technical Bid Opening | 09.08.2021, 11.45 A.M. | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMC Ltd., Odisha**
**OIPR-10112/11/0039/2122**



Your classified advertisement published in Dharitri will be listed free in Dharitri online edition : **www.dharitri.com**



**DISTRICT RURAL DEVELOPMENT AGENCY, BARGARH**
**NOTICE INVITING TENDER**

**No. 2091** **Dated: 08.07.2021**

No. CAD-600: Sealed item rate tenders are invited in 'Double Covers System' by District Rural Development Agency, Bargarh from intended reputed Firms/Agencies/OEM for **"Supply of Interactive Flat Panel Board (Digital Education Board)"** of reputed brand under School Transformation Programme for the year 2021-22, having valid GST Certificate, Dealership Certificate, PAN Card and required test certificates, in conformity with Detailed Tender Call Notice.

The bid documents consisting of detailed specifications, schedule of quantity and a set of terms and conditions and other necessary documents can be seen and purchased from the Office of the DRDA, Bargarh on payment of Rs.5,000/- (Rupees five thousand only) per set in shape of Demand Draft in favour of Project Director, DRDA payable at Bargarh during office hours except Sundays and holidays till last date of sale of bid documents. The bid document is also available in the district portal **http://bargarh.nic.in** and can be downloaded till last date of sale of bid documents. The bids downloaded from district portal must be submitted with tender paper cost of Rs.5,000/- (Rupees five thousand only) in shape of Demand Draft (non-refundable) in favour of Project Director, DRDA, payable at Bargarh otherwise the bid will be liable for rejection.

Bids must be accompanied with required EMD of Rs.5.00 lakh (Rupees five lakh only) in shape of Demand Draft, duly pledged in favour of **Project Director, DRDA, Bargarh**. Bids without E.M.D. or in other shape will not be considered and liable for rejection. The EMD of the unsuccessful bidders shall be returned.

Bidders are required to be submited with technical bids and financial bids in separate sealed envelopes super-scribing **"Technical Bid"** and **"Financial Bid"** and finally enclosing in a large envelope super-scribing "Supply of Interactive Flat Panel Board (Digital Education Board) under School Transformation Programme" along with the samples of the items.

The sale of bid document starts from **09.07.2021 at 10 A.M.** and close on dated **23.07.2021** till 5 P.M. The bid documents will be received upto **23.07.2021** till 5 P.M. through **Register/Speed** post only. Tenders received through any other mode shall not be accepted. Bids will be opened on 23.07.2021 at 5.30 P.M. in the Conference Hall of DRDA, Bargarh in the Presence of the bidder(s) and/or their authorized representatives. The financial bids of unsuccessful bidders will not be opened.

Tenders received after due date and time shall not be accepted. District Rural Development Agency, Bargarh shall not be held responsible for any postal delay or delay due to any other reason(s) beyond its control. The tenders/bids sent through electronic means/courier shall not be accepted. Any corrigendum/addendum (if any) will be uploaded in the above mentioned website.

The bids incompelte in any shape shall not be accepted and liable for rejection.

The tender commitee reserves the right to accept/reject any or all tenders/bids without assigning any reason thereof.

**For any queries, the undersigned may be contacted within office hour (10 A.M. to 5 P.M. except on Govt. Holidays).**

**Address: District Rural Development Agency, Bargarh**
**At: Subash Nagar, Bargarh - 768028**
**Phone (Office): 06646-234499**
**E-mail: ori-dbargarh@nic.in**

**Sd./- Collector, Bargarh**
**OIPR-19127/11/0002/2122**

**୩୦୦ କୋଟିର କଳାଧନ ଠାବ**
ଆୟକର ବିଭାଗ ପକ୍ଷରୁ ହାଇଦ୍ରାବାଦଭିତ୍ତିକ ଏକ କମ୍ପାନୀ ଉପରେ ଚଢ଼ାଉ କରାଯିବା ଫଳରେ ୩୦୦ କୋଟି ଟଙ୍କାର କଳାଧନ ଠାବ କରାଯାଇଛି। ଏହି କମ୍ପାନୀ ରିୟଲ ଇଷ୍ଟେଟ, ବର୍ଜ୍ୟବସ୍ତୁ ପରିଚାଳାନା ଭଳି ଅନ୍ୟ କିଛି କ୍ଷେତ୍ରରେ କାରବାର କରୁଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଚଢ଼ାଉ ସମୟରେ ବିଭିନ୍ନ ଦସ୍ତାବିଜ ଠାବ କରାଯାଇଛି। କମ୍ପାନୀ ଟିକସ ପ୍ରଦାନ କରିବା ନେଇ କହିଥିବା ସିବିଡିଟି ସ୍ପଷ୍ଟ କରିଛି।

## ସଂକ୍ଷେପରେ

### ୪୦ ହଜାର ନିଯୁକ୍ତି ଦେବ ଟିସିଏସ୍

**ନୂଆଦିଲ୍ଲୀ, ୯।୭:** ପ୍ରମୁଖ ସଫ୍ଟୱେର କମ୍ପାନୀ ଟିସିଏସ୍ ଚଳିତ ଆର୍ଥିକ ବର୍ଷରେ ୪୦ ହଜାର ଫ୍ରେସର୍ସଙ୍କୁ ନିଯୁକ୍ତି ଦେବ। ଦେଶର ବିଭିନ୍ନ କ୍ୟାମ୍ପସରୁ କମ୍ପାନୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବ ବୋଲି ଶୁକ୍ରବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଟିସିଏସ୍‌ରେ ବର୍ତ୍ତମାନ ୫ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଗତ ବର୍ଷ ବିଭିନ୍ନ କ୍ୟାମ୍ପସରୁ ଏହା ୪୦ ହଜାର ଗ୍ରାଜୁଏଟଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା ବୋଲି କମ୍ପାନୀର ଗ୍ଲୋବାଲ ହ୍ୟୁମାନ ରିସୋର୍ସ ମୁଖ୍ୟ ମିଲିନ୍ଦ ଲକଡ କହିଛନ୍ତି। ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମହାମାରୀ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତ ବର୍ଷ ୩.୬୦ ଲକ୍ଷ ଫ୍ରେସର୍ସ ଭର୍ଚୁଆଲ ଭାବେ ଏଣ୍ଟ୍ରାନ୍ସ ଟେଷ୍ଟ ଦେଇଥିଲେ। ଭାରତରୁ ୪୦ ହଜାର ଗ୍ରାଜୁଏଟଙ୍କୁ କମ୍ପାନୀ ଗତ ବର୍ଷ ନିଯୁକ୍ତି ଦେଇଥିବା ବେଳେ ଚଳିତ ବର୍ଷ ମଧ୍ୟ ୪୦ ହଜାର ନୂଆ ନିଯୁକ୍ତି ଦେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହାବାଦ ଆମେରିକା କ୍ୟାମ୍ପସରୁ ଏହା ୨ ହଜାର ନୂଆ ନିଯୁକ୍ତି ଦେବ ବୋଲି ଜଣାପଡ଼ିଛି।

### ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଟିପିସିଓଡିଏଲ୍ ସହଭାଗିତା

**ଭୁବନେଶ୍ୱର,୯।୭:** ଗ୍ରାମାଞ୍ଚଳରେ ଡିଜିଟାଲ ପେମେଣ୍ଟରେ ଉନ୍ନତି ଆଣିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଭାରତ ମନି ଷ୍ଟୋର୍ ଜରିଆରେ ବିଲ୍ ପେମେଣ୍ଟ ଗ୍ରହଣ କରିବା ଲାଗି ବିଏଫ୍ଆଇଏଲ୍, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସହ ସହଯୋଗିତା ସ୍ଥାପନ କରାଯାଇଛି। ଟିପିସିଓଡିଏଲ୍ ଅଞ୍ଚଳରେ ଥିବା କିରାନା ଦୋକାନଗୁଡ଼ିକରେ ପ୍ରାୟ ୮୫୦୦ରୁ ଅଧିକ ଭାରତ ମନି ଷ୍ଟୋର୍ ରହିଛି। ତିନୋଟି ସହଜ ଉପାୟରେ ବିଲ୍ ପେମେଣ୍ଟ କରିବା ଲାଗି ଗ୍ରାହକମାନଙ୍କୁ ନିକଟତମ ଭାରତ ମନି ଷ୍ଟୋର୍‌ରେ ପହଞ୍ଚିବାକୁ ପଡ଼ିବ। ଏହି ସେବା ସହିତ ଗ୍ରାମୀଣ ଗ୍ରାହକମାନେ ନିକଟତମ କିରାନା ଦୋକାନରେ ବିଲ୍ ପଇଠ କରିପାରିବେ ଯାହା ବିଲ୍ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରିବ। ଏହି ଅବସରରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର କର୍ପୋରେଟ ଏବଂ ନିବେଶ ବ୍ୟାଙ୍କିଙ୍ଗ୍ ମୁଖ୍ୟ ରୂପା ସତୀଶ କହିଛନ୍ତି , ଭାରତ ମନି ଷ୍ଟୋର୍ ନେଟ୍‌ୱର୍କ ଜରିଆରେ ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ଇଲେକ୍ଟ୍ରିକ୍ ବିଲ୍ ପେମେଣ୍ଟ ସୁବିଧା ପ୍ରଦାନ କରିବା ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ସହିତ ସହଯୋଗିତା ସ୍ଥାପନ କରି ଆମେ ବହୁତ ଖୁସି।

# ତେଲ ଦର ବୃଦ୍ଧିରୁ ମିଳିପାରେ ଆଶ୍ୱସ୍ତି

ନୂଆଦିଲ୍ଲୀ, ୯।୭

ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଏବଂ ଡିଜେଲ ଦର ୧୦୦ ଟଙ୍କା ଟପିଛି। ତେଲ ଦର ଆକାଶଛୁଆଁ ହେବା ଯୋଗୁ ଲୋକମାନେ କରୋନା କାଳରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଲଗାତର ତେଲ ଦର ବୃଦ୍ଧିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିପାରିନାହିଁ। ଲୋକଙ୍କୁ ଆଗାମୀ କିଛିଦିନରେ ତେଲ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିପାରେ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ଅନ୍ତର୍ଜାତୀୟ ବଜାରର ଅଶୋଧିତ ତେଲ ଦର ଉପରେ ନଜର ରଖିଛନ୍ତି। ଅଶୋଧିତ ତେଲ ଦର ଯଦି ହ୍ରାସ ହୁଏ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର କମିପାରେ ବୋଲି ତେଲ କମ୍ପାନୀଗୁଡିକ ଆକଳନ କରିଛନ୍ତି ।

ଚଳିତ ସପ୍ତାହରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୭ ଡଲାର ଛୁଇଁଥିଲା। ତୈଳ ଉତ୍ପାଦନ କରୁଥିବା ଦେଶ ସମୂହ ଓପେକ ଏବଂ ଅଣ ଓପେକ ଦେଶଗୁଡିକ ମଧ୍ୟରେ ତେଲ ଉତ୍ପାଦନ ହ୍ରାସକୁ ନେଇ ମତଭେଦ ରହିଛି। ଏହା ପରେ ଅଶୋଧିତ ତେଲ ଦର ହ୍ରାସ ହେଉଥିବା ଦେଖାଯାଇଛି। ଶୁକ୍ରବାର ବ୍ରେଣ୍ଟ ଅଶୋଧିତ ତେଲ ଦର ୦.୫୩% ବୃଦ୍ଧି ଘଟି ବ୍ୟାରେଲ ପିଛା ଦର ୭୪.୪୭ ଡଲାର ରହିଥିଲା। ଶୁକ୍ରବାର ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ମେ ମାସ ୪ ପରଠାରୁ ସାରା ଦେଶରେ ପେଟ୍ରୋଲ ୧୦.୧୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮.୮୯ ଟଙ୍କା ବଢ଼ିଛି। ଗତ ୭୦ଦିନରେ ତେଲ ୩୭ ଥର ବଢ଼ିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଦି ବେଶି ନ ବଢ଼େ ତେବେ କମ୍ପାନୀଗୁଡ଼ିକ ଦରରେ ପରିବର୍ତ୍ତନ କରିବେ ନାହିଁ। ସେହିଭଳି ଦାମ ମଧ୍ୟ ହ୍ରାସ ହୋଇପାରେ। ଏହା ହେଲେ ମହଙ୍ଗା ମାଡ଼ ସହୁଥିବା ଖାଉଟି ଏଥିରୁ କିଛିଟା ଲାଭବାନ ହୁଅନ୍ତେ।



### ୨୧ ରାଜ୍ୟରେ ପେଟ୍ରୋଲ ୧୦୦ ଉପରେ

ଦେଶର ୨୧ ରାଜ୍ୟରେ ପେଟ୍ରୋଲ ୧୦୦ ଟପିଛି। ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିହାର, ମହାରାଷ୍ଟ୍ର, କର୍ନାଟକ, ମଣିପୁର, ତେଲଙ୍ଗାନା, ପଞ୍ଜାବ, ସିକିମ, ଓଡ଼ିଶା, କେରଳ, ଦିଲ୍ଲୀ, ତାମିଲନାଡୁ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ପେଟ୍ରୋଲ ୧୦୦ ଟଙ୍କା ଉପରେ ରହିଛି। ସେହିଭଳି ଜମ୍ମୁ-କଶ୍ମୀର, ଚଣ୍ଡିଗଡ଼, ପଶ୍ଚିମବଙ୍ଗ, ପଣ୍ଡିଚେରୀ, ତ୍ରିପୁରା, ନାଗାଲାଣ୍ଡ ଏବଂ ଲଦାଖରେ ପେଟ୍ରୋଲ ୧୦୦ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଡିଜେଲ କଥା ବିଚାର କଲେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ସ୍ଥାନରେ ଡିଜେଲ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱରେ ରହିଛି।

# ବିଏସ୍ଇର ୧୪୬ ବର୍ଷର ଯାତ୍ରା

ମୁମ୍ବାଇ, ୯।୭



ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ୧୪୬ ବର୍ଷର ଯାତ୍ରା ଅତିକ୍ରମ କରିଛି। ୨ ଜୁଲାଇ ୧୮୭୫ରେ ଏହା ସ୍ଥାପନ କରାଯାଇଥିଲା। ଏହା ଏସିଆର ପ୍ରଥମ ଏବଂ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ। ପ୍ରାୟ ୪୧ ବର୍ଷ ତଳେ ଏହା ୧୦୦ ମୂଳ ସ୍ତରରୁ ଆରମ୍ଭ ହୋଇ ସେନ୍‌ସେକ୍ସ ବର୍ତ୍ତମାନ ୫୩ ହଜାର ପଏଣ୍ଟ ସ୍ତର ଛୁଇଁଛି। ଏହି ସମୟ ମଧ୍ୟରେ ସେନ୍‌ସେକ୍ସ ୫୩୦ ଗୁଣ ବଢ଼ିଥିବା ଜଣାପଡ଼ିଛି। ଶେୟାର ବଜାରର ଆରମ୍ଭ ଏକ ବରଗଛ ମୂଳରୁ ହୋଇଥିବା ବେଳେ ୩୧୮ ଲୋକ ୧ ଟଙ୍କାର ଏଣ୍ଟ୍ରି ଫି ସହ କରିଥିଲେ। ୪ ଗୁଜରାଟୀ ଏବଂ ଜଣେ ପାର୍ସୀ ଶେୟାର ବ୍ରୋକର ବିଏସ୍ଇ ସ୍ଥାପନ କରିଥିବା କୁହାଯାଏ। ୧୮୫୦ ମସିହା ବେଳକୁ ବମ୍ବେର ଟାଉନ ହଲ୍‌ରେ ଏମାନେ ପ୍ରଥମେ ବୈଠକ କରିଥିଲେ। ୧୯୭୫ରେ ଏମାନେ 'ଦ ନେଟିଭ ଶେୟାର ଆଣ୍ଡ ଷ୍ଟକ୍ ବ୍ରୋକର୍ସ ଆସୋସିଏଶନ' ସ୍ଥାପନ କରିଥିଲେ। ଦଲାଲ ଷ୍ଟ୍ରିଟ୍‌ରେ ଏକ ଅଫିସ ମଧ୍ୟ କିଣିଥିଲେ, ଯାହାକୁ ବର୍ତ୍ତମାନ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ କୁହାଯାଉଛି। ୨୦୦୧ ଜାନୁୟାରୀ ୨୫ରେ ବିଏସ୍ଇ ଡଲେକ୍ସ-୩୦ ଶୁଭାରମ୍ଭ କରିଥିଲା। ଏହାର ବିଏସ୍ଇର ଡଲାର ଲିଙ୍କ୍‌ଡ ଭର୍ଜନ କୁହାଯାଇଥାଏ।

**୧୯୮୬ରୁ ସେନ୍‌ସେକ୍ସ:** ୧୯୮୬ରେ ସେନ୍‌ସେକ୍ସ ଆରମ୍ଭ କରାଯାଇଥିଲା ଏହାର ମୂଳବର୍ଷ ୧୯୭୮-୭୯ ରଖାଯାଇଥିଲା। ଏହାର ବେସ୍ ୧୦୦ ପଏଣ୍ଟ ଉପରେ ପ୍ରସ୍ତୁତ କରାଯାଇଥିଲା। ୧୯୯୦ରେ ସେନ୍‌ସେକ୍ସ ୧୦୦୦ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହେଲା। ୧୯୯୧ର ଆର୍ଥିକ ଉଦାରୀକରଣ ଯୋଗୁ ଏଫ୍‌ଡିଆଇ ସହ ଅନ୍ୟ ନିୟମରେ ମଧ୍ୟ ସରକାର ପରିବର୍ତ୍ତନ କରିଥିଲେ। ମାର୍କେଟ ଭାଲ୍ୟୁକୁ ନିୟନ୍ତ୍ରଣମୁକ୍ତ କରାଯିବା ସହ ଅର୍ଥ ବ୍ୟବସ୍ଥାକୁ ସେବା କ୍ଷେତ୍ର ଉପରେ ପର୍ଯ୍ୟବସିତ କରାଯାଇଥିଲା। ଏଭଳି ପଦକ୍ଷେପ ଦ୍ୱାରା ସେନ୍‌ସେକ୍ସର ଗତି ଢେର ଗୁଣରେ ବଢ଼ିବାକୁ ଲାଗିଲା। ସେନ୍‌ସେକ୍ସରେ ପ୍ରଥମେ ସେବା କ୍ଷେତ୍ର ସହ ଜଡିତ ଶିଳ୍ପ, ବ୍ୟାଙ୍କିଙ୍ଗ ଟେଲିକମ୍ ଏବଂ ଆଇଟି ଶିଳ୍ପକୁ ସାମିଲ କରାଗଲା। ୯୦ ଦଶକର ଆରମ୍ଭ ଏବଂ ୨୦୦୦ର ଆରମ୍ଭ ବେଳକୁ ଆଇଟି କମ୍ପାନୀଗୁଡିକ ଅଗ୍ରଗତି କରିବା ଯୋଗୁ ଟିସିଏସ୍ ଏବଂ ଇନ୍‌ଫୋସିସ୍‌କୁ ସାମିଲ କରାଯାଇଥିଲା। ଉଦାରୀକରଣ ପରେ ଦେଶର ପ୍ରମୁଖ କମ୍ପାନୀଗୁଡିକ କେବଳ ଘରୋଇ ବଜାର ଉପରେ ବେଶି ନିର୍ଭରଶୀଳ ହେଲେ ନାହିଁ।

**ହର୍ଷଦ ମେହେଟ୍ଟା ସ୍କାମ୍:** କମ୍ପାନୀଗୁଡିକ ରପ୍ତାନି ଦ୍ୱାରା କାରବାର ବଢ଼ାଇବାକୁ ଲାଗିଲେ। ଆଇଟି ସେକ୍ଟରରେ ଆଉଟସୋର୍ସିଂ ଦ୍ୱାରା ଇନ୍‌ଫୋସିସ୍ ଭଳି କମ୍ପାନୀକୁ ବିଶେଷ ଭାବେ ଫାଇଦା ହୋଇଛି। ଟାଟା ଭଳି ଅଟୋମୋବାଇଲ କମ୍ପାନୀଗୁଡିକ ବ୍ରିଟେନ ଭଳି ବଜାରରେ ପାଦ ରଖିବାକୁ ସକ୍ଷମ ହେଲେ। ୧୯୯୨ରେ ସେନ୍‌ସେକ୍ସ ପ୍ରଥମ ଥର ଲାଗି ୪ ହଜାର ପଏଣ୍ଟ ସ୍ତର ଛୁଇଁଥିଲା। ଏହାପରଠାରୁ ୨୯୦୦ରୁ ୪୯୦୦ ପଏଣ୍ଟ ମଧ୍ୟରେ ଏହା ଝୁଲି ରହୁଥିଲା। ୫ ହଜାର ଅଙ୍କ ଛୁଇଁବା ଲାଗି ଏହାକୁ ୭ ବର୍ଷ ସମୟ ଲାଗିଗଲା। ଏହାର ପ୍ରମୁଖ କାରଣ ଥିଲା ହର୍ଷଦ ମେହେଟ୍ଟା ଠକେଇ। ଏହି ମାମଲା ସାମ୍ନାକୁ ଆସିବା ପରେ ଶେୟାର ବଜାରରେ ବଡ ଧରଣର ହ୍ରାସ ଦେଖାଯାଇଥିଲା। ୫ରୁ ୧୦ ହଜାର ପଏଣ୍ଟ ସ୍ତର ଛୁଇଁବା ଲାଗି ସେନ୍‌ସେକ୍ସକୁ ୬ ବର୍ଷ ସମୟ ଲାଗିଥିଲା। ୨୦୦୬ ଫେବୃୟାରୀ ୭ରେ ଏହା ୧୦ ହଜାର ପଏଣ୍ଟ ସ୍ତର ଛୁଇଁଥିଲା। ଆଗାମୀ ଦେଢ ବର୍ଷରେ ଏହା ୧୫ ହଜାର ପଏଣ୍ଟ ଛୁଇଁଥିଲା।

**୨୦୦୭ ଭଲ ବର୍ଷ:** ୨୦୦୭ ସେନ୍‌ସେକ୍ସ ଲାଗି ସବୁଠାରୁ ଭଲ ବର୍ଷ ବୋଲି କୁହାଯାଏ। ଏହି ବର୍ଷ ସେନ୍‌ସେକ୍ସ ୨୦ ହଜାର ପଏଣ୍ଟ ସ୍ତର ଟପିଗଲା। ୨୦୦୮ର ମାନ୍ଦାବସ୍ଥା ଯୋଗୁ ବଜାରର କାରବାର ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ସେନ୍‌ସେକ୍ସ ୨୧ ହଜାର ପଏଣ୍ଟ ସ୍ତରରୁ ଖସି ୮୪୫୧ ପଏଣ୍ଟ ସ୍ତରକୁ ଖସି ଆସିଥିଲା। ପୁଣି ଥରେ ୨୧ ହଜାର ପଏଣ୍ଟ ସ୍ତର ଛୁଇଁବା ଲାଗି ସେନ୍‌ସେକ୍ସକୁ ୩ ବର୍ଷ ଲାଗିଗଲା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ବେଳକୁ ସେନ୍‌ସେକ୍ସ ୨୫ ହଜାର ପଏଣ୍ଟ ସ୍ତରରେ ଥିଲା। ୩୦ ହଜାର ପଏଣ୍ଟ ସ୍ତର ଛୁଇଁବାକୁ ୩ ବର୍ଷ ଲାଗିଲା। ୨୦୧୮ରେ ସେନ୍‌ସେକ୍ସ ୩୫ ହଜାର ସ୍ତର, ୨୦୧୯ ଅକ୍ଟୋବରରେ ୪୦ ହଜାର ପଏଣ୍ଟ ସ୍ତର ଛୁଇଁଥିଲା।

**କରୋନା ସଙ୍କଟ:** କରୋନା ମହାମାରୀ ସଙ୍କଟ ଯୋଗୁ ସେନ୍‌ସେକ୍ସ ୪୨ ହଜାର ପଏଣ୍ଟ ସ୍ତରରୁ ୨୫,୯୮୧ ପଏଣ୍ଟ ସ୍ତରକୁ ଖସି ଆସିଥିଲା। ମାତ୍ର ଚଳିତ ବର୍ଷ ସୁଧାର ସହ ୫୩ ହଜାର ପଏଣ୍ଟ ସ୍ତର ଛୁଇଁବାକୁ ଏହା ସକ୍ଷମ ହୋଇଛି। ୧୫ ମାସରେ ୪୦ରୁ ୫୦ ହଜାର ପଏଣ୍ଟ ଯାଏ ଯାତ୍ରା କରିବାକୁ ସେନ୍‌ସେକ୍ସ ସକ୍ଷମ ହୋଇଛି।

**୨୩୧ ଲକ୍ଷ କୋଟିର ବଜାର ପୁଞ୍ଜୀକରଣ:** ବିଏସ୍ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ବର୍ତ୍ତମାନ ୨୩୧ ଲକ୍ଷ କୋଟି ଟଙ୍କା ରହିଛି। ଏଥିରେ ୭.୨ କୋଟିରୁ ଅଧିକ ନିବେଶକ ଖାତା, ୪୭୦୦ ପଞ୍ଜୀକୃତ କମ୍ପାନୀ ରହିଛନ୍ତି। ସ୍ଥାପନା ପରଠାରୁ ବିଏସ୍ଇ ନିବେଶ ଏବଂ ସମ୍ପତ୍ତି ସୃଷ୍ଟି ଭଳି କ୍ଷେତ୍ରରେ କାମ କରିବା ସହ ଦେଶର ଅଭିବୃଦ୍ଧିରେ ଯୋଗଦାନ ରଖୁଛି ବୋଲି ଏହାର ଏମ୍‌ଡି ତଥା ସିଇଓ ଆଶିଷ ଚୌହାନ କହିଛନ୍ତି।

# ସମ୍ପ୍ରସାରଣ ଜାରି ରଖିବ ଡିସିବି ବ୍ୟାଙ୍କ

ଭୁବନେଶ୍ୱର,୯।୭

ବର୍ତ୍ତମାନ ଦେଶର ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଡିଜିଟାଲ କାରବାର ବଢ଼ିଚାଲିଛି। ଗ୍ରାହକ ଡିଜିଟାଲ ମୋଡ୍ ଆଡ଼କୁ ଅଧିକ ଆକୃଷ୍ଟ ହେଉଛନ୍ତି। ଏହାକୁ ଦେଖି ବ୍ୟାଙ୍କଗୁଡିକ ମଧ୍ୟ ସେହି ଅନୁସାରେ ନିଜ ଭିତ୍ତିଭୂମିକୁ ପ୍ରସ୍ତୁତ କରୁଛନ୍ତି। କରୋନା କାଳରେ ଡିଜିଟାଲ କାରବାର ଗୁରୁତ୍ୱ ମଧ୍ୟ ବଢ଼ିଛି। ଡିଜିଟାଲ କାରବାରରେ ଏଭଳି ବୃଦ୍ଧି ଦେଖାଯାଉଥିଲେ ମଧ୍ୟ ଶାଖା ବ୍ୟାଙ୍କ ଲାଗି ବେଶ୍ ଗୁରୁତ୍ୱ ବହନ କରିଥାଏ। ଏହାକୁ ନଜରରେ ରଖି ଘରୋଇ କ୍ଷେତ୍ର ବ୍ୟାଙ୍କ ଡିସିବି ବ୍ୟାଙ୍କ ଏହାର ଶାଖା ସମ୍ପ୍ରସାରଣ ଧାରାକୁ ଜାରି ରଖିବାକୁ ଯୋଜନା ଗ୍ରହଣ କରିଛି। ବ୍ୟାଙ୍କର ଏଗ୍ରି ଇନ୍‌କ୍ଲୁସିଭ ବ୍ୟାଙ୍କିଙ୍ଗ୍ ମୁଖ୍ୟ ନରେନ୍ଦ୍ର ନାଥ ମିଶ୍ର ଏହି ସୂଚନା ଦେଇଛନ୍ତି।

ଡିସିବି ବ୍ୟାଙ୍କ ରାଜ୍ୟରେ ଏହାର ପ୍ରଥମ ଶାଖା ବରଗଡ଼ ଜିଲାରେ ଖୋଲିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବର୍ତ୍ତମାନ ଏହା ୪୫ ଶାଖା ସହ ସେବା ଯୋଗାଇ ଦେଉଛି। ବ୍ୟାଙ୍କ ସେବା ନ ଥିବା ସ୍ଥାନଗୁଡିକରେ ଶାଖା ସ୍ଥାପନ କରିବା ଉପରେ ଏହା ଏହା ବିଶେଷ ଭାବେ ଗୁରୁତ୍ୱ ଦେଉଛି। ବ୍ୟାଙ୍କ ଶାଖା ନ ଥିବା ସ୍ଥାନଗୁଡିକରେ ଶାଖା ଖୋଲିବା ଦ୍ୱାରା ଲୋକମାନେ ସେବା ଲାଭ କରିବା ଦିଗରେ ସୁବିଧା ପାଇବେ ବୋଲି ମିଶ୍ର କହିଛନ୍ତି। ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡିକରେ ମଧ୍ୟ ବ୍ୟାଙ୍କ ସେବା ଯୋଗାଇ ଦେଉଛି। ଏହା ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୪ ନୂଆ ଶାଖା ଖୋଲୁଛି। ଏହି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।



ସେ ପୁଣି କହିଛନ୍ତି, ବ୍ୟାଙ୍କ ଡିଜିଟାଲ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଡିଜିଟାଲ ଉପାୟରେ ଲୋକମାନେ ଯେଭଳି ଅଧିକ ସେବା ଲାଭ କରିପାରିବେ ସେ ନେଇ ମଧ୍ୟ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି।

# ୟୁନିୟନ୍ ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରର ନୂତନ ମୁଖ୍ୟ

ଭୁବନେଶ୍ୱର,୯।୭



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ସତ୍ୟବାନ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ମାଙ୍ଗାଲୋରଠାରେ ବ୍ୟାଙ୍କର କେନ୍ଦ୍ରୀୟ କାର୍ଯ୍ୟାଳୟ-ଆନେକ୍ସଠାରେ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍ ଡିଭିଜନର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ୨୫ ବର୍ଷର ଅଭିଜ୍ଞତା ରହିଛି। ସେ ପଶ୍ଚିମବଙ୍ଗ, ଓଡ଼ିଶା, କର୍ନାଟକ, ଆନ୍ଧ୍ରପ୍ରଦେଶ, ନୂଆଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ନିଜ ଦକ୍ଷତା ପ୍ରତିପାଦିତ କରିଛନ୍ତି । ୨୦୧୭ରେ ସେ ସହାୟକ ମହାପ୍ରବନ୍ଧକ ଓ ୨୦୨୦ରେ ଉପ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଛନ୍ତି । ଏମ୍ଏସ୍ଏମ୍ଇ, କୃଷି ଓ ରିଟେଲରେ ଅଧିକ ରୁଚି ରଖିଥିବା ବେହେରା ରିଜର୍ଭ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ କୋଭିଡ୍-୧୯ରେ କ୍ଷତିଗ୍ରସ୍ତ ହୋଇଥିବା ଉଦ୍ୟୋଗଗୁଡ଼ିକର ପୁନରୁଥାନ ପାଇଁ ଅଧିକ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି ।

## ଫୁରସତ୍

# ଭିଏତ୍‌ନାମର 'ଟାର୍ଜନ'

ଜଙ୍ଗଲୀ ଜନ୍ତୁଙ୍କ ମନର ପରିଭାଷାକୁ ପଢ଼ିପାରୁଥିବା ଏକ କାଳ୍ପନିକ ଚରିତ୍ର 'ଟାର୍ଜନ', ଯାହାକୁ ନେଇ ବିଭିନ୍ନ ଭାଷାରେ ନିର୍ମାଣ କରାଯାଇଛି ଏକାଧିକ ସିନେମା। ଏସବୁ ଚଳଚ୍ଚିତ୍ର ଦର୍ଶକଙ୍କ ମନରେ ଛାଡ଼ିଛି ସ୍ୱତନ୍ତ୍ର ଛାପ। ହେଲେ ଭିଏତ୍‌ନାମର 'ହୋ ଭାନ୍ ଲାଙ୍ଗ୍'ଙ୍କ ଜୀବନଶୈଳୀ 'ଟାର୍ଜନ'ଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ। ଘଞ୍ଚ ଜଙ୍ଗଲ ମଧ୍ୟରେ ଦୀର୍ଘ ୪୧ ବର୍ଷର ରହଣି ଭିତରେ ଜଙ୍ଗଲୀ ପରିବେଶରେ ନିଜକୁ ସମ୍ପୂର୍ଣ୍ଣ ଖାପଖୁଆଇ ସାରିଛନ୍ତି ଲାଙ୍ଗ୍। ଜଙ୍ଗଲର ହିଂସ୍ର ମାଂସାଶୀ ପ୍ରାଣୀ ଭଳି କଞ୍ଚା ମାଂସ ତାଙ୍କର ଅତି ପସନ୍ଦ।

**ହାନୋଇ:** ଭିଏତ୍‌ନାମର ଘଞ୍ଚ ଜଙ୍ଗଲ ଭିତରେ ଦୀର୍ଘ ୪୧ ବର୍ଷ ବିତାଇଥିବା 'ହୋ ଭାନ୍ ଲାଙ୍ଗ୍'ଙ୍କ ଜୀବନଶୈଳୀ ଯେତିକି ରୋଚକ, ସେତିକି ଆଶ୍ଚର୍ଯ୍ୟଜନକ ତାଙ୍କର ପ୍ରବୃତ୍ତି। ସମାଜଠାରୁ ଦୂରରେ ବାପା, ଭାଇଙ୍କ ସହିତ ସେ ଜଙ୍ଗଲରେ କାଟିଛନ୍ତି ଶୈଶବ, ବାଲ୍ୟାବସ୍ଥା ଏବଂ ଯୌବନ। ଜଙ୍ଗଲୀ ଫଳ, ମହୁ, ମାଂସକୁ ଆହାର ଭାବେ ଗ୍ରହଣ କରି ବନ୍ୟପ୍ରାଣୀଙ୍କ ସହ ବିତାଇଛନ୍ତି ସମୟ। ଏଭଳି ଜଣେ ଭିନ୍ନ ମଣିଷଙ୍କୁ ଠାବ କରାଯିବା ପରେ ଭିଏତ୍‌ନାମବାସୀଙ୍କ ଆଖିରେ ସେ ପାଲଟି ଯାଇଛନ୍ତି ସତସତିକା ଟାର୍ଜନ।



୧୯୭୨ରେ ଭିଏତ୍‌ନାମ ଯୁଦ୍ଧରେ ହୋଇଥିବା ବୋମାବର୍ଷଣରେ ହୋ ଭାନ୍ ଲାଙ୍ଗ୍ ହରାଇଥିଲେ ନିଜର ମା', ଭାଇ ଏବଂ ଉଭଣୀଙ୍କୁ । ହେଲେ ଏଥିରୁ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ ଲାଙ୍ଗ୍, ତାଙ୍କ ବାପା ଏବଂ ଭାଇ। ଜୀବନ ବିକଳରେ ୩ଜଣ ଟେ-ଟ୍ରାର ଘଞ୍ଚ ଜଙ୍ଗଲକୁ ପଳାୟନ କଲେ ଏବଂ ସେଠାରେ ରହିବା ଆରମ୍ଭ କଲେ। ଦୀର୍ଘ ୪୧ ବର୍ଷ ଭିତରେ ବନ୍ୟଜନ୍ତୁଙ୍କଠାରୁ ନିଜକୁ ସୁରକ୍ଷିତ ରଖିବା ସହିତ ଜଙ୍ଗଲରୁ ହିଁ ଦୈନନ୍ଦିନ ଜୀବନଯାପନ ପାଇଁ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

୨୦୧୩ରେ 'ହୋ ଭାନ୍ ଲାଙ୍ଗ୍'ଙ୍କୁ ଜଙ୍ଗଲରୁ ଠାବ କରାଯାଇଥିଲା। ସେତେବେଳେ ଯଦିଓ ସେ ବଡ଼ ହୋଇସାରିଥିଲେ, ତଥାପି ପୃଥିବୀରେ ତାଙ୍କ ବ୍ୟତୀତ ଅନ୍ୟ କେହି ମଣିଷ ଅଛନ୍ତି ବୋଲି ତାଙ୍କୁ ଜଣା ନ ଥିଲା। କେବଳ ଜୀବଜନ୍ତୁ ଏବଂ ତାଙ୍କ ପରିବାର ଭିତରେ ଏ ବିଶାଳକାୟ ପୃଥିବୀ ସୀମିତ ବୋଲି ଧାରଣା ଥିଲା। ପରେ ବହୁ ପ୍ରୟାସ ସତ୍ତ୍ୱେ ତାଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଏକ ଗ୍ରାମରେ ଥଇଥାନ କରାଯାଇଥିଲା। ଉକ୍ତ ଗ୍ରାମରେ ୮ ବର୍ଷର ରହଣି କାଳରେ ତାଙ୍କ ଚାଲିଚଳଣିରେ ସାମାନ୍ୟ ପରିବର୍ତ୍ତନ ଆସିଲାଣି। ୨୦୧୫ରେ ଆଲଭାରୋ ସେରେଜୋ ନାମକ ଜଣେ ବ୍ୟକ୍ତି ଉକ୍ତ ଅଞ୍ଚଳ ଗସ୍ତ କରିବା ସମୟରେ ଲାଙ୍ଗ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏହାପରେ ଭିଏତ୍‌ନାମର ଟାର୍ଜନଙ୍କ ବିଷୟରେ ଗଣମାଧ୍ୟମରେ ବିସ୍ତୃତ ତଥ୍ୟ ପ୍ରଚାରିତ ହୋଇଥିଲା।

ସାମାଜିକ ସ୍ରୋତରୁ ଦୀର୍ଘବର୍ଷ ଧରି ଦୂରରେ ରହିବା ଭିତରେ ଲାଙ୍ଗ୍‌ଙ୍କ ମସ୍ତିଷ୍କର ବିକାଶ ହୋଇପାରିନାହିଁ। ତାଙ୍କ ବ୍ୟବହାର ଛୋଟ ପିଲା ଭଳି। ଆଜି ବି ସେ ଜଣେ ଅବୋଧ ଶିଶୁ ଭଳି ବ୍ୟବହାର କରୁଛନ୍ତି। ଠିକ୍ ଭାବେ କଥା କହିପାରୁନାହାନ୍ତି। ଠାରରେ ଭାବ ବିନିମୟ କରିବାକୁ ପସନ୍ଦ କରୁଛନ୍ତି। ଏପରି କି ଦାମ୍ପତ୍ୟ ଜୀବନ ବିଷୟରେ ତାଙ୍କର କୌଣସି ଧାରଣା ନାହିଁ। ଭାଇଙ୍କ ନିର୍ଦ୍ଦେଶରେ ସେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଉଠୁଛନ୍ତି। ଆଖି ସାମ୍ନାରେ ଥିବା ଲୋକଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ତାଙ୍କ ବାପାଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଯାଇଛି। ଏବେ ବି ସେ ଅତୀତରେ ବଞ୍ଚିଛନ୍ତି। ଭିଏତ୍‌ନାମ ଯୁଦ୍ଧ ଏବେ ବି ଶେଷ ହୋଇ ନ ଥିବା ତାଙ୍କର ଧାରଣା ରହିଛି।

### କୁଟାରେ ତିଆରି ଚପଲ

**ଶ୍ରୀନଗର:** ଚମଡ଼ା କିମ୍ବା ପ୍ଲାଷ୍ଟିକରେ ଚପଲ ତିଆରି ହେଉଥିବା କଥା ପ୍ରାୟ ସମସ୍ତେ ଜାଣିଥିବେ। କିନ୍ତୁ ପାରମ୍ପରିକ ଶୈଳୀରେ କୁଟାରେ ଏବେ ବି ଚପଲ ତିଆରି କରୁଛନ୍ତି କଶ୍ମୀରର ଅବଦୁଲ ସମାଦ୍ ଗାନି। ଉତ୍ତର କଶ୍ମୀର ବାନ୍ଦିପୋରା ଜିଲାର କେହନୁଶା ଗାଁର ଅବଦୁଲ ସମାଦ୍ ଗାନି। ବୟସ ଏବେ ୧୧୦ ବର୍ଷ। ଏହି ବୟସରେ ବି ସେ କୁଟାରେ ଚପଲ ତିଆରି କରି କଶ୍ମୀରର ପରମ୍ପରାକୁ ବଜାୟ ରଖିଛନ୍ତି। କୁଟାରେ ତିଆରି ହୋଇଥିବା ଏହି ଚପଲକୁ କଶ୍ମୀରରେ ପୁଲହୁର୍ କୁହାଯାଏ। ଆଧୁନିକ ସମୟରେ ଚମଡା ଓ ପ୍ଲାଷ୍ଟିକ ଚପଲର ବହୁଳ ବ୍ୟବହାର ଫଳରେ ଲୋକେ ପୁଲହୁରକୁ ପ୍ରାୟତଃ ବ୍ୟବହାର କରୁ ନାହାନ୍ତି। ମାତ୍ର ଅବଦୁଲ ପୁଲହୁର୍ ବ୍ୟତୀତ ଆଉ କୌଣସି ପ୍ରକାରର ଚପଲ ପିନ୍ଧନ୍ତି ନାହିଁ। ନିଜ ପାଇଁ ସେ ସବୁବେଳେ ନିଜେ ପୁଲହୁର୍ ତିଆରି କରୁଛନ୍ତି।

ମନେ ପଡ଼ନ୍ତି
IN LOVING MEMORY

Late MANJUSHREE MOHANTY
Maitri Vihar, Bhubaneswar
( 20.04.1944 – 01.07.2021)
GLORY to Thee, O Lord, who
triumphest over every obstacle
Grant that nothing in us shall be
an obstacle in Thy work
Grant that nothing may retard
Thy manifestation Grant that
Thy will may be done in all
things and every moment
Glory to Thee, O Lord, Supreme
Master of all realisation
Give us faith active and ardent,
absolute and unshakable in Thy Victory
The Mother...
Bankim Chandra Mohanty and Family
ଧ-୭୦୯୩୦

# ଲଞ୍ଚ ହେଲା କରିନାଙ୍କ ପୁସ୍ତକ 'ପ୍ରେଗ୍‌ନାନ୍ସି ବାଇବେଲ'


କରିନା କପୁର ଖାନ୍

**ମୁମ୍ବାଇ:** ବଲିଉଡ୍‌ର ଆଗ ଧାଡିର ନାୟିକା କରିନା କପୁର ଖାନ୍ ଶୁକ୍ରବାର ତାଙ୍କର ପୁସ୍ତକ 'ପ୍ରେଗନାନ୍ସି ବାଇବେଲ' ଲଞ୍ଚ କରିଛନ୍ତି। ପୂର୍ବରୁ କରିନା ଘୋଷଣା କରିଥିଲେ କି ୨୦୨୦ରେ ସେ ତାଙ୍କ ପ୍ରଥମ ସନ୍ତାନ ତୈମୁରଙ୍କ ଜନ୍ମଦିନରେ ଗର୍ଭାବସ୍ଥାକୁ ନେଇ ଏକ ପୁସ୍ତକ ରଚନା କରୁଛନ୍ତି। ଏବେ ସେ ଉକ୍ତ ପୁସ୍ତକ ବିଷୟରେ ସବୁ ବିବାରଣୀ ଦେଇଛନ୍ତି। କରିନାଙ୍କ ପୁସ୍ତକ ଏବେ କ୍ରୟ କରିବାକୁ ଉପଲବ୍ଧ। ଇନଷ୍ଟାଗ୍ରାମରେ କରିନାଙ୍କ ପୁସ୍ତକର ଏକ ଝଲକ ସହ ଗର୍ଭବସ୍ଥାର ଅନୁଭବ କଥା ସେ କହିଛନ୍ତି । କରିନା ଲେଖିଛନ୍ତି ଭଲ ଦିନ, ଖରାପ ଦିନରେ କାମରେ ଯୋଗ ଦେବାକୁ ମୁଁ ଉତ୍ସାହିତ ଥାଏ। ଆଉ କେବେ କେବେ ବିଛଣାରୁ ଉଠିବାକୁ ମୋତେ ସଂଘର୍ଷ କରିବାକୁ ପଡେ। ଏହି ପୁସ୍ତକ ମୋ ଗର୍ଭାବସ୍ଥାର ଶାରୀରିକ ଓ ଭାବନାତ୍ମକ ରୂପ ଉଭୟ ଅନୁଭବର ଏକ ବ୍ୟକ୍ତିଗତ ଖାତା। ଏହି ପୁସ୍ତକଟି ତାଙ୍କର ତୃତୀୟ ସନ୍ତାନ ଭଳି ବୋଲି କହିଛନ୍ତି କରିନା। ତାଙ୍କ ପୁସ୍ତକ FOGSI ଭାରତ ଦ୍ୱାରା ଅନୁମୋଦିତ ହୋଇଥିବାରୁ ସେ ଖୁବ୍ ଉତ୍ସାହିତ ଓ ଗର୍ବିତ ବୋଲି କହିଛନ୍ତି। ଏହାପରେ ସେ ଯେଉଁ ଭିଡିଓ ପୋଷ୍ଟ କରିଛନ୍ତି ସେଥିରେ ସେ ଏକ ମାଇକ୍ରୋଓଭେନରୁ ତାଙ୍କ ପୁସ୍ତକ ବାହାର କରୁଥିବା ଦେଖାଯାଇଛି।

# ୨୫ କେଜିର ଲଲିପପ୍

**ନୂଆଦିଲ୍ଲୀ:** ଲଲିପପ୍ ପୁଣି ୨୫ କିଲୋଗ୍ରାମର। ଏକଥା ହୁଏତ କେହି ଭାବି ପାରୁ ନ ଥିବେ। କିନ୍ତୁ ଏମିତି ଏକ ଲଲିପପ୍ ତିଆରି କରିଛନ୍ତି ଜଣେ ୟୁଟ୍ୟୁବର ଫିରୋଜ ଚୁଟିପୁରା ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଖାଦ୍ୟ ପ୍ରସ୍ତୁତିକୁ ନେଇ ବେଳେବେଳେ ଅଜବ ଶୈଳୀ ଆପଣାଇ ଅନେକେ ଚର୍ଚ୍ଚାକୁ ଆସିଥାନ୍ତି। ଠିକ୍ ଏମିତି ଏକ ଶୈଳୀକୁ ଆପଣାଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି ଫିରୋଜ । ତାଙ୍କର ଏକ ୟୁଟ୍ୟୁବ ଚ୍ୟାନେଲ ରହିଛି, ଯେଉଁଥିରେ ସେ ଗ୍ରାମାଞ୍ଚଳର ବିଭିନ୍ନ ପ୍ରକାରର ଖାଦ୍ୟ ଶୈଳୀକୁ ଦେଖାଇଥାନ୍ତି। ଏବେ ସେ ବିରାଟ ଲଲିପପ୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ଏତେ ବଡ଼ ଲଲିପପ୍ ତିଆରି କରିବାର ସମ୍ପୂର୍ଣ୍ଣ ଶୈଳୀକୁ ମଧ୍ୟ ସେ ଭିଡିଓ କରି ଶେୟାର କରିଛନ୍ତି। ପ୍ରଥମେ ଚିନିକୁ ପାଗ କରି ସେଥିରେ ବିଭିନ୍ନ ରଙ୍ଗ ଦେଇ ସେ ଏକ ମାଠିଆରେ ଭର୍ତ୍ତି କରି ଲଲିପପ୍ ତିଆରି କରିଛନ୍ତି। ତାଙ୍କର ଏହି ଶୈଳୀ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଛି। ଏକ ଗ୍ରାମୀଣ ପରିବେଶରେ ଏଭଳି ଲଲିପପ୍ ତିଆରି କରିବା ଶୈଳୀକୁ ଦେଖିବା ପାଇଁ ସୋସିଆଲ ମିଡିଆରେ ଲୋକଙ୍କର ପ୍ରବଳ ଆକର୍ଷଣ। ଲଲିପପ୍‌ର ଏହି ଭିଜୁଆଲଟି ଶେୟାର କରିବାର ମାତ୍ର ଦୁଇଦିନ ପରେ ଏହାକୁ ୧୦ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖିଲିଖିଲି ହସ

**ଥ**ରେ ଦୀପୁକୁ ଗୋପାଳ କହିଲା, ଆରେ ଜାଣିଛୁ,ମୋ ବାପାଙ୍କ ଆଗରେ ସମସ୍ତେ ମୁଣ୍ଡ ନୁଆନ୍ତି। ଏକଥା ଶୁଣି ଦୀପୁ ପଚାରିଲା, କାହିଁକି, ତୋ ବାପା ଏମିତି କି ଚାକିରି କରିଛନ୍ତି କି ? ଗୋପାଳ କହିଲା, 'ତୁ ଜାଣିନୁ, ମୋ ବାପା ହେଉଛନ୍ତି ବାରିକ। ତେଣୁ ବୁଟି କାଟିଲା ବେଳେ ଯେ କେହି ମୁଣ୍ଡ ନୁଆନ୍ତି।

**ଥ**ରେ ଗୋଟିଏ ଜାଗରେ ଯାତ୍ରା ଅନୁଷ୍ଠିତ ହେଉଥାଏ। ଏତିକି ବେଳେ ଜଣେ ପୋଲିସ ଅଫିସର ଏକ ଚା' ଦୋକାନ ପାଖରେ ଠିଆ ହୋଇ ଚା' ପିଉଥାଆନ୍ତି। ଏହି ସମୟରେ ଜଣେ ବ୍ୟକ୍ତି ଦୌଡି ଆସି କହିଲା, 'ପୋଲିସ ବାବୁ, ମୋତେ ରକ୍ଷା କରନ୍ତୁ। ଚୋରମାନେ ମୋ ଘରେ କଳାକନା ବୁଲାଇ ଦେଲେ। ସେମାନେ ମୋତେ ମାରିବାକୁ ଗୋଡାଇଛନ୍ତି। ମୁଁ ଦୌଡି ଦୌଡି ଏ ପର୍ଯ୍ୟନ୍ତ ଚାଲି ଆସିଛି। ପୋଲିସ ଅଫିସର ଜଣକ ଏକଥା ଶୁଣି କହିଲେ, 'ହେଲେ ମୁଁ କିଛି କରିପାରିବି ନାହିଁ। କାରଣ ମୁଁ ସତସତିକା ପୋଲିସ ଅଫିସର ନୁହେଁ। ମୁଁ ଏହି ଯାତ୍ରାପାର୍ଟିର ଜଣେ କଳାକାର।

(ଏକ ମିଠା ଦୋକାନରେ ସୋନୁ ଆଉ ମନୁ ମଧ୍ୟରେ କଥାବାର୍ତ୍ତା)

ସୋନୁ : ଆରେ ମନୁ , ତୁ ମିଠା ଖାଇବାକୁ ଭଲ ପାଉ ?

ମନୁ : ହଁ, କାହିଁକି, ତୁ ମିଠା ଖାଇବୁ କି ?

ସୋନୁ : ମୋର ତ ମନ ହେଉଛି। ସେଥିପାଇଁ ତୁମ ଦୋକାନକୁ ଆସୁଛି। ହେଲେ ତୁମ ବାପା ମୋତେ ମିଠା ଖାଇବାକୁ ଦେଉନାହାନ୍ତି।

ମନୁ : ଆରେ ମୋର ବି ଏକା ଅବସ୍ଥା। ତେଣୁ ଦୋକାନରେ ବାପା ନ ଥିବା ବେଳେ ମୁଁ ସୁବିଧା ଦେଖି ମିଠାକୁ ଚାଟି ଚାଟି ପୁଣି ସେହି ସ୍ଥାନରେ ରଖିଦିଏ।

## କହିଲ ଦେଖି

**ରା**ତିହେଲେ ସିଏ ଆଲୋକ ଦିଏ
ଆମ ଠୁଁ ଅନେକ ଦୂରରେ ରୁହେ
ଆହା କି ସୁନ୍ଦର ରୂପଟି ତା'ର
ଆକାଶ ଛାତିରେ ତୋଳିଛି ଘର
ନାମଟି ତାହାର କହିବ ଯିଏ
ସୁନା ପିଲା ନିଶ୍ଚେ ହୋଇବ ସିଏ।

ଉ-**ଜହ୍ନ**



**ନା**ଲି ଟହ ଟହ ରୂପଟି ତା'ର
ମଝିରେ କେଶର ଥାଏ
ମା'ତାରିଣୀଙ୍କ ପ୍ରିୟ ସେ ଫୁଲ
ନାମଟି କହିବ କିଏ।

ଉ- **ମନ୍ଦାର**



ଆସନ ନୁହେଁ କିନ୍ତୁ ବସି ଖାଇଛି
ବିଛଣା ନୁହେଁ କିନ୍ତୁ ସେଠି ଶୋଇଛି
ପଡିଆ ନୁହେଁ କିନ୍ତୁ କେତେ ଖେଳିଛି
ହସି ଖେଳି ଦିନ କେତେ କାଟିଛି।

ଉ- **ମା'କୋଳ**



**ପ**ରିବା ଭିତରେ ଅଟେ ସେ ସାର
କାଟିଦେଲେ ତା'ର ବୁହଇ ଲାଳ
ସବୁଜ ରଙ୍ଗରେ ସେ ଦିଶେ ସୁନ୍ଦର
ସ୍ୱାଦ ତା'ର ଲାଗେ ଭାରି ମଧୁର
ଦିଶୁଥାଏ ସିଏ ଆଙ୍ଗୁଳି ପରି
କିଏ ସେ କହିବ ନାମ ତାହାରି।

ଉ-**ଭେଣ୍ଡି**



*–**ପ୍ରଶାନ୍ତ କୁମାର ନାଥ.** ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଓଲଟା ଶବ୍ଦ କହି ରେକର୍ଡ





**ପି**ଲାମାନେ ତୁମେ ତ ଜାଣିଛ ପିଲାବେଳେ ବିଭିନ୍ନ ଶବ୍ଦ ମନେ ରଖିବା ପାଇଁ ବହୁତ ସମୟ ଅଭ୍ୟାସ କରିବାକୁ ପଡିଥାଏ। ହେଲେ ଏମିତି କେତେଜଣ ଅଛନ୍ତି ଯେଉଁମାନେ ଅତି ଶୀଘ୍ର ବହୁତଗୁଡିଏ ଶବ୍ଦକୁ ମନେ ରଖିପାରନ୍ତି। ଶବ୍ଦକୁ ମନେ ରଖିବା ସହିତ ତାକୁ ଅତିଶୀଘ୍ର ବିପରୀତ ଶୈଳୀରେ ମଧ୍ୟ କହିପାରନ୍ତି ରାଶି ସିଂହ। ଉତ୍ତରପ୍ରଦେଶ ଇଟାୱାର ରାଶି ଅନେକଗୁଡିଏ ଶବ୍ଦକୁ କହିବା ପରେ ତାକୁ ପୁଣି ଥରେ ଓଲଟାଇ ମଧ୍ୟ କହିପାରନ୍ତି। ତାଙ୍କର ଏଭଳି ଏକ ଦକ୍ଷତା ପାଇଁ ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡରେ ମଧ୍ୟ ସ୍ଥାନ ପାଇଛନ୍ତି। ରାଶି ମାତ୍ର ଏକ ମିନିଟ୍ ମଧ୍ୟରେ ୫୦ଟି ହିନ୍ଦୀ ଶବ୍ଦକୁ ଓଲଟା ଦିଗରୁ କହିପାରନ୍ତି। ଏତେଗୁଡିଏ ଶବ୍ଦକୁ ଓଲଟା ପଟରୁ କହିପାରୁଥିବାରୁ ସେ ଏହି ରେକର୍ଡ କରି ପାରିଛନ୍ତି।

## ଆଇନା



ଆଦ୍ୟାଶା
୮ବର୍ଷ

## ତୁମ ତୂଳୀରୁ



**ଆଦ୍ୟାଶା ପଲାଇ**
କ୍ଲାସ- ୮, ଡିଏଭି, କଳିଙ୍ଗ ନଗର, ଭୁବନେଶ୍ୱର



**ବାଦଲ କୁମାର ଆଚାର୍ଯ୍ୟ**
କ୍ଲାସ- ୬, ଓଏଭି, ଦେଉଳିପାଳ, ଧର୍ମଶାଳା



**ଦେବାଶିଷ ସାହୁ**
କ୍ଲାସ-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଇଁଶିଆ, ଢେଙ୍କାନାଳ



**ମହାଶ୍ୱେତା ସାହୁ**
କ୍ଲାସ-୨, ସୋହେଲା ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ, ବିଶାଖାପାଟଣା

## କବିତା



### କେମିତି ଟାଣିବୁ ରଥ

**କୁ**ହ ପ୍ରଭୁ ଜଗନ୍ନାଥ
କେମିତି ଟାଣିବୁ ରଥ।
ଯାନ ବାହନ ତ ସବୁ
ବନ୍ଦ ହୋଇଅଛି ପ୍ରଭୁ।
କରୋନା ସହିତ ଲଢ଼ି
ମୁଣ୍ଡ ତ ଯାଉଛି ଗଡ଼ି।
ତୁମକୁ ତ ସବୁ ଜଣା
କାହିଁକି କରୁଣା ଊଣା।
ବାର ହାତ ଖଣ୍ଡା ଧରି
ବଳି ପକା ମହାମାରୀ।
ଜଗତ ଉଦ୍ଧାର ହେଉ
ତୁମ ବାନା ଉଡୁଥାଉ।
ରଥେ ଦେଇ ଦେଖା ସବୁ ପାପ ତାପ
କାଳିଆ ଦିଏ ତ ନାଶି
ତିନି ମୂରତିଙ୍କୁ ରଥରେ ଦେଖିଲେ
ସବୁ ଦୁଃଖ ଯାଏ ଭାସି।
ସରଗର ସୁଖ ଅଜାଡ଼ି ପଡ଼ିବ
ମାଟି ମରତରେ ଏବେ
ହଟିବ କରୋନା କାଳିଆ ଠାକୁର
ସଭିଙ୍କୁ ଆଶିଷ ଦେବେ।

*–**ବସନ୍ତ କୁମାର ଦାସ***
*ରମ୍ଭା, ବରି*

*–**ପ୍ରଶାନ୍ତ କୁମାର ଦାଶ***
*କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ*

### ରଥ ଯିବ ଗଡ଼ି ଗଡ଼ି

**ର**ଥେ ବିଜେ ହେଲେ ଜଗତର ନାଥ
ଶିରୀ ମନ୍ଦିରକୁ ଛାଡ଼ି,
ଭାଇ ଭଉଣୀଙ୍କୁ ସାଥିରେ ନେଇଣ
ଯିବାକୁ ମାଉସୀ ବାଡ଼ି,

ଭାବ ବିନୋଦିଆ ସିଏ
ଜାତି ଧର୍ମ ଭୁଲି ସଭିଙ୍କୁ ଆଦରେ
ଅନ୍ତରୁ ଡାକଇ ଯିଏ।

ଦେଖିଦେଲେ ଥରୁଟିଏ
ପାପ ଶୋକ ସବୁ ଜୀବନରୁ
ସେହି କ୍ଷଣେ ଦୂର ହୁଏ।

ଯାତରା ଭିତରେ ରଥଯାତ ସାର
ଆଷାଢ଼ ମାସରେ ଆସେ,
ରଥ ଟଣା ବେଳେ ଭକତ ମୁଖରେ
ଜଗନ୍ନାଥ ନାମ ଭାସେ।

*–**ସୁବ୍ରତ ମଲ୍ଲିକ***
*କୋରୁଆ, ଅସୁରାଳି, ଭଦ୍ରକ*

### ରଥ ଯିବ ଗୁଣ୍ଡିଚା ମନ୍ଦିର

**ସ**ବୁ ଯାତରାଠୁ ରଥ ଯାତରା ତ
କାଳିଆର ବଡ଼ ଯାତ
ଦେଉଳୁ ବାହାରି ଆସିବ କାଳିଆ
ଭାଇ ଭଉଣୀଙ୍କ ସାଥ।
ଆଗରେ ବଳିଆ ମଝିରେ ସୁଭଦ୍ରା
କାଳିଆ ଆସିବ ପଛେ
ମଧୁମତି ଆମ ସୁନ୍ଦର ଏ ଧରା
ଫୁଲ ଫଳ ଭରା ଗଛେ।

### ତୁମ ପରି କିଏ ହେବ

**ଜ**ଗତେ ଠାକୁର ନାହାନ୍ତି ଏମିତି
ଜଗନ୍ନାଥ ତୁମ ପରି
ଥରେ ଡାକିଦେଲେ ଶୁଣ ମନ କଥା
ଯାତନାରୁ କର ପାରି।

ପତିତ ପାବନ ବାନା ଉଡ଼ାଉଛ
ପତିତ ତାରଣ କରି
ଜଗତ ପାଇଁ କି କଲ୍ୟାଣର ଝର
ଯାଉଛି ନିଇତି ଝରି।

ଯିବି ଶ୍ରୀମନ୍ଦିର ଦରଶନ କରି
ପୁଅ ବୋହୂ ସାଥେ ଧରି
ଜୀବନର ଦୁଃଖ ପ୍ରକାଶ କରିବି
ତୁମ ପାଖେ ମୋର ହରି।
ଅନ୍ତିମ ବେଳରେ ଦେଖା ଦେବ ଟିକେ
ନରକରୁ ହେବି ପାରି।

**–ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର

### ଘୋଷଯାତରା

**ଆ**ଷାଢ଼ ବରଷା ଯାଏ ଝରି ଝରି
ବରଷାଇ ପାଣି ଅସରା
ଜଗତର ନାଥ ରଥେ ବିଜେ ହେବେ
ଆସିଅଛି ଘୋଷଯାତରା ।
ତାଳଧ୍ୱଜେ ଶ୍ରୀ ବଳଦେବ ଜୀଉ
ଦର୍ପଦଳନରେ ମାତା ସୁଭଦ୍ରା
ନନ୍ଦିଘୋଷେ ଯିବେ କାଳିଆ ଠାକୁର
ଘେନି ଭକତଙ୍କ ଭକ୍ତି ଶରଧା।
ପବିତ୍ର ଏ ଦିନେ ହେ ଜଗତ ସାଇଁ
ଘେନ ନିବେଦନ ଜଗତ ପିତା
ନାଶ କର ପ୍ରଭୁ ତୁମରି ଧରାରୁ
ଦୁଃଖ ପାପ ଭୟ ରୋଗର ବ୍ୟଥା ।

*–**ଅର୍ଚ୍ଚନା କର***
*ପ୍ଲଟନମ୍ବର ୬୫୬, ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର*



# ମିଳିବନି ମଜା

**ଗାଁ ଗହଳି କି ସାହି ବସ୍ତି, ଏଥର କେଉଁଠି ହେଲେ ବି ଗଡ଼ିବନି ରଥ। କରୋନା କଟକଣା ପାଇଁ ହୋଇଛି ଏଭଳି ନିୟମ। ନିଜ ନିଜ ଅଞ୍ଚଳରେ ରଥ ଟାଣିବା ଆଉ ଘଣ୍ଟଘଣ୍ଟା ବଜାଇ କୀର୍ତ୍ତନ କରି ବୁଲିବାର ଆନନ୍ଦ ବି ଏଥର ଅନୁଭବ କରିହେବନି..**

**ରା**ଜ୍ୟର ପୁରପଲ୍ଲୀରେ ରଥଯାତ୍ରାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଏ। ବିଶେଷ କରି ଗାଁମାନଙ୍କରେ ପିଲାମାନେ ଛୋଟ ଛୋଟ ରଥ ତିଆରି କରି ଗାଁର ଆରାଧ୍ୟ ଦେବତାଙ୍କୁ ରଥରେ ବସାଇ ସଂକୀର୍ତ୍ତନ ଶୋଭାଯାତ୍ରା କରିଥାନ୍ତି। ଠାକୁରଙ୍କୁ ରଥରେ ଧରି ସାହି ସାହି ବୁଲିବାର ଢେର୍ ମଜା ନିଅନ୍ତି ପିଲାମାନେ। କିନ୍ତୁ ଏଥର କରୋନା ପାଇଁ ଲାଗିଛି କଟକଣା। ଏବର୍ଷ ମଧ୍ୟ ପିଲାମାନେ ରଥଯାତ୍ରାର ଖୁସିକୁ ଉପଭୋଗ କରିବାରୁ ବଞ୍ଚିତ ହେବେ।

ରଥଯାତ୍ରାବେଳେ କେତେକ ଅଞ୍ଚଳରେ ବିଭିନ୍ନ ପ୍ରକାରର ମେଳା ମଧ୍ୟ ଅନୁଷ୍ଠିତ ହୋଇଥାଏ। କିନ୍ତୁ କଟକଣା ଦୃଷ୍ଟିରୁ ଏଥର ସେମିତି ବି କିଛି ଆୟୋଜନ କରାଯିବନି। ତେଣୁ ସବୁ ପ୍ରକାରର ଖୁସିକୁ ପିଲାମାନେ ଏଥର ହରାଇବାକୁ ଯାଉଛନ୍ତି। କେବଳ ଘରେ ବସି ଟିଭିରେ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରି ସନ୍ତୁଷ୍ଟ ହେବାକୁ ପଡ଼ିବ। ତେବେ ଏବର୍ଷର ରଥଯାତ୍ରାକୁ ନେଇ ପିଲାମାନେ ଯାହା କୁହନ୍ତି...

**ଦୁଃଖ ଲାଗୁଛି:** କରୋନା ହେବା ପୂର୍ବରୁ ଆମେ ସବୁ ବର୍ଷ ଆମ ସାହିର ହନୁମାନ ଠାକୁରଙ୍କୁ ରଥରେ ବସାଇ ବିଭିନ୍ନ ସାହିକୁ ଯାଉଥିଲୁ। କିନ୍ତୁ ଦି' ବର୍ଷ ହେଲାଣି ଆମର ଏଠି ରଥଯାତ୍ରା ହେଉନି। ସେଥିପାଇଁ ଆମ ଠାକୁରଙ୍କ ରଥ ବି ଭାଙ୍ଗିବାକୁ ବସିଲାଣି। ଆଉ ମରାମତି ବି ହୋଇନି। ଆମେ ସବୁ ପିଲାମାନେ ରଥକୁ ଭିଡି ନେଇଥାଉ। ଭାରି ମଜା ଲାଗୁଥିଲା। କିନ୍ତୁ ଏବର୍ଷ ବି ରଥଟଣା ବନ୍ଦ ହେଲାରୁ ଦୁଃଖ ଲାଗୁଛି। ଠାକୁରଙ୍କୁ ଡାକୁଛି ଏଇ ବର୍ଷ ଯେମିତି କରୋନା ଚାଲିଯାଉ ଆଉ ଆରଥରକୁ ଆମେ ଯେପରି ରଥ ଟାଣିବୁ।

*–**ସ୍ୱୟଂସିଦ୍ଧ ବାରିକ,** କ୍ଲାସ-୮, ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳଜଙ୍ଗ, ଜଗତସିଂହପୁର*

**ରଥ ସାଙ୍ଗରେ ଦିନ କଟିଯାଏ:** ପ୍ରତିବର୍ଷ ରଥଯାତ୍ରାରେ ଆମ ସାହିର ସବୁ ପିଲା ଏକାଠି ମିଶି ଛୋଟ ଛୋଟ ରଥ ତିଆରି କରୁ। ଆଉ ସେହି ରଥକୁ ସଜାଇ ସେଥିରେ ଠାକୁରଙ୍କ ଫଟୋ ରଖି ଗାଁ ସାରା ବୁଲାଇ ଥାଉ। ଆଉ ସେଦିନ ଗାଁର ପ୍ରାୟ ସବୁ ପରିବାରର ଲୋକେ ଆମକୁ ମିଠା କିମ୍ବା ଫଳ ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ଦେଇଥାନ୍ତି। ଦିନ ସାରା ଏମିତି ରଥ ସାଙ୍ଗରେ ବୁଲି ବୁଲି ଦିନ କଟିଯାଏ। କିନ୍ତୁ କରୋନା ପାଇଁ ଦି ବର୍ଷ ହେଲାଣି ଏଇ ମଜା ଆଉ ନାହିଁ।

*–**ସୋହନ ଶ୍ରେୟସ୍ ନାୟକ***
*କ୍ଲାସ- ୯, ଗୁରୁକୁଳ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର, ଗଞ୍ଜାମ*

**ଶୀଘ୍ର ଯାଉ କରୋନା:** ରଥ ଯାତ୍ରା ଦିନ ଆମେ ସମସ୍ତେ ବିଭିନ୍ନ ମନ୍ଦିର ବୁଲିବାକୁ ଯାଉ। ବୁଲାବୁଲି କରିବା ପରେ ମନ୍ଦିରରେ ଖାଇ ଘରକୁ ଫେରୁ। କିନ୍ତୁ ଏବେ ଇନଫେକସନ୍ ହେବ କହି ମାମା କୁଆଡେ ବି ବୁଲାଇବାକୁ ନେବେ ନାହିଁ ବୋଲି କହୁଛନ୍ତି। ଠାକୁରଙ୍କୁ ଡାକୁଛି କରୋନା ଶୀଘ୍ର ଚାଲିଯାଉ ଆଉ ଆମେ ରଥଯାତ୍ରାରେ ବୁଲିବାକୁ ଯିବୁ।

*–**ଦିବ୍ୟାଞ୍ଜଳୀ ମହାନ୍ତି,** କ୍ଲାସ-୭, ନିଗମାନନ୍ଦ ସରକାରୀ ହାଇସ୍କୁଲ, ଶଶିକାଦେଇପୁର, କରଞ୍ଜମାଳ, ଭଦ୍ରକ*

**ଏବର୍ଷ ବି ମେଳା ହେବନି:** ରଥଯାତ୍ରାରେ ଆମ ଗାଁରେ ଦଧିବାମନଙ୍କ ପାଥରେ ସବୁ ବର୍ଷ ମେଳା ହୁଏ। କିନ୍ତୁ ଏଥର କିଛି ହବନି। ଆରବର୍ଷ ବି ହୋଇ ନ ଥିଲା। କେତେ ଖେଳନା ଆଉ କେତେ ଖାଇବା ଜିନିଷ ସବୁ ବିକ୍ରି ହୁଏ। ଦେଖିବାକୁ ମଜା ଲାଗେ। କିନ୍ତୁ ଏବର୍ଷ ବି ଆମେ ମେଳା ଦେଖି ପାରିବୁନି।

*–**ଅର୍ଣ୍ଣବ ପଟ୍ଟନାୟକ,** କ୍ଲାସ-୫, ଡାଇନାମିକ୍ ଇଂଲିଶ୍ ମିଡିୟମ୍ ସ୍କୁଲ, ରାହାମା*



ଦିବ୍ୟାଞ୍ଜଳି



ସୋହନ ଶ୍ରେୟସ୍



ସ୍ୱୟଂସିଦ୍ଧ



ଅର୍ଣ୍ଣବ



## ମତାମତ

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ଗପଟିରେ ସମସ୍ତଙ୍କ ସହିତ ସୁସମ୍ପର୍କ ରଖି ଚଳିବା ନେଇ ଶିକ୍ଷା ଦିଆଯାଇଛି।
*–ରିମଝିମ୍ ମହାନ୍ତି, କଟକ*

➔ବର୍ଷାଋତୁକୁ ନେଇ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ କବିତାଗୁଡ଼ିକ ବି ଭଲ ଲାଗିଲା।
*–ଅଶ୍ୱିନୀ କୁମାର ଜେନା, କେନ୍ଦୁଝର*

➔'କହିଲ ଦେଖି' ସ୍ତମ୍ଭରେ କବିତା ଶୈଳୀରେ ବିଭିନ୍ନ ବିଷୟ ଉପସ୍ଥାପନା ପ୍ରତିଥର ପରି ଏଥର ବି ବହୁତ ଭଲ ହୋଇଥିଲା।
*–ସୀମାଞ୍ଚଳ ପ୍ରଧାନ, ପୁରୀ*

➔ଏଥର ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଭାରି କ୍ରିଏଟିଭ୍ ଲାଗିଲା।
*–ସାଇକୃପା ବେହେରା, ଜଗତ୍‌ସିଂହପୁର*

➔ପିଲାଙ୍କ ଧରିତ୍ରୀ ପୃଷ୍ଠରେ ପ୍ରକାଶ ପାଇଥିବା କାର୍ଟୁନ ସ୍ତମ୍ଭଟି ମଧ୍ୟ ବେଶ୍ ମଜାଦାୟକ ଏବଂ ଆକର୍ଷଣୀୟ ହୋଇପାରିଛି।
*–ମନସ୍ୱିନୀ ମହାନ୍ତି, କଳାହାଣ୍ଡି*

## ଟଗଲା ଭୀମୁ



# ଭାରତୀୟ ଭଲିବଲ କ୍ୟାମ୍ପରେ ଓଡ଼ିଶାର ରାହୁଲ

**ଭୁବନେଶ୍ୱର, ୯।୭(କ୍ରୀଡ଼ା ପ୍ରତିନିଧି)**

ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ଓ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ ଭାରତୀୟ ସିନିୟର ପୁରୁଷ ଭଲିବଲ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତମାସ ୨୦ରୁ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଚାଲିବ। ଜାପାନରେ ସେପ୍ଟେମ୍ବର ୧୨ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ୨୧ତମ ଏସିଆନ ସିନିୟର ପୁରୁଷ ଭଲିବଲ ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି କିଟ୍‌ରେ କ୍ୟାମ୍ପ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ କ୍ୟାମ୍ପରେ ଯୋଗ ଦେବାପାଇଁ ଓଡ଼ିଶାର ରାହୁଲ ବାରିକ ମନୋନୀତ ହୋଇଛନ୍ତି। ରାହୁଲ ଜଗତସିଂହପୁର ଜିଲା ବାପୁଜି ଭଲିବଲ କ୍ଲବ ଏବଂ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଛନ୍ତି। କ୍ୟାମ୍ପରେ ପ୍ରଭାବୀ ପ୍ରଦର୍ଶନ କରି ରାହୁଲ ଯଦି ଚୟନ ହେବେ ତେବେ ଭାରତ ପକ୍ଷରୁ ଆସନ୍ତା ଏସିଆନ ସିନିୟର ପୁରୁଷ ଭଲିବଲ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ରାହୁଲ ପୂର୍ବରୁ ଓଡ଼ିଶା ପକ୍ଷରୁ ୨ ଥର ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ସେ ୨ ଥର ୟୁଥ୍ ନ୍ୟାଶନାଲ୍ସ ଏବଂ ୨ ଥର ଜାତୀୟ ଜୁନିୟର ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ସମ୍ପ୍ରତି ଇଣ୍ଡୋ-ତିବତାନ ବର୍ଡର ପୋଲିସରେ ହରିୟାଣାର ପଞ୍ଚକୁଲାସ୍ଥିତ ଭାନୁସ୍ଥିତ ବେସିକ୍ ଟ୍ରେନିଂ ସେଣ୍ଟରରେ କାର୍ଯ୍ୟରତ। ଏପରି ସୁଯୋଗ ମିଳିଥିବାରୁ ରାହୁଲ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭିଏଫଆଇ ସଭାପତି ଅଚ୍ୟୁତ ସାମନ୍ତଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି। ରାହୁଲଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇବା ସହ କ୍ୟାମ୍ପରେ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇବାକୁ ଶୁଭକାମନା ଜଣାଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଗତ ମାର୍ଚ୍ଚ ୫ରୁ ୧୧ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୬୯ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ୨୪ ଖେଳାଳିଙ୍କୁ ଆଗାମୀ କ୍ୟାମ୍ପ ପାଇଁ ମନୋନୀତ କରାଯାଇଛି। ଓଡ଼ିଶାର ୨୯ ବର୍ଷୀୟ ରାହୁଲ ଜଣେ ଆଟାକରଭାବେ ବିଶେଷ ପରିଚିତ। କ୍ୟାମ୍ପ ପାଇଁ ୫ ଜଣ ସେଟର, ୬ ଜଣ ବ୍ଲକର, ୭ ଜଣ ଆଟାକର, ୪ ଜଣ ୟୁନିଭର୍ସାଲ ଏବଂ ୩ ଜଣ ଲିବେରୋ ପୋଜିଶନର ଖେଳାଳି ମନୋନୀତ ହୋଇଛନ୍ତି।


ରାହୁଲ ବାରିକ

**କ୍ୟାମ୍ପ ପାଇଁ ମନୋନୀତ ଖେଳାଳି:** ମୁଥୁସାମୀ (କେରଳ), ସାକ୍‌ଲିନ୍ ତାରିକ (ସର୍ଭିସେସ), ବିପୁଲ କୁମାର (ରେଲୱେ), ଜାଫର ଅଲୀ (ପଶ୍ଚିମବଙ୍ଗ), ଅଖିନ (କେରଳ), ଅଶୱାଲ ରାଏ (ରେଲୱେ), କାର୍ତ୍ତିକ ଏ. (କର୍ନାଟକ), ଶିକର ସିଂ (ଛତିଶଗଡ଼), ସୋନୁ ଜାଖର (ରାଜସ୍ଥାନ), ପ୍ରିନ୍ସ (ହରିୟାଣା), ଅଜିତ ଲାଲ (କେରଳ), ଚିରାଗ (ଗୁଜରାଟ), ରୋହିତ କୁମାର (ରେଲୱେ), ଶନ୍ ଟି. ଜନ୍ (କେରଳ), ରାହୁଲ ବାରିକ (ଓଡ଼ିଶା), ଅଶ୍ୱିନ (ତାମିଲନାଡୁ), ହିମାଂଶୁ ତ୍ୟାଗୀ (ସର୍ଭିସେସ), ଜେରମ ଭିନିଥ (କେରଳ), ଶୁଭମ୍ ଚୌଧାରୀ (ହରିୟାଣା), ମନୋଜ କୁମାର (ଗୁଜରାଟ), ବିନିତ କୁମାର (ଆସାମ), ବିକାସ (ହରିୟାଣା), କମଲେଶ୍ କାଥିକ (ରାଜସ୍ଥାନ) ଓ ଅଶ୍ୱିନ (ରେଲୱେ)।




# ବେରେଟିନି-ଜୋକୋଭିଚ୍ ଫାଇନାଲ


ମାଟେଓ ବେରେଟିନି

**ଲଣ୍ଡନ, ୯।୭**

ଇଟାଲୀର ମାଟେଓ ବେରେଟିନି ଓ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବେରେଟିନି ପୋଲାଣ୍ଡର ହୁବର୍ଟ ହୁର୍କାଜଙ୍କୁ ୬-୩, ୬-୦, ୬-୭(୩/୭), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ତାରକା ଖେଳାଳି ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ଅଭିଯାନ ଶେଷ କରିଥିବା ହୁର୍କାଜ ସେମିଫାଇନାଲରେ କିନ୍ତୁ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲେ। ବେରେଟିନି ପ୍ରଥମ ଦୁଇ ସେଟ୍‌ରେ ସହଜ ବିଜୟ ହାସଲ କରିଥିଲେ ହେଁ ତୃତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହୁର୍କାଜ। ମାତ୍ର ୪ର୍ଥ ସେଟ୍‌ରେ ବେରେଟିନି ପ୍ରଭାବୀ ପ୍ରଦର୍ଶନ କରି ବାଜି ମାରିନେଇଥିଲେ। କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିବା ବେରେଟିନିଙ୍କ ପାଇଁ ଏହା ପ୍ରଥମ।

୨୦୧୯ରେ ସେ ୟୁଏସ୍ ଓପନ ସେମିଫାଇନାଲ, ଚଳିତ ବର୍ଷ ଫ୍ରେଞ୍ଚ କ୍ୱାର୍ଟର ଫାଇନାଲ ଏବଂ ଅଷ୍ଟ୍ରେଲିଆନ ଓପନରେ ସର୍ବାଧିକ ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିରେ ଜୋକୋଭିଚ୍ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ୭-୬ (୭/୩), ୭-୫, ୭-୫ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଜୋକୋଭିଚ୍ ୨୦୧୧, ୨୦୧୪, ୨୦୧୫, ୨୦୧୮ ଓ ୨୦୧୯ରେ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ।

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ**

ମହିଳା ଡବଲ୍ସରେ ୨ଟି ଯାକ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ସେମିଫାଇନାଲରେ ଏଲିସ ମେର୍ଟେନ୍ସ-ହସି ସୁ ୱେଇ ଯୋଡ଼ି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ୬-୪, ୧-୬, ୬-୩ ସେଟ୍‌ରେ ଇନା ଶିବାହାରା ଓ ଶୁକୋ ଆୟୋୟାମା ଯୋଡ଼ିଙ୍କୁ ହରାଇ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟଏକ ସେମିଫାଇନାଲରେ ଭେରୋନିକା କୁଦେରମେଟୋଭା ଓ ଏଲିନା ଭେସନିନା ଯୋଡ଼ି ୭-୬(୮/୬), ୩-୬, ୭-୫ ସେଟ୍‌ରେ କାରୋଲିନ ଡୋଲେହିଡ୍ ଓ ଷ୍ଟର୍ମ ସାଣ୍ଡର୍ସ ଯୋଡ଼ିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

# ଦର୍ଶକ ବାରଣ ଯୋଗୁ ଓହରିଲେ କିର୍ଗିଓସ୍

**ସିଡ୍‌ନୀ, ୯।୭ (ଏପି):** ନିକ୍ କିର୍ଗିଓସ୍ ଅଲିମ୍ପିକ୍ସ ପାଇଁ ଚୟନ କରାଯାଇଥିବା ଅଷ୍ଟ୍ରେଲିଆ ଟେନିସ ଦଳରୁ ଓହରିଯାଇଛନ୍ତି। କରୋନା ସଂକ୍ରମଣ ଭୟ ଯୋଗୁ ଗେମ୍ସ ବେଳେ ଷ୍ଟାଡିୟମରେ ଦର୍ଶକମାନଙ୍କ ଲାଗି କଟକଣା ଜାରି କରାଯିବାର କିଛି ଘଣ୍ଟା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। କିର୍ଗିଓସ୍ ସୋସିଆଲ ମିଡିଆକୁ କହିଛନ୍ତି, ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ତରଫରୁ ପ୍ରତିନିଧିତ୍ୱ କରିବା ତାଙ୍କର ଏକ ସ୍ୱପ୍ନ ଥିଲା। ସେ ଭଲରୂପେ ଜାଣନ୍ତି ଭବିଷ୍ୟତରେ ହୁଏତ ତାଙ୍କୁ ସୁଯୋଗ ମିଳି ନ ପାରେ।




# ବାଂଲାଦେଶ ସ୍ଥିତି ଦୃଢ଼

**ହରାରେ, ୯।୭:** ଜିମ୍ବାୱେ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ସ୍ଥିତି ଦୃଢ଼ କରିଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଚାଲିଥିବା ଏହି ଟେଷ୍ଟରେ ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ମହମୁଦୁଲ୍ଲାଙ୍କ ଅପରାଜିତ ୧୫୦ ରନର ଅପରାଜିତ ବୃହତ୍ ଶତକୀୟ ଇନିଂସ, ଅଧିନାୟକ ମୋମିନୁଲ ହକଙ୍କ ୭୦ ରନ, ଲିଟନ ଦାସଙ୍କ ୯୫ ରନ ଓ ତାସ୍କିନ ଅହମ୍ମଦଙ୍କ ୭୫ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୧୨୬ ଓଭରରେ ୪୬୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ୧୧୧.୫ ଓଭରରେ ୨୭୬ ରନକରି ଆଉଟ ହୋଇଥିଲା। ଫଳରେ ବାଂଲାଦେଶ ପ୍ରଥମ ଇନିଂସରେ ୧୯୨ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୭ ଓଭରରେ ବିନା କୌଣସି କ୍ଷତିରେ ୪୫ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ବାଂଲାଦେଶ ଏବେ ମୋଟ ୨୩୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଶଦମାନ ଇସ୍‌ଲାମ ୨୨ ଓ ସୈଫ ହାସନ ୨୦ ରନକରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୧୪/୧ରୁ ଖେଳ ଆରମ୍ଭ କରି ଜିମ୍ବାୱେ ଅଲ୍‌ଆଉଟ ହୋଇଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ଜିମ୍ବାୱେ ମିଡଲ ଅର୍ଡର ଓ ଟେଲ ଏଣ୍ଡରମାନେ ବିଫଳ ହୋଇଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତାକୁଡଜ୍ୱାନାସେ କାଇଟାନୋ ୩୩ ଓ ଅଧିନାୟକ ବ୍ରେଣ୍ଡନ ଟେଲର ୩୭ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୮୭ ଓ ୮୧ ରନକରି ଆଉଟ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମେହିଦି ହାସନ ମିରାଜ ସର୍ବାଧିକ ୫, ଶକିବ ଅଲ ହାସନ ୪ ଓ ତାସ୍କିନ ଅହମ୍ମଦ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ- ୧୨୬ ଓଭରରେ ୪୬୮ ଅଲଆଉଟ। ଜିମ୍ବାୱ୍ ପ୍ରଥମ ଇନିଂସ- ୧୧୧.୫ ଓଭରରେ ୨୭୬ ଅଲଆଉଟ (କାଇଟାନୋ- ୮୭, ଟେଲର- ୮୧, ମିଲଟନ- ୪୧, ମିୟର୍ସ- ୨୭, ମିରାଜ- ୫/୮୨, ଶକିବ- ୪/ ୮୨, ତାସ୍କିନ- ୧/୪୬)। ବାଂଲାଦେଶ ଦ୍ୱିତୀୟ ଇନିଂସ- ୧୭ ଓଭରରେ ବିନା କ୍ଷତିରେ ୪୫ (ଶଦମାନ-୨୨, ସୈଫ୍- ୨୦)।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୦ ଜୁଲାଇ, ୨୦୨୧

**୨ ୱାର୍ଡ କଣ୍ଟେନମେଣ୍ଟ ଜୋନ**

ସାଲେପୁର,(ଡି.ଏନ୍.ଏ.)- ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତର ୧୯ନଂ ଓ ୯ନଂ ୱାର୍ଡକୁ ସ୍ଥାନୀୟ ସରପଞ୍ଚ ଗୁରୁବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ୨ ୱାର୍ଡରୁ ୧୫ଜଣ ସଂକ୍ରମିତ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ଏନେଇ ଘର ଘର ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି।



## ସଂକ୍ଷେପରେ

### ୫୪ କେଜି ଗଞ୍ଜେଇ, କାର ଜବତ : ୨ଗିରଫ

କଟକ ଅଫିସ, ୯।୭ - ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକଠାରେ ଶୁକ୍ରବାର ସକାଳେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର ସହ ୫୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଫିରିଙ୍ଗିଆ ଅଞ୍ଚଳର ମିଥୁନ ପ୍ରଧାନ ଓ ପଞ୍ଚାନନ ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ସୁଶାନ୍ତ କୁମାର ପାଢ଼ୀଙ୍କ ସୂଚନା ଅନୁଯାୟୀ, ଉକ୍ତ କାର(ନଂ. ଓଆର୦୨ଏଡବ୍ଲ୍ୟୁ-୭୭୫୫) ଫିରିଙ୍ଗିଆ କନ୍ଧମାଳରୁ ଯାଜପୁର ଅଭିମୁଖେ ଯାଉଥିଲା। ଫ୍ଲାଇଂ ସ୍କ୍ୱାଡ୍ ଉକ୍ତ ଗାଡିକୁ ଯାଞ୍ଚ କରିବା ପରେ ତିନୋଟି ଅଖାରେ ୫୪ କିଲୋ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଖୁଣ୍ଟୁଣୀ,୯।୭(ଡି.ଏନ.ଏ.)- ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ରାଧାକିଶୋରପୁର ଗ୍ରାମର କପିଳ ବେହେରା। ଶୁକ୍ରବାର ଅପରାହ୍ନରେ ବନ୍ଦ ଥିବା ଲେଭଲ କ୍ରସିଂ ପାର ହୋଇ ସେ ବିଲରୁ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ ଟ୍ରେନ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କଟକ ରେଲୱେ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୩୫/୨୧) ରୁଜୁ କରିଛି।

### ନିର୍ବାହୀ ଅଧିକାରୀ, ଆରଆଇଙ୍କୁ ଗାଳିଗୁଲଜ: ୨ ଗିରଫ

କଣ୍ଟାପଡା, ୯।୭ (ଡି.ଏନ.ଏ.)- ଗୋବିନ୍ଦପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସମାପିକା ମହାନ୍ତି, ଆରଆଇ ସଞ୍ଜୟ ପୂର୍ତ୍ତିଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନା ଅଧୀନ ବାଲିପଡା ଗ୍ରାମର ବିକାଶ ସ୍ୱାଇଁ ଓ ଶଙ୍ଖୁଆ ଗ୍ରାମର ଗଗନ ସ୍ୱାଇଁ। ପୋଲିସ ସୂତ୍ରରୁ ପ୍ରକାଶ, ସମାପିକା ବାଲିପଡା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ସର୍ଭେରେ ଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୭୯/୨୧) ରୁଜୁ କରିଥିଲା। ସେହିପରି ସଞ୍ଜୟ ଭୂମିହୀନ ଲୋକଙ୍କୁ ଦିଆଯିବାକୁ ଥିବା ଜମି ଚିହ୍ନଟ ପାଇଁ ଯାଇଥିବାବେଳେ ଗଗନ ଓ ନାହାଳପୁର ଗ୍ରାମର ନବଘନ ନାୟକ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୦/୨୧) ରୁଜୁ କରିଛି। ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ନବଘନ ଫେରାର ଅଛନ୍ତି।

### ୫ ସମିତି ଗୃହର ଶିଳାନ୍ୟାସ

ଆଠଗଡ଼, ୯।୭(ସ୍ୱ.ପ୍ର.) - ଆଠଗଡ଼ ବ୍ଲକ ଅନ୍ତର୍ଗତ ୫ ସମବାୟ ସମିତିର ନୂତନ କାର୍ଯ୍ୟାଳୟ ପାଇଁ ଶୁକ୍ରବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଆଠଗଡ଼ ସହକାରୀ ସମବାୟ ନିବନ୍ଧକ ଅଶୋକ କୁମାର ପାଣିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଠଗଡ଼ ବ୍ଲକର ତେଣ୍ଟେଇପଦା, ଜେନାପଦା, ଜାଗିଆପଡା, ବାଲୀ,କୁସପଙ୍ଗୀ ସେବା ସମବାୟ ସମିତି ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ପ୍ରତ୍ୟେକ ସମିତି ପାଇଁ ୫ଲକ୍ଷ ଟଙ୍କା ହିସାବରେ ମୋଟରେ୨୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଲକ୍ଷ୍ମୀ ନାରାୟଣପୁର ସେବା ସମିତି ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନୃସିଂହ ମହାପାତ୍ର, ରବୀନ୍ଦ୍ରନାଥ ରାଉତ ଓ କେଶବ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରୁଟି ସଂଶୋଧନ

୯।୭।୨୦୨୧ (ଶୁକ୍ରବାର) ଧରିତ୍ରୀର ପୃଷ୍ଠା -୮ରେ ପ୍ରକାଶିତ 'ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ବିଲ୍ଡର ଗିରଫ' ଶୀର୍ଷକ ଖବରରେ ଅଭିଯୁକ୍ତ ପ୍ରିୟବ୍ରତ ମିଶ୍ରଙ୍କ ଫଟୋ ପରିବର୍ତ୍ତେ ଅନ୍ୟଜଣଙ୍କ ଫଟୋ ସ୍ଥାନିତ ହୋଇଥିଲା। ଏହି ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛୁ। ନିମ୍ନରେ ପ୍ରିୟବ୍ରତଙ୍କ ଫଟୋ।।



# ଭାଜପା, ବିଜେଡି କର୍ମୀ ମୁହାଁମୁହିଁ

- ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉବେଳେ ଉତ୍ତେଜନା
- ଉଭୟ ପକ୍ଷରୁ ପଥର ମାଡ଼

ଆଠଗଡ଼,୯।୭(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କରି ଭାଜପା ପକ୍ଷରୁ ଶୁକ୍ରବାର ନରସିଂହପୁର ବ୍ଲକ କାର୍ଯ୍ୟାଳୟ ଘେରାଉ ହୋଇଥିଲା। ଏହି ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ସେଠାରେ ଉପସ୍ଥିତ ବିଜେଡି କର୍ମୀଙ୍କ ସହ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ପଥରମାଡ଼ରେ ଭାଜପା ନେତା ବିଜୟ ସୁବୁଦ୍ଧି ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଭାଜପା ନେତା ବିଜୟ କୁମାର ଦଳବେହେରା ଓ କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଏହି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ସମୟରେ ସୁବୁଦ୍ଧିଙ୍କ ସମେତ ରାମନାରାୟଣ ମହାନ୍ତି, ପ୍ରତାପ ପିହାଣ, ଟୁକୁନା ବାରିକ ଓ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନରସିଂହପୁର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ବିକ୍ଷୋଭ ପ୍ରଦର୍ଶନବେଳେ ସେଠାରେ ଥିବା ବିଜେଡି କର୍ମୀମାନେ ଏହାକୁ ବିରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ଆଠଗଡ଼ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ ମଧ୍ୟ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହି ଘଟଣା ପରେ ବ୍ଲକ କାର୍ଯ୍ୟାଳୟ ଆଗରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅପରପକ୍ଷେ ସମ୍ପୃକ୍ତ ବିଜେଡି କର୍ମୀଙ୍କୁ ଗିରଫ ଦାବି କରି ଭାଜପା ପକ୍ଷରୁ ଧାରଣା ଦିଆଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିଲା।



ତୈଳ, ରନ୍ଧନଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ପୁରୀଘାଟସ୍ଥିତ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

## ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ସାଇକେଲ ଶୋଭାଯାତ୍ରା

କଟକ ଅଫିସ/ଚୌଦ୍ୱାର, ୯।୭(ଡି.ଏନ୍.ଏ.)

ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଖାଉଟି ଦ୍ରବ୍ୟର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟି ସଭାନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସାଇକେଲ ଯାତ୍ରାରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ସହରବାସୀଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ସାଇକେଲ ଯାତ୍ରା ପୁରୀଘାଟଠାରୁ ବାହାରି ବାଦାମବାଡି, ଦୋଳମୁଣ୍ଡାଇ, ହରିପୁର, ସେମିନାରୀ ଛକ, ଦରଘାବଜାର ଜେଲ ରୋଡ ଦେଇ ଗୌରୀଶଙ୍କର ପାର୍କଠାରେ ପହଞ୍ଚିଥିଲା। ଏଥିରେ ଶୈଳବାଳା ଜେନା, ତୃପ୍ତି ଦାସ, ସେକ୍ ଲିଆକତ ଉଦ୍ଦିନ ଅହମ୍ମଦ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ବିଭୁ ପ୍ରସନ୍ନ ମହାପାତ୍ର, କମଳେସ ସାଗର, ସେକ ସାହିଲ ପରଭେଜ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିର ସମାଲୋଚନା କରିବା ସହିତ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଚୌଦ୍ୱାର ନଗର କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୌରପାଳିକା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ଓ ଚାଷୀମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପୌରନିର୍ବାହୀ ଅଧିକାରୀ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନଗର ସଭାପତି ବିଜୟ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ବରାଳ, ଧୀରେନ୍ଦ୍ର ଚୌଧୁରୀ, ସୁବାସ ସୁବୁଦ୍ଧିରାୟ, କୈଳାସ ଚନ୍ଦ୍ର ସାହାଣି, ରାଜୀବ ମହାନ୍ତି, ମୋନାଲିସା ଦାସଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ଅସରାଏ ବର୍ଷାରେ କଟକ ଜଳାର୍ଣ୍ଣବ



କଟକ ଦିୱାନବଜାର ଓ ମହମ୍ମଦିଆ ବଜାର ରାସ୍ତାରେ ଜମି ରହିଥିବା ବର୍ଷାଜଳ।

କଟକ ଅଫିସ,୯।୭

ଶୁକ୍ରବାର ଅସରାଏ ବର୍ଷାରେ କଟକ ମହାନଗର ନିଗମର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବର୍ଷା ପୂର୍ବରୁ ସହରରେ ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ପାଇଁ ଅନେକ ଗଳିକନ୍ଦି ରାସ୍ତାରେ ବର୍ଷାଜଳ ଲହଡି ଭାଙ୍ଗୁଛି। ଏଥିଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମେହେନ୍ଦୀପିର, ଦିୱାନବଜାର, ଖଟବିନ ସାହି, ମହମ୍ମଦିଆ ବଜାର ଅଞ୍ଚଳ ରାସ୍ତାରେ ବର୍ଷାପାଣି ଜମି ରହିଥିଲା। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁପଦକ୍ଷେପ ନିଆଯାଉଛି ବୋଲି ସିଏମ୍‌ସି ପକ୍ଷରୁ ପ୍ରଚାର କରାଯାଉଛି। ହେଲେ ଅସରାଏ ବର୍ଷାରେ ପାଣି ଜମିବା ସିଏମ୍‌ସିର ବାସ୍ତବତାକୁ ପଦାରେ ପକାଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏନେଇ ସିଏମ୍‌ସି ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଅବକାରୀ ଚଢ଼ାଉ: ୩୩୦ ଲିଟର ଚୋରା ମଦ ଜବତ

ଆଠଗଡ଼, ୯।୭(ସ୍ୱ.ପ୍ର.)

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଁସର ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରାଯାଇ ୩୩୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ୩୬୦୦ ଲିଟର ଗୁଡ଼ ପୋଚ ଜବତ କରାଯାଇଛି। ମାତ୍ର କୌଣସି ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ଆଠଗଡ଼ ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ। ଏଥିରେ ସବ୍‌ଇନ୍ସପେକ୍ଟର ବିଜୟ କୁମାର ଭଞ୍ଜ, ନରସିଂହପୁର ଅବକାରୀ ଏଏସ୍‌ଆଇ ପଙ୍କଜ କଅଁର ଓ ଦୁଷ୍ମନ୍ତ ସନ୍ତରା ପ୍ରମୁଖ ସାମିଲ ହୋଇଥିଲେ।

## ଷଣ୍ଢ ଆକ୍ରମଣରେ ୪ ଗୁରୁତର

ସାଲେପୁର,୯।୭(ଡି.ଏନ୍.ଏ.)

ସାଲେପୁର ବ୍ଲକର ଛାଣିପୁର ପଞ୍ଚାୟତରେ ଏକ ପାଗଳ ଷଣ୍ଢର ଦୌରାତ୍ମ୍ୟରେ ବହୁ ଲୋକ ଗୁରୁତର ହୋଇଛନ୍ତି। ଏହାର ଆକ୍ରମଣରେ ଶୁକ୍ରବାର ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାତବାଟିର ଲକ୍ଷ୍ମୀ ସାମଲ(୪୮), ବସନ୍ତ କାଣ୍ଡି (୬୦), ଛାଣିପୁରର ଉଗ୍ରସେନ ରାଉତରାୟ (୭୦) ଓ ଶଙ୍କରପୁରର ମେହେମୁଦା ବିବି (୩୮)। ଚିକିତ୍ସା ନିମନ୍ତେ ସେମାନଙ୍କୁ ସାଲେପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ କିଛି ଦିନ ଭିତରେ ଷଣ୍ଢ ଆକ୍ରମଣରେ ୧୩ ଜଣ ଗୁରୁତର ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଉକ୍ତ ଷଣ୍ଢକୁ ଧରିବା ପାଇଁ ଲୋକେ ସାଲେପୁର ତହସିଲଦାରଙ୍କ ନିକଟରେ ନିବେଦନ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି।

## ଅମାନିଆଙ୍କଠାରୁ ଜରିମାନା ଆଦାୟ

କଟକ ଅଫିସ,୯।୭

ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ କଟକଣା ସାମାନ୍ୟ କୋହଳ କରାଯାଇଥିବାବେଳେ ଲୋକଙ୍କ ମଧ୍ୟରେ ସଚେତନତା କମୁଛି। କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଦୁଇଦିନ ହେବ ସଂକ୍ରମଣ ହାର ୧୦୦ ଉପରେ ରହୁଛି। ତେବେ ଶୁକ୍ରବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବାଦାମବାଡି, ଦୋଳମୁଣ୍ଡାଇ, ରାଣୀହାଟ, ମଙ୍ଗଳାବାଗ, କଲେଜ ଛକରେ ଥିବା କ୍ଲିନିକ୍, ବିଭିନ୍ନ ଦୋକାନରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ଅମାନିଆଙ୍କଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପରେଶ ନାୟକ କହିଛନ୍ତି।

## ସିନେମା ହଲ୍ କର୍ମଚାରୀଙ୍କୁ ରାଶନ ବାଣ୍ଟିଲେ ସବ୍ୟାର୍ଚ୍ଚିତା



ବୃନ୍ଦାବନ ସିନେମା ହଲ ପରିସରରେ କର୍ମଚାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

କଟକ ଅଫିସ,୯।୭

କରୋନା ମହାମାରୀ ଓ ଲକ୍‌ଡାଉନ କଟକଣା ସିନେମା ହଲ କର୍ମଚାରୀଙ୍କୁ ପ୍ରଭାବିତ କରିଛି। ସିନେମା ହଲ୍ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଚଳେଇବା ପାଇଁ ଯଥାସମ୍ଭବ ସାହାଯ୍ୟ କଲେ ମଧ୍ୟ କରୋନାର ଦ୍ୱିତୀୟ ଲହର ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଫଳରେ ରୋଜଗାର ହରାଇ ଅଭାବ ଅନାଟନରେ କର୍ମଚାରୀମାନେ ଦିନ କାଟୁଛନ୍ତି। ଏହି ପରିସ୍ଥିତିରେ ସେମାନଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା। ଶୁକ୍ରବାର କଟକର ବୃନ୍ଦାବନ, ସମ୍ରାଟ, ଗ୍ରାଣ୍ଡ, ସଙ୍ଗମ ହଲ୍‌ର କର୍ମଚାରୀଙ୍କୁ ସେମାନେ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି ଭୁବନେଶ୍ୱରର କେଶରୀ, ଶ୍ରୀୟା, ସ୍ମୃତି, ମହାରାଜା ଓ କେଶରୀର ହଲ୍ କର୍ମଚରୀଙ୍କୁ ମଧ୍ୟ ରାଶନ ବଣ୍ଟନ କରିଥିଲେ। ଏନେଇ ହଲ୍ କର୍ତ୍ତୃପକ୍ଷ ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କୁ ସାଧୁବାଦ ଜଣାଇଛନ୍ତି। ଭରତଚନ୍ଦ୍ର ଭଞ୍ଜଦେଓ, ନମିତା କାନୁନ୍‌ଗୋ, ପ୍ରବୀଣ ଅଗରୱାଲ୍, ଡ. ଅମ୍ରିତ ପାଟଯୋଶୀ, ଜିତୁ ଖଣ୍ଡେଲୱାଲ୍, କିଶୋର ୱାଡ଼ର୍ ଓ ସ୍ମାଇଲ ପ୍ଲିଜ୍ ସମାଜିକ ସଙ୍ଗଠନର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରନ୍ଧନ ଗ୍ୟାସ ଲିକ୍: ୨ ଗୁରୁତର

ଆଠଗଡ଼,୯।୭(ସ୍ୱ.ପ୍ର.)

ଆଠଗଡ଼ ବାଣୀକଣ୍ଠ ନଗର ଅଞ୍ଚଳରେ ଚୁଲା ଓ ସିଲିଣ୍ଡର ମରାମତି ବେଳେ ଗ୍ୟାସ ଲିକ୍ ଯୋଗୁ ନିଆଁ ଲାଗି ୨ ଜଣ ପୋଡ଼ି ଯାଇଛନ୍ତି। ସେମାନେ ହେଲେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ ନଂ .ୱାର୍ଡ ବାଣୀକଣ୍ଠ ନଗରର ଚିତ୍ତରଞ୍ଜନ ଉଦୟସିଂ ଓ ଉକ୍ତ ଅଞ୍ଚଳର ମନୋରଞ୍ଜନ ବେହେରା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମନୋରଞ୍ଜନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉଦୟସିଂଙ୍କ ଘରେ ରୋଷେଇ ଗ୍ୟାସ ଖରାପ ହୋଇଯାଇଥିଲା। ଏହାକୁ ମରାମତି କରିବା ପାଇଁ ସେ ମନୋରଞ୍ଜନଙ୍କୁ ଡାକିଥିଲେ। ମନୋରଞ୍ଜନ ମରାମତି କାର୍ଯ୍ୟ ସାରି ଗ୍ୟାସ୍ ଲଗାଇବା ବେଳେ ପାଇପରୁ ଗ୍ୟାସ୍ ଲିକ୍ ହୋଇ ଉଭୟଙ୍କ ଦେହରେ ନିଆଁ ଲାଗିଯାଇଥିଲା।

## ନବଯୌବନ ଦର୍ଶନ



ଡମପଡ଼ା ବ୍ଲକ ରଗଡି ଗ୍ରାମରେ ପୂଜା ପାଉଥିବା ମହିମାମଣି ଦେବ ।

ବାଙ୍କୀ/ସାଲେପୁର, ୯।୭ (ସ୍ୱ.ପ୍ର./ଡି.ଏନ୍.ଏ.)

ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ଗ୍ରାମରେ ପୂଜା ପାଉଥିବା ମହିମାମଣି ଦେବ ଶୁକ୍ରବାର ସୁସ୍ଥ ହେବା ପରେ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି। କୋଭିଡ୍ କଟକଣା ପାଇଁ ସାଧାରଣ ଦର୍ଶନ ବ୍ୟବସ୍ଥାକୁ ମନ୍ଦିର ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଥିବା ବେଳେ ସୀମିତ ସଂଖ୍ୟକ ସେବାୟତଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି। ବଡ଼ ପଣ୍ଡା ନବ କିଶୋର ମହାପାତ୍ର, ରାଜକିଶୋର ମହାପାତ୍ର, ଇନ୍ଦ୍ରମଣି ମହାପାତ୍ର,ସନ୍ତୋଷ କୁମାର ମହାପାତ୍ର ଓ ସଞ୍ଜୟ ମହାପାତ୍ରଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଛି। ଏଥିରେ ସେବାୟତ ହାଡ଼ିବନ୍ଧୁ ରଣା, ଅଜୟ ରଣା, ମନୁଆ ରଣା, ପବନା ରଣା ପ୍ରମୁଖ ସହାୟତା କରିଥିଲେ। ମନ୍ଦିର ମ୍ୟାନେଜିଙ୍ଗ ଟ୍ରଷ୍ଟି ଭୃଗୁରାମ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ସାଲେପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, କଟରପାସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର, ଶିଶୁଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ପଦ୍ମପୁର, ପୁରୁଷୋତ୍ତମପୁର, ରାଇସୁଙ୍ଗୁଡ଼ା ଆଦି ଜଗନ୍ନାଥଙ୍କ ମନ୍ଦିରରେ ନବଯୌବନ ଦର୍ଶନ ଆରମ୍ଭ ହୋଇଛି।

## ଧାଡ଼ିରୁଆ ପ୍ରକଳ୍ପ ଉଦ୍‌ଘାଟିତ

କଟକ ସଦର, ୯।୭ (ଡି.ଏନ.ଏ.)

ପୂର୍ବ ଭାରତ ସବୁଜ ବିପ୍ଳବ ଯୋଜନାରେ ଶୁକ୍ରବାର କଟକ ସଦର ବ୍ଲକ ଅଧୀନ ଅରିଲୋ ପଞ୍ଚାୟତରେ ଧାଡିରୁଆ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ଏହାକୁ ଆତ୍ମାର ସଭାପତି ରଜନୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦୦ ହେକ୍ଟର ଜମିରେ ଖରିଫ ଧାନ ଧାଡିରୁଆ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଆତ୍ମାର ପୂର୍ବତନ ସଭାପତି ସମର ବେହେରା, ପ୍ରମୋଦ ମହାପାତ୍ର, ବିଳାସ ମଲ୍ଲିକ, ଅକ୍ଷୟ ସାହୁ, ରୂପକ ସ୍ୱାଇଁ, କୃଷି ଅଧିକାରୀ ସୁରେଶ ମଲ୍ଲିକ ଓ ମୋନାଲିସା ବେହେରା ଯୋଗଦେଇଥିଲେ।

## ଉତ୍କଳମଣିଙ୍କ ଶ୍ରାଦ୍ଧ ବାର୍ଷିକୀ

ଚୌଦ୍ୱାର/କଟକ ସଦର,୯।୭(ଡି.ଏନ.ଏ.)

ଚୌଦ୍ୱାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଓଟିଏମ୍ ପରିବା ମାର୍କେଟ୍‌ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ସୁକାନ୍ତ ମହାନ୍ତି, ଶରତ ଚନ୍ଦ୍ର ଖୁଣ୍ଟିଆ, ଇଂ. ହରିହର ରଣା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଆଇନଜୀବୀ ସଂଘ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ କ୍ଲବ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ଏସ୍.କେ. ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଲକ୍ଷ୍ମୀଧର ଦାସ, ଜୟପ୍ରଦୀପ ଦାସ, ସୁରେଶ ପୃଷ୍ଟି ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି କଟକ ସଦର ବ୍ଲକ ଅଧୀନ କନ୍ଦରପୁରସ୍ଥିତ ସରସ୍ୱତୀ କଳା ପରିଷଦ ପକ୍ଷରୁ କନ୍ଦପୁରଠାରେ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ପରିଷଦର ସମ୍ପାଦକ ଅଶୋକ ପଟ୍ଟନାୟକ, ଅଭିରାମ ସାହୁ, ପ୍ରଦୀପ ମହାଳି, ଚକ୍ରବର୍ତ୍ତୀ ଓଟା ଓ ଆନନ୍ଦ ପ୍ରକାଶ ପଣ୍ଡା ପ୍ରମୁଖ ଗୋପବନ୍ଧୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ।

## ସିଏମ୍‌ସି ଅଫିସ ଘେରାଉ, ବ୍ଲକରେ ଧାରଣା

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା**

କଟକ ଅଫିସ/କଟକ ସଦର/କଣ୍ଟାପଡା, ୯।୭ (ଡି.ଏନ୍.ଏ.)




କଟକ ନଗର ଭାଜପା ପକ୍ଷରୁ ସିଏମ୍‌ସି ଅଫିସ ଘେରାଉ କରାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଶୁକ୍ରବାର କଟକ ନଗର ଭାଜପା ପକ୍ଷରୁ ସିଏମ୍‌ସି ଅଫିସ ଘେରଉ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୨ ସୁଦ୍ଧା ସବୁ କଚ୍ଚାଘର ପକ୍କାଘର ହେବା ଲକ୍ଷ୍ୟ ରଖାଯାଇଥିବାବେଳେ, ସରକାରଙ୍କ ଅଯୋଗ୍ୟ ହିତାଧିକାରୀ ଚୟନ, ହିତାଧିକାରୀଙ୍କ ଆକାଉଣ୍ଟ ନମ୍ବର ମନଇଚ୍ଛା ବଦଳାଇବା, ପ୍ଲାଷ୍ଟରିଂ, ରୋଷେଇ ଘର, ପାଇଖାନା ରଙ୍ଗ କାର୍ଯ୍ୟ ନ ସାରି ଘର ସମ୍ପୂର୍ଣ୍ଣ ବୋଲି ଖାତାରେ ଦେଖାଇବା ଘଟଣାକୁ ନେଇ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏହି ଅନିୟମିତତାରେ ଜଡିତ ସମ୍ପୃକ୍ତ ଅଧିକାରୀଙ୍କୁ ଦଣ୍ଡଦେବା, ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଘର ପ୍ରଦାନ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସିଏମ୍‌ସିର ଡେପୁଟି କମିଶନରଙ୍କୁ ଭାଜପା ପକ୍ଷରୁ ସ୍ମାରକପତ୍ର ଦିଆଯାଇଥିଲା। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଘେରଉରେ ସର୍ବଶ୍ରୀ ସଜ୍ଜନ ଶର୍ମା, ସବ୍ୟସାଚୀ ମହାପାତ୍ର, ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, ବିବେକାନନ୍ଦ ନାଏକ, ମହମ୍ମଦ ସବିରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

ସେହିପରି କଟକ ସଦର ଭାଜପା ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ନେତା ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବ୍ଲକ ଫାଟକ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ୨୦୧୯ ଆବାସ ତାଲିକାରେ ବ୍ୟାପକ ତ୍ରୁଟି, ଦଳୀୟ ଲୋକଙ୍କୁ ସରକାର ଅନୁକମ୍ପା ଦେଖାଉଛନ୍ତି ବୋଲି ହୃଷୀକେଶ ଜେନା, ଅଭୟ ସ୍ୱାଇଁ, ନିର୍ମଳ ଦାସ, କୈଳାସ ଚନ୍ଦ୍ର ବଡ଼ିଆ ଓ ବନମାଳୀ ରାଉତ ପ୍ରମୁଖ କହିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି କଣ୍ଟାପଡା ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟର ସ୍ଥାନୀୟ ବିଡିଓ ଶୁଭଶ୍ରୀ ରଥଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ କର୍ମୀମାନେ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଥାନାରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନିରାକାରପୁର,୯।୭(ଡି.ଏନ୍.ଏ.):** ନିରାକାରପୁର ଥାନାରେ ଲୋକଙ୍କୁ ସୁରକ୍ଷା ପରିବର୍ତ୍ତେ ଦୁର୍ବ୍ୟବହାର କରାଯାଉଛି। ଏହି ଥାନା ଅଧୀନ ଡିଆ ପଞ୍ଚାୟତ ଡିଆ (କପିଳେଶ୍ୱର)ର ଜଣେ ମହିଳା ଶୁକ୍ରବାର ଏଭଳି ଅଭିଯୋଗ ଆଣିଛନ୍ତି। ଏଥିସହ ଘଟଣା ସମ୍ପର୍କରେ ବାଲୁଗାଁ ଏସ୍‌ଡିପିଓଙ୍କୁ ଜଣାଇଛନ୍ତି। ସୂଚନା ମୁତାବକ, ଜଣେ ଦମ୍ପତି ଜାଗା ଦେବାକୁ କହି ସମ୍ପୃକ୍ତ ମହିଳାଙ୍କଠାରୁ ୧ଲକ୍ଷ ୬ହଜାର ଟଙ୍କା ନେଇଥିଲେ। ୫ବର୍ଷ ବିତିଯିବାରୁ ଜାଗା କିମ୍ବା ଟଙ୍କା ନ ଫେରାଇବାରୁ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଥାନାର ଜଣେ ଏସ୍‌ଆଇ କରୁଛନ୍ତି। ଘଟଣାର ସମାଧାନ ପାଇଁ ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ୪ଥର ଦୌଡାଇବା ପରେ ଗତ ୩ତାରିଖରେ ଏସ୍‌ଆଇ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇଥିଲେ। ମାତ୍ର ସମାଧାନ ହୋଇପାରି ନ ଥିଲା। ସମ୍ପୃକ୍ତ ମହିଳା ସନ୍ଧ୍ୟାରେ ଘରକୁ ଫେରିଆସିଥିଲେ। ପୁଣି ରାତି ପ୍ରାୟ ୯ଟାରେ ତଦନ୍ତକାରୀ ଅଧିକାରୀ ଫୋନ କରି ଘଟଣାର ସମାଧାନ ପାଇଁ ଥାନାକୁ ଡାକିଥିଲେ। ରାତି ହୋଇଯାଇଥିବାରୁ ମହିଳାଜଣକ ମନା କରିଥିଲେ। ସୋମବାର ମହିଳାଜଣକ ଥାନାକୁ ଆସିଥିବା ବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସେ ଏସ୍‌ଡିପିଓଙ୍କୁ ଜଣାଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ କହିଛନ୍ତି, କୌଣସି ମହିଳାଙ୍କୁ ରାତିରେ ଡାକିନାହାନ୍ତି। ସେ କାହାକୁ ଦୁର୍ବ୍ୟବହାର କରିନାହାନ୍ତି।

### ଜିଲ୍ଲା ଯୁବ କଂଗ୍ରେସରେ ଜଟଣୀରୁ ୫

**ଜଟଣୀ,୯।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିରେ ଜଟଣୀ ନିର୍ବାଚନମଣ୍ଡଳୀର ୫ଜଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ଅନୁମୋଦନକ୍ରମେ ରାଜ୍ୟ ସାଧାରଣ ସମ୍ପାଦକ ଦେବଦତ୍ତ ପାତ୍ର ରାଜ୍ୟ ଯୁବକଂଗ୍ରେସ କର୍ମକର୍ତ୍ତା ନାମ ଘୋଷଣା କରିଥିବା ବେଳେ ଜଟଣୀର ୫ଜଣଙ୍କୁ ବିଭିନ୍ନ ପଦବୀ ଦିଆଯାଇଛି। ଖୋର୍ଦ୍ଧା ଜିଲା ଯୁବକଂଗ୍ରେସ ସମ୍ପାଦକ ଭାବେ ସମିତ ଛୋଟରାୟ, ଚନ୍ଦନ ରାଓ, ପ୍ରଣବ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସୁବାସ ମହାପାତ୍ର ଏବଂ ଉପ-ସଭାପତି ଭାବେ ରାକେଶ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନବନିଯୁକ୍ତ ସଦସ୍ୟମାନେ ସ୍ଥାନୀୟ ବିଧାୟକ, ପିସିସି ସଭାପତି, ଏଆଇସିସି, ଜିଲା ଯୁବ କଂଗ୍ରେସ ସଭାପତ, ନଗର ସଭାପତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ଯୁବତୀଙ୍କୁ ଲଗାଇ ଲୁଟ୍ ଘଟଣା, ଜଣେ ଗିରଫ

**ଭୁବନେଶ୍ୱର,୯।୭(ବ୍ୟୁରୋ):** ଯୁବତୀଙ୍କୁ ଲଗାଇ ଜଣେ ଇଞ୍ଜିନିୟରଙ୍କୁ ବଟି ମାଗିବା ସହ ଲୁଟ୍ କରିବା ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଧଉଳୀ ଥାନା ନୂଆଗାଁ ଅଞ୍ଚଳର ବାପି ରାଜ୍(୩୫)। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏ ନେଇ ପୋଲିସ (ନଂ-୨୩୩/୨୧)ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭିଟାମାଟି ହରାଇ ଦୁର୍ଦ୍ଦିନରେ ରୟତ

- ଶ୍ରୀଜଗନ୍ନାଥଙ୍କ ନାମରେ ସ୍ଥିତିବାନ ଜମି ପରିବର୍ତ୍ତନ ପ୍ରସଙ୍ଗ
- ତୁରନ୍ତ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରେରଣ

**ଜଟଣୀ, ୯।୭(ଡି.ଏନ୍.ଏ)**

ସେଟଲମେଣ୍ଟ ଜରିଆରେ ସ୍ଥିତିବାନ ଜମି ମାଲିକମାନଙ୍କ ଜମିକୁ ଅମୃତମଣୋହୀ ଦର୍ଶାଇ ରେକର୍ଡ ପରିବର୍ତ୍ତନ କରାଯାଇ ଏଖରାଜାତ ମାହାଲର ସହସ୍ରାଧିକ ଏକର ଅନାବାଦୀ, ଗୋଚର ଓ ଶ୍ମଶାନ ପ୍ରଭୃତି ଜମିକୁ ବେଆଇନ ଭାବେ ପୁରୀର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡ କରିଦିଆଯାଇଛି। ଏଥିଯୋଗୁ ଲକ୍ଷାଧିକ ରୟତ ନିଜର ଭିଟାମାଟି ହରାଇ ଦୁର୍ଦ୍ଦିନରେ ଜୀବନଯାପନ କରୁଛନ୍ତି। ତୁରନ୍ତ ସେମାନଙ୍କୁ ଜମି ଫେରିପାଇବା ନେଇ ନ୍ୟାୟ ଦେବାକୁ ଦାବି ଜଣାଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ପଠାଯାଇଛି। ଏହି ଦାବିପତ୍ରରେ ଏଖରାଜାତ ମାହାଲର ପୂର୍ବତନ ଆବାହକ ପଦ୍ମଚରଣ ସୁବୁଦ୍ଧି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଏବଂ କାଉନସିଲରଙ୍କ ସମେତ ନରଣଗଡ଼, ଛଣଘର କୁଶମାଟି, ହରିରାଜପୁର, ଡେଲାଙ୍ଗ, ବେଗୁନିଆ, ଗଡ଼ସାନପୁଟ ପ୍ରଭୃତି ଅଞ୍ଚଳର ଲୋକପ୍ରତିନିଧିଙ୍କ ଦସ୍ତଖତ ରହିଛି।

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଧୀନ ୧୨ଟି ମୌଜା ସମେତ ଖୋର୍ଦ୍ଧା ଓ ବେଗୁନିଆ ଏବଂ ପୁରୀ ଜିଲା ଡେଲାଙ୍ଗ ତହସିଲରେ ଥିବା ୩୬ଟି ରାଜସ୍ୱ ଗ୍ରାମର ସ୍ଥିତିବାନ ପ୍ରଜାଙ୍କ ଜମିକୁ ସେମାନଙ୍କ ଅଜାଣତରେ ୨୦୧୨ ମସିହାରୁ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଆସୁଛି। ଏଥିଯୋଗୁ ୩୬ଟି ଗ୍ରାମର ଲକ୍ଷାଧିକ ରୟତ ଗତ ୯ ବର୍ଷ ଧରି ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ୨୦୨୧ରେ ବିକ୍ରି ଖରିଦକୁ ବନ୍ଦ କରିବା ସହ ୨୦୧୩ରେ ରାତାରାତି ସେଟଲମେଣ୍ଟ ଜରିଆରେ ସ୍ଥିତିବାନ ଜମି ମାଲିକଙ୍କ ଜମିକୁ ଅମୃତ ମଣୋହୀ ଦର୍ଶାଇ ସ୍ଥିତିବାନ ପ୍ରଜାଙ୍କ ରେକର୍ଡ ପରିବର୍ତ୍ତନ କରାଯାଇ ଏଖରାଜାତ ମାହାଲର ହଜାର ହଜାର ଏକର ମୂଲ୍ୟବାନ ଅନାବାଦୀ, ଗୋଚର, ଶ୍ମଶାନ, ନଈନାଳ, ରାସ୍ତା ପ୍ରଭୃତିର ଜମିକୁ ବେଆଇନ ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁ ପୁରୀଙ୍କ ନାମରେ ରେକର୍ଡ କରାଯାଇଛି। ଫଳରେ ସ୍ଥିତିବାନ ରୟତମାନେ ଜମି କ୍ରୟ ବିକ୍ରୟ ସହିତ ବିଭିନ୍ନ ଜରୁରୀ କାର୍ଯ୍ୟ କରିପାରୁନାହାନ୍ତି। ବଂଶାନୁକ୍ରମେ ଭୋଗ ଦଖଲ କରି ରହିଆସୁଥିବା ରୟତମାନେ ବର୍ତ୍ତମାନ ଭୂମିହୀନ ପରି ଦିନ କାଟୁଛନ୍ତି। ୨୦୧୩ ମସିହା ବନ୍ଦୋବସ୍ତରେ ଜଟଣୀ ତହସିଲ ଅଧୀନ ୭ଟି ରାଜସ୍ୱ ଗ୍ରାମର ପ୍ରଜାମାନେ ସରକାରଙ୍କ ତରଫରୁ ପାର୍ଚ୍ଚା ପାଇ ସାରିଥିବା ବେଳେ ଖାତା ନଂ. ୮୪୨୯ର ରୟତମାନଙ୍କୁ କୌଣସି ନୋଟିସ୍ ନ ଦେଇ ଶୁଣାଣି ବିନା ମହାପ୍ରଭୁ ବିଜେପୁରୀଙ୍କ ନାମରେ ରେକର୍ଡ କରାଯାଇଛି। ଏହାର ସମାଧାନ ଲାଗି ସରକାର ଓ ପ୍ରଶାସନକୁ ଭିଟାମାଟି ହରାଇଥିବା ସ୍ଥିତିବାନ ରୟତମାନେ ଲିଖିତ ଭାବେ ଜଣାଇଥିଲେ ବି ପଦକ୍ଷେପ ନିଆଯାଇନାହିଁ। ଫଳରେ ରୟତମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ସରକାର ଜବାବ ଦାଖଲ କରିବାରେ ବିଫଳ ହୋଇ ଶେଷରେ ଉକ୍ତ ମାମଲାକୁ ବୋର୍ଡ ଅଫ୍ ରେମ୍ବରଙ୍କୁ ହସ୍ତାନ୍ତର କରିଥିଲେ। ବୋର୍ଡ ଅଫ୍ ରେମ୍ବର ପୁନଃ ସରକାରଙ୍କୁ ସମସ୍ୟା ଫଇସଲା ପାଇଁ ଅନୁରୋଧ କରିଥିଲେ। ସରକାର ୨ଟି ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରି ନ୍ୟାୟ ଦେବାର ବ୍ୟବସ୍ଥା କରିଥିଲେ। ମାତ୍ର ଏହି ନ୍ୟାୟିକ ବ୍ୟବସ୍ଥା ସମୟସାପେକ୍ଷ ଓ ବ୍ୟୟବହୁଳ ହେବାରୁ ସମ୍ପୃକ୍ତ ରୟତମାନେ ଅସନ୍ତୋଷ ବ୍ୟକ୍ତ କରି ଏଭଳି ବ୍ୟବସ୍ଥାରୁ ଦୂରେଇ ଗଲେ।



ଖୋର୍ଦ୍ଧା: ଜାଗୁଳାଇ ପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ନବଯୌବନ ବେଶ।

## ୩୬ କେଜି ଗଞ୍ଜେଇ ଜବତ, ୨ଗିରଫ

- କନ୍ଧମାଳରୁ ଭୁବନେଶ୍ୱର ହେଉଥିଲା ଚାଲାଣ
- କାର୍, ୨ ମୋବାଇଲ ଜବତ

**ଖୋର୍ଦ୍ଧା ଅଫିସ,୯।୭**

ଲକ୍‌ଡାଉନରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ନିଶା କାରବାର ଲାଗି ମାଫିଆମାନେ ବିଭିନ୍ନ ଉପାୟ ଆପଣାଉଛନ୍ତି। ଦାମୀ କାରରେ ନିଶା ସାମଗ୍ରୀ ଚାଲାଣ କରୁଛନ୍ତି। ଗୁରୁବାର ରାତିରେ ଖୋର୍ଦ୍ଧା ଟାଉନ ପୋଲିସ ମୁକୁନ୍ଦପ୍ରସାଦ ଜଟଣୀ ବାଇପାସ୍ ନିକଟରୁ ଏକ କାର୍‌ରୁ ୩୬କେଜି ୫୦୦ଗ୍ରାମ ଗଞ୍ଜେଇ, ୨ ମୋଇବାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ସଦର ଥାନା ଅଞ୍ଚଳର ଦିଲୀପ ଦିଗାଲ ଓ ମିଥୁନ ଦିଗାଳ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ମାମଲା (ନଂ.୨୬୪/୨୧) ରୁଜୁ ହୋଇଛି। ଶୁକ୍ରବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ (ଡିପିଓ) ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା ଏହି ସୂଚନା ଦେଇଛନ୍ତି। ସୂଚନା ମୁତାବକ, କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଏକ କାର୍(ଓଡି୦୨ଏଡି୮୩୩)ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏସ୍‌ପି ଦୋରାଙ୍କ ନିର୍ଦ୍ଦେଶକ୍ରମେ ସଦର ଡିଏସ୍‌ପି ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ଏକ ଟିମ୍ ଗଠନ ହୋଇଥିଲା। ଗୁରୁବାର ରାତିରେ ପୋଲିସ ମୁକୁନ୍ଦପ୍ରସାଦ ଭୁବନେଶ୍ୱର ଏବଂ ଜଟଣୀ ବାଇପାସ୍ ରାସ୍ତାରେ ଚେକିଂ କରିଥିଲା। ଜଟଣୀ ବାଇପାସ୍ ରାସ୍ତାରେ ପୋଲିସ ଏକ କାର ଚେକିଂ ବେଳେ ଗଞ୍ଜେଇ ଜବତ କରିଥିଲା। ଏହି ଚଢ଼ାଉରେ ଏସ୍‌ଆଇ ରଶ୍ମିରଞ୍ଜନ ଦାଶ, ପି.ଏଲ.ବେହେରା, ବି.କେ ବେହେରା, ଦିଗ୍‌ବିଜୟ ବିଶ୍ୱାଳ, ବି.କେ ପ୍ରତାପ ସିଂ, ପି.କେ ହରିଚନ୍ଦନ, ଏମ୍ ଖାନ, ଏସ.ହନ୍ତାଳ ସାମିଲ ଥିଲେ।



ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ୍ କେନ୍ଦ୍ରରେ ଶୁକ୍ରବାର ନାବିକ ପ୍ରଶିକ୍ଷାର୍ଥୀଙ୍କ ପାସିଂଆଉଟ୍ ପରେଡ୍।

## ନାବିକ ପ୍ରଶିକ୍ଷାର୍ଥୀଙ୍କ ପାସିଂଆଉଟ୍ ପରେଡ୍

**ବାଲୁଗାଁ,୯।୭(ଡି.ଏନ୍.ଏ.)**

ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ କେନ୍ଦ୍ରରେ ୨୧ ସପ୍ତାହ ଧରି ପ୍ରଶିକ୍ଷଣ ନେଇଥିବା ୨୧୪୨ ପ୍ରଶିକ୍ଷାର୍ଥୀ ନାବିକଙ୍କ ପାସିଂ ଆଉଟ୍ ପରେଡ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନାବିକଙ୍କ ଏହି ପ୍ରାରମ୍ଭିକ ପ୍ରଶିକ୍ଷଣର ପରେଡକୁ ଭାଇସ୍ ଆଡମିରାଲ ଏମ୍.ଏ.ହାମ୍ପି ହୋଲି ନିରୀକ୍ଷଣ କରିଥିଲେ। ଭାଇସ୍ ଆଡମିରାଲ ପ୍ରଶିକ୍ଷାର୍ଥୀଙ୍କୁ ଅଭିବାଦନ ଜଣାଇବା ସହ ଭାରତୀୟ ନୌସେନାର ଆଭିମୁଖ୍ୟ, କର୍ତ୍ତବ୍ୟବୋଧତା, ସମ୍ମାନ ଏବଂ ସାହସକୁ ସାଥିରେ ନେଇ କର୍ମପଥରେ ଆଗେଇ ଯିବା ପାଇଁ ଆହ୍ୱାନ ଦେଇଥିଲେ। କୋଭିଡ୍ ନିୟମ ଅନୁଯାୟୀ ଏହି ପରେଡ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମେଧାବୀ ପ୍ରଶିକ୍ଷାର୍ଥୀ ଅଭିଷେକ କ୍ଷେତ୍ରୀ, ଗୁଲସନ କୁମାର, ଅଜିତ ସୁରେଶ ଏବଂ ନିଖିଲ ବିନୋଦ ରାଥୋଡଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦ୍ୱିଭାଷୀ ପତ୍ରିକା 'ଅଙ୍କୁର'ର ଗ୍ରୀଷ୍ମକାଳୀନ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଆଇଏନ୍‌ଏସ୍ ଚିଲିକାର କମୋଡର ଏନ୍.ପି ପ୍ରଦୀପ ଉପସ୍ଥିତ ଥିଲେ।

## ୬୫ ପଜିଟିଭ୍, ୧୦୫ ସୁସ୍ଥ

**ଖୋର୍ଦ୍ଧା ଅଫିସ,୯।୭**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ଶୁକ୍ରବାର ୬୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୦୫ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ୫, ବାଲିପାଟଣା ୫, ଭୁବନେଶ୍ୱର (ବ୍ଲକ)୯, ଜଟଣୀ ୬, ଖୋର୍ଦ୍ଧା ୧୫, ବେଗୁନିଆ ୨, ବୋଲଗଡ଼ ୬, ଟାଙ୍ଗୀ ୬, ଚିଲିକା ୫ ଏବଂ ବାଣପୁରର ୬ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୪,୩୫,୦୫୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୭,୦୬୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୬,୪୪୧ ସୁସ୍ଥ ହୋଇଛନ୍ତି। ୧୩୫ଜଣଙ୍କ ମୃତ୍ୟୁ ଘଟିଛି। ୪୮୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

**ଖୋର୍ଦ୍ଧା ଅଫିସ/ଜଟଣୀ, ୯।୭ (ଡି.ଏନ୍.ଏ.)**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ଶାଖା ଖୋର୍ଦ୍ଧା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶୁକ୍ରବାର ମାଲ୍ୟାର୍ପଣ କରାଯାଇଛି। ଶାଖା ସଭାପତି ଶକ୍ତିଶଙ୍କର ମିଶ୍ର, କେନ୍ଦ୍ରୀୟ କୋଷାଧ୍ୟକ୍ଷ ବିମଳଚନ୍ଦ୍ର ଷଡ଼ଙ୍ଗୀ, ଶିବସୁନ୍ଦର ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, ବିଶ୍ୱନାଥ ମହାରଣା, ପ୍ରସନ୍ନ ପଟ୍ଟନାୟକ, ନିତ୍ୟାନନ୍ଦ ଦାଶ ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଜଟଣୀସ୍ଥିତ ଗୋପବନ୍ଧୁ ଉଦ୍ୟାନ ପରିସରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ଶିକ୍ଷାବିତ ବିମଳ ପ୍ରସାଦ ମହାନ୍ତି, ଜବାହାରଲାଲ ସୁବୁଦ୍ଧି, ସୁଶାନ୍ତ ରାଉତ, କିଶୋର ପାଇକରାୟ, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ରଥ, ରବି ସ୍ୱାଇଁ, ରବି ମିଶ୍ର, ସାରଙ୍ଗଧର ବେହେରା, ଆଦିନାରାୟଣ ଖଣ୍ଡୁଆଳ, ସାରଙ୍ଗଧର ମହାପାତ୍ର, ସଞ୍ଜୀବ ସେଠୀ, ବାସୁଦେବ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକନେତା ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ସବୁଜିମା ପରିବେଶର ବାର୍ତ୍ତା ଦେଲେ ବିଧାୟକ



ରକ୍ତଦାନ ଶିବିରରେ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୯।୭**

କରୋନା ସମୟରେ ରକ୍ତଭାବକୁ ଦୂର କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବେଗୁନିଆ ନିର୍ବାଚନମଣ୍ଡଳୀ ପକ୍ଷରୁ ସିମୋର ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ବନ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟାଳୟ ପରିସରରେ ବିଧାୟକ ସାହୁ ଚାରାରୋପଣ ସହ ସବୁଜିମା ପରିବେଶର ବାର୍ତ୍ତା ଦେଇଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିମୋର ସରପଞ୍ଚ ସରୋଜିନୀ ଖୁଣ୍ଟିଆ, ବିଭୂତି ଭୂଷଣ ମହାନ୍ତି, ଦୀପ୍ତିରଞ୍ଜନ ସାହୁ, ମାନସ ବିଶ୍ୱାଳ, ସତ୍ୟ ନାରାୟଣ ପ୍ରଧାନ, ମୃତ୍ୟୁଞ୍ଜୟ ଜେନା, ଶ୍ରୀନିବାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## 'ଛାତ୍ର ଶକ୍ତି ହେଉଛି ରାଷ୍ଟ୍ରଶକ୍ତି'

**ଖୋର୍ଦ୍ଧା ଅଫିସ,୯।୭**

ଛାତ୍ର ଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଛାତ୍ର ସମାଜ ସ୍ୱାର୍ଥକୁ ପରିହର କରି ରାଷ୍ଟ୍ରର ସମୂହ ବିକାଶ ଦିଗରେ ଅଗ୍ରସର ହୁଅନ୍ତୁ। ସଶକ୍ତ ରାଷ୍ଟ୍ର ଗଠନ ଦିଗରେ ଛାତ୍ର ସମାଜର ପ୍ରମୁଖ ଭୂମିକା ରହିଛି। ପରୀକ୍ଷା ମାର୍କକୁ ନେଇ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ଜୀବନର ଏହା ପ୍ରଥମ ସୋପାନ। ଆଗକୁ ଅନେକ ପରୀକ୍ଷା ସାମ୍ନା କରିବାକୁ ପଡିବ। ଆଗାମୀ ଉଚ୍ଚଶିକ୍ଷାରେ ସଫଳତା ଲାଗି ନିଜକୁ ଏବେଠୁ ନିଜକୁ ପ୍ରସ୍ତୁତ କର। କେବଳ ପାଠପଢାରେ ଯୋଗ୍ୟତା ହାସଲ କରିବା, ଭଲ ଚାକିରି କରିବା ଜୀବନର ପାଥେୟ ନୁହଁ। ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦିଅ ବୋଲି ଏବିଭିପିର ଜିଲା ସଂଯୋଜକ ଗୋପବନ୍ଧୁ ଜେନା କହିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୩ତମ ପ୍ରତିଷ୍ଠା ଦିବସ ଅବସରରେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ଆୟୋଜିତ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସରେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜେନା ଏହା କହିଛନ୍ତି। ଖବରଦାତା ରାମନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ଚାରା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନଗର ସମ୍ପାଦକ ଲଳିତ ମୋହନ ବଡଜେନା ମଞ୍ଚ ପରିଚାଳନା କରିଥିଲେ। ଦୀପ୍ତିମୟୀ ପ୍ରତିହାରୀ, ପ୍ରଦୀପ ସ୍ୱାଇଁ, ଚନ୍ଦନ ପାଢଶାଣି, ଶିବପ୍ରସାଦ ପଲା, ପ୍ରଦୀପ ସ୍ୱାଇଁ, ଅଭିଷେକ ସେଠୀ ଉପସ୍ଥିତ ଥିଲେ। ପିଏନ କଲେଜ ସମେତ ରାସ୍ତାକଡରେ ଚାରାରୋପଣ କରାଯାଇ ପ୍ରତିଷ୍ଠା ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରାଯାଥିଲା।





ତୈଳ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବେଗୁନିଆ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ଖୋର୍ଦ୍ଧା ବ୍ଲକ ଆଗରେ ଧାରଣା ଦିଆଯାଇଛି।

## ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ

**ଖୋର୍ଦ୍ଧା ଅଫିସ/ଜଟଣୀ/କୃଷ୍ଣପ୍ରସାଦ, ୯।୭(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଖୋର୍ଦ୍ଧା ବ୍ଲକ ଆଗରେ ଧାରଣା ଦିଆଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ଯୋଗାଇଦେବା ପାଇଁ ଦାବି ହୋଇଛି। ଏହି ଧାରଣାରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, କାଳୁଚରଣ ଖଣ୍ଡାୟତରାୟ, ଶ୍ରୀରଞ୍ଜନ ମଙ୍ଗରାଜ, ସୁମିତ୍ରା ପ୍ରଧାନ, ଅମରେନ୍ଦ୍ର ବଳିୟାରସିଂ, ସଞ୍ଜୀବ ପାହାଡସିଂ, କିଶୋର ବରାଳ, ଲୋକନାଥ ପ୍ରଧାନ, ସୀତାରାମ ରାଉତରାୟ, ଗଗନ ମଲ୍ଲ, ପ୍ରଦୀପ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ଜଟଣୀ ବ୍ଲକ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସରୋଜ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ମନୋଜ ନନ୍ଦ, ସୁଦୀପ୍ତ ରାଏ, ପ୍ରବୀଣା ଭଞ୍ଜଦେଓ, ପ୍ରତାପ ମହାପାତ୍ର, ସୂରଯ ପାଇକରାୟ, ପ୍ରଦୀପ ବଡଜେନା, ପ୍ରଦୀପ ଜେନା, ରଶ୍ମି ପଟ୍ଟନାୟକ, ରଘୁ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଦାୟିତ୍ୱରେ ଥିବା ତହସିଲଦାର ଉଲ୍ଲାସ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଦୀନବନ୍ଧୁ ଜେନା, ରବୀନ୍ଦ୍ର ନାଥ ସାହୁ, ହରିହର ଦାସ, ଉତ୍ତମ ତରେଇ, ସୌମ୍ୟ ରଞ୍ଜନ ଲେଙ୍କା, ସୁକାନ୍ତ ମାନସିଂହ ପ୍ରମୁଖ ସାମିଲ ହୋଇଥିଲେ।

# ମହାପ୍ରଭୁଙ୍କ ସେବାରେ ସମର୍ପିତ ପ୍ରଶାନ୍ତ

### ତୁଳସୀ ଓ ପଦ୍ମଫୁଲ ଦେଇ ଆନନ୍ଦ ପାଏ

**ଖୋର୍ଦ୍ଧା ଅଫିସ,୯।୭**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତର ଭଗବାନ। ତାଙ୍କୁ ଥରେ ଡାକିଦେଲେ, ସେ ମନ କଥାକୁ ବୁଝିଯାଇଥାନ୍ତି। ମହାପ୍ରଭୁଙ୍କ ସେବା ପାଇଁ ସେବାୟତଙ୍କ ଠାରୁ ବିଭିନ୍ନ ବ୍ୟକ୍ତି ନିୟୋଜିତ ଅଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ କିଛି ବର୍ଷ ହେବ ଘୋଷଯାତ୍ରାରେ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇ ଆସୁଛନ୍ତି ବୋଲି ଖୋର୍ଦ୍ଧା ଉପକଣ୍ଠ ପାନବରଜ ଗ୍ରାମର ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳିଥାଏ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ପ୍ରଶାନ୍ତ କୁହନ୍ତି, ରଥଯାତ୍ରରେ ଶ୍ରୀକ୍ଷେତ୍ରକୁ ଯାଇଥିଲି। ରଥାରଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ପରେ ଭାବବିହ୍ୱଳ ହୋଇପଡିଥିଲି। ରଥଯାତ୍ରାରେ ତୁଳସୀ ଓ ପଦ୍ମଫୁଲ ଯୋଗାଇଦେବା ଲାଗି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲି। ସେଠାରୁ ଫେରିବା ପରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ତା' ପରବର୍ଷ ଠାରୁ ତୁଳସୀ ଓ ପଦ୍ମ ଫୁଲ ଯୋଗାଇଦେବା ଲାଗି ମନସ୍ଥ କରିଥିଲି। ପାନବରଜ ଅଞ୍ଚଳରୁ ତୁଳସୀ ସଂଗ୍ରହ କରିବା ସହ ଶ୍ରୀଲୋକେଶ୍ୱର ଦେବଙ୍କ ନିକଟ ପୋଖରୀରୁ ଲୋକଙ୍କ ସାହାର୍ଯ୍ୟରେ ପଦ୍ମଫୁଲ ସଂଗ୍ରହ କରିଥାଏ। ୩ ବୋଝ ତୁଳସୀ ଏବଂ ୨ବୋଝ ପଦ୍ମଫୁଲ ଯୋଗାଇଥାନ୍ତି ବୋଲି ସେ କହିଛନ୍ତି। ରଥଯାତ୍ରା ପୂର୍ବଦିନ ତୁଳସୀ ଧରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚାଇଥାଏ। ଲକ୍‌ଡାଉନ ଯୋଗୁ ଗତ ବର୍ଷ ଘୋଷଯାତ୍ରାରେ ତୁଳସୀ ପହଞ୍ଚାଇ ପାରିନଥିଲି। ତେଣୁ ବାହୁଡା ପୂର୍ବରୁ ମନ୍ଦିର କାର୍ଯ୍ୟାଳୟରୁ ପ୍ରଶାନ୍ତଙ୍କୁ ଫୋନ ଆସିଥିଲା, ଆପଣ ଘୋଷଯାତ୍ରାକୁ ତୁଳସୀ ଆଣି ନାହାନ୍ତି, ବାହୁଡା ପୂର୍ବରୁ ତୁଳସୀ ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦେବେ। ଫୋନ କଲ ପାଇବା ପରେ ମୁଁ ଆନନ୍ଦିତ ହୋଇପଡିଥିଲି। ତୁରନ୍ତ ତୁଳସୀ ଏବଂ ପଦ୍ମ ଫୁଲ ସଂଗ୍ରହ କରି ବାହୁଡା ଦୁଇ ଦିନ ପୂର୍ବରୁ ନେଇ ପହଞ୍ଚାଇଥିଲି। ଏହି ସେବାରେ ଅପୂର୍ବ ଆନନ୍ଦ ମିଳେ। ଏଥିରେ ପରିବାର ଏବଂ ସମ୍ପର୍କୀୟ, ବନ୍ଧୁମାନେ ସହଯୋଗ କରିଥାନ୍ତି ବୋଲି ସେ କହିଛନ୍ତି।

### ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କୁ ଯୋଗାନ୍ତି ଟାହିଆ

ରଥଯାତ୍ରା ସମୟରେ ଜାଗୁଳାଇ ପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କୁ ସୋଲର ଟାହିଆ ଯୋଗାଇ ଆସୁଛନ୍ତି ବୋଲି ପ୍ରଶାନ୍ତ କହିଛନ୍ତି। କିଛି ବର୍ଷ ପୂର୍ବେ ଜାଗୁଳାଇପାଟଣା ରଥଯାତ୍ରାରେ ସପରିବାର ସାମିଲ ହୋଇଥିଲେ। ଉକ୍ତ ସମୟରେ ଠାକୁରଙ୍କ ପହଣ୍ଡି ବିଜେ ହେଉଥାଏ। ମହାପ୍ରଭୁଙ୍କ ମଥାରେ ଟାହିଆ ନ ଥିବାରୁ ମନ୍ଦିର କମିଟି ସହ ଆଲୋଚନା କରି ଟାହିଆ ଯୋଗାଇବା ଲାଗି ମନସ୍ଥ କରିଥିଲି। ଟାହିଆ ପ୍ରସ୍ତୁତ ଲାଗି ପୁରୀକୁ ଯାଇ ଏହାର ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଆରୋହଣ କରିଥିଲି। ସେଠାରୁ ଟାହିଆ ପ୍ରସ୍ତୁତ କରି ଆଣିବା ସମ୍ଭବପର ନ ଥିଲା। ପ୍ରଥମ ବର୍ଷ ପୁରୀରୁ ପ୍ରସ୍ତୁତ କରି ଆଣିଥିଲି। ତା ପରବର୍ଷ ଠାରୁ ନିଜେ ପ୍ରସ୍ତୁତ କରିବା ଆରମ୍ଭ କରିଥିଲି। ଦେବସ୍ନାନ ପୂର୍ଣ୍ଣିମାରେ ଟାହିଆ କାର୍ଯ୍ୟ ଆରମ୍ଭ କରେ। ଟାହିଆ ପ୍ରସ୍ତୁତିରେ ପରିବାର ସଦସ୍ୟ ମଧ୍ୟ ସହଯୋଗ କରନ୍ତି। ବାଉଁଶ ପାତିଆ, ସୋଲ ସାହାର୍ଯ୍ୟରେ ଏହି ଟାହିଆ ପ୍ରସ୍ତୁତ ହୋଇଥାଏ। ୭ବର୍ଷ ଧରି ଏହି ଟାହିଆ ଯୋଗାଇଆସୁଛନ୍ତି ବୋଲି ସେ କହିଛନ୍ତି।



## ଅବକାରୀ ଚଢ଼ାଉ, ୩ ଗିରଫ

ନିମାପଡ଼ା,୯।୭(ଡି.ଏନ୍.ଏ.): ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ନିମାପଡ଼ା, ସାଇଲୋ, ଆମ୍ଭେରି ଛକ, ଚାରିଛକ, ବ୍ରହ୍ମକୁଣ୍ଡି, ତୁଳସୀପୁର, ସଇଦାବାଦ ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୧୩୦ ବୋତଲ ମଦ ଜବତ କରାଯିବା ସହ ଚାରିଛକ ଫାଣ୍ଡି ସଇଦାବାଦ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ, ତୁଳସୀପୁରର ଭୀମସେନ ସାହୁ ଓ ବ୍ରହ୍ମକୁଣ୍ଡିର ପ୍ରକାଶ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ପରେ ସେମାନଙ୍କୁ ୪୧ ନୋଟିସ୍‌ରେ ଜାମିନ ଦିଆଯାଇଛି। ଏନେଇ ମାମଲା(ନଂ.୨୧,୨୨, ୨୩/୨୧) ରୁଜୁ ହୋଇଛି। ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସ୍‌ଆଇ ମମତା ଦାଶ, ପିପିଲି ଏସ୍‌ଆଇ ରଙ୍କନିଧି ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ, ସଞ୍ଜୀବ ହସ୍ତି, ତପନ ପ୍ରଧାନ ଚଢ଼ାଉ କରିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୦୭।୨୦୨୧
୩୬୧୬ ଟଙ୍କା

# ଆଗ ଥଇଥାନ, ପରେ କାର୍ଯ୍ୟ

## କୋଣାର୍କ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ ନେଇ ଦାବି

କୋଣାର୍କ,୯।୭(ଡି.ଏନ୍.ଏ.)

କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ମାଣ ହେବାକୁ ଯାଉଥିବା ରିଙ୍ଗରୋଡ କାର୍ଯ୍ୟ ଆରମ୍ଭ ପୂର୍ବରୁ ବିସ୍ଥାପିତମାନଙ୍କୁ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରିବା ସହ ସ୍ୱତନ୍ତ୍ର ଥଇଥାନ ବ୍ୟବସ୍ଥା କରିବା ପାଇଁ କୋଣାର୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଦାବି କରାଯାଇଛି। ଖବର ଅନୁଯାୟୀ, କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ ନିର୍ମିତ ହେବାକୁ ଯାଉଥିବା ୬ଥାକିଆ ରିଙ୍ଗ୍‌ରୋଡ ପାଇଁ କେତେକ ପରିବାର ବିସ୍ଥାପିତ ହେବେ। ତେବେ ସେହି ପରିବାରଙ୍କ ତାଲିକା ସର୍ବସାଧାରଣରେ ପ୍ରକାଶ କରିବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଥଇଥାନ ଓ କ୍ଷତିପୂରଣ ପ୍ରଦାନ ଦିଗରେ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି କୋଣାର୍କ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଭରତ ଚନ୍ଦ୍ର ପାଢ଼ୀ ଅଭିଯୋଗ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ବିସ୍ଥାପିତ ନୀତି ଘୋଷଣା ସହ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କୁ ନେଇ ପୁରୀ ଭଳି ସ୍ୱତନ୍ତ୍ର ଜନଶୁଣାଣି ଆୟୋଜନ କରିବା ପାଇଁ ପୂର୍ବତନ ସଭାପତି ପାଢ଼ୀ ଦାବି କରିଛନ୍ତି। ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ପାଇଁ ସେଭଳି ଜନକଲ୍ୟାଣକାରୀ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମନରେ ଆଶଙ୍କା ଉଙ୍କି ମାରୁଛି। ବିଶେଷକରି ଜିଲା ପ୍ରଶାସନ ପକ୍ଷରୁ ବିସ୍ଥାପିତ ପରିବାରଙ୍କ ତାଲିକା ଗଣମାଧ୍ୟମ ଜରିଆରେ ସାର୍ବଜନୀନ କରାଗଲେ ଜନସାଧାରଣଙ୍କ ମଧ୍ୟରେ ଥିବା ଆଶା ଆଶଙ୍କା ଦୂରୀଭୂତ ହେବ ବୋଲି ପୂର୍ବତନ କୋଣାର୍କ ନଗର କଂଗ୍ରେସ ସଭାପତି ମତବ୍ୟକ୍ତ କରିଛନ୍ତି। ଏହି ରିଙ୍ଗରୋଡ ନିର୍ମାଣ ପାଇଁ କେତେ ଜାଗା ଦରକାର ଓ ଏଥିପାଇଁ ସରକାରଙ୍କ କ'ଣ ଆଭିମୁଖ୍ୟ ରହିଛି କୋଣାର୍କ ଅଞ୍ଚଳବାସୀ ଅବଗତ ହେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଏ ଦିଗରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳ ଦୃଷ୍ଟି ଦେଇ ସ୍ୱତନ୍ତ୍ର ବିସ୍ଥାପନ ନୀତି ଘୋଷଣା କରିବା, ବିସ୍ଥାପିତଙ୍କ ପାଇଁ ସହାୟତା ରାଶି ନିର୍ଦ୍ଧାରଣ, ଜନଶୁଣାଣି ଶିବିରର ଆୟୋଜନ ସହ ଏହି କାର୍ଯ୍ୟ ପୂର୍ବରୁ ପ୍ରସ୍ତୁତ ନକ୍ସାର ସାର୍ବଜନୀନ କରିବା ପାଇଁ ପାଢ଼ୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।



କୋଭିଡ୍ କଟକଣା ଯୋଗୁ ଶ୍ରୀମନ୍ଦିରକୁ ଯାଇ ନ ପାରି ଶ୍ରଦ୍ଧାଳୁମାନେ ଶୁକ୍ରବାର ନବଯୌବନ ଦର୍ଶନ ଅବସରରେ ପୁରୀ ବଡ଼ଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

### ରଥଖଳାରୁ

# ରଥରେ ପ୍ରଭା ସଂଯୋଗ ସରିଲା

ପୁରୀ ଅଫିସ ୯।୭:



ରଥଖଳାରେ ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ତିନିରଥରେ ପ୍ରଭା ଲଗାଯାଇଛି। ଦୁଆରବେଢ଼ାରେ କନା ପଡ଼ିବା ଶେଷ ହେବା ସହ ମଗର ବତାରେ ମଗରପଟି ପଡ଼ିଛି। ଦରଜି ସେବକମାନେ ବତାକନା ଯୋଡ଼ଣୀ ସହ ସାରଥୀଙ୍କ ପୋଷାକ ନିର୍ମାଣ ଶେଷ କରିଛନ୍ତି। ଠାକୁରଙ୍କ ବିଜେ ସମୟରେ ପଟୁଆରରେ ଆସୁଥିବା କଳା ଛତି, ଧଳା ଛତି ଏବଂ ଓଲାରରେ କନା ପକାଯାଉଛି। ଶ୍ରୀବିଗ୍ରହମାନଙ୍କ ପାଇଁ ୪ଟି ବିଜେ ଡୁଳି ଓ ଦୁଇଟି ଶିପର ଡୁଳି ପ୍ରସ୍ତୁତ କରାଯାଇଛି। ସେହିପରି ତିନିରଥର ବ୍ରେକ୍‌ଗୁଡିକରେ ଲାଗିଥିବା ରବର ମ୍ୟାଟରେ ଆବଶ୍ୟକ ମରାମତି ସହ କଣ୍ଟା ପଡିବା କାର୍ଯ୍ୟ ସରିଛି।

# ଏଥର ଅନ୍‌ଲାଇନ୍‌ରେ ନେତ୍ରୋତ୍ସବ ମହୋତ୍ସବ

ପୁରୀ ଅଫିସ,୯।୭

୩୧ତମ ନେତ୍ରୋତ୍ସବ ତଥା ରଥଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ପକ୍ଷରୁ ୩୧ତମ ନେତ୍ରୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନଲାଇନ୍ ମାଧ୍ୟମରେ ହେବ। ଓଡ଼ିଶୀ ସଙ୍ଗୀତ, ଭକ୍ତି ସଙ୍ଗୀତ, ମର୍ଦ୍ଦଳ, ପଖଉଜ, ମୃଦଙ୍ଗ, ତବଲା, ଓଡ଼ିଶୀ, ନୃତ୍ୟ, ଭଜନ ନୃତ୍ୟ ଓ ସମସ୍ତ ପ୍ରକାର ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନିୟର, ସବ୍‌ଜୁନିୟର, ସିନିୟର ଓ ସବ୍‌ସିନିୟର ବିଭାଗରେ ପ୍ରତିଯୋଗୀମାନେ ଭାଗନେବେ। ପ୍ରତିଯୋଗିତା ସମ୍ପର୍କିତ ସୂଚନା ପାଇଁ ମୋବାଇଲ ନମ୍ବର ୯୪୩୮୪୬୫୫୭୭ରେ ଯୋଗାଯୋଗ କରିବା ନିମନ୍ତେ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ପୁରୀ ମାଉସୀମା ଲେନ୍ ବାସିନ୍ଦା ଦିବ୍ୟାଂଶୁ ପୂଜାପଣ୍ଡାଙ୍କ ଦ୍ୱାରା କାଗଜକାଠିରେ ପ୍ରସ୍ତୁତ ରଥ।

## ସଂକ୍ଷେପରେ

### ସେବା, ତ୍ୟାଗର ପ୍ରତୀକ ଥିଲେ ଗୋପବନ୍ଧୁ

ପୁରୀ ଅଫିସ/କାକଟପୁର, ୯।୭ (ଡି.ଏନ୍.ଏ.)- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦ ତରଫରୁ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ପୁରୀ ସିଂହଦ୍ୱାର ନିକଟରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ବିନୟ ଦାଶ, ଉପଜିଲାପାଳ ଭବତରଣ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରେୟ ଜେନା, ଜଗନ୍ନାଥ ବସ୍ତିଆ ଏବଂ ଭାରତ ବିକାଶ ପରିଷଦ ପୃଷ୍ଠପୋଷକ ଟି. ବାନାମ୍ବର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଉତ୍କଳମଣି ସେବା ଓ ତ୍ୟାଗର ପ୍ରତୀକ ଥିଲେ ବୋଲି ଅତିଥିମାନେ କହିଥିଲେ। ଶ୍ୟାମପ୍ରକାଶ ସେନାପତି, ଗଣେଶ୍ୱର ମହାସୁଆର, ବିଶ୍ୱନାଥ ଦାସ, ମଧୁସୂଦନ ମିଶ୍ର ସମ୍ବଲପୁରରୁ ଚାଲି ଚାଲି ପୁରୀ ଆସିଥିବା ଭକ୍ତ ପ୍ରମୋଦ ରାଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସୌମେନ୍ଦ୍ର ଦାସ୍, ଗୋବିନ୍ଦ ଚନ୍ଦ୍ର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଆନୁକୂଲ୍ୟରେ ପୁଣ୍ୟାତ୍ମାଙ୍କୁ ପ୍ରାଚୀ ତୀର୍ଥରେ ଜଳ ଅର୍ପଣ ପୂର୍ବକ ପ୍ରାଚୀପୀଠରେ ନିମ୍ବ, କଦମ୍ବ, ଉଦୁମ୍ବର, ବର, ବକୁଳ ଆଦି ଦେବ ଚାରାରୋପଣ କରାଯାଇଛି। ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଐତିହାସିକ ଡ. ସନ୍ତୋଷ ମିତ୍ର ପ୍ରମୁଖ ସାମିଲ ଥିଲେ।

### କୁକୁଡ଼ା ଚାଷୀଙ୍କୁ ମିଳିନି ସହାୟତା

#### ଫନୀକୁ ବିତିଲା ୨ ବର୍ଷ

ପିପିଲି,୯।୭(ସ୍ୱ.ପ୍ର.): ଫନୀ ବାତ୍ୟାକୁ ବିତିବାର ୨ବର୍ଷରୁ ଅଧିକ ଦିନ ହେଲାଣି। ହେଲେ ପୁରୀ ଜିଲା ଅଧୀନ ପିପିଲି ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା କେତେଜଣ କୁକୁଡା ଚାଷୀଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳି ନାହିଁ। ଏ ନେଇ କୁକୁଡ଼ା ଚାଷୀମାନଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ଜଣାଇଥିଲେ ମଧ ତଦନ୍ତ କରି ଚୁପ ବସିଥିବା ଅଭିଯୋଗ ହେଉଛି। ଫନୀରେ ପୁରୀ ଜିଲାରେ କୁକୁଡ଼ା ଫାର୍ମଗୁଡିକ ଉଜୁଡି ଯାଇଥିଲା। ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ତେବେ ପିପିଲି ବ୍ଲକରୁ ୩ ଓ ଡେଲାଙ୍ଗ ବ୍ଲକରୁ ୧୩ଜଣ ଚାଷୀ ସହାୟତା ପାଇଛନ୍ତି। ଅନ୍ୟ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀ ଏବଂ କୃଷି ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ମାତ୍ର ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଶୁକ୍ରବାର ପୁରୀ ଜିଲା କୁକୁଡା ଚାଷୀ ସଂଘ ପକ୍ଷରୁ ପିପିଲି ସିଉଳା ନିକଟ ମା' ଜାଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅଶୋକ ପ୍ରଧାନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡାଙ୍କ ନେତୃତ୍ୱରେ ଏହି ସଭାରେ ସମସ୍ତ କ୍ଷତିଗ୍ରସ୍ତ କୁକୁଡା ଚାଷୀ ଯୋଗଦେଇଥିଲେ। ବଞ୍ଚିତ ଚାଷୀମାନେ କିପରି ସରକାରୀ ସହାୟତା ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଯଦି ପ୍ରଶାସନ ମାସକ ମଧ୍ୟରେ ସହାୟତା ନ ଦିଅନ୍ତି ବିଧାନସଭା ଆଗରେ ବିକ୍ଷୋଭ କରାଯିବ ବୋଲି କୁହାଯାଇଛି।

### ସବୁଜ ବଳୟ ହେଲେ ଜୀବଜଗତ ବଞ୍ଚିବ

କଣାସ,୯।୭(ସ୍ୱ.ପ୍ର): କଣାସ ବ୍ଲକ ଅଣ୍ଡାରସିଂହ ଗ୍ରାମର ସାରଥ ବିଶ୍ୱାଳ ବିଦ୍ୟାପୀଠ ପରିସରରେ ଶୁକ୍ରବାର ବନ ମହୋତ୍ସବ ଉପଲକ୍ଷେ ୟୁକୋ କ୍ଲବ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସବୁଜ ବଳୟ ସୃଷ୍ଟି ହେଲେ ଜୀବଜଗତ ବଞ୍ଚି ରହିବ ବୋଲି ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସର୍ବେଶ୍ୱର ବିଶ୍ୱାଳ, ବିରଞ୍ଚିନାରାୟଣ ବିଧାର, ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଶାନ୍ତ ମଙ୍ଗରାଜ, ଦିଲୀପ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସାହୁ, ସୌମ୍ୟରଞ୍ଜନ ବିଶ୍ୱାଳ, ବସନ୍ତ ସାହୁ, ପୁରାତନ ଛାତ୍ର ସଞ୍ଜୟ ବିଶ୍ୱାଳ, ପ୍ରତାପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଗନ୍ନାଥ ସଂସ୍କୃତିକୁ ବିକୃତ ଢଙ୍ଗରେ ପରିବେଷଣ ଅଭିଯୋଗ

## ସିଂହଦ୍ୱାର ଥାନାରେ ଏତଲା

ପୁରୀ ଅଫିସ, ୯।୭

ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକୃତ ଢଙ୍ଗରେ ପରିବେଷଣ ଓ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଗୋବିନ୍ଦକୃଷ୍ଣ ଦାସଙ୍କ ନାମରେ ଶୁକ୍ରବାର ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଗୋବିନ୍ଦକୃଷ୍ଣ ଦାସ ନାମକ ବ୍ୟକ୍ତି ହରିୟାଣାରୁ ପୁରୀ ଆସି ୟୁଟ୍ୟୁବ୍ ମାଧ୍ୟମରେ ନିଜ ପରିଚୟ ଦେଇ ବିକୃତ ଢଙ୍ଗରେ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ କରୁଥିବା ଓ ବିନା ମାସ୍କରେ ବୁଲି ସୁଟିଂ କରୁଥିବା ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେହିପରି ଅଣସର ସମୟରେ ମନ୍ଦିର ସମ୍ମୁଖ କୋଠା ଉପରେ ମହାପ୍ରଭୁଙ୍କ ପ୍ରତିକୃତି ରଖି ଜଗନ୍ନାଥ ସଂସ୍କୃତିକୁ ବିକୃତ ଢଙ୍ଗରେ ଓ ପରିହାସ ପୂର୍ବକ ପରିବେଷଣ କରୁଥିବାର ଭିଡିଓ ଅଗଣିତ ଭକ୍ତଙ୍କୁ ଆଘାତ ଦେଇଛି। ପତିତପାବନ ବାନାଙ୍କୁ ମଧ୍ୟ ସେ ଅପମାନ କରିଛନ୍ତି। ଏପରି କି ଦେବସ୍ନାନ ପୂର୍ଣ୍ଣମୀ ଉପଲକ୍ଷେ ପୁରୀରେ ୧୪୪ ଧାରା ଜାରି କରାଯାଇଥିବାବେଳେ ସୁଟିଂ ପାଇଁ ଗୋବିନ୍ଦକୃଷ୍ଣଙ୍କୁ ସ୍ୱତନ୍ତ୍ର ପାସ୍ ଦିଆଯାଇଥିବା ରଥ ଅଭିଯୋଗ ଆଣିଛନ୍ତି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେ ସୁଟିଂ କରିଥିବା ସମସ୍ତ ଭିଡିଓକୁ ଜବତ କରାଯାଉ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଛି।

# ୧୯,୬୮୯ ଶ୍ରମିକଙ୍କୁ ୧.୬୪କୋଟି ଅତିରିକ୍ତ ମଜୁରି

ଗୋପ,୯।୭(ଡି.ଏନ୍.ଏ.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାଜ୍ୟରେ ଶ୍ରମିକମାନଙ୍କୁ ମଜୁରି ଠିକ ସମୟରେ ଦେଇ ପୁରୀ ଜିଲାର ଗୋପ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଚର୍ଚ୍ଚାକୁ ଆସିଛି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହିତ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ସମ୍ପର୍କରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବାସ୍ତବତା ଅନୁଭବ କରିଥିଲେ। ଏପ୍ରିଲ ୧ରୁ ଜୁନ ୩୦ ମଧ୍ୟରେ ଉକ୍ତ ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ମଜୁରି ଦେବା ସହ କୋଭିଡ୍ ସହାୟତା ରାଶି ଭାବେ ଅତିରିକ୍ତ ମଜୁରି ୫୦ ଟଙ୍କା ଦେବାଲାଗି ନିର୍ଦ୍ଦେଶ ରହିଥିଲା। ସେହି ଅନୁସାରେ ଗୋପ ବ୍ଲକ ଅଞ୍ଚଳର ୧୯,୬୮୯ ହଜାର ଶ୍ରମିକଙ୍କ ୩,୨୯ ହଜାର ୮୦୩ ଶ୍ରମ ଦିବସରେ ଏକ କୋଟି ୬୪ ଲକ୍ଷରୁ ଅଧିକ ଟଙ୍କା ଦିଆଯାଇଥିବା ଗୋପ ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକ୍ରମ ଅଧିକାରୀ ମୋନାଲିସା ଶତପଥୀ କହିଛନ୍ତି। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ ଏବଂ ସମସ୍ତ ପଞ୍ଚାୟତର ଜିଆର୍‌ଏସ୍‌ଙ୍କ ସମେତ ଟଙ୍କା ପାଇଥିବା ଶ୍ରମିକମାନେ ଉପସ୍ଥିତ ଥିଲେ।

# ଆବାସ ଯୋଜନାରେ ଅନିୟମିତତା ନେଇ ଧାରଣା

କାକଟପୁର/ପିପିଲି/ଗୋପ,୯।୭ (ଡି.ଏନ୍.ଏ./ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି। ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ଥିଲାବାଲାଙ୍କୁ ଏହି ଯୋଜନାରେ ଘର ମିଳିଛି। ପ୍ରତି ଗ୍ରାମରେ ଏବେ ମଧ ଯୋଗ୍ୟ ହିତାଧିକାରୀମାନେ ଚାଳଘରେ ରହୁଛନ୍ତି। ରାଜ୍ୟ ସରକାର କେନ୍ଦ୍ରର ଏହି ଯୋଜନାକୁ ତୋସରପାତ କରି ବାହାବା ନେବା ସହ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାକଟପୁର ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି। ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ନେତୃତ୍ୱରେ ୬ନଂ ମଣ୍ଡଳ ସଭାପତି ସରୋଜ ମିଶ୍ର, ୭ନଂ ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି, ରାକେଶ ବିଶ୍ୱାଳ, ଜଳେଶ୍ୱରପଡା ସଭାପତି ମଙ୍ଗଳା ପ୍ରସାଦ ପରିଡା, ମଙ୍ଗଳା ସାମନ୍ତରାୟଙ୍କ ସମେତ ୧୬ଟି ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କୁ ଏକ ଦାବିପତ୍ର ଦେଇଥିଲେ। ସେହିଭଳି ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପିପିଲି ବ୍ଲକ ଅଫିସ ଆଗରେ ଧାରଣା ଦେଇଥିଲେ। ପରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ସାଧାରଣ ସମ୍ପାଦକ ଜନ୍ମେଜୟ ଜେନା, ପ୍ରଦୀପ ପାତ୍ର, ପର୍ଶୁରାମ ମହାପାତ୍ର, ସରପଞ୍ଚ ଶୁଭାଶିଷ ରଥ, ପ୍ରଦୀପ ସାହୁ, ସୁକାନ୍ତ ଦାଶ, ବଳରାମ ବେହେରା, ଗଦାଧର ପରିଡ଼ା ପ୍ରମୁଖ ସଭାରେ ଥିଲେ। ବିଡିଓ ରଶ୍ମିତା ନାଥଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଗୋପ ବ୍ଲକରେ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇ ଅତିରିକ୍ତ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା।

# ରଥ ଦର୍ଶନର ବିକଳ୍ପ ବ୍ୟବସ୍ଥା କରାଯାଉ

ପୁରୀ ଅଫିସ, ୯।୬

ରଥ ଦର୍ଶନର ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବି ଜଣାଇ ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେନାପତି ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କରୋନାଜନିତ କଟକଣା କାରଣରୁ ଚଳିତବର୍ଷ ବିନା ଭକ୍ତରେ ରଥଯାତ୍ରା ହେବ। ଗତବର୍ଷ ଭଳି ଚଳିତବର୍ଷ ମଧ ଶ୍ରୀକ୍ଷେତ୍ରବାସୀ ରଥ ଦର୍ଶନରୁ ବଞ୍ଚିତ ହେବେ। ଘର ପାଖରେ ଯାଉଥିବା ମହାପ୍ରଭୁଙ୍କ ରଥ ଦର୍ଶନରୁ ପୁରୀବାସୀ ବଞ୍ଚିତ ହେବା ଏକ ସ୍ୱର୍ଶକାତର ବିଷୟ। ପୁରୀବାସୀ ନିଜ ନିଜ ଛାତ ଉପରେ ଠିଆ ହେଇ ଦର୍ଶନ କରିବାକୁ ପ୍ରଶାସନ ବାରଣ କରିବା ଗ୍ରହଣୀୟ ନୁହେଁ। ତେଣୁ ଏହି ମହାନ ପରମ୍ପରାରେ ପ୍ରଶାସନ କଟକଣା ଲଗାଇବା ଠିକ୍ ନୁହେଁ। ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ନିକଟରେ ରଥରେ ଥିବା ବେଳେ କୋଭିଡ କଟକଣା ପାଳନ ସହ ପୁରୀ ସହରବାସୀଙ୍କୁ ୱାର୍ଡ ପର୍ଯ୍ୟାୟ କ୍ରମେ ଦର୍ଶନ ଲାଗି ଅନୁମତି ଦେବାକୁ ସେନାପତି ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଜନ୍ମପୀଠରେ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ

ସାକ୍ଷୀଗୋପାଳ,୯।୭(ଡି.ଏନ୍.ଏ./ସ୍ୱ.ପ୍ର.)

ସେବା ଓ ତ୍ୟାଗର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୩ତମ ଶ୍ରାଦ୍ଧ ଦିବସ ପୁଣ୍ୟାତ୍ମାଙ୍କ ଜନ୍ମପୀଠ ସ୍ଥାନୀୟ ସୁଆଣ୍ଡୋ ଓ କର୍ମପୀଠ ସତ୍ୟବାଦୀରେ ଶୁକ୍ରବାର ପାଳିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ, ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସମାଧିପୀଠରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଓ ଶେଷ ନିଃଶ୍ୱାସ ତ୍ୟାଗସ୍ଥଳ, ଐତିହାସିକ ବକୁଳବନସ୍ଥିତ ପଞ୍ଚସଖାଙ୍କ ସମାଧି ପୀଠ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି, କାଦୁଆ ଆଶ୍ରମ ପରିସରରେ ଅବସ୍ଥିତ ଉତ୍କଳମଣିଙ୍କୁ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଧାକୁଣ୍ଡ ତୀର୍ଥ ପୁଷ୍କରିଣୀ ଓ ସୁଆଣ୍ଡୋ ଭାର୍ଗବୀ ନଦୀରେ ତିଳତର୍ପଣ କରାଯାଇଥିଲା। ସତ୍ୟବାଦୀର ପତଞ୍ଜଳି ଯୋଗ ପରିବାର, ଭାରତ ବିକାଶ ପରିଷଦ, ଉତ୍କଳମଣି ଗୋପବନ୍ଧୁ ମିଶନ, ସେବା ଓ ସୁଆଣ୍ଡୋ ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର କୁମାର ଦାସ, ରତିକାନ୍ତ ମିଶ୍ର, ରମେଶ ପଲେଇ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ସୁବାସ ଚନ୍ଦ୍ର ମିଶ୍ର, ଭଗବାନ ପାଲ, ସତ୍ୟବାଦୀ ଦାସ, ନବଘନ ଶତପଥୀ, ବିଷ୍ଣୁ ମହାରଣା, ସୁଶାନ୍ତ ରଥ, ଗୀତା ବେହେରା, ମାନସ ରଞ୍ଜନ ପଟ୍ଟନାୟକ, ସୋମନି ମହାପାତ୍ର, ବିଜୟ ପରିଡା, ରିଙ୍କୁ ଦଳାଇ, ବସନ୍ତ ସ୍ୱାଇଁ ଓ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।




ପଞ୍ଚସଖା ପୀଠରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

# ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ବିରୋଧ

ପୁରୀ ଅଫିସ, ୯।୭

ଦେଶରେ ତୈଳଦର ବୃଦ୍ଧିକୁ ପୁରୀ ଜିଲା କଂଗ୍ରେସ ତୀବ୍ର ବିରୋଧ କରିଛି। ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ପୁରୀ ସହରରେ ପ୍ରତିବାଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନଗର କଂଗ୍ରେସ ସଭାପତି ଛବିନ୍ଦ୍ର ପଢ଼ିଆରୀଙ୍କ ନେତୃତ୍ୱରେ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଯୁବନେତା ଆଲୋକ କୁମାର ଦାଶ ଓ ଛାତ୍ର କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଘଣ୍ଟ ପିଟି ଓ କ୍ରିକେଟ ବ୍ୟାଟ ଟେକି ଅଭିନବ ଉପାୟରେ ପ୍ରତିବାଦ ଜଣାଇଥିଲେ। ତୁରନ୍ତ ତୈଳ ଦର ନିୟନ୍ତ୍ରଣ ନ ହେଲେ ରାସ୍ତାରେ ନିଆଁ ଜଳିବ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି। ତୈଳ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ହନ୍ତସନ୍ତ ହେଉଛନ୍ତି। ପନିପରିବା ଓ ରାଶନ ସମାଗ୍ରୀ ଦର ଆକାଶଛୁଆଁ ହେଲାଣି। କରୋନା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦୟ ଭାବେ ଲୋକଙ୍କଠାରୁ ଅତ୍ୟଧିକ କେନ୍ଦ୍ରୀୟ ଶୁଳ୍କ ଏବଂ ଭାଟ୍ ଆଦାୟ କରିବାରେ ଲାଗିଛନ୍ତି ବୋଲି କଂଗ୍ରେସ ନେତାମାନେ କହି ସମାଲୋଚନା କରିଥିଲେ। ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ, ଜି. ଖୁଣ୍ଟିଆ, ରାଜେଶ ମିଶ୍ର, ନିରଞ୍ଜନ ରଥ, ସୁକାନ୍ତ ନାୟକ, ଉମାପଦ ମିଶ୍ର, ଆର୍ତ୍ତତ୍ରାଣ ସାହୁ, ଲିଗାଲ ସେଲ ଅଧ୍ୟକ୍ଷ କାଳିପ୍ରସାଦ ନାୟକ, ବ୍ଲକ କଂଗ୍ରେସ ସଭାପତି ଅଭିନାଶ ମିଶ୍ର, ରଶ୍ମି ରଞ୍ଜନ ସାହୁ, ମାନସ ରଞ୍ଜନ ମିଶ୍ର, ମନୋଜ ମଣ୍ଡଳ, ଅନିଲ ବେଜ, ଆଦିତ୍ୟ କୁମାର, ଅଗସ୍ତିନ ଜୋସେଫ, ପ୍ରକାଶ ଦାସ, ବିଚିତ୍ର ନାୟକ, ଦେବାଶିଷ ସ୍ୱାଇଁ ଏବଂ ବାବୁନା ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।



ପୁରୀ ବଡ଼ଦାଣ୍ଡରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କଂଗ୍ରେସର ସାଇକେଲ ଶୋଭାଯାତ୍ରା

ପିପିଲି,୯।୭(ଡି.ଏନ୍.ଏ./ସ୍ୱ.ପ୍ର.): ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତିକ୍ରମେ ପିପିଲି କଂଗ୍ରେସ ପକ୍ଷରୁ ଶୁକ୍ରବାର ପିପିଲି ଏନ୍‌ଏସିରେ ଅହେତୁକ ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଂଗ୍ରେସ ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ବ୍ଲକ ସଭାପତି ଜିତୁ ପ୍ରକାଶ ପରିଡା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ର, ମାନସ ଆଚାର୍ଯ୍ୟ, ଗୁଣନିଧି ପ୍ରଧାନ, ଏନ୍‌ଏସି କଂଗ୍ରେସ ସଭାପତି ଏସ୍.କେ. ମେହବୁବ, ଇନତାଜ ଅଲ୍ଲୀ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ସାଇକେଲରେ ଶୋଭାଯାତ୍ରାରେ ପିପିଲି ବଜାର ପରିକ୍ରମା କରିଥିଲେ।